# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୭/୨୦୨୪ (୧୮ ପୃଷ୍ଠା) Bhubaneswar, Thursday, November 7/2024 Page 18 ₹ 7.00 | SAMBALPUR

୫୦ଶ ଭାଗ ୩୪୨ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 342 ମୂଲ୍ୟ ₹୭/-







KP GROUP Quality Since 1965
KAMLA PASAND
Anokha Swad
SILVER COATED ELAICHI
Anokha Swad
KAMLA PASAND
SILVER COATED ELAICHI
Watch at : YouTube
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.



## ଶ୍ରେୟସ ଆୟରଙ୍କ ଶତକ

ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ବୁଧବାର ଶତକ ହାସଲ କରି ଅପରାଜିତ ରହିଛନ୍ତି ମୁମ୍ବାଇ ଦଳର ଶ୍ରେୟସ ଆୟର।

୧୬ ୧୩

## ୨୦୨୬ ଦୀପାବଳିରେ 'ରାମାୟଣ ପାର୍ଟ-୧'

ଅଭିନେତା ରଣବୀର କପୁରଙ୍କ 'ରାମାୟଣ' ଫିଲ୍ମ ୨ ଭାଗରେ ରିଲିଜ୍ ହେବ। ଏହାର ପ୍ରଥମ ଭାଗ ୨୦୨୬ ଦୀପାବଳି ଉପଲକ୍ଷେ ରିଲିଜ୍ ହେବ।



# ଟ୍ରମ୍ପଙ୍କ ପ୍ରତ୍ୟାବର୍ତ୍ତନ

**୪ ବର୍ଷର ବ୍ୟବଧାନ ପରେ ରିପବ୍ଲିକାନ୍ ଡୋନାଲ୍ଡ ଜେ. ଟ୍ରମ୍ପ ହ୍ୱାଇଟ୍ ହାଉସ୍କୁ ଫେରିବାକୁ ଯାଉଛନ୍ତି। ନଭେମ୍ବର ୫ରେ ଅନୁଷ୍ଠିତ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ୭୮ ବର୍ଷୀୟ ଟ୍ରମ୍ପ ୨୭୯ ଇଲେକ୍ଟୋରାଲ କଲେଜ ଭୋଟ ପାଇ ନିଜ ବିଜୟ ସୁନିଶ୍ଚିତ କରିଛନ୍ତି। ମୋଟ ୫୩୮ ଇଲେକ୍ଟୋରାଲ କଲେଜ ଭୋଟ ମଧ୍ୟରୁ ଭାରତୀୟ ସମୟ ବୁଧବାର ରାତି ୧୦ଟା ସୁଦ୍ଧା ୫୦୨ ଭୋଟ ଫଳ ଜଣାପଡ଼ିଛି। ଟ୍ରମ୍ପଙ୍କ ଡେମୋକ୍ରାଟିକ୍ ଚ୍ୟାଲେଞ୍ଜର ତଥା ଉପରାଷ୍ଟ୍ରପତି କମଳା ହାରିସ୍ ୨୨୩ ଭୋଟରେ ସୀମିତ ରହିଯାଇଛନ୍ତି। ଅନେକ ବିବାଦ ଏବଂ ଆଇନଗତ ସମସ୍ୟାରେ ଛନ୍ଦିହେବା ସତ୍ତ୍ୱେ ଟ୍ରମ୍ପଙ୍କ ଉପରେ ଆମେରିକାବାସୀ ଭରସା କରିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାର ୪୭ତମ ରାଷ୍ଟ୍ରପତି ହେବାକୁ ଯାଉଥିବା ଟ୍ରମ୍ପଙ୍କ ନିର୍ବାଚନୀ ସଫଳତା ପରେ ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। କ୍ଷମତାକୁ ଟ୍ରମ୍ପଙ୍କ ଦ୍ୱିତୀୟ ଥର ପ୍ରତ୍ୟାବର୍ତ୍ତନରେ ବିଶ୍ୱର ସବୁଠୁ ଶକ୍ତିଶାଳୀ ଦେଶରେ ଅନିଶ୍ଚିତତା ଓ ଧ୍ରୁବୀକରଣର ଏକ ନୂଆ ଯୁଗ ଆରମ୍ଭ ହୋଇଥିବା ରାଜନୈତିକ ବିଶ୍ଳେଷକ ମତ ଦେଇଛନ୍ତି। ଟ୍ରମ୍ପଙ୍କ ବିଜୟ ଆମେରିକାର ବାଣିଜ୍ୟ, ଜଳବାୟୁ ପରିବର୍ତ୍ତନ ନୀତି, ୟୁକ୍ରେନ୍ ଯୁଦ୍ଧ, ଆମେରିକୀୟଙ୍କ ପାଇଁ ଟିକସ ବ୍ୟବସ୍ଥା ଏବଂ ଅପ୍ରବାସନକୁ ବହୁଳ ଭାବେ ପ୍ରଭାବିତ କରିବ ବୋଲି କୁହାଯାଉଛି।**

| ଡେମୋକ୍ରାଟ୍ | କମଳା ହାରିସ୍ | ୨୨୩ | ୨୭୯ | ରିପବ୍ଲିକାନ୍ | ଡୋନାଲ୍ଡ ଟ୍ରମ୍ପ |
|---|---|---|---|---|---|
| | ୬,୬୬,୪୭,୧୪୧ ଭୋଟ (୪୭.୪%) | ବିଜୟ ପାଇଁ ଆବଶ୍ୟକ: ୨୭୦ | | | ୭,୧୫,୨୨,୦୩୬ ଭୋଟ (୫୦.୯%) |






ଡେମୋକ୍ରାଟ୍: ବିଜୟୀ ■ ଅଗ୍ରଣୀ ■ ରିପବ୍ଲିକାନ୍: ବିଜୟୀ ■ ଅଗ୍ରଣୀ ■

ଭାରତୀୟ ସମୟ ବୁଧବାର ରାତି ୧୦ଟା ସୁଦ୍ଧା ତଥ୍ୟ



**ୱାଶିଂଟନ୍,୬।୧୧**

୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ନିଜ ପରାଜୟକୁ ସ୍ୱୀକାର କରି ନ ଥିଲେ। ୨୦୨୧ ଜାନୁଆରୀ ୬ରେ ସେ ନିଜ ସମର୍ଥକଙ୍କୁ ମତାଇ ଫଳାଫଳ ପଲଟାଇବାକୁ ବିଫଳ ଉଦ୍ୟମ କରିଥିଲେ। କ୍ୟାପିଟୋଲ ହିଲ୍ ଦଙ୍ଗା ସମେତ ଯୌନ ବ୍ୟଭିଚାର ଓ ଦୁର୍ନୀତି ଅଭିଯୋଗ ଟ୍ରମ୍ପଙ୍କ ରାଜନୈତିକ କ୍ୟାରିୟରରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପକାଇ ଦେଇଥିଲା। କ୍ୟାପିଟୋଲ୍ ହିଲ୍ ହିଂସାର ଦୃଶ୍ୟ ଆମେରିକୀୟ ତଥା ବିଶ୍ୱବାସୀଙ୍କ ମାନସ ପଟଳରୁ ଲିଭି ନ ଥିବାବେଳେ ଓଲ୍ଡ ହର୍ସ ଟ୍ରମ୍ପ ୨୦୨୪ ନିର୍ବାଚନୀ ମଇଦାନକୁ ପୁଣି ଓହ୍ଲାଇଥିଲେ। ଇତିମଧ୍ୟରେ ଟ୍ରମ୍ପ କେତୋଟି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ୨ ଥର ହତ୍ୟା ଉଦ୍ୟମରୁ ବର୍ତ୍ତିଯାଇଥିଲେ। ଏଥର ସେ ରାଷ୍ଟ୍ରପତି ଜୋ ବାଇଡେନ୍ଙ୍କ କୂଟନୈତିକ ଓ ପ୍ରଶାସନିକ ବିଫଳତାକୁ ପୁଞ୍ଜିକରି ପୁଣି ନିର୍ବାଚନ ଲଢ଼ିଥିଲେ। ଟ୍ରମ୍ପ ବେଆଇନ ଅପ୍ରବାସୀଙ୍କ ଗଣପ୍ରତ୍ୟର୍ପଣ, ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବାଗୁଡ଼ିକର ମୂଲ୍ୟ ହ୍ରାସ, ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବା ଭଳି ପ୍ରତିଶ୍ରୁତି ଦେଇ ଭୋଟରଙ୍କୁ ଆକର୍ଷିତ କରିଥିଲେ। ଅନ୍ୟପକ୍ଷେ ଶାସକ ଡେମୋକ୍ରାଟିକ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ କମଳା ହାରିସ୍ ଗାଜାରେ ☞ପୃଷ୍ଠା-୨

## ୨୦୨୭ ଡିସେମ୍ବର ସୁଦ୍ଧା ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ

**ଭୁବନେଶ୍ୱର,୬।୧୧(ସୁମିତ୍ ମିଶ୍ର)**

ରାଜଧାନୀ ଭୁବନେଶ୍ୱରରେ ୨୦୨୭ ସୁଦ୍ଧା ମେଟ୍ରୋ ପ୍ରକଳ୍ପ କାମ ସରିବ। ପ୍ରତି ୧୦ ମିନିଟ୍ ବ୍ୟବଧାନରେ ରାଜଧାନୀରେ ମେଟ୍ରୋ ଟ୍ରେନ୍ ଗଡ଼ିବ। ଏନେଇ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କର୍ତ୍ତୃପକ୍ଷ ବୁଧବାର ସୂଚନା ଦେଇଛନ୍ତି। ମେଟ୍ରୋ ରେଳ ପ୍ରକଳ୍ପ କର୍ତ୍ତୃପକ୍ଷ କହିଛନ୍ତି, ଭୂମିଠାରୁ ୧୩ ମିଟର ଉପରେ ମେଟ୍ରୋ ଟ୍ରେନ୍ ଚାଲିବ। ରାଜମହଲ, ଜୟଦେବ ବିହାର ଓଭରବ୍ରିଜ୍ ତଥା ବାରଙ୍ଗ ରେଲୱେ ଲାଇନ ଉପରେ ଏହାର ଉଚ୍ଚତା ଅଧିକ ରହିବ। ସେଥିପାଇଁ ୩ କୋଚ୍ ବିଶିଷ୍ଟ ୧୩ଟି ମେଟ୍ରୋ ଟ୍ରେନ୍ କିଣିବାକୁ ଯୋଜନା ହୋଇଥିବା ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି। ଏବେ ମେଟ୍ରୋ ପ୍ରକଳ୍ପ ପାଇଁ ମାଟି ପରୀକ୍ଷା ଚାଲିଛି। ବିଭିନ୍ନ ସ୍ଥାନରୁ ୫୦ରୁ ୬୦ ମିଟର ତଳୁ ମାଟି ☞ପୃଷ୍ଠା-୨

## ଡିସେମ୍ବର ୧୫ରେ ଓସିଏସ୍ ପ୍ରିଲିମ୍

**ଭୁବନେଶ୍ୱର,୬।୧୧(ଅନୁରାଧା ମହାରଣା)**

ଓଡ଼ିଶା ସିଭିଲ୍ ସର୍ଭିସେସ୍ (ଓସିଏସ୍) ପରୀକ୍ଷା-୨୦୨୩ର ପ୍ରିଲିମ ପାଇଁ ତାରିଖ ଘୋଷଣା ହୋଇଛି। ଡିସେମ୍ବର ୧୫ରେ ଓସିଏସ୍ ପ୍ରିଲିମ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ପରିଚାଳନା କରୁଥିବା ଓଡିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ବୁଧବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ପରୀକ୍ଷା ସମ୍ପର୍କିତ ସବିଶେଷ ତଥ୍ୟ ପାଇଁ ପରୀକ୍ଷାର୍ଥୀ http://opsc.gov.inରେ ଲଗ୍ ଅନ୍ କରିବାକୁ ଓପିଏସ୍‌ସି ପକ୍ଷରୁ ପରାମର୍ଶ ଦିଆଯାଇଛି।

## ୮ରୁ ମଧ୍ୟମା, ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ଫର୍ମ ପୂରଣ

**କଟକ,୬।୧୧ (କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମଧ୍ୟମା ସଂସ୍କୃତ ସାର୍ଟିଫିକେଟ (ରେଗୁଲାର ଓ ଏକ୍ସ-ରେଗୁଲାର) ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଫର୍ମ ପୂରଣ ଆସନ୍ତା ୮ରୁ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ମଧ୍ୟମା ଫର୍ମ ପୂରଣ ସମ୍ପୃକ୍ତ ସଂସ୍କୃତ ଟୋଲ୍‌ର ହେଡ୍ ପଣ୍ଡିତମାନଙ୍କ ଦ୍ୱାରା ବୋର୍ଡର ଶାଖା କାର୍ଯ୍ୟାଳୟଗୁଡ଼ିକରେ ଅଫ୍‌ଲାଇନ୍ ମାଧ୍ୟମରେ ହେବ। ହେଡ୍ ପଣ୍ଡିତମାନେ ନିଜ ଟୋଲ୍‌ର ଡିଆର୍ ସିଟ୍ ସମ୍ପୃକ୍ତ ବୋର୍ଡର ଶାଖା କାର୍ଯ୍ୟାଳୟରୁ ଗ୍ରହଣ କରି ଫର୍ମ ପୂରଣ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଦୁଇ ବୈଦିକ ବିଦ୍ୱାନ୍**

## ଅନୁଚ୍ଛେଦ ୩୭୦ ଫେରାଇ ଆଣିବା ପାଇଁ କଶ୍ମୀର ବିଧାନସଭାରେ ପ୍ରସ୍ତାବ ଗୃହୀତ

**ଶ୍ରୀନଗର,୬।୧୧**

ଜମ୍ମୁ-କଶ୍ମୀରକୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଫେରାଇ ଆଣିବା ପାଇଁ ବୁଧବାର ବିଧାନସଭାରେ ପ୍ରସ୍ତାବ ଗୃହୀତ ହୋଇଛି। ଭାଜପା ସଦସ୍ୟମାନେ ପ୍ରସ୍ତାବକୁ ବିରୋଧ କରି ପ୍ରବଳ ହଟ୍ଟଗୋଳ କରିଥିଲେ। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଅନୁଚ୍ଛେଦ ୩୭୦କୁ ପୁନର୍ବାର ଲାଗୁ କରିବା ନେଇ ବରିଷ୍ଠ ନ୍ୟାଶନାଲ କନ୍‌ଫରେନ୍ସ ନେତା ତଥା ଉପମୁଖ୍ୟମନ୍ତ୍ରୀ ସୁରିନ୍ଦର ସିଂ ଚୌଧରୀ ପ୍ରସ୍ତାବ ଆଣିଥିଲେ। ଏଥିପାଇଁ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରର ନିର୍ବାଚିତ ପ୍ରତିନିଧିମାନଙ୍କ ସହ ଆଲୋଚନା ଆରମ୍ଭ କରିବାକୁ ପ୍ରସ୍ତାବରେ ଆହ୍ୱାନ ଦିଆଯାଇଛି। ଅନୁଚ୍ଛେଦ ୩୭୦ ପୁନର୍ବାର ଲାଗୁ ହେଲେ ଉଭୟ ଜାତୀୟ ଏକତା ଏବଂ ଜମ୍ମୁ-କଶ୍ମୀର ଜନସାଧାରଣଙ୍କ ବୈଧ ଆଶା ଆକାଂକ୍ଷା ସୁରକ୍ଷିତ ରହିବ ବୋଲି ପ୍ରସ୍ତାବରେ କୁହାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଉପସ୍ଥାପନ କରିବା କ୍ଷଣି ଭାଜପା ସଦସ୍ୟମାନେ ସେମାନଙ୍କ ଆସନରୁ ଉଠିଯାଇ ପ୍ରତିବାଦ କରିଥିଲେ। ହଟ୍ଟଗୋଳ ଜାରି ରହିଥିବାବେଳେ ବାଚସ୍ପତି ଅବଦୁର ରହିମ୍ ରାଠେର ଜଣେ ଭାଜପା ବିଧାୟକଙ୍କୁ ଉକ୍ତ ପ୍ରସଙ୍ଗ ଉପରେ କହିବାର ସୁଯୋଗ ଦେଇଥିଲେ। ତେବେ ଅନ୍ୟ ସଦସ୍ୟମାନେ ପ୍ରତିବାଦ କରିବା ସହ ସ୍ଲୋଗାନବାଜି ଜାରି ରଖିଥିଲେ। ପରେ ପ୍ରସ୍ତାବ ଉପରେ ଭୋଟ ପାଇଁ ବାଚସ୍ପତି ଅନୁମତି ଦେଇଥିଲେ। ପ୍ରସ୍ତାବ ଗୃହୀତ ହେବା ପରେ ବାଚସ୍ପତି ଗୃହକୁ ୧୫ ମିନିଟ୍ ପାଇଁ ମୁଲତବୀ ରଖିଥିଲେ। ସୂଚନାଯୋଗ୍ୟ, ୨୦୧୯ ଅଗଷ୍ଟ ୫ରେ ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦ ହେବା ସହ ଜମ୍ମୁ-କଶ୍ମୀର ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିଲା।

## ଏଲ୍ଏମ୍ଭି ଲାଇସେନ୍ସଧାରୀ ପରିବହନ ଗାଡ଼ି ଚଳାଇପାରିବେ

### ସୁପ୍ରିମକୋର୍ଟଙ୍କ ଅନୁମତି

**ନୂଆଦିଲ୍ଲୀ,୬।୧୧**

ବ୍ୟବସାୟିକ ଯାନର ଡ୍ରାଇଭରମାନଙ୍କ ପାଇଁ ସୁପ୍ରିମକୋର୍ଟ ଆଶ୍ୱସ୍ତି ଆଣିଛନ୍ତି। ହାଲୁକା ମୋଟରଯାନ (ଏଲ୍ଏମ୍ଭି) ଡ୍ରାଇଭିଂ ଲାଇସେନ୍ସଧାରୀମାନେ ବିନା ଲୋଡିଂରେ ପରିବହନ ଯାନ ଚଳାଇପାରିବେ ବୋଲି ସର୍ବୋଚ୍ଚ ଅଦାଲତ ବୁଧବାର ଅନୁମତି ପ୍ରଦାନ କରିଛନ୍ତି। ତେବେ ଉକ୍ତ ମାଲ୍ ପରିବହନକାରୀ ଯାନର ଓଜନ ୭,୫୦୦ କେ.ଜି. ମଧ୍ୟରେ ସୀମିତ ରହିବ। ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ପୀଠ ଦେଇଥିବା ଉକ୍ତ ରାୟ ବୀମା କମ୍ପାନୀଗୁଡ଼ିକ ପାଇଁ ଶକ୍ତ ଧକ୍କା ହୋଇଛି। ପରିବହନ ଯାନ ଚଳାଉଥିବା ଏଲ୍ଏମ୍ଭି ଡ୍ରାଇଭିଂ ଲାଇସେନ୍ସଧାରୀ ଡ୍ରାଇଭର ଦୁର୍ଘଟଣା ଘଟାଇଲେ ସେମାନଙ୍କୁ ବୀମା ସୁବିଧା ମିଳୁ ନ ଥିଲା। ସେମାନଙ୍କୁ ପରିବହନ ଯାନ ଚଳାଇବା ଅନୁମତି ଦିଆଯାଇ ନାହିଁ କହି ବୀମା କମ୍ପାନୀ ସେମାନଙ୍କ ☞ପୃଷ୍ଠା-୨

## ରଣଥମ୍ବୋର ଜାତୀୟ ଉଦ୍ୟାନରୁ ୨୫ ବାଘ ନିଖୋଜ

**ଜୟପୁର, ୬।୧୧**

ରାଜସ୍ଥାନର ସୱାଇ ମୋଧୋପୁରସ୍ଥିତ ରଣଥମ୍ବୋର ଜାତୀୟ ଉଦ୍ୟାନରେ ବର୍ଷକ ମଧ୍ୟରେ ୨୫ ବାଘ ନିଖୋଜ ହୋଇଛନ୍ତି। ରାଜସ୍ଥାନ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବୁଧବାର ଜାରି ଟାଇଗର ମନିଟରିଂ ରିପୋର୍ଟରୁ ଏହା ଜଣାପଡ଼ିଛି। ବର୍ଷକ ତଳେ ରଣଥମ୍ବୋର ଜାତୀୟ ଉଦ୍ୟାନରେ ୭୫ ବାଘ ଥିବାବେଳେ ଏବେ ଏହି ସଂଖ୍ୟା ୫୦ରେ ପହଞ୍ଚିଛି। ସମ୍ପ୍ରତି ୨୫ଟି ବାଘ ନିଖୋଜ ଥିବାବେଳେ ସେମାନଙ୍କୁ ଟ୍ରାକ୍ କରାଯାଇପାରୁନାହିଁ। ପ୍ରଥମ ଥର ପାଇଁ ଦେଶର କୌଣସି ଜାତୀୟ



ଉଦ୍ୟାନରେ ଏତେ ସଂଖ୍ୟକ ବାଘ ନିଖୋଜ ଥିବା ଜଣାପଡ଼ିବା ପରେ ବହୁ ସଂଖ୍ୟାରେ ପରିବେଶବିତ୍, ବ୍ୟାଘ୍ରପ୍ରେମୀ ଅସନ୍ତୋଷ ପ୍ରକାଶ କରୁଛନ୍ତି।

ରାଜସ୍ଥାନ ଜଙ୍ଗଲ ଓ ପରିବେଶ ବିଭାଗର ଟାଇଗର ମନିଟରିଂ ରିପୋର୍ଟ ଅନୁଯାୟୀ, ୨୦୧୯ ଜାନୁଆରୀରୁ ୨୦୨୨ ଜାନୁଆରୀ ମଧ୍ୟରେ ରଣଥମ୍ବୋର ଜାତୀୟ ଉଦ୍ୟାନରୁ ୧୩ ବାଘ ନିଖୋଜ ହୋଇଥିଲେ। ତେବେ ଚଳିତ ବର୍ଷର କେବଳ ମେ' ୧୭ରୁ ସେପ୍ଟେମ୍ବର ୩୦ ମଧ୍ୟରେ ୧୪ ବାଘ ନିଖୋଜ ହୋଇଛନ୍ତି। ଘଟଣାକୁ ନେଇ ରଣଥମ୍ବୋର ଜାତୀୟ ଉଦ୍ୟାନର ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ପବନ କୁମାର ଉପାଧ୍ୟାୟ କହିଛନ୍ତି, ବର୍ଷକ ମଧ୍ୟରେ ୨୫ ବାଘ ନିଖୋଜ ହେବା ନିଶ୍ଚିତ ଭାବେ ଚିନ୍ତାଜନକ। ବ୍ୟବସ୍ଥାରେ ନିହାତି କିଛି ଦୋଷ ଦୁର୍ବଳତା ରହିଛି। ନିଖୋଜ ବାଘମାନଙ୍କୁ ଟ୍ରାପ୍ କ୍ୟାମେରାରେ ରେକର୍ଡ କରାଯାଇ ପାରିନାହିଁ। ସେହିପରି ବାଘମାନଙ୍କର ସୁରକ୍ଷା ପାଇଁ ଏହି ଜାତୀୟ ଉଦ୍ୟାନର ବଫର ଜୋନ୍ ମଧ୍ୟରେ ଥିବା ଗ୍ରାମଗୁଡ଼ିକର ସ୍ଥାନାନ୍ତରଣ ପ୍ରକ୍ରିୟା ଧୀର ଗତିରେ ଚାଲିଛି। ଅନ୍ୟପକ୍ଷରେ ୯୦୦ ବର୍ଗ କିଲୋମିଟର ବିଶିଷ୍ଟ ରଣଥମ୍ବୋର ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସିପିଆଇ ପକ୍ଷରୁ ସମାଜବାଦୀ ବିପ୍ଳବର ୧୦୭ତମ ପାଳନ, ସ୍ଥାନ: ଭଗବତୀ ଭବନ, ଅଶୋକ ନଗର, ସମୟ: ସକାଳ ୯ଟା ୩୦।
- ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ନ୍ୟାୟ ସଂହିତା ଉପରେ ଜାଗୃତିକରଣ କାର୍ଯ୍ୟକ୍ରମ, ସ୍ଥାନ: ଲୋକସେବା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ପକ୍ଷରୁ ଅବନୀ ବରାଳ ସ୍ମୃତି ସମାରୋହ, ସ୍ଥାନ: ରେଡକ୍ରସ୍ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଛଟ୍ ଉତ୍ସବ, ସ୍ଥାନ: ନୂଆ ବାଲିଯାତ୍ରା ପଡ଼ିଆ, ଜଗିପାଟଣା, ସମୟ: ଅପରାହ୍ନ ୩ଟା ୩୦।
- ସୃଜନୀ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ନାରାୟଣ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଶାନ୍ତିଲତା ବାରିକ୍ ଛୋଟରାୟ କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଛାଉଣୀ ପକ୍ଷରୁ ଜାତୀୟ ମହୋତ୍ସବ ନାଟ୍‌କି, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଶ୍ରୀମଦ୍ ଭାଗବତ ପାରାୟଣ ରୌପ୍ୟ ଜୟନ୍ତୀ ସମାରୋହ, ସ୍ଥାନ: ଲକ୍ଷ୍ମୀନୃସିଂହ ମନ୍ଦିର ପ୍ରାଙ୍ଗଣ, ତରୋଇ ଶାସନ, ବଳଙ୍ଗା, ସମୟ: ସନ୍ଧ୍ୟା ୬ଟା।
- ପଞ୍ଚଦଶ ବାର୍ଷିକ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଗୋଳେଇ ଛକ, ବିଷ୍ଣୁପୁର, ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ସାତଦିନ ବ୍ୟାପୀ ଶ୍ରୀ ଚୈତନ୍ୟଦେବଙ୍କ ବିଗ୍ରହ ପୂଜା ଓ ଆରାଧନା, ମହାଯଜ୍ଞ, ନାମସଙ୍କୀର୍ତ୍ତନ, ଅନ୍ନ ମହୋତ୍ସବ, ସ୍ଥାନ: ଶ୍ରଦ୍ଧାପୁର ହାଟ ପଡ଼ିଆ, ଭୋଗରାଇ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ୧୫ତମ ବାର୍ଷିକ ଭାଗବତ କଥାମୃତ ପ୍ରବଚନ ସଭା ଉଦ୍‌ଘାଟନୀ ସନ୍ଧ୍ୟା, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ୧୯ତମ ପ୍ରତିଷ୍ଠା ଦିବସ ଓ ୭ମ ନାୟିକା ରାଜ୍ୟସ୍ତରୀୟ ନାଟକ ମହୋତ୍ସବ-୨୦୨୪ ଉଦ୍‌ଘାଟନୀ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଶିଶୁ ଉତ୍ସବ, ସ୍ଥାନ: ବାଗୁରାଇ ହାଇସ୍କୁଲ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସୀତାରାମ କଲ୍ୟାଣ ମଣ୍ଡପ, ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ବିଧାନସଭାସ୍ତରୀୟ ବୈଠକ, ସ୍ଥାନ: ନୂତନ ସର୍କିଟ୍ ହାଉସ୍ ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ ଅଧ୍ୟକ୍ଷାଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧର୍ମରକ୍ଷା ସମିତି ପକ୍ଷରୁ ଗଣଧାରଣା ସମ୍ପର୍କରେ ଖବରଦାତା ସମ୍ମିଳନୀ,ସ୍ଥାନ: ଭଦ୍ରକ ଗାନ୍ଧୀପଡ଼ିଆ ସ୍ଥିତ ସୀତାରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ୩ୟରୁ ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା, ସ୍ଥାନ: କୁମାର୍ସ କ୍ଲବ, ଭଞ୍ଜପୁର, ବାରିପଦା, ସମୟ: ସକାଳ ୯ଟା ୩୦।
- ୬ଷ୍ଠରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା, ସ୍ଥାନ: କୁମାର୍ସ କ୍ଲବ, ଭଞ୍ଜପୁର, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣ ଜୟନ୍ତୀ ପାଳନ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ:ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ତକତପୁର,ବାରିପଦା, ସମୟ:ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- କାରବନ କ୍ରେଡିଟ ପ୍ରୋଜେକ୍ଟର ହିତାଧିକାରୀ ପରାମର୍ଶ ବୈଠକ, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ ଦନେକବାଡି, ସମୟ: ଅପରାହ୍ନ ୨ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦର ପଞ୍ଚମ ସନ୍ଧ୍ୟା ନାଟକ ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ ଟା।

## କେନ୍ଦ୍ରାପଡ଼ା

- ମା' ମନସା ଦେବୀଙ୍କ ପୂଜାଯୋତ୍ସବ, ସ୍ଥାନ: ଜାଲକଣା ମହାକାଳପଡ଼ା, ସମୟ: ସକାଳ ୯ଟା।
- ହୀରକ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଗୋଦାବରିଶ ସରକାରୀ ବିଦ୍ୟା ଭବନ, ଗୋବିନ୍ଦପୁର, ଆଳି, ସମୟ: ସକାଳ ୯ଟା।
- ଜଗରିଜୋର ଜନକଲ୍ୟାଣ ହାଟ ଓ ବ୍ୟବସାୟୀ କମିଟି ପକ୍ଷରୁ ମା' ଦକ୍ଷିଣ ଶ୍ୟାମାକାଳୀ ପୂଜା ଉପଲକ୍ଷେ ଗହୀରମଥା ମହୋତ୍ସବ, ସ୍ଥାନ: ଜଗରିଜୋର,ମହାକାଳପଡ଼ା, ସମୟ: ଅପରାହ୍ନ ୩ଟା।

## ଯାଜପୁର

- ଚତୁର୍ଥ ମନ୍ମଥ, ଗିରିଧାରୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ବଡ଼ଚଣା ବ୍ଲକ ଅଧୀନ ଛତିଆର ଅମରାବତୀ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ମହେନ୍ଦ୍ର ସ୍ୱାଇଁଙ୍କ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ:ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ, ସମୟ: ସକାଳ ୯ଟା।

## ନବରଙ୍ଗପୁର

- କାର୍ଯ୍ୟାଳୟରେ ମହିଳା କର୍ମଚାରୀ ଯୌନ ନିର୍ଯ୍ୟାତନା ଆଇନ ସମ୍ପର୍କିତ ତାଲିମ୍, ସ୍ଥାନ: ନବରଙ୍ଗପୁର ଅଶୋକ ମେହେଟ୍ଟା ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା.୩୦।
- ମହିଳା ଓ ଶିଶୁ ବିକାଶ କେନ୍ଦ୍ର ମନ୍ତ୍ରୀ ସାବିତ୍ରୀ ଠାକୁରଙ୍କ ବିଭାଗୀୟ ସମୀକ୍ଷା, ସ୍ଥାନ : ନବରଙ୍ଗପୁର ଜିଲା ପରିଷଦ ବୈଠକ ଗୃହ, ସମୟ: ଅପରାହ୍ନ ୩ ଟା ୪୫।

## କୋରାପୁଟ

- ଜିଲାସ୍ତରୀୟ କଳା ଉତ୍ସବ ଓ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- କ୍ଲଷ୍ଟରସ୍ତରୀୟ ପରବ, ସ୍ଥାନ: ଦଶମନ୍ତପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ ଟା।

## ମାଲକାନଗିରି

- ଜିଲାସ୍ତରୀୟ ମଶାରି ବଣ୍ଟନ କାର୍ଯ୍ୟକ୍ରମ,ସ୍ଥାନ:ମାଲକାନଗିରି ବ୍ଲକ ଗୌଡଗୁଡା ପଞ୍ଚାୟତ, ସମୟ:ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମଲେଇ ଦର୍ଶନ, ସ୍ଥାନ : ସମଲେଇ ମନ୍ଦିର, ସମୟ : ସକାଳ: ୮ଟା ୩୦।
- .ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ଉଦ୍‌ଘାଟନ, ସ୍ଥାନ : ପଡିଆବାହାର, ସମୟ : ସକାଳ ୯ଟା ୩୦।
- ଦିୱାଲି ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ : କ୍ଷେତରାଜପୁର ଧର୍ମଶାଳା, ସମୟ : ପୂର୍ବାହ୍ନ ୧୧ଟା ୪୫।
- ଛଟପୂଜା କାର୍ଯ୍ୟକ୍ରମ, ସ୍ଥାନ : ମହାନଦୀ ଆଯୋଧ୍ୟା ସରୋବର, ସମୟ : ଅପରାହ୍ନ ୪ଟା।
- ରାତ୍ରକାଳୀନ ପ୍ରବଚନ କାର୍ଯ୍ୟକ୍ରମ, ରାମଜୀ ମନ୍ଦିର ନିକଟସ୍ଥ ଗୀତା ଗୁଡ଼ି, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ପତିତପାବନ ଏକାଡେମୀ ହୀରକ ଜୟନ୍ତୀ କମିଟି ଓ ଆଲୁମ୍ନି ଆସୋସିଏଶନ୍‌ର ବୈଠକ, ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର, ସମୟ: ସନ୍ଧ୍ୟା ସାଢ଼େ ୬ଟା।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଡିଆଇଇଟି ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା୩୦।

## ବରଗଡ଼

- ମା' ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ମହୋତ୍ସବ, ସ୍ଥାନ: ଶ୍ୟାମାକାଳୀଙ୍କ ମନ୍ଦିର ପରିସର, ବରଗଡ଼, ସମୟ: ସକାଳ ୬ଟା।
- ଶନି ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଧାଙ୍ଗେର, ବରଗଡ଼, ସମୟ: ସକାଳ ୮ଟା।

## ରାଉରକେଲା

- ଇନୋଭେଟିଭ୍ ପେଟେଣ୍ଟ ପ୍ରଡକ୍ଟର ପ୍ରଦର୍ଶନୀ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ଅପରାହ୍ନ ୪ଟା।
- ଛଟ୍ ପର୍ବର ୩ୟ ଦିବସରେ ସନ୍ଧ୍ୟା ଆରତୀ, ସ୍ଥାନ: ଝିରପାଣି, ସମୟ: ଅପରାହ୍ନ ୫ଟା ୩୦।

## ଦେବଗଡ଼

- ମା' କାଳୀଙ୍କ ପାନ୍ତହ ସୂର୍ଯ୍ୟ ପୂଜା, ସ୍ଥାନ: ବାରକୋଟ କାଳୀ ପୂଜା ମଣ୍ଡପ, ସମୟ: ପ୍ରାତଃ ୫ଟା।
- କାର୍ତ୍ତିକ ମାସ ଅବସରରେ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ମଠସାହି ଛକ, ସମୟ: ପ୍ରାତଃ ୫ଟା।
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪ ନାମ ପଞ୍ଜୀକରଣ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ୍, ଦେବଗଡ଼, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪, ସ୍ଥାନ: ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଅଡିଟୋରିୟମ, ଦେବଗଡ଼ ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅବସରରେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟରିୟମ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ଦେବଗଡ଼, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ଦେବଗଡ଼, ସମୟ: ଅପରାହ୍ନ ୪ଟା।
- ମା' କାଳୀଙ୍କ ଦିବ୍ୟ ସନ୍ଧ୍ୟା ଆଳତି, ସ୍ଥାନ: ବାରକୋଟ କାଳୀପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- କାଳୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପଶୁ ମୁଖା ନୃତ୍ୟ ଗଞ୍ଜାମ ଓ ଗୋଟିପୁଅ ନୃତ୍ୟ ପୁରୀ, ସ୍ଥାନ: ପୂଜା ମଣ୍ଡପ ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି

- ବେଦାନ୍ତ ସିଏସ୍‌ଆର ବକ୍ସାଇଟ ମାଇନ୍ସ ପକ୍ଷରୁ ମାଗଣା କ୍ୟାନ୍ସର, ସିକଲସେଲ ରୋଗ ନିରୂପଣ ଓ ପରାମର୍ଶ ଶିବିର, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ,ସମୟ: ସକାଳ୯ଟା।
- ଜିଲାସ୍ତରୀୟ ସୁରଭି, କଳା ଉତ୍ସବ, ସ୍ଥାନ: ଭବାନୀପାଟଣା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ସକାଳ ୮ଟା ୩୦।
- ସର୍ବଭାରତୀୟ କବାଡି ପ୍ରତିଯୋଗିତା, ସ୍ଥାନ: ନୂଆପଡ଼ା ସଦର ବ୍ଲକ ମୋଟା ନୂଆପଡ଼ା ପଞ୍ଚାୟତ କୁକୁଡ଼ାତାଲ ନବଜ୍ୟୋତି ସ୍ପୋର୍ଟସ କ୍ଲବ ଖେଳପଡିଆ, ସମୟ: ସକାଳ ୯ଟା।
- ଭୀମ ଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ କୋମନା, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- କରଡି ଚନ୍ଦ୍ରେଶ୍ୱର ମହାଦେବ ମନ୍ଦିରରେ ନବାହ୍ନ ପାରାୟଣ ଦ୍ୱିତୀୟ ଦିବସ, ସ୍ଥାନ: କରଡି ମହାଦେବ ମନ୍ଦିର ପ୍ରାଙ୍ଗଣ, ହରଭଙ୍ଗା, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ସକାଳ ୯ଟା।
- ବୌଦ୍ଧ ବିଜେଡିର ପଦଯାତ୍ରା, ସ୍ଥାନ: ସାହାଜପାଲ ଠାରୁ ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବିଳାସକାରକ ଶୁକ୍ରଙ୍କ ସହ ଚନ୍ଦ୍ର ଅବସ୍ଥାନ କରି ପାରିବାରିକ ଜୀବନକୁ ରସାଣିତ କରିବେ। ବନ୍ଧୁ ସମ୍ପର୍କରେ ଉନ୍ନତି, ବସ୍ତ୍ରଭୂଷଣ ପ୍ରାପ୍ତିରୁ ଖୁସି ରହିବେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିଲେ ମଧ୍ୟ କିଛି କରିପାରିବେ ନାହିଁ। ପ୍ରଶାସନ, ପ୍ରକାଶନ, ଅଧ୍ୟୟନ, ଅଧ୍ୟାପନା ଓ ସାମ୍ବାଦିକତା ଏବଂ ଚଳଚ୍ଚିତ୍ର କ୍ଷେତ୍ରରୁ ଶୁଭଫଳ ମିଳିବ।

**ବୃଷ** ସାଧାରଣ କଥାକୁ କେନ୍ଦ୍ର କରି ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଭୁଲ୍ ବୁଝାମଣାବଶତଃ ମୃଗଶିରା ନକ୍ଷତ୍ରର ସହଧର୍ମିଣୀ ମୁହଁ ଫେରାଇ ପାରନ୍ତି। ଯାତ୍ରା, ବାଣିଜ୍ୟ ଓ ପରିବହନ କ୍ଷେତ୍ରରୁ ଲାଭବାନ୍ ହେବେ। ସ୍ୱାସ୍ଥ୍ୟ ସମସ୍ୟାର ଉପଚାର କରିବା ସହଜସାଧ୍ୟ ନ ହୋଇପାରେ।

**ମିଥୁନ** ରବିଙ୍କ ବିପରୀତ ରାଜଯୋଗ କାରଣରୁ ଆତ୍ମୀୟଙ୍କ ଗହଣରେ ଦିନଟି ହସଖୁସିରେ ଅତିବାହିତ ହେବ। ଖର୍ଚ୍ଚଭାର ବୃଦ୍ଧି କାରଣରୁ ଚିନ୍ତା ପ୍ରକଟ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି। ନିଜ ଗୃହ ସମସ୍ୟାକୁ ସଜାଡ଼ିବାକୁ ଯାଇ ବହୁତ ହଇରାଣ ହେବାକୁ ପଡ଼ିପାରେ।

**କର୍କଟ** ଶୁଭ ଚନ୍ଦ୍ର ସମସ୍ତ ଆଶା ଓ ଆକାଂକ୍ଷାକୁ ପୂରଣ କରିବାରେ ସହାୟ ହେବ। କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ତାହାକୁ ସାମ୍ନା କରିବାର ସାହସ ରଖି କୃତକାର୍ଯ୍ୟ ହେବେ। ଅନ୍ୟମନସ୍କତାରୁ କେତେକ ଭୁଲ୍ କରି ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ।

**ସିଂହ** ଶୁକ୍ର ପ୍ରଭାବରେ ସମ୍ପର୍କୀୟଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, ତଥାପି କାମର ଚାପ ବହୁତ ବଢ଼ିଯିବ। କର୍ମକ୍ଷେତ୍ରେ ଗଠନମୂଳକ ପ୍ରସ୍ତାବ ନେଇ ପ୍ରଶଂସିତ ହେବେ।

**କନ୍ୟା** ତୃତୀୟସ୍ଥ ବୁଧ ଅର୍ଥଲାଭ କରାଇବା ସହ ସମସ୍ୟା ସମାଧାନ ରାସ୍ତା ପରିଷ୍କାର କରିଦେବେ। ଚିତ୍ରା ନକ୍ଷତ୍ର ପରିବାର ସକାଶେ କିଛିଟା ଗୋଳମାଳିଆ ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। ନିଜ ପରିସରର ପିଲାଙ୍କ ସକାଶେ ଅନ୍ୟ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିବ। କୌଣସି ଗୃହୋପକରଣ କିମ୍ବା ମୂଲ୍ୟବାନ୍ ସାମଗ୍ରୀ କ୍ରୟ କରିପାରନ୍ତି।

**ତୁଳା** ଶୁଭ ଚନ୍ଦ୍ର ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଓ କୂଟନୀତି ପ୍ରୟୋଗ କରି କାମ ହାତେଇବେ। ଅର୍ଥ କିମ୍ବା କୌଣସି ଜିନିଷପତ୍ର ପାଇବାରେ କଳହର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ଗୁଡ଼ାଏ କାମ ହାତକୁ ନେଇ ବ୍ୟଥିତ ହେବେ। ଅପ୍ରିୟ ସତ୍ୟ କହିବା ଦ୍ୱାରା ସମ୍ମାନ ବୃଦ୍ଧି ପାଇବ, କିନ୍ତୁ ପରୋକ୍ଷ ଶତ୍ରୁତା ମଧ୍ୟ ସୃଷ୍ଟି ହେବ।

**ବିଛା** ରାଶିରେ ବୁଧ ଅବସ୍ଥାନଜନିତ ମନ ଅସ୍ଥିର ରହିବ। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ଦିଗରେ ମନ ବଳାଇପାରନ୍ତି। ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି ଆଜି ଆପଣ ପ୍ରତିଦ୍ୱନ୍ଦ୍ୱିତା କଲେ କିଛି ଲାଭ ହେବନାହିଁ। ଏଜେନ୍‌ସିପ୍, ସାମ୍ବାଦିକତା, ରାଜନୀତି, ନୂତନ କର୍ମାରମ୍ଭ, କଳା ଓ ସାହିତ୍ୟ ପ୍ରଭୃତିରୁ ସୁଫଳ ପାଇବେ।

**ଧନୁ** ତୃତୀୟସ୍ଥ ଶନି ପ୍ରଭାବରେ ଗତକାଲିର ପରିସ୍ଥିତି ବଦଳିଯିବା ସାଙ୍ଗକୁ ସଂକଟମୁକ୍ତ ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତାର ପ୍ରଭାବ ଅନୁଭବ କରିବେ। ଅନ୍ୟମନସ୍କତା କିମ୍ବା ବିସ୍ମରଣଜନିତ କୌଣସି ଜିନିଷ ହରାଇପାରନ୍ତି। ସହକର୍ମୀ, ଭାଇ ଭଉଣୀ, ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ସାଧନ ହେବ।

**ମକର** ଦ୍ୱିତୀୟ ଭାଗରେ ଶନି ଥିବାରୁ ଆତ୍ମୀୟଙ୍କୁ କାମରେ ସାହାଯ୍ୟ କରିବାକୁ ପ୍ରବର୍ତ୍ତାଇବ। ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ପଡ଼ୋଶୀମାନେ କଅଁଳିଆ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିପାରନ୍ତି।

**କୁମ୍ଭ** ଶନିଙ୍କ ପ୍ରଭାବରୁ କେତେକ କ୍ଷେତ୍ରରେ ଜାଣିଶୁଣି ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ଆଶଙ୍କାଜନିତ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବ୍ୟସ୍ତତା ବଢ଼ିଯିବାର ସୂଚନା ରହିଛି। ନିକଟ ସମ୍ପର୍କୀୟମାନଙ୍କ ଈର୍ଷା ଓ ଅସୂୟାଭାବ ଯୋଗୁ ବିଚଳିତ ବୋଧ କରିବେ।

**ମୀନ** ଚନ୍ଦ୍ର ଓ ଶୁକ୍ର ପ୍ରଭାବରେ କର୍ମୋନ୍ନତି ସହ ସମ୍ମାନଜନକ ସ୍ଥିତିକୁ ନେବାରେ ସମର୍ଥ ହେବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହୋଇପାରନ୍ତି। ବନ୍ଧୁମାନଙ୍କ ସହାୟତାରେ ବାଣିଜ୍ୟ,ବ୍ୟବସାୟ ଓ ପରିବହନରୁ ଲାଭବାନ୍ ହେବେ। ଆନୁଷ୍ଠାନିକ କାମରେ ସତକଥା କହି ପ୍ରଶଂସିତ ହୋଇପାରନ୍ତି।

ଆଜି ନଭେମ୍ବର ୭ ତାରିଖ, ବୈଜ୍ଞାନିକ ସି.ଭି. ରମଣଙ୍କ ଜୟନ୍ତୀ, କାର୍ତ୍ତିକ ଶୁକ୍ଳ ଷଷ୍ଠୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶି ନକ୍ଷତ୍ର-ଦିବା ଘ.୧୧।୪୫ମି. ଗତେ, ଉତ୍ତରାଷାଢ଼ା/ଧନୁ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୪ ଗତେ ଘ.୦୭।୨୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨।୫୪ ଗତେ ଘ.୦୨।୧୮ ମଧ୍ୟେ ରାହୁକାଳ।

## ଡାଟା ଏଣ୍ଟ୍ରି ଅପରେଟରଙ୍କ ଚାକିରି ସଂରକ୍ଷଣ ଓ ନିୟମିତ ମାମଲା

# ଆବେଦନ ଖାରଜ କଲେ ହାଇକୋର୍ଟ

**କଟକ,୬।୧୧ (କାର୍ତ୍ତିକ ସାହୁ)**

କମ୍ପ୍ୟୁଟର ପ୍ରୋଗ୍ରାମର ବା ଡାଟା ଏଣ୍ଟ୍ରି ଅପରେଟରଙ୍କ ଲାଗି ୩୦% ସଂରକ୍ଷଣ ଓ ଚାକିରି ନିୟମିତ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ରାୟ ପ୍ରଦାନ କରି ଆବେଦନକାରୀ ଏକ ପଞ୍ଜିକୃତ ସଂଘ ନୁହଁ, ତେଣୁ ପିଟିଶନ ଦାଖଲ କରିବା ନ୍ୟାୟିକ ଅଧିକାର ନାହିଁ ବୋଲି ମତ ଦେଇଛନ୍ତି। କୌଣସି ବ୍ୟକ୍ତି କ୍ଷତିଗ୍ରସ୍ତ ହୋଇଥିଲେ ନ୍ୟାୟ ପାଇଁ ଦ୍ୱାରସ୍ଥ ହୋଇପାରିବେ ବୋଲି ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି। ମାମଲାର ବିବରଣୀ ଅନୁସାରେ, ରାଜ୍ୟର ୩୧୪ ବ୍ଲକରେ ଡାଟା ଏଣ୍ଟ୍ରି ଅପରେଟର କାର୍ଯ୍ୟ କରୁଛନ୍ତି। ସେଥିମଧ୍ୟରୁ ୭୦%ରୁ ଅଧିକ କର୍ମଚାରୀ ସିଧାସଳଖ ନିଯୋଜିତ ହେଉଥିବାବେଳେ ୩୦%ରୁ ଅଧିକ କର୍ମଚାରୀ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କାମ ପାଇବା ଚାକିରି ନିୟମରେ ରହିଛି। ଉକ୍ତ ନିୟମ ପରିବର୍ତ୍ତନ କରିବା ସହ ସେଥିମଧ୍ୟରୁ ୩୦% କର୍ମଚାରୀଙ୍କ ଲାଗି ସଂରକ୍ଷଣ ରଖିବା ଏବଂ ଅତିରିକ୍ତ କମ୍ପ୍ୟୁଟର ପ୍ରୋଗ୍ରାମରଙ୍କ ଚାକିରି ନିୟମିତ କରିବା ଦାବି ନେଇ ଅଲ୍ ଓଡ଼ିଶା ଆଡିଶନାଲ କମ୍ପ୍ୟୁଟର ପ୍ରୋଗ୍ରାମର୍ସ ଆସୋସିଏଶନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

# ୩୩/୧୧ କେଭି ବିଦ୍ୟୁତ୍ ଗ୍ରୀଡ୍ କାର୍ଯ୍ୟ ୨୦୨୫ ସୁଦ୍ଧା ଶେଷକର: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୬।୧୧(ସୁନିତ୍ ମିଶ୍ର)**

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଶକ୍ତି ବିଭାଗର ଏକ ସମୀକ୍ଷା ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓପିଟିସିଏଲ୍, ଟିପିସିଓଡିଏଲ୍, ଟିପିଏନ୍‌ଓଡିଏଲ୍, ଟିପିଏସ୍‌ଓଡିଏଲ୍, ଟିପିଓଡବ୍ଲ୍ୟୁଓଡିଏଲ୍(୪ଟି ବିଦ୍ୟୁତ୍ ବିତରକ କମ୍ପାନୀ)ର କାର୍ଯ୍ୟାବଳୀର ବିସ୍ତୃତ ସମୀକ୍ଷା ହୋଇଛି। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଟାଟା ପାୱାର, ଓପିଟିସିଏଲ୍‌ର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ହେବାକୁ ଥିବା କାର୍ଯ୍ୟାବଳୀ ବିଷୟରେ ଆଲୋଚନା ହୋଇଛି। ସର୍ବପ୍ରଥମେ ବାତ୍ୟା 'ଦାନା' ପରବର୍ତ୍ତୀ ସମୟରେ ତ୍ୱରିତ ବେଗରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କାର୍ଯ୍ୟ କରିଥିବାରୁ ମନ୍ତ୍ରୀ ସିଂଦେଓ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ସମ୍ପ୍ରତି ରାଜ୍ୟରେ ଚାଲୁଥିବା ୩୩/୧୧ କେଭି ବିଦ୍ୟୁତ୍ ଗ୍ରୀଡ୍ ଓ ସବ୍‌ଷ୍ଟେଶନ କାର୍ଯ୍ୟ ୨୦୨୫ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଏବଂ ପୁରୁଣା ଟ୍ରାନ୍ସଫର୍ମର, ଗ୍ରୀଡ୍‌ଗୁଡ଼ିକର ଅପ୍‌ଗ୍ରେଡ୍, ପୁନରୁଦ୍ଧାର କରିବାକୁ ମନ୍ତ୍ରୀ ସିଂଦେଓ ପରାମର୍ଶ ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଟ୍ରମ୍ପଙ୍କ ପ୍ରତ୍ୟାବର୍ତ୍ତନ...

ଇସ୍ରାଏଲ୍‌ର ଯୁଦ୍ଧ ବନ୍ଦ, ମହିଳାଙ୍କୁ ଗର୍ଭପାତ ଅଧିକାର, ଟ୍ୟାକ୍ସ କଟ୍ (ଧନୀଙ୍କଠାରୁ ଅଧିକ ଓ ଗରିବଙ୍କଠୁ କମ୍ ଟିକସ ଅସୁଲି), ୟୁକ୍ରେନ୍‌କୁ ଅଧିକ ଆର୍ଥିକ ତଥା ସାମରିକ ସହାୟତା ପ୍ରଦାନ ଭଳି ପ୍ରସଙ୍ଗକୁ ଅସ୍ତ୍ର କରିଥିଲେ। ଦୁଇ ବଡ଼ ଦଳର ତିକ୍ତତାପୂର୍ଣ୍ଣ ମାରାଥନ୍ ପ୍ରଚାର ନିର୍ବାଚନ ଶେଷ ପର୍ଯ୍ୟନ୍ତ ଚାଲିଥିଲା। ୧୮୪୫ ମସିହାରୁ ଚାଲିଆସିଥିବା ପରମ୍ପରା ଅନୁସାରେ ୨୦୨୪ ନଭେମ୍ବର ପ୍ରଥମ ସୋମବାର ୫ ତାରିଖରେ ଆମେରିକୀୟ ମତଦାତା ଆଉ ୪ ବର୍ଷ ପାଇଁ ନିଜ ପ୍ରତିନିଧି ଚୟନ କରିଥିଲେ। ହ୍ୱାଇଟ୍ ହାଉସ୍ ଦଖଲ ପାଇଁ ଜଣେ ପ୍ରାର୍ଥୀଙ୍କୁ ୨୭୦ ଇଲେକ୍ଟୋରାଲ କଲେଜ ଭୋଟର ଆବଶ୍ୟକତା ଥିବାବେଳେ ରିପବ୍ଲିକାନ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ୨୭୭ ଭୋଟ ପାଇଛନ୍ତି। ଅନ୍ୟପକ୍ଷେ ୬୦ ବର୍ଷୀୟା ହାରିସ୍‌ଙ୍କ ସପକ୍ଷରେ ୨୨୪ ଇଲେକ୍ଟୋରାଲ କଲେଜ ଭୋଟ ପଡ଼ିଛି। ପପୁଲାର ଭୋଟକୁ ଦେଖିଲେ ଟ୍ରମ୍ପଙ୍କ ସପକ୍ଷରେ ୭,୧୫,୨୨,୦୩୬ (୫୦.୯%) ଏବଂ ହାରିସ୍‌ଙ୍କୁ ୬,୬୬,୪୭,୧୪୧ (୪୭.୪%) ଲୋକପ୍ରିୟ ମତ ମିଳିଛି। ୨ ଦଶନ୍ଧି ମଧ୍ୟରେ ଆମେରିକା ସାଧାରଣ ନିର୍ବାଚନରେ ପପୁଲାର ଭୋଟ ହାସଲକରି କ୍ଷମତାକୁ ଫେରିବାରେ ଟ୍ରମ୍ପ ହେଉଛନ୍ତି ପ୍ରଥମ ରିପବ୍ଲିକାନ୍ ରାଷ୍ଟ୍ରପତି। ଏହା ପୂର୍ବରୁ ୨୦୦୪ ନିର୍ବାଚନରେ ଜର୍ଜ ଡବ୍ଲ୍ୟୁ. ବୁଶ୍ ୬,୨୦,୪୦,୬୧୦ ପପୁଲାର ଭୋଟ ଏବଂ ୨୮୬ ଇଲେକ୍ଟୋରାଲ ଭୋଟ ପାଇ ଡେମୋକ୍ରାଟିକ୍ ନୋମିନି ଜନ୍ କେରିଙ୍କୁ ପରାସ୍ତ କରିଥିଲେ। ସେତେବେଳେ କେରିଙ୍କୁ ୫,୯୦,୨୮,୪୪୪ ପପୁଲାର ଭୋଟ ଏବଂ ୨୫୧ ଇଲେକ୍ଟୋରାଲ ଭୋଟ ମିଳିଥିଲା। ଗତ ୨୦ ବର୍ଷର ନିର୍ବାଚନୀ ତଥ୍ୟାନୁସାରେ ବାରାକ୍ ଓବାମା ୨୦୦୮ରେ ସର୍ବାଧିକ ୬୯.୫ ନିୟୁତ ପପୁଲାର ଭୋଟ (୫୨.୯%) ଏବଂ ୩୬୫ ଇଲେକ୍ଟୋରାଲ ଭୋଟ ପାଇଥିଲେ। ୨୦୨୦ରେ ବାଇଡେନ୍ ୫୧.୩% ପପୁଲାର ଭୋଟ ଏବଂ ୩୦୬ ଖଣ୍ଡ ଇଲେକ୍ଟୋରାଲ ଭୋଟ ପାଇଥିଲେ। କିନ୍ତୁ ଟ୍ରମ୍ପ ୭,୪୨,୨୩,୯୭୫ ପପୁଲାର ଭୋଟ ଏବଂ ୨୩୨ ଇଲେକ୍ଟୋରାଲ ଭୋଟ ପାଇ ପରାଜିତ ହୋଇଥିଲେ। ୨୦୨୪ ନିର୍ବାଚନରେ ଟ୍ରମ୍ପଙ୍କୁ ବିଜୟ ଦିଗରେ ଅଗ୍ରସର କରାଇଛି ସୁଇଙ୍ଗ୍ ଷ୍ଟେଟ୍। ନର୍ଥ କାରୋଲିନା, ଜର୍ଜିଆ ଭଳି ଖୁଲା ରାଜ୍ୟଗୁଡ଼ିକ ତାଙ୍କ ଦ୍ୱିତୀୟ ପାଳି ରାଷ୍ଟ୍ରପତିତ୍ୱ ପାଇଁ ପଥକୁ ସୁଗମ କରିଥିବା କୁହାଯାଉଛି। ଅନ୍ୟପକ୍ଷେ ଡେମୋକ୍ରାଟିକ୍ ଦୁର୍ଗରେ ଭଲ ପ୍ରଦର୍ଶନ ସତ୍ତ୍ୱେ ଭାଇସ୍ ପ୍ରେସିଡେଣ୍ଟ ହାରିସ୍‌ଙ୍କ ବିଜୟ ସଙ୍କୁଚିତ ହୋଇଯାଇଛି। ପେନ୍‌ସିଲଭାନିଆକୁ ଟ୍ରମ୍ପ ଛଡ଼ାଇ ନେଇଥିବାବେଳେ ଅନ୍ୟ ୨ ବ୍ଲୁ ୱାଲ୍ ଷ୍ଟେଟ୍ ମିଶିଗାନ୍, ୱିସ୍କୋନ୍‌ସିନ୍ ଉପରେ ସମସ୍ତଙ୍କ ନଜର ରହିଛି। ଟ୍ରମ୍ପଙ୍କ ବିଜୟ ତାଙ୍କୁ ଆମେରିକାର ସବୁଠୁ ବୟୋଜ୍ୟେଷ୍ଠ ରାଷ୍ଟ୍ରପତିର ମାନ୍ୟତା ପ୍ରଦାନ କରିଛି। ଊନବିଂଶ ଶତାବ୍ଦୀରେ ଗ୍ରୋଭର କ୍ଲେଭେଲାଣ୍ଡଙ୍କ ପରେ ଦେଶର କୌଣସି ପୂର୍ବତନ ରାଷ୍ଟ୍ରପତି କ୍ଷମତାକୁ ଫେରି ନ ଥିଲେ। ଦ୍ୱିତୀୟ ଥର ପାଇଁ ବିଶ୍ୱର ସବୁଠୁ ପ୍ରଭାବଶାଳୀ ରାଜନେତା ହେବାର ସୌଭାଗ୍ୟ ଲାଭ ପରେ ଫ୍ଲୋରିଡାସ୍ଥିତ ପାମ୍ ବିଚ୍ କାଉଣ୍ଟି କନ୍‌ଭେନ୍‌ସନ ସେଣ୍ଟରରେ ଟ୍ରମ୍ପ ନିଜ ସମର୍ଥକମାନଙ୍କୁ ସମ୍ବୋଧିତକରି କହିଛନ୍ତି, ଆମେରିକା ଆମକୁ ଏକ ଅଭୂତପୂର୍ବ ଓ ଶକ୍ତିଶାଳୀ ଜନାଦେଶ ଦେଇଛି।

### ୨୦୨୭ ଡିସେମ୍ବର ...

ନେଇ ଦିଲ୍ଲୀ ଓ କଟକ ଲାବରେଟୋରିରେ ପରୀକ୍ଷା କରାଯାଉଛି। ୨ ମାସ ମଧ୍ୟରେ ଏହି ପରୀକ୍ଷା ଶେଷ ହୋଇଯିବ। ସେହିପରି ସଡ଼କ ଯାତ୍ରୀଙ୍କ ଯାତାୟାତ ସୁବିଧା ଲାଗି ଏବେ ଶିଶୁ ଭବନ ଛକଠାରୁ ରଘୁନାଥପୁର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାମ ମଧ୍ୟ ଚାଲିଛି। ୨ ମାସ ମଧ୍ୟରେ ରାସ୍ତା ପ୍ରଶସ୍ତୀକରଣ କାମ ସରିଯିବ। ମାଟି ପରୀକ୍ଷା ରିପୋର୍ଟ ସରିବା ପରେ ଫାଉଣ୍ଡେସନ ଡିଜାଇନ ଆରମ୍ଭ ହେବ। ମେଟ୍ରୋ ପ୍ରକଳ୍ପ ଲାଗି ଭୁବନେଶ୍ୱର ଘାଟିକିଆଠାରେ କାଷ୍ଟିଂ ୟାର୍ଡ ତିଆରି ଚାଲିଛି। ଏଠାରେ ମେଟ୍ରୋ ରେଳ ଲାଇନ ପାଇଁ କାଷ୍ଟିଂ ଉପକରଣ ତିଆରି ହେବ। ସେହିପରି ତ୍ରିଶୂଳିଆ ଫୁଲପୋଖରୀ ରତାଗଡ଼ଠାରେ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ମେଣ୍ଟେନାନ୍ସ ଡିପୋ ତିଆରି କାମ ମଧ୍ୟ ଚାଲୁ ରହିଥିବା ମେଟ୍ରୋ ରେଳ ପ୍ରକଳ୍ପ କର୍ତ୍ତୃପକ୍ଷ କହିଛନ୍ତି।

ସୂଚନାଯୋଗ୍ୟ, ମେଟ୍ରୋ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକ ବର୍ଷରେ ୧ ହଜାର କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏହି ପ୍ରକଳ୍ପ ୨୬ କି.ମି.ରେ କାର୍ଯ୍ୟକାରୀ ହେବ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଲାଗି ମୋଟ୍ ୬୨୫୬ କୋଟି ଟଙ୍କା ଖର୍ଚ୍ଚ ହେବ। ତ୍ରିଶୂଳିଆଠାରୁ ଭୁବନେଶ୍ୱର ବିମାନବନ୍ଦର ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରକଳ୍ପରେ ୨୦ଟି ଷ୍ଟେଶନ ରହିବ।

### ଏଲ୍‌ଏମ୍‌ଭି ଲାଇସେନ୍ସଧାରୀ ...

ଦାବିକୁ ଖାରଜ କରିଆସୁଥିଲେ। ଏଲ୍‌ଏମ୍‌ଭି ଡ୍ରାଇଭିଂ ଲାଇସେନ୍ସଧାରୀଙ୍କ ପାଇଁ ରାସ୍ତା ଦୁର୍ଘଟଣା ବଢ଼ୁଥିବାର କୌଣସି ପ୍ରାୟୋଗିକ ତଥ୍ୟ ନ ଥିବା ଜଷ୍ଟିସ୍ ହୃଷୀକେଶ ରାୟ କହିଛନ୍ତି। ସର୍ବାଧିକ ସମୟ ଗାଡ଼ିରେ ସମୟ କାଟୁଥିବା ଏଲ୍‌ଏମ୍‌ଭି ଲାଇସେନ୍ସଧାରୀ ଅଦାଲତରୁ ଜବାବ ଚାହାନ୍ତି। ପ୍ରଯୁକ୍ତିଗତ ଦିଗରୁ ଦେଖିଲେ ସେମାନଙ୍କ ଆପତ୍ତି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ରାୟ କହିଛନ୍ତି। ସାମ୍ବିଧାନିକ ପୀଠରେ ସିଜେଆଇ ଏବଂ ଜଷ୍ଟିସ୍ ରାୟଙ୍କ ବ୍ୟତୀତ ଜଷ୍ଟିସ୍ ପି.ଏସ୍. ନରସିଂହା, ପଙ୍କଜ ମିଥଲ ଏବଂ ମନୋଜ ମିଶ୍ରା ରହିଛନ୍ତି। ଅଗଷ୍ଟ ୨୧ରେ ପିଟିଶନଗୁଡ଼ିକର ଶୁଣାଣି ଶେଷ ହୋଇଥିବାବେଳେ ଅଦାଲତ ରାୟ ସଂରକ୍ଷିତ ରଖିଥିଲେ।

### ୮ରୁ ମଧ୍ୟମା, ମୁକ୍ତ ...

କରିବେ। ବୋର୍ଡର ଶାଖା କାର୍ଯ୍ୟାଳୟ ଟୋଲ୍‌ଗୁଡ଼ିକ ଦ୍ୱାରା ଦାଖଲ ହୋଇଥିବା ଫର୍ମକୁ ବୋର୍ଡ ମୁଖ୍ୟାଳୟରେ ଆସନ୍ତା ୨୦ ତାରିଖ ସୁଦ୍ଧା ଦାଖଲ କରିବାକୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ଫର୍ମ ପୂରଣ ଅନ୍‌ଲାଇନ୍ ଜରିଆରେ ଆସନ୍ତା ୮ରୁ ୧୮ ତାରିଖ ରାତି ୧୧ଟା ୪୫ ମଧ୍ୟରେ କରିବାକୁ ହେବ। ଫର୍ମ ପୂରଣ କରିସାରିବା ପରେ ଡେସ୍‌କ୍ରିପ୍‌ଟିଭ ରୋଲ ସିଟ୍‌କୁ ଡାଉନ୍‌ଲୋଡ୍ କରି ପ୍ରଧାନ ଶିକ୍ଷୟିତ୍ରୀ/ପ୍ରଧାନ ଶିକ୍ଷକମାନେ ନିଜ ତତ୍ତ୍ୱାବଧାନରେ ରଖିବେ ଏବଂ ଏହାର ଏକକିତା ନକଲ ବୋର୍ଡର ସମ୍ପୃକ୍ତ ଆଞ୍ଚଳିକ କାର୍ଯ୍ୟାଳୟରେ ଆସନ୍ତା ୨୦ ତାରିଖ ସୁଦ୍ଧା ଦାଖଲ କରିବେ। ଫର୍ମ ପୂରଣ ସମ୍ପର୍କିତ ନିର୍ଦ୍ଦେଶାବଳୀ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.in-ରେ ଉପଲବ୍ଧ ହୋଇଛି। ବ୍ୟାକ୍ ପରୀକ୍ଷାର୍ଥୀମାନଙ୍କ ଫର୍ମ ପୂରଣ କରିବାରେ ଅସୁବିଧା ହେଲେ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଫର୍ମ ପୂରଣ କରିବା ପାଇଁ ଲିଙ୍କ୍ ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି।

### ରଣଥମ୍ଭୋର ଜାତୀୟ...

ଜାତୀୟ ଉଦ୍ୟାନରେ ବାଘମାନଙ୍କର ସଂଖ୍ୟା ସାମାନ୍ୟଠାରୁ ଅଧିକ ଥିଲା ବୋଲି ଉପାଧ୍ୟାୟ କହିଛନ୍ତି। ବାଘଙ୍କର ଅତ୍ୟଧିକ ଗହଳି ଯୋଗୁ ଏହି ଜାତୀୟ ଉଦ୍ୟାନରେ କାର୍ଯ୍ୟରତ ବନ କର୍ମଚାରୀମାନେ ବହୁବାର ସମସ୍ୟାରେ ପଡ଼ୁଛନ୍ତି। ସେହିପରି ଜାତୀୟ ଉଦ୍ୟାନ ମଧ୍ୟରେ କେଉଁ ଅଞ୍ଚଳ କାହାର ସେନେଇ ବାଘମାନଙ୍କ ମଧ୍ୟରେ ପ୍ରାୟତଃ ସଂଘର୍ଷ ହୋଇଥାଏ ବୋଲି ଉପାଧ୍ୟାୟ କହିଛନ୍ତି। ଘଟଣାକୁ ରାଜସ୍ଥାନ ସରକାର ଗୁରୁତ୍ୱର ସହ ନେଇ ଏକ ୩ ଜଣିଆ ଯାଞ୍ଚ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟି ନିଖୋଜ ବାଘଙ୍କ ସମ୍ପର୍କରେ ତଦନ୍ତ କରି ୨ ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବ। ରାଜସ୍ଥାନର ମୁଖ୍ୟ ବନ୍ୟଜନ୍ତୁ ସଂରକ୍ଷଣକାରୀ ରାଜେଶ କୁମାର ଗୁପ୍ତାଙ୍କ ନେତୃତ୍ୱରେ ଏହି କମିଟିରେ ଜୟପୁର ଡିଭିଜନର ବନ ସଂରକ୍ଷଣକାରୀ ଡକ୍ଟର ଟି. ମୋହନରାଜ ଏବଂ ଭରତପୁର ଡିଭିଜନର ଉପ ବନ ସଂରକ୍ଷଣକାରୀ ମାନସ ସିଂ ସଦସ୍ୟ ଭାବେ ରହିଛନ୍ତି। ଏହି ୩ ଜଣିଆ କମିଟି ଟାଇଗର ମନିଟରିଂ ରିପୋର୍ଟର ସମସ୍ତ ରେକର୍ଡକୁ ସମୀକ୍ଷା କରି ନିଜ ରିପୋର୍ଟ ପ୍ରସ୍ତୁତ କରିବ। ବ୍ୟବସ୍ଥାରେ ଥିବା ଦୁର୍ବଳତାକୁ ସୁଧାରିବା ପାଇଁ ମଧ୍ୟ ଏହି କମିଟି ପରାମର୍ଶ ଦେବ। ଆବଶ୍ୟକ ପଡ଼ିଲେ ଏହି କମିଟି ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ମତାମତ ନେବ ବୋଲି ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କୁହାଯାଇଛି।

# ଓଡ଼ିଶାର ସବୁଜ ସ୍ୱର



ସ୍ୱରାଜ ବାରିକ, ଅଭିନେତା



ଶେଫାଳି ଉଦ୍‌ଗାତା, ଉପସ୍ଥାପିକା



ତନୁଶ୍ରୀ ରଣା, ଅଭିନେତ୍ରୀ



ପ୍ରତ୍ୟାଶା ରାୟ, ସନ୍ତରଣକାରୀ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ଫ୍ୟୁଚର ବିଜ୍‌ନେସ୍ ସ୍କୁଲ୍, ଭୁବନେଶ୍ୱର



ମହିଳା ମହାବିଦ୍ୟାଳୟ, ଖୋର୍ଦ୍ଧା



ସେମିଳିଗୁଡ଼ା ମହାବିଦ୍ୟାଳୟ, ସେମିଳିଗୁଡ଼ା



ଶ୍ରୀମା ମହିଳା ମହାବିଦ୍ୟାଳୟ, ବାରିପଦା

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...



## ଅନ୍ୟାନ୍ୟ ଖବର

### ଆମେରିକାର ୪୭ତମ ରାଷ୍ଟ୍ରପତି ହେଲେ ଟ୍ରମ୍ପ




## ୪୦ରୁ ଅଧିକ ହେବନି ମୋ ବସ୍ ସ୍ପିଡ୍: ମନ୍ତ୍ରୀ

ଭୁବନେଶ୍ୱର,୬।୧୧
(ସୂର୍ଯ୍ୟକାନ୍ତ ବେହେରା)

ଚାଳକଙ୍କ ବେପରୁଆ ମନୋଭାବ ଓ ଦ୍ରୁତ ଗତିରେ ଗାଡ଼ିଚାଳନା ଯୋଗୁଁ ଅନେକ ସମୟରେ ମୋ ବସ୍ ଦୁର୍ଘଟଣାଗ୍ରସ୍ତ ହେଉଛି। ଏଥିରେ କାହାର ଜୀବନ ଯାଉଛି ତ' ପୁଣି କେହି ଆହତ ହେଉଛନ୍ତି। ଦୁର୍ଘଟଣା ପରେ ଲୋକେ ଡ୍ରାଇଭରଙ୍କ ବିରୋଧରେ ଅଭିଯୋଗ ଆଣିବା ସହ ଉତ୍‌କ୍ଷିପ୍ତ ହୋଇ ଗାଡ଼ି ଭାଙ୍ଗିବା ସହ ଚାଳକଙ୍କୁ ମାଡ଼ ମାରୁଛନ୍ତି। ପୋଲିସ ମଧ୍ୟ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରୁଛି। ଏହା ସତ୍ତ୍ୱେ ମୋ ବସ୍ ଚାଳକମାନେ ବେପରୁଆ ଭାବେ ଗାଡ଼ି ଚାଳନା କରୁଛନ୍ତି। ତେଣୁ ମୋ ବସ୍ ଦ୍ୱାରା ଦୁର୍ଘଟଣା ରୋକିବା ପାଇଁ ଗାଡ଼ିରେ ସ୍ପିଡ୍ ଗଭର୍ନର ଲଗାଯିବ ବୋଲି ବୁଧବାର ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଏହାସହ ମୋ ବସ୍‌ର ସ୍ପିଡ୍ ଘଣ୍ଟା ପ୍ରତି ୪୦କିଲୋମିଟରରୁ ଅଧିକ ରହିବ ନାହିଁ।

### ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

ଯେଉଁ ବସ୍‌ଗୁଡ଼ିକ ସହର ବାହାରକୁ ଯାଉଛି, ତାହାର ସ୍ପିଡ୍ ୫୦ ରହିବ। ଏହି ନିର୍ଦ୍ଦେଶକୁ ପାଳନ କରିବା ପାଇଁ ଅଧିକାରୀମାନଙ୍କୁ କହିବା ସହ ଯଥାଶୀଘ୍ର ଲାଗୁ କରିବାକୁ କୁହାଯାଇଛି। ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହିତ ନିୟମିତ ବ୍ୟବଧାନରେ ବସ୍‌ଗୁଡ଼ିକ ଯାଞ୍ଚ କରାଯିବ। ବସ୍ ଚାଳକଙ୍କ ଲାଇସେନ୍ସ ଚେକିଂ ହେବ। ଯିଏ ଲାଇସେନ୍ସ ଆଣିଥିବେ, ସେମାନେ ଗାଡ଼ିରେ ଚଢ଼ିବେ। ଏହାଛଡ଼ା ବସ୍‌ରେ ବସିବା ପୂର୍ବରୁ କର୍ମଚାରୀମାନେ ମଦ ପିଇଛନ୍ତି କି ନାହିଁ, ତାହାର ଯାଞ୍ଚ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାନୁସାରେ ଗତ ୨ ତାରିଖରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପେଟ୍ରୋଲ ପମ୍ପ ନିକଟରେ ଜଣେ ଯୁବତୀ ରାସ୍ତାପାର ହେଉଥିବାବେଳେ ଦ୍ରୁତଗତିରେ ଆସୁଥିବା ଏକ ମୋ ବସ୍ ତାଙ୍କୁ ପ୍ରଥମେ ଧକ୍କା ଦେବା ସହ ତାଙ୍କ ବାମ ହାତରେ ମାଡ଼ି ଯାଇଥିଲା। ଏପରି କି ଜଣେ ବାଇକ୍ ଆରୋହୀଙ୍କୁ ମଧ୍ୟ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏନେଇ ଉତ୍ତ୍ୟକ୍ତ ଲୋକେ ନନ୍ଦନକାନନ- ଜୟଦେବ ବିହାର ରାସ୍ତାରେ ୧୫ ଟି ମୋ ବସ୍‌କୁ ଅଟକ ରଖି ରାସ୍ତା ଅବରୋଧ କରିବାରୁ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ସେହିଭଳି ଗତ ଅକ୍ଟୋବର ୨୯ରେ କଟକ ନେତାଜୀ ବସ୍ ଟର୍ମିନାଲରେ ମୋ ବସ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ସେପ୍ଟେମ୍ବର ୨୫ରେ ନନ୍ଦନକାନନ ରଘୁନାଥପୁରରେ ମୋ ବସ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ମଧ୍ୟ ଘଟିଥିଲା। ସେହିପରି ଗତ ଏପ୍ରିଲ ୪ରେ ଖୋର୍ଦ୍ଧା ନିକଟରେ ମୋ ବସ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ନାଳକୁ ଖସି ପଡ଼ିଥିଲା। ଏଥିରେ ୨୫ ଜଣ ଯାତ୍ରୀ ଆହତ ହୋଇଥିଲେ।

### ଆମ୍ବଟାକୁଆ ଜାଉ ଖାଇ ୨ ମୃତ ଘଟଣା

## ମାଣ୍ଡିପଙ୍କାରେ ତଦନ୍ତ କଲେ ଆର୍‌ଡିସି

ଦାରିଙ୍ଗବାଡି,୬।୧୧ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଗଦାପୁର ପଞ୍ଚାୟତ ମାଣ୍ଡିପଙ୍କା ଗ୍ରାମରେ ଆମ୍ବଟାକୁଆ ଜାଉ ଖାଇ ୨ ଜଣଙ୍କ ମୃତ୍ୟୁ ଘଟିବା ଏବଂ ୬ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଘଟଣାର ବୁଧବାର ଆରଡିସି ତଦନ୍ତ କରିଛନ୍ତି। ଦକ୍ଷିଣାଞ୍ଚଳ ଆରଡିସି ରୁପା ରୋଶନ ସାହୁ ମାଣ୍ଡିପଙ୍କା ଗ୍ରାମରେ ପହଞ୍ଚି ମୃତକ ଏବଂ ଗୁରୁତରଙ୍କ ପରିବାର ଲୋକଙ୍କୁ ଭେଟି ପଚରାଉଚରା କରିଛନ୍ତି। ପୁଣି ଆସନ୍ତା ୧୧ରେ ସେ ମାଣ୍ଡିପଙ୍କା ତଦନ୍ତ ପାଇଁ ଆସିବେ। ତଦନ୍ତ ରିପୋର୍ଟ ଗଣମାଧ୍ୟମକୁ ଅବଗତ କରିବେ ବୋଲି କହିଛନ୍ତି। ସେଠାରୁ ଫେରି ଆରଡିସି ସାହୁ ପିଡିଏସ ଚାଉଳ ବଣ୍ଟନ କରାଯାଉଥିବା ବ୍ରାହ୍ମଣୀଗାଁ ବହୁମୁଖୀ ସମବାୟ ସମିତିରେ


ଆରଡିସି ରୁପା ରୋଶନ ସାହୁ ମାଣ୍ଡିପଙ୍କାରେ ତଦନ୍ତ କରୁଛନ୍ତି।

ପହଞ୍ଚି ତଦନ୍ତ କରିଥିଲେ। ସେଠାକାର ପରିବେଶ ଦେଖି ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ସମୟରେ କନ୍ଧମାଳ ଜିଲାପାଳ ଅମ୍ରିତ ଋତୁରାଜ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ଘଟଣା ଘଟିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଗୁରୁତର ସହ ନେଇ ଏହାର ଆରଡିସି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ବୁଧବାର ଆରଡିସି ସାହୁ ଏହାର ତଦନ୍ତ କରିଛନ୍ତି। ୩ଦିନ ତଳେ ଜିଲାପାଳ ମଧ୍ୟ ମାଣ୍ଡିପଙ୍କା ଗ୍ରାମ ପରିଦର୍ଶନ କରି ମୃତକ ଓ ଗୁରୁତରଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ଗ୍ରାମବାସୀଙ୍କ ସହ ଗ୍ରାମର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ଆମ୍ବଟାକୁଆ ଜାଉ ଖାଇ ଗୁରୁତର ହୋଇ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧୀନ ଥିବା ୬ଜଣଙ୍କ ମଧ୍ୟରୁ ୨ଜଣ ମହିଳା ଜିତା ମାଝୀ ଏବଂ ଚୁନି ମାଝୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକସ୍ଥିତ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ଦୁଇଦିନ ତଳେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏସିସିବିରେ ପହଞ୍ଚି ଉଭୟଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ସେମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ଡାକ୍ତର ଓ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ୮୬୦ ଉଚ୍ଚ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଋଣ ମିଳିବ: ଧର୍ମେନ୍ଦ୍ର

ଭୁବନେଶ୍ୱର,୬।୧୧(ସୁନିତ୍ ମିଶ୍ର)

ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନାଲ ର୍‍ୟାଙ୍କିଂ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ଆଧାରରେ ଦେଶର ଶ୍ରେଷ୍ଠ ୮୬୦ ଉଚ୍ଚ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରଧାନମନ୍ତ୍ରୀ ବିଦ୍ୟାଲକ୍ଷ୍ମୀ ଅଧୀନରେ ଶିକ୍ଷା ଋଣ ପ୍ରଦାନ କରାଯିବ। ଏଥିରେ ପ୍ରତିବର୍ଷ ୨୨ ଲକ୍ଷରୁ ଅଧିକ ପିଲା ସାମିଲ ହେବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ମୋଟ ୩,୬୦୦ କୋଟି ଟଙ୍କା ବ୍ୟୟରେ ପିଏମ୍ ବିଦ୍ୟାଲକ୍ଷ୍ମୀ ଯୋଜନାକୁ ମଞ୍ଜୁର ମିଳିଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ ଏହି ଯୋଜନାକୁ ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି।

ଧର୍ମେନ୍ଦ୍ର ଏନେଇ ଏକ୍ସ ଜରିଆରେ କହିଛନ୍ତି, ଭାରତର ପ୍ରତିଭାବାନ୍ ଯୁବତୀଯୁବକଙ୍କ ପାଇଁ ଏକବିଂଶ ଶତାବ୍ଦୀର ସାର୍ବଜନୀନ ଉଚ୍ଚଶିକ୍ଷା ଉପଲବ୍ଧି କରାଇବା ପ୍ରଧାନମନ୍ତ୍ରୀଙ୍କ ଗ୍ୟାରେଣ୍ଟି। ୩,୬୦୦ କୋଟି ଟଙ୍କା ବ୍ୟୟରେ ପିଏମ୍ ବିଦ୍ୟାଲକ୍ଷ୍ମୀକୁ ମଞ୍ଜୁର ଦେବା ଦ୍ୱାରା ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂରହେବ ଏବଂ ଆମ ଯୁବଶକ୍ତି ସେମାନଙ୍କ ସ୍ୱପ୍ନ ପୂରଣ କରିବାରେ ସକ୍ଷମ ହେବେ। ପିଏମ୍ ବିଦ୍ୟାଲକ୍ଷ୍ମୀ ଅଧୀନରେ ବିନା ବନ୍ଧକ ଏବଂ ଗ୍ୟାରେଣ୍ଟରରେ ମାଗଣା ଶିକ୍ଷା ଋଣ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚଶିକ୍ଷାର ସୁବିଧାକୁ ଅଧିକରୁ ଅଧିକ ଉପଲବ୍ଧ କରାଇବ। ଆର୍ଥିକ ଅଭାବ ଅନଟନ ମଧ୍ୟରେ ଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଗ୍ରହଣ କରିବାରେ କୌଣସି ବାଧା ସୃଷ୍ଟି କରିବ ନାହିଁ। ବାର୍ଷିକ ୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାରିବାରିକ ଆୟ ଥିବା ଛାତ୍ରୀଛାତ୍ର ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷା ଋଣ ଉପରେ ୩% ସୁଧ ରିହାତି ପାଇବାକୁ ଯୋଗ୍ୟ ବିବେଚିତ ହେବେ। ୭.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ରାଶି ପାଇଁ ଭାରତ ସରକାର ୭୫% କ୍ରେଡିଟ୍ ଗ୍ୟାରେଣ୍ଟି ପ୍ରଦାନ କରିବେ, ଯାହା ବ୍ୟାଙ୍କଗୁଡ଼ିକୁ ସେମାନଙ୍କ ନେଟ୍‌ୱର୍କ ବିସ୍ତାର କରିବାରେ ସାହାଯ୍ୟ କରିବ। ସ୍ୱଚ୍ଛ, ପାରଦର୍ଶୀ, ବିଦ୍ୟାର୍ଥୀ ସହଯୋଗୀ ଏବଂ ଡିଜିଟାଲ ଆପ୍ଲିକେଶନ ପ୍ରକ୍ରିୟା ମାଧ୍ୟମରେ ସମସ୍ତ ବ୍ୟାଙ୍କ ଦ୍ୱାରା ଶିକ୍ଷା ଋଣ ପ୍ରଦାନ କରାଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଭଗବତ୍ ପ୍ରେମର ଅବ୍ୟବହିତ ନିମ୍ନ ଦେଶରେ ରହିଛି ମଣିଷ ଭିତରେ ଭଗବାନଙ୍କୁ ଭଲ ପାଇବା। ଏଠାରେ ହିଁ ଲାଭ ହୁଏ ବହୁତ୍ୱର ଆନନ୍ଦ। ... ଭଗବତ ପ୍ରେମ ଓ ସର୍ବଭୂତରେ ଦୟାଭାବ ହେଲା ପୂର୍ଣ୍ଣଜ୍ଞାନର ପ୍ରଥମ ସୋପାନ। -ଶ୍ରୀଅରବିନ୍ଦ



# ଦୁଇ ବୈଦିକ ବିଦ୍ୱାନ୍



ଦେବଦତ୍ତ ପଟ୍ଟନାୟକ

ହିନ୍ଦୁ ପୁରାଣ ଅନୁଯାୟୀ, ବେଦକୁ ମହିଳା ଏବଂ ନୀଚଜାତି ନିକଟରେ ପହଞ୍ଚାଇବା ପାଇଁ ସାଧୁମାନେ କାହାଣୀସବୁ କହିଥିଲେ, ଯାହା ପଞ୍ଚମ ବେଦ ଭାବେ ପରିଚିତ। ଏହି ପଞ୍ଚମ ବେଦରେ ମହାଭାରତ, ରାମାୟଣ ଏବଂ ବହୁ ଲିଖିତ ପୁରାଣ ରହିଛି। ରାମାୟଣରେ ୨ ଜଣ ବୈଦିକ ବିଦ୍ୱାନ୍ ଅଛନ୍ତି। ସେମାନେ ସଂସ୍କୃତରେ ପାଣ୍ଡିତ୍ୟ ଅର୍ଜନ କରିଛନ୍ତି। ପ୍ରଥମ ଜଣକ ହେଉଛନ୍ତି ଜଣେ ପ୍ରବାସୀ ବ୍ରାହ୍ମଣଙ୍କ ପୁଅ ରାବଣ, ଯିଏ ଥିଲେ ଜଙ୍ଗଲ ରକ୍ଷକ( ରାକ୍ଷସ)। ରାବଣ ଥିଲେ ଲଙ୍କାର ରାଜା ଏବଂ ସେ ସୀତାଙ୍କୁ ରାମଙ୍କଠାରୁ ଅଲଗା କରିଛନ୍ତି। ଦ୍ୱିତୀୟ ଜଣକ ହେଉଛନ୍ତି ହନୁମାନ। ସେ ଜଙ୍ଗଲ ନିବାସୀ (ବନ-ନର)। ହନୁମାନ ହେଉଛନ୍ତି ମାଙ୍କଡ଼-ରାଜାଙ୍କର ସେବକ ଏବଂ ସେ ସୀତା ଏବଂ ରାମଙ୍କୁ ଏକାଠି କରିବାରେ ସାହାଯ୍ୟ କରିଛନ୍ତି। ବାଲ୍ମୀକି ଏକ ବିଷୟକୁ ସଂଯୋଜିତ କରିବା ସକାଶେ ଏହି ଚରିତ୍ରଗୁଡ଼ିକୁ ଯତ୍ନର ସହ ଉପସ୍ଥାପନ କରିଥିଲେ । ସଂସ୍କୃତ କିମ୍ବା ବେଦର ଜ୍ଞାନ ଜଣଙ୍କୁ ଜ୍ଞାନୀ କରିବା ପାଇଁ ଯଥେଷ୍ଟ ନୁହେଁ । କାହାଣୀଗୁଡ଼ିକରେ ଅନେକ ଉପମା ବ୍ୟବହାର ହୋଇଛି। ଧାରଣାଗୁଡ଼ିକ କାହାଣୀ ରୂପ ନେଇଛି। ବିଚାରଗୁଡ଼ିକ ଚରିତ୍ର ଏପରିକି ଦୃଷ୍ଟିକୋଣରେ ରୂପାନ୍ତରିତ ହୋଇଛି। ଜଙ୍ଗଲ ହେଉଛି ଏମିତି ଏକ ଦୁନିଆ ଯେଉଁଠାରେ କେହି କାହାର ଯତ୍ନ ନିଅନ୍ତି ନାହିଁ: ତୁମେ ସେଠି ଜିତିବ ଏବଂ ହାରିବ। ଗୋଟିଏ ସ୍ଥାନରେ ରହି ନିଜେ ଖାଇ ଖୁଆଇବା ପାଇଁ ଜମି ଚାଷ କରୁ । ଜମି ହଳ କରିବା ସମୟରେ ସୀତାଙ୍କ ଆବିର୍ଭାବ ହୋଇଥିଲା। ଏହା ଭୌତିକ ବାସ୍ତବତା(ପ୍ରକୃତି) ର ସର୍ବୋତ୍ତମ ଅମଳର ଉଦାହରଣ। ରାମ ହେଉଛନ୍ତି ସ୍ୱର୍ଗୀୟ ଉପହାର ଓ ମନସ୍ତାତ୍ତ୍ୱିକ ବାସ୍ତବତା (ପୁରଷ) ର ସର୍ବୋତ୍ତମ ଦୃଷ୍ଟାନ୍ତ। ସୀତା ହେଉଛନ୍ତି 'ଖାଦ୍ୟ'ର ପ୍ରତୀକ ଯାହାକୁ ଆମେ ଅତ୍ୟଧିକ ଚାହିଁଥାଉ। ରାମ ହେଉଛନ୍ତି 'ଜ୍ଞାନ'ର ପ୍ରତୀକ ଯାହା ଆମକୁ ସନ୍ତୋଷ ଦିଏ। ଯେତେବେଳେ ଦୁଇଜଣ ଅଲଗା ହୁଅନ୍ତି, ସେତେବେଳେ ଆମକୁ କ୍ଷୁଧା ଗ୍ରାସ କରେ। ଯେତେବେଳେ ଦୁଇଜଣ ଏକତ୍ର ହୁଅନ୍ତି, ସେତେବେଳେ ଆମ ମନରେ ଅନ୍ୟ କ୍ଷୁଧାର୍ତ୍ତଙ୍କ ପାଇଁ ସହାନୁଭୂତି ଆସେ। ସୀତାଙ୍କୁ ରାମଙ୍କଠାରୁ ଅଲଗା କରିଥିବା ରାବଣଙ୍କର ଧନ, ଶକ୍ତି ଏବଂ ଜ୍ଞାନ ଅଛି, କିନ୍ତୁ ସେ ସନ୍ତୁଷ୍ଟ ନୁହନ୍ତି। ସୀତା ଏବଂ ରାମଙ୍କୁ ଏକତ୍ର କରୁଥିବା ହନୁମାନ ଏତେ ସନ୍ତୁଷ୍ଟ ଯେ ଧନ, ଶକ୍ତି ଏବଂ ଜ୍ଞାନ ପାଇଁ ବି ତାଙ୍କର ଇଚ୍ଛା ନାହିଁ ।

ହନୁମାନ ଏବଂ ରାବଣ ବିଷୟରେ ଆଉ ଏକ କାହାଣୀ ଅଛି, ଯାହା ପୁରାଣ ସାହିତ୍ୟର ପରବର୍ତ୍ତୀ ସମୟରେ ଆସିଛି। କହାଣିଟି ଏହିପରି- ପ୍ରତିଦିନ ରାବଣ ଦକ୍ଷିଣ ସମୁଦ୍ର ମଝିରେ ଅବସ୍ଥିତ ତାଙ୍କ ଦ୍ୱୀପ ଲଙ୍କାରୁ ଉତ୍ତରରେ ଥିବା କୈଳାସ ପର୍ବତକୁ ଯାଇ ଶକ୍ତି(ମାତା ପାର୍ବତୀ)ଙ୍କୁ ଶିବ ବୁଝାଉଥିବା ବେଦ ଶୁଣନ୍ତି। ଦିନେ ରାବଣ ବୈଦିକ ମନ୍ତ୍ର ଜପରେ ବାଦ୍ୟ ବଜାଇଥିଲେ। ଏହା ଶିବଙ୍କୁ ପ୍ରଭାବିତ କରିଥିଲା ଏବଂ ସେ ରାବଣଙ୍କ ଋଣ ପରିଶୋଧ କରିବାକୁ ତୁରନ୍ତ ତାଙ୍କୁ ଏକ ବର ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ରାବଣ କହିଲା, 'ମୁଁ ତୁମକୁ ଲଙ୍କା ନେଇପାରେ କି? ଯାହାଫଳରେ ମୋତେ ପ୍ରତିଦିନ ଉତ୍ତରଦିଗକୁ ଯାତ୍ରା କରିବାକୁ ପଡ଼ିବ ନାହିଁ''। ଶିବ ଏଥିରେ ରାଜି ହେଲେ। ଏହା ପରେ ରାବଣ ନିଜର ନିଷ୍ଠୁର ଶକ୍ତି ବ୍ୟବହାର କରି କୈଳାସ ପର୍ବତକୁ ଭୂମିରୁ ଉଠାଇ ନେଇ ଦକ୍ଷିଣକୁ ଚାଲିଲେ। ରାବଣ ବିରାଟ ପର୍ବତକୁ ଦକ୍ଷିଣ ଦିଗକୁ ନେବା ଦେଖି ସମସ୍ତେ ଭୟଭୀତ ହେଲେ। ଶିବ ଆଶ୍ଚର୍ଯ୍ୟ ହୋଇଗଲେ। ମା'ଶକ୍ତି କ୍ରୋଧିତ ହୋଇ କହିଲେ, ସେ ବେଦର ସାରାଂଶକୁ ଭଲ ଭାବେ ବୁଝି ନାହିଁ, ଯାହା କରୁଛି ତାହା ଭୁଲ କି ଠିକ ତାହା କେମିତି ବୁଝି ପାରିବ ସେଥିପାଇଁ କିଛି କର। ତେଣୁ ଶିବ ପର୍ବତର ଚଟାଣକୁ ଗୋଡ଼ର ବୃଦ୍ଧା ଅଙ୍ଗୁଳିରେ ଆଘାତ କଲେ। ଏଥିରେ ଏପରି ଶକ୍ତି ଥିଲା ଯେ ଏହାର ଚାପରେ ରାବଣ ଦୁର୍ବଳ ହୋଇ ଶେଷରେ ପର୍ବତ ତଳେ ଚାପି ହୋଇଗଲା। ରାବଣ ନିଜର ଧୃଷ୍ଟତା ପାଇଁ କ୍ଷମା ମାଗିଲେ ଏବଂ ମୁକ୍ତି ଦେବାକୁ ଅନୁରୋଧ କରିଥିଲେ। କୈଳାସ ପର୍ବତ ତଳେ ରାବଣ ଚାପି ହୋଇ ରହିଥିବା ଏବଂ ତାହା ଉପରେ ଶିବଶକ୍ତି ବସିଥିବା ଛବି ଶିବ ପୁରାଣର ସବୁଠୁ ପୁରୁଣା। ସପ୍ତମ ଶତାବ୍ଦୀର ଏହି ଛବି ବା ମୂର୍ତ୍ତି ଓଡିଶା, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକରେ ଦେଖିବାକୁ ମିଳେ। ଏଗୁଡିକ ସେ ସମୟରେ ରାଜାମାନଙ୍କ ଦ୍ୱାରା କରାଯାଇଥିଲା ଯେଉଁମାନେ ପାଶୁପତ ସଂସ୍କୃତିର ପୃଷ୍ଠପୋଷକ ଥିଲେ।



ଶିବ କାହିଁକି ତାଙ୍କ ଉପରେ ରାଗିଗଲେ ତାକୁ ନେଇ ରାବଣ ଦ୍ୱନ୍ଦ୍ୱରେ ପଡ଼ିଥିଲେ। କିମ୍ବଦନ୍ତୀ ଅନୁଯାୟୀ, ଶିବ କହିଲେ,''ତୁମେ ଲଙ୍କାକୁ ଫେରିଯାଅ। ମୁଁ ନିଜେ ସେଠାରେ ତୁମକୁ ଦେଖା କରିବି। ଆଶା କରେ ତୁମେ ସେତେବେଳେ ମୋତେ ଚିହ୍ନିବ।'' ଶିବ ବହୁ ବର୍ଷ ପରେ ହନୁମାନ ରୂପରେ ରାବଣକୁ ଦର୍ଶନ ଦେଇଥିଲେ। କିନ୍ତୁ ରାବଣ ତାଙ୍କୁ ଚିହ୍ନି ପାରିଲା ନାହିଁ। ବରଂ ବଗିଚାରୁ ଫଳ ଚୋରି କରିଥିବା ଏକ ମାଙ୍କଡ଼ ଭାବେ ଦେଖିଲେ, ଯିଏ ସଂସ୍କୃତ ଜାଣିଥିଲେ। ରାବଣଙ୍କ ଆଖି ସହ ଆଖି ମିଳାଇ ହନୁମାନ ସିଧାସଳଖ କଥା ହୋଇଥିଲା। ରାବଣ କହିଲେ, ତୁମେ ମୋର ବଗିଚାରୁ ଫଳ ଚୋରି କରିବାକୁ କିପରି ସାହସ କରୁଛ ? ହନୁମାନ ଉତ୍ତର ଦେଲେ, କିନ୍ତୁ ତୁମେ ଅନ୍ୟ ପୁରୁଷର ସ୍ତ୍ରୀ ଚୋରି କରୁ ନାହଁ କି? ଏହି ଭଳି କାହାଣୀଗୁଡିକ ବିତର୍କକୁ ଆମନ୍ତ୍ରଣ କରେ। ପଶୁ ଓ ମଣିଷ ମଧ୍ୟରେ କି ପ୍ରଭେଦ ରହିଛି ? ଜଣେ ବନବାସୀ(ବାନର) ଓ ବୈଦିକ ବିଦ୍ୱାନ (ରାବଣ)ଙ୍କ ମଧ୍ୟରେ କେଉଁ ପାର୍ଥକ୍ୟ ରହିଛି ? ପଶୁମାନଙ୍କର ସମ୍ପତ୍ତି ନାହିଁ। ଜଙ୍ଗଲରେ ଜୋର ଯାର ମୂଲକ ତାର। ସେଠାରେ କୌଣସି ଚୋର ନାହାନ୍ତି । ଚୋରି ହେଉଛି ଏକ ମାନବୀୟ ଧାରଣା ଯାହା ସାମାଜିକ ସ୍ତରରେ ସମ୍ପତ୍ତିକୁ ନେଇ ସୃଷ୍ଟି। ଅନ୍ୟ ବୈଦିକ ପଣ୍ଡିତ ରାବଣଙ୍କୁ ଅନ୍ୟ ଜଣେ ବୈଦିକ ପଣ୍ଡିତ ସଂସ୍କୃତରେ ଚ୍ୟାଲେଞ୍ଜ କରିଛନ୍ତି। କିନ୍ତୁ ଏବେ ରାମାୟଣକୁ ଏହିଭଳି ଭାବେ ଦେଖିବାକୁ ଆମକୁ ବୈଦିକ ବିଶେଷଜ୍ଞମାନେ ଶିଖାଇ ନାହାନ୍ତି।

ଐତିହାସିକମାନେ ହିନ୍ଦୁ କାହାଣୀଗୁଡ଼ିକର ଉତ୍କୃଷ୍ଟ ବ୍ୟାଖ୍ୟାକୁ ପ୍ରତ୍ୟାଖ୍ୟାନ କରନ୍ତି। ସେମାନେ ସବୁକିଛି ରାଜନୈତିକ ଦୃଷ୍ଟିରେ ଦେଖନ୍ତି ଏବଂ ବର୍ଣ୍ଣଗତ, ଜାତୀୟତାବାଦୀ ତଥା ଜାତି ପ୍ରଥାକୁ ପସନ୍ଦ କରନ୍ତି । ତେଣୁ ବୌଦ୍ଧ ଧର୍ମକୁ ଧ୍ୱଂସ କରିବା ପାଇଁ ପଞ୍ଚମ ବେଦ ଏକ ବ୍ରାହ୍ମଣୀୟ ପ୍ରଚାର ସାଧନରେ ପରିଣତ ହେଲା, ଯାହାର ଲକ୍ଷ୍ୟ ଥିଲା ବୌଦ୍ଧ ଧର୍ମକୁ ଧ୍ୱଂସ କରିବା ଏବଂ ଜାତିଗତ ପ୍ରାଧାନ୍ୟ ପ୍ରତିଷ୍ଠା କରିବା ସହ ଦକ୍ଷିଣରେ ଆର୍ଯ୍ୟଙ୍କ ପ୍ରଭୁତ୍ୱ ବିସ୍ତାର କରିବା। ଅନ୍ୟମାନେ ଏହାକୁ ଏକ ଗୋଷ୍ଠୀଭିତ୍ତିକ କାହାଣୀ ଭାବରେ ଦେଖନ୍ତି ଯାହା ଶିବ ଭକ୍ତ ରାବଣ ଉପରେ ବିଷ୍ଣୁ (ରାମ)ଙ୍କ ପ୍ରାଧାନ୍ୟ ପ୍ରତିପାଦିତ କରେ। ରାଜନେତାମାନେ ରାବଣଙ୍କୁ ହିନ୍ଦୁ ମହିଳାଙ୍କୁ ଚୋରି କରୁଥିବା ଜଣେ ଆକ୍ରମଣକାରୀ ଭାବରେ ଦେଖନ୍ତି। ସେମାନଙ୍କ ପ୍ରତିପକ୍ଷମାନେ ଯୁକ୍ତି କରନ୍ତି ଯେ ରାବଣ ଦ୍ରାବିଡ଼ଙ୍କର ଜଣେ ରକ୍ଷକ ଥିଲେ। ତେବେ କାହାଣୀଗୁଡିକୁ ନେଇ ସୃଷ୍ଟି ହୋଇଥିବା ପଞ୍ଚମ ବେଦକୁ ପଣ୍ଡିତମାନେ ଅଣଦେଖା କରିଛନ୍ତି। ଜ୍ଞାନ ବା ବେଦ କିପରି ପଶୁଙ୍କୁ ମଣିଷରେ ପରିଣତ କରେ ତାହା ଏହି କାହାଣୀଗୁଡ଼ିକ ବ୍ୟାଖ୍ୟା କରିବାକୁ ଉଦ୍ଦିଷ୍ଟ।

-devduttofficial@gmail.com

# ଆନନ୍ଦ ଅନ୍ୱେଷଣରେ



ଅନୀତା ପଟ୍ଟନାୟକ

ଗୋଟିଏ ଫୁଲ ବଗିଚାରେ ଅନେକ ରଙ୍ଗର ବିଭିନ୍ନ ପ୍ରକାରର ଫୁଲ ଫୁଟିଥାଏ। ଗୋଲାପ, ଲିଲି, ସୂର୍ଯ୍ୟମୁଖୀ, ଚମ୍ପା ଏହିପରି ଅନେକ ଫୁଲର ବାସ୍ନାରେ ବଗିଚାଟି ହସିଉଠୁଥିଲା। ଦିନେ ଗୋଲାପ ଫୁଲଟିଏ ସୂର୍ଯ୍ୟମୁଖୀ ଫୁଲକୁ କହିଲା ଜାଣିବା ଅର୍ଥ ବଞ୍ଚିବା। ବଞ୍ଚୁଛୁ ଅର୍ଥ ଜାଣୁଛୁ। ବଞ୍ଚିବା ପାଇଁ ଯାହା ଜାଣୁଛୁ ତାହା ଜ୍ଞାନ। ମଣିଷ ଆମଠାରୁ ଅଧିକ ଦିନ ବଞ୍ଚେ ଓ ନିଜେ ସିଧା ହେବା ପାଇଁ ଶିକ୍ଷାଲାଭ କରେ। ସୂଚନା ମଣିଷ ଭିତରେ ପରିବର୍ତ୍ତନ ଆଣେ। ବୁଝାଇବା, ଉଦାହରଣ, ଦୈନନ୍ଦିନ ଜୀବନ ପ୍ରଣାଳୀ ମନୁଷ୍ୟକୁ ତା'ର ଜୀବନର ଲକ୍ଷ୍ୟଆଡ଼କୁ ବାଟ ଦେଖାଇଥାଏ। ସେ ଆମଠାରୁ ଅଧିକ ଦିନ ବଞ୍ଚିଥିଲେ ମଧ ତା'ର ଲକ୍ଷ୍ୟଆଡ଼କୁ ପାଦ ବଢ଼ାଇପାରି ନ ଥାଏ।

ସୂର୍ଯ୍ୟମୁଖୀ ଫୁଲ କହିଲା ମଣିଷର ଜନ୍ମ, ମୃତ୍ୟୁ ଅଛି। ଯେପରି ଫୁଲମାନେ ପ୍ରସ୍ଫୁଟିତ ହୁଅନ୍ତି ଓ ମଉଳି ଯାଆନ୍ତି। ଭଗବାନ୍ ଜ୍ଞାନଠାରୁ ଅଧିକ ଦିବ୍ୟଜ୍ଞାନ ପାଇବା ମନୁଷ୍ୟକୁ ଦେଇଛନ୍ତି, କିନ୍ତୁ କି ଦୁଃଖର ବିଷୟ ଯେ ଆମ ଫୁଲମାନଙ୍କର ଆଧାତ୍ମିକ ଜଗତକୁ ନିଜେ ନିଜେ ଯାତ୍ରା କରିବାର ଆଦୌ ସୁଯୋଗ ନାହିଁ। ମନୁଷ୍ୟ ଆମ୍ଭମାନଙ୍କୁ ତୋଳିନେଇ ଠାକୁରଙ୍କ ପାଦ ବା ମସ୍ତକରେ ଦେଲେ ହିଁ ଆମେ ପୂର୍ଣ୍ଣତା ଲାଭ କରିଥାଉ। ଲିଲି ଫୁଲଟି କହିଲା, ଥରେ ମତେ ମନୁଷ୍ୟ ତୋଳି ନେଇ ଜଣେ ସାଧୁଙ୍କ ଗଳାରେ ପିନ୍ଧାଇ ଦେଇଥିଲା। ସେ କହିଥିଲେ ମନୁଷ୍ୟର ଚିନ୍ତାଶୂନ୍ୟ ମନ ହିଁ ତାକୁ ମୁକ୍ତିର ଦ୍ୱାରଦେଶକୁ ନିଏ। ଜଣେ ବ୍ୟକ୍ତି ସାଧୁଙ୍କୁ ପଚାରିଥିଲା ସଂସାରୀ ପାଇଁ ଏହା କ'ଣ ସମ୍ଭବ? ସାଧୁ ଉକ୍ତ ବ୍ୟକ୍ତିକୁ କହିଲେ, ତୋତେ ମୁଁ ସଂସାର ତ୍ୟାଗ କରିବାକୁ କହୁନାହିଁ। ଜୀବନରେ ସଚେତନତା ଆଣିବାକୁ କହୁଛି, ଯାହା ପ୍ରକୃତି ସହିତ ସମନ୍ୱୟ ଆଣିବ। ତୋତେ ମାନବୀୟ ମୂଲ୍ୟବୋଧକୁ ଉଦ୍‌ଘାଟିତ କରିବାକୁ ହେବ। ସ୍ୱାର୍ଥପରତାକୁ ଜଳାଞ୍ଜଳି ଦେଇ ସାମୂହିକ ଉନ୍ନତିର ବୀଜ ରୋପଣ କରିବାକୁ ହେବ। ମାନବତ୍ୱରୁ ଦିବ୍ୟତ୍ୱକୁ ଯିବା ପାଇଁ ଏହା ଏକମାତ୍ର ଉପାୟ।

ରଜନୀଗନ୍ଧା ଫୁଲ କହିଲା, ସେଦିନ ସଭାରେ ମୁଁ ବି ଥିଲି। ସାଧୁ କହିଥିଲେ, କ୍ରାନ୍ତି ଅର୍ଥ ପରିବର୍ତ୍ତନ। ସଂକ୍ରାନ୍ତି ଏକ ସମୟ, ଯାହାକି ମନୁଷ୍ୟକୁ ତା'ର ଅଭ୍ୟାସ ଓ ଚିନ୍ତାଧାରା ଏବଂ ଚାଲିଚଳନରେ ପରିବର୍ତ୍ତନ ଆଣିବା ପାଇଁ ସୁଯୋଗ ଦିଏ। ଚମ୍ପାଫୁଲ ଏକଥା ଶୁଣି କହିଲା, କି ଦୁଃଖର ବିଷୟ, ଭଗବାନ୍ ଆମକୁ କ୍ଷଣସ୍ଥାୟୀ କରିଛନ୍ତି। ଚଳତ୍‌ଶକ୍ତି ଦେଇନାହାନ୍ତି। ଶିକ୍ଷାଲାଭ କରିବାର ସୁଯୋଗ ଆମର ନାହିଁ କିନ୍ତୁ ଆମେ ସମସ୍ତଙ୍କୁ ସୁଗନ୍ଧ ଓ ଆନନ୍ଦ ପ୍ରଦାନ କରୁଛୁ। ମନୁଷ୍ୟକୁ ସବୁ ଦିଆଯାଇଥିଲେ ମଧ୍ୟ ବ୍ୟସ୍ତ ମାନବ ଆଧାତ୍ମିକ ଓ ପାର୍ଥିବ ଜଗତ ମଧ୍ୟରେ ସମନ୍ୱୟ ରକ୍ଷା କରିପାରୁନାହିଁ। ମଣିଷ ଏ ବଗିଚାକୁ ଆସି କ୍ଷଣିକ ଆନନ୍ଦ ଅନୁସନ୍ଧାନ କରେ, କାର୍ଯ୍ୟରେ ସଫଳତା ଓ ଦୈନନ୍ଦିନ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରି କ୍ଷଣିକ ଆନନ୍ଦ ଖୋଜେ।

ଟଗର ଫୁଲଟି କହିଲା, ଆନନ୍ଦ କୌଣସି ବଜାରରେ ମିଳେ ନାହିଁ ବା କାରଖାନାରେ ତିଆରି କୌଣସି ବସ୍ତୁ ନୁହେଁ। ଅନ୍ଧ ଚଷମାଟିଏ ଲଗାଇ ଦେଖିବାକୁ ଚେଷ୍ଟା କଲାଭଳି ମନୁଷ୍ୟ ଆନନ୍ଦକୁ ନିଜ ଭିତରେ ନ ଖୋଜି ବାହାରେ ଖୋଜେ। ଏହି ସମୟରେ ବଗିଚାର ମାଳି ଅଳିଆ ଡବାରେ ବଗିଚାର ଅଳିଆସବୁ ଗୋଟାଇ ଏକାଠି କଲା। ଅଳିଆ ଡବାଟି ବଗିଚାରେ ରହି ଫୁଲମାନଙ୍କର କଥୋପକଥନ ଶୁଣୁଥିଲା। ସେ କହିଲା ମଣିଷ ମୂଲ୍ୟହୀନ କାମନା, ଅଦରକାରୀ ଶତ୍ରୁତା, କୌଣସି କାରଣ ନ ଥାଇ ଅସୂୟାଭାବ, ଅସ୍ୱାସ୍ଥ୍ୟକର ପ୍ରତିଯୋଗିତାରେ ନିଜର ମନକୁ ଭରିରଖିଛି, ଯେତେବେଳେ ସେ ଉପଲବ୍ଧି କରୁଛି ଯେ ସେ ତୁଚ୍ଛ ବୋଝ ମୁଣ୍ଡାଇଛି। ସେ ତାକୁ ଫିଙ୍ଗିଦେବାକୁ ଚେଷ୍ଟା କରେ। ତା'ର ମୁଣ୍ଡଟା ମୋର ଅଳିଆରଖା ପାତ୍ର ପରି ହୋଇଯାଏ। ମାଳି ମୋ ଭିତରେ ଥିବା ଅଳିଆକୁ ଫିଙ୍ଗିଦେବା ପରେ ମୁଁ ସଫା ହୋଇଯାଏ। ସେହିପରି ମନୁଷ୍ୟ ତା'ର କାମନା, ବାସନାରୂପକ ଅଳିଆକୁ ଫିଙ୍ଗିଦେଇପାରିଲେ ଆତ୍ମଜ୍ଞାନୀ ଓ ଆନନ୍ଦ ପାଇପାରିବ। ବୁଦ୍ଧ ସେଥିପାଇଁ କହିଥିଲେ କାମନାର ବିନାଶରେ ଦୁଃଖର ବିନାଶ।

ଅବସରପ୍ରାପ୍ତ ପ୍ରାଧାପିକା, ସିଡିଏ, କଟକ,
ମୋ: ୯୬୯୨୯୮୦୦୨୬

## ଏଇ ଭାରତରେ

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ 'ଜୟ ଜବାନ, ଜୟ କିଷାନ' ଧ୍ୱନିର ମହତ୍ତ୍ୱକୁ ଉପଲବ୍ଧି କରିଛନ୍ତି ପଞ୍ଜାବର ପୂର୍ବତନ ସେନା ଅଧିକାରୀ ହରିଶ ଚନ୍ଦ୍ର ସିଂ। ସେ ସେନାରେ ନିଜର ଦାୟିତ୍ୱ ଶେଷ କରିବା ପରେ କୃଷିରେ ଲାଗିଛନ୍ତି। ହରିଶ ସିଂ ୨୦୧୫ରେ ସେନାର କର୍ନେଲ ପଦବୀରୁ ଅବସର ନେବା ପରେ ସୁପର ଫୁଡ୍ ଚାଷ କରିବା ଲାଗି ନିଷ୍ପତ୍ତି ନେଇଥିଲେ ଓ ସେଥିରେ ସଫଳ ହୋଇ ଏବେ ବର୍ଷକୁ ୧୧ ଲକ୍ଷ ଟଙ୍କା ରୋଜଗାର କରିପାରୁଛନ୍ତି। ସେ ପ୍ରଥମେ ପାଖାପାଖି ୧ ଏକର ଜମିରେ ଚିଆସିଡ୍ ଚାଷ ଆରମ୍ଭ କରିଥିଲେ। ସେଥିରେ ୧୫,୦୦୦ ଟଙ୍କା ଖଟାଇ ୧ ଲକ୍ଷ ଟଙ୍କା ପାଇଥିଲେ। ପରେ ସେ ଚିଆସିଡ୍ ସହିତ ଏବେ ପ୍ରାୟ ୪ ଏକର ଜମିରେ ଡ୍ରାଗନଫ୍ରୁଟ୍ସ ଓ ପର୍ପଲ ପଟାଟୋ ଚାଷ କରୁଛନ୍ତି। ଏହିସବୁ ସୁପରଫୁଡ୍ ବେଶି ବିଦେଶରୁ ଆସୁଥିବାରୁ ଆମ ଦେଶରେ ଏହାକୁ କିଭଳି ଅଧିକ ଅମଳ କରାଯାଇପାରିବ ସେଥିପାଇଁ ଯୁବବର୍ଗଙ୍କୁ ଏହି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୭ ନଭେମ୍ବର ୧୯୭୫

- ପର୍ଯ୍ୟଟନର ବିକାଶ ପାଇଁ ପୁରୀ ସମୁଦ୍ର କୂଳଠାରୁ କୋଣାର୍କ ପର୍ଯ୍ୟନ୍ତ ଯାଇଥିବା ମେରାଇନ ଡ୍ରାଇଭ ବା ବେଳାପଥ ରାସ୍ତା ଲାଗି କେନ୍ଦ୍ର ସରକାର ୧ କୋଟି ୧୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- ବାଂଲାଦେଶ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଏ.ଏମ୍. ସାୟେମ ବାଂଲାଦେଶର ନୂତନ ରାଷ୍ଟ୍ରପତି ରୂପେ ଶପଥ ଗ୍ରହଣ କରିଛନ୍ତି।
- ଆମେରିକା ରାଷ୍ଟ୍ରପତି ଜେରାଲ୍ଡ ଡୋନାଲ୍ଡ ଉମସଫିମ୍‌ଡଙ୍କୁ ନୂଆ ପ୍ରତିରକ୍ଷା ମନ୍ତ୍ରୀ ରୂପେ ନିଯୁକ୍ତ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | | | | | |
| 5 | | 4 | | | | 3 | | |
| | | | 4 | | 5 | 6 | 9 | |
| | | | 1 | | 8 | 7 | 3 | |
| | | | | 3 | | | | |
| | | 2 | | 7 | | | 5 | |
| | | | | | 9 | | | |
| | 5 | | | 2 | 3 | 8 | | |
| 8 | | | | | 7 | 9 | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 9 | 1 | 8 | 7 | 2 | 6 | 3 |
| 6 | 2 | 7 | 3 | 4 | 5 | 8 | 1 | 9 |
| 8 | 3 | 1 | 2 | 6 | 9 | 5 | 4 | 7 |
| 1 | 8 | 5 | 9 | 3 | 4 | 6 | 7 | 2 |
| 3 | 6 | 4 | 7 | 1 | 2 | 9 | 8 | 5 |
| 9 | 7 | 2 | 8 | 5 | 6 | 4 | 3 | 1 |
| 7 | 1 | 6 | 5 | 2 | 8 | 3 | 9 | 4 |
| 2 | 9 | 8 | 4 | 7 | 3 | 1 | 5 | 6 |
| 5 | 4 | 3 | 6 | 9 | 1 | 7 | 2 | 8 |

ଗତକାଲିର ଉତ୍ତର

# ଲକ୍ଷ୍ୟହୀନ ଯୋଜନା



ହରିଶଙ୍କର ମିଶ୍ର

୧୯୮୦ରୁ ଆମ ଦେଶରେ ଗରିବଙ୍କ ଅର୍ଥନୈତିକ ଉନ୍ନତି ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଶତାଧିକ ଗୋଷ୍ଠୀଗତ ଓ ବ୍ୟକ୍ତିଗତ ସହାୟତା ଯୋଜନା ହୋଇସାରିଛି। ଯୋଜନା ଆରମ୍ଭରୁ ଏ ପର୍ଯ୍ୟନ୍ତ କରାଯାଇଥିବା ସମସ୍ତ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ହିତାଧିକାରୀଙ୍କ ସଂଖ୍ୟାକୁ ଯଦି ମିଶ୍ରଣ କରାଯାଏ, ତେବେ ତାହା ଦେଶ ଲୋକସଂଖ୍ୟାର ବହୁଗୁଣିତ ହୋଇଯିବ ଏଥିରେ ସାମାନ୍ୟ ସନ୍ଦେହ ନାହିଁ। କିନ୍ତୁ ପୂର୍ବ ପ୍ରଚଳିତ ସମସ୍ତ ଯୋଜନାକୁ ଯଦି ଅନୁଶୀଳନ କରାଯାଏ, ତେବେ ଏହା ନିଶ୍ଚିତ ହେବ ଯେ ସମସ୍ତ ଯୋଜନା କେବଳ ରାଜନୈତିକ ଦଲାଲ, ଦାପ୍ତରିକ ଦୁର୍ନୀତି ଓ ଅସାଧୁ ହିତାଧିକାରୀଙ୍କ କୌଣସି ଯୋଜନା ସଫଳ ହୋଇନାହିଁ। କିନ୍ତୁ ସରକାର ବଦଳିବା ପରେ ସେଇ ଯୋଜନାଗୁଡ଼ିକର ବିଫଳତା କାରଣ ତର୍ଜମା କରାନଯାଇ ନୂଆ ନାମରେ ଅନୁରୂପ ଯୋଜନା ପ୍ରଚଳିତ ହୋଇଛି। ଫଳତଃ ଦୀର୍ଘ ଚାରି ଦଶନ୍ଧି ପରେ ମଧ ଦାରିଦ୍ର୍ୟ କମିବା ପରିବର୍ତ୍ତେ ଏବେବି ଆକଳନ ହୋଇଥିବା ଦେଶର ୧୩୦ ଲୋକଙ୍କ ମଧ୍ୟରୁ ୭୫ କୋଟିରୁ ଅଧିକ (୫୮%) ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଦର୍ଶାଯାଇ ସେମାନଙ୍କୁ ମାଗଣା ମୁଣ୍ଡ ପିଛା ମାସିକ ୫ କିଲୋଗ୍ରାମ ଚାଉଳ ବା ଗହମ ଦିଆଯାଉଛି। ତେଣୁ ରାଜନୈତିକ ଦଳ ଓ ନିର୍ବାଚିତ ସରକାରଙ୍କର ଗରିବଙ୍କ ପ୍ରତି ଥିବା ଦରଦ ଏବଂ ଦେଶକୁ ଦାରିଦ୍ର୍ୟରୁ ମୁକ୍ତି ପାଇଁ ବାଚନିକ ପ୍ରତିବଦ୍ଧତା ପ୍ରଚାର ସର୍ବସ୍ୱ ହୋଇଛି । ଏହା ସତ୍ୟ ଯେ, ପାଞ୍ଚ ବର୍ଷରେ ହେଉଥିବା ଗଣତାନ୍ତ୍ରିକ ପଦ୍ଧତିରେ ଲୋକପ୍ରତିନିଧି ନିର୍ବାଚନରେ ଦେଶ ବା ରାଜ୍ୟର ସିଂହଭାଗ ତଥାକଥିତ ଗରିବମାନେ ହୋଇଥିବାରୁ ଏବଂ ସେମାନଙ୍କର ଭୋଟ ବେଳେ କିଛି ପାଇବାର ମାନସିକତା ରହୁଥିବାରୁ ତା'ର ସୁଯୋଗ ରାଜନୈତିକ ଦଳ ନେଉଛନ୍ତି। ନିର୍ବାଚନ ପରେ ସେଇ ଗରିବମାନଙ୍କ ପାଇଁ ଗରିବମାନଙ୍କ ମାଧ୍ୟମରେ ଓ ଗରିବମାନଙ୍କ ଦ୍ୱାହି ଦେଇ ଦେଶର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରୁଛନ୍ତି, ଯଦ୍ୱାରା ଦେଶର ବୈଦେଶିକ ଋଣ ପରିମାଣ ବୃଦ୍ଧି ହୋଇ ଚାଲିଛି।

ଆମ ରାଜ୍ୟର ଚିତ୍ର ଆହୁରି ବିକଳ। ଦୀର୍ଘ ଚବିଶ ବର୍ଷ ଗୋଟିଏ ଆଞ୍ଚଳିକ ରାଜନୈତିକ ଦଳ ଶାସନ କ୍ଷମତାରେ ଥିଲେ। ଏହି ଅବଧିରେ ରାଜ୍ୟ ଲୋକସଂଖ୍ୟାର ଦୁଇଗୁଣରୁ ଅଧିକ ଲୋକଙ୍କ ପାଇଁ ବିବିଧ ମାଗଣା ଯୋଜନାରେ ସାମିଲ କରିବା ଯୋଗୁ ଜଣେ ବ୍ୟକ୍ତି ଏକାଧିକ ମାଗଣା ଯୋଜନା ଉପଭୋଗ କରୁଛନ୍ତି। ରାଜ୍ୟର ଦାରିଦ୍ର୍ୟ ଦଶ ଶତାଂଶକୁ ହ୍ରାସ କରିଥିବାର ଡିଣ୍ଡିମ ପିଟୁଥିବା ସରକାର ରାଜ୍ୟ ଲୋକସଂଖ୍ୟାର ଅଶୀ ଶତାଂଶ ଅର୍ଥାତ୍ ତିନି କୋଟି ଚାଳିଶ ଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଦାବି କରି କେନ୍ଦ୍ରରୁ ମାଗଣା ଚାଉଳ ବ୍ୟବସ୍ଥା କରିଥିଲେ, ଯାହାକି ଏବେ ବି ଚାଲୁରହିଛି। ରାଜ୍ୟରେ ସର୍ବାଧିକ ସମୟ ଶାସନ ଦାୟିତ୍ୱରେ ଥିବା ସରକାର ରାଜ୍ୟର ପ୍ରାକୃତିକ ସମ୍ବଳ ଏବଂ କେନ୍ଦ୍ରୀୟ ଅନୁଦାନ ଠିକ ବାଟରେ ଉପଯୋଗ କରିଥିଲେ ରାଜ୍ୟ ଯଥେଷ୍ଟ ଆଗୁଆ ହୋଇଥା'ନ୍ତା। କିନ୍ତୁ କ୍ଷମତା ଲାଭ ପାଇଁ ମାଗଣା ଯୋଜନା ଓ ଅର୍ଥ ଲାଳସାରେ ପ୍ରାକୃତିକ ସମ୍ପଦର ଅପଚୟ ସହ ନିର୍ମାଣ ନାମରେ ନିମ୍ନମାନର କାର୍ଯ୍ୟ ତାଙ୍କର ଧ୍ୟେୟ ହୋଇଗଲା। କିନ୍ତୁ ଶେଷରେ ଅହଂକାରର ଧୃଷ୍ଟତା ତାଙ୍କୁ କ୍ଷମତାଚ୍ୟୁତ କରାଇଲା।

ଏବେ ସୁଭଦ୍ରା ଯୋଜନା ସମ୍ପର୍କରେ ଆଲୋଚନାରେ ଏହା ସ୍ପଷ୍ଟ ହୁଏ ଯେ, ଏଥିରେ ଆନ୍ତରିକତା କମ୍ ଓ ବାଧବାଧକତା ଅଧିକ। କାରଣ ଏହି ଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ପଚାଶ ହଜାର ଟଙ୍କା ଦେବାର ନିର୍ବାଚନ ପ୍ରତିଶ୍ରୁତି ଥିଲା। ମହାଭାରତ ଯୁଦ୍ଧରେ ଯୁଧିଷ୍ଠିର ଦ୍ରୋଣଙ୍କୁ ତାଙ୍କର ପୁତ୍ର ଅଶ୍ୱତ୍ଥାମାଙ୍କ ମୃତ୍ୟୁ ସମ୍ପର୍କରେ ''ଅଶ୍ୱତ୍ଥାମା ମୃତ୍ୟୁ ସତ୍ୟ, ନରେ ବା କୁଞ୍ଜରେ'' ସୂଚିତ କଲା ପରି ନିର୍ବାଚନ ପରେ ଏହାକୁ ପାଞ୍ଚ ବର୍ଷରେ ଦିଆଯିବାର ବାର୍ତ୍ତା ପ୍ରଚାର ହେଲା। ଏହି ଅର୍ଥ ଏକୋଇଶ ବର୍ଷରୁ ଷାଠିଏ ବର୍ଷ ବୟସ୍କ ପ୍ରତି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଓ ହିତାଧିକାରୀଙ୍କ ସଂଖ୍ୟା ମଧ ୧ କୋଟିରୁ ଅଧିକ ବୋଲି ତଥ୍ୟ ପ୍ରକାଶ ପାଇଛି। ପ୍ରଥମ କିସ୍ତିରେ ୫ ହଜାର ଟଙ୍କା ଦିଆଯାଇଥିଲେ ହିତାଧିକାରୀଙ୍କ ଚୟନ ସମ୍ପୂର୍ଣ୍ଣ ହୋଇନାହିଁ। କିନ୍ତୁ ଏହି ଅର୍ଥ କେଉଁ ଉଦ୍ଦେଶ୍ୟରେ ଦିଆଯାଉଛି ଓ ହିତାଧିକାରୀ କିଭଳି ଉପକୃତ ହେଉଛନ୍ତି, ତା'ର କୌଣସି ସର୍ତ୍ତ ହିତାଧିକାରୀଙ୍କୁ ଅଜ୍ଞାତ ଥିବା ମନେହୁଏ। ଯଦି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଏହି ଯୋଜନାର ଲକ୍ଷ୍ୟ ଥାଏ, ତା'ର ନିର୍ଦ୍ଦିଷ୍ଟ ରୂପରେଖ ସାର୍ବଜନୀନ କରିବା ଆବଶ୍ୟକ ଥିଲା। ପୂର୍ବ ସରକାର ମହିଳାମାନଙ୍କର ଯେଉଁ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନର ଶ୍ରେୟ ନେଉଥିଲେ ଏବଂ ସେମାନଙ୍କ ଦ୍ୱାରା ରାଜନୈତିକ ସଫଳତା ପାଉଥିଲେ, ତାହା ସମ୍ପୂର୍ଣ୍ଣ କେନ୍ଦ୍ରୀୟ ଯୋଜନା ହୋଇଥିବା ବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ତା'ର ପରିକଳ୍ପନା କରିଥିଲେ। ରାଜ୍ୟ ସରକାର ସେମାନଙ୍କୁ ମାଗଣା ମୋବାଇଲ ଫୋନ, ବ୍ୟାଙ୍କରଣ ଏବଂ ସ୍କୁଟି ଯୋଜନାରେ ଅନ୍ତର୍ଭୁକ୍ତ କରିଥିଲେ। ରାଜ୍ୟର ନୂଆ ସରକାର ଚାହିଁଥିଲେ ତାହାକୁ ଅଧିକ କ୍ରିୟାଶୀଳ କରାଇ ପାରିଥାନ୍ତେ। କିନ୍ତୁ ଏହି ସୁଭଦ୍ରା ଯୋଜନାରେ ଦେଇଥିବା ଅର୍ଥ ଅବିବାହିତା ଝିଅଙ୍କୁ ମଧ୍ୟ ମିଳୁଥିବାରୁ ଏହାର ଉଦ୍ଦେଶ୍ୟ ଓ ବିନିଯୋଗ ନିଶ୍ଚିତ ପ୍ରଶ୍ନବାଚୀ ସୃଷ୍ଟି କରୁଛି।



ସୂଚନାଯୋଗ୍ୟ ଯେ, ୧୯୮୮ରେ ଅନୁରୂପ ଅସହାୟ ସହାୟତା ନାମରେ ଗରିବ ନିରାଶ୍ରୟା ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଯୋଜନା ପ୍ରଚଳିତ ହୋଇଥିଲା। ସେତେବେଳେ ହିତାଧିକାରୀ ଚୟନ କରାଯାଇ ଚୁଡ଼ା ମୁଢ଼ି ବା ଚା ଜଳଖିଆ ଦୋକାନ ପାଇଁ ୭୫୦ ଟଙ୍କା ଲେଖାଏ ଦିଆଯାଇଥିଲା। ତତ୍କାଳୀନ ୭୫୦ ଟଙ୍କା ଏବେକାର ମୂଲ୍ୟସୂଚୀରେ ତିରିଶ ହଜାର ଟଙ୍କାରୁ କମ୍ ହୋଇନପାରେ। କିନ୍ତୁ ତାହା ମଧ ବ୍ୟକ୍ତିଗତ ଖର୍ଚ୍ଚରେ ବିନିଯୋଗ ହୋଇଥିଲା। କେବଳ କ୍ଷମତା ଲାଭରେ ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବରେ ଦେଶର ବହୁ ଲକ୍ଷ କୋଟି ଟଙ୍କାକୁ ଏଭଳି ବ୍ୟୟ କରି ଜନପ୍ରିୟ ମାନସିକତା ନିଶ୍ଚିତ ଭବିଷ୍ୟତରେ ସେମାନଙ୍କୁ କଳଙ୍କିତ ଶାସକ ଭାବରେ ଅଭିହିତ କରାଇବ। ଏବେ ସୁଭଦ୍ରା ଯୋଜନାରେ ପ୍ରତିବର୍ଷ ଦଶ ହଜାର କୋଟିରୁ ଅଧିକ ଟଙ୍କା ହିତାଧିକାରୀଙ୍କୁ ଦିଆଯିବ। ଏହା କେବେ ବି ସେମାନଙ୍କୁ ଆର୍ଥିକ ନିର୍ଭରଶୀଳ କରାଇବ ନାହିଁ। ଏଠାରେ ନୋବେଲ ବିଜେତା ଆମେରିକାର ଲେଖକ ଜନ୍ ଷ୍ଟେନ୍‌ବେକ୍‌ଙ୍କ ଭାଷାରେ, ''ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ମାତ୍ରାଧିକ କ୍ଷମତାଲୋଭ ହିଁ ଭ୍ରଷ୍ଟ ବ୍ୟବସ୍ଥାର ଜନକ।'' ଅଧିବକ୍ତା ଅଶ୍ୱିନୀ ଉପାଧ୍ୟାୟଙ୍କ ଏକ ଯାଚିକା ବିଚାର କରି ସର୍ବୋଚ୍ଚ ନ୍ୟାୟାଳୟ ୨୦୨୨ରେ ମତ ଦେଇଥିଲେ ଯେ, ଲାଞ୍ଚ ଦେବା ନେବା ଯେପରି ଏକ ଅପରାଧ ; ଠିକ୍ ସେହିପରି ରାଜନୈତିକ ଦଳଙ୍କ ଦ୍ୱାରା ମାଗଣା ବଣ୍ଟନ ବା ପ୍ରତିଶ୍ରୁତି ପୂର୍ବକ ଭୋଟ ହାତେଇବା ଏକ ପ୍ରକାର ଲାଞ୍ଚ ପ୍ରକ୍ରିୟା, ଯାହାକି ଜନପ୍ରତିନିଧି ଆଇନର ବିରୁଦ୍ଧାଚରଣ କରୁଥିବାରୁ ଅପରାଧ ପର୍ଯ୍ୟାୟଭୁକ୍ତ। କିନ୍ତୁ ଏହାର ନିରାକରଣ ପାଇଁ କେନ୍ଦ୍ରକୁ ପରାମର୍ଶ ମାଗିଥିଲେ ବି ତାହା ବୋଧହୁଏ ପରିପାଳନ ହୋଇନାହିଁ। ତେଣୁ ଏହି ପ୍ରକ୍ରିୟାର କେବେ ଶେଷ ହେବ, ତାହା ବିଚାର କରିବା ପାଇଁ ବୁଦ୍ଧିଜୀବୀମାନେ ସ୍ୱର ଉତ୍ତୋଳନ କରିବା ଜରୁରୀ ନୁହେଁ କି?

୧୧୩, ଗୁଣ୍ଡିଚା ବିହାର, ପୁରୀ-୨
ମୋ: ୭୯୭୮୭୮୫୪୭୮

## ଚିରନ୍ତନୀ

ଥେ ପଥେ ରୂପେ ରୂପେ
ରୂପର ବିଳାସ,
ଫେରିଆସେ ବାର ବାର
ସେହି ମଧୁମାସ।
-(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିକାଶରେ ବାଧକ

ମହାଶୟ,

ପ୍ରଧାନମନ୍ତ୍ରୀ ଚଳିତ ବର୍ଷ ପ୍ରାରମ୍ଭରେ ମାଗଣା ଚାଉଳ ବଣ୍ଟନ ପ୍ରକ୍ରିୟା ଆହୁରି ୫ ବର୍ଷ ଚାଲୁ ରହିବ ବୋଲି ଘୋଷଣା କରିବା ନିର୍ବାଚନରେ ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ଅଭିପ୍ରେତ ଥିଲା। ତେବେ ଭାରତ ସ୍ୱାଧୀନତା ଲାଭର ୭୭ ବର୍ଷ ଅତିକ୍ରାନ୍ତ ହୋଇ ଆଜାଦି କା ଅମୃତ ମହୋତ୍ସବ ପାଳନ କରୁଥିବାବେଳେ ଭାରତ ତା'ର ସମୁଦାୟ ଜନସଂଖ୍ୟା ୧୪୦ କୋଟିରୁ ୮୧ କୋଟି ଏହି ଯୋଜନାରେ ଦାରିଦ୍ର୍ୟ ସୀମାରେଖା ତଳେ ଥାଇ ଉପକୃତ ହେଉଛନ୍ତି। ଭାରତରେ ଦାରିଦ୍ର୍ୟର ଏପରି ଦୟନୀୟ ସ୍ଥିତି ଆନ୍ତର୍ଜାତିକ ସ୍ତରରେ ଚର୍ଚ୍ଚାର ବିଷୟ ହୋଇଛି। ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ କେତେକ ନିର୍ବାଚନ ସଭାରେ ମତ ରଖିଥିଲେ ଯେ ଏହି ମାଗଣା ଅନ୍ନ ଯୋଜନାରେ ପ୍ରାୟ ୨୫ କୋଟି ଲୋକ ଆର୍ଥିକ ଉନ୍ନତି ଯୋଗୁ ଦାରିଦ୍ର୍ୟ ସୀମାରେଖା ଟପି ଯାଇଛନ୍ତି। ତେଣୁ ଆଶା କରାଯାଉଥିଲା ଯେ, ପ୍ରଧାନମନ୍ତ୍ରୀ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୮୦ କୋଟିରୁ ୨୫ କୋଟି ବାଦ ଦେଇ ନିଜ ଉକ୍ତିର ଯଥାର୍ଥତା ପ୍ରତିପାଦନ କରିବେ। ଫଳରେ ଏହି ଯୋଜନାର ସଫଳତା ଦେଶବାସୀଙ୍କୁ ଆଶ୍ୱସ୍ତ କରିବ। କିନ୍ତୁ ବର୍ତ୍ତମାନର ଘୋଷଣାରେ ପୁଣି ସେହି ୮୦ କୋଟି ଆର୍ଥିକ ଦୁର୍ଗତଗ୍ରସ୍ତଙ୍କୁ ମାଗଣା ଚାଉଳ ସାହାଯ୍ୟ ନୈରାଶ୍ୟ ସୃଷ୍ଟି କରିଛି। ଦେଶବାସୀ ସ୍ୱାବଲମ୍ବୀ ନ ହେଲେ ବିକାଶର ଧାରା ବାଧାପ୍ରାପ୍ତ ହେବ। ଭୋକିଲାଙ୍କୁ ଜୀବନଧାରଣ ନିମନ୍ତେ ଖାଇବାକୁ ଦେବା ରାଷ୍ଟ୍ରର ପ୍ରଥମ କର୍ତ୍ତବ୍ୟ। ଏପରି ପରିସ୍ଥିତିରେ ଦେଶର ପ୍ରଗତି ପଥରେ ଦାରିଦ୍ର୍ୟ ଅନ୍ତରାୟ ସୃଷ୍ଟି କରୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

-ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭିଜିଲାନ୍ସ ଜାଲରେ ଇଡ୍‌କୋ ଜୁନିୟର ମ୍ୟାନେଜର

ଭୁବନେଶ୍ୱର,୬।୧୧
(ସତ୍ୟଜିତ୍ ରାଉତ)



ବିଜୟ କୁମାର ଉଦୟସିଂ

## ଖୋର୍ଦ୍ଧା, ପୁରୀ ଜିଲାର ୬ ସ୍ଥାନରେ ଚଢ଼ାଉ

- ଭୁବନେଶ୍ୱର, ପୁରୀରେ ୩ ବହୁମୂଲ୍ୟ ଫ୍ଲାଟ୍
- ବ୍ୟାଙ୍କ, ଜୀବନବୀମା ଜମା ୫୫.୫୦ ଲକ୍ଷ, ଘରୁ ମିଳିଲା ୪.୫୦ ଲକ୍ଷ ନଗଦ
- ସୁନା ଅଳଙ୍କାର, ଘରୋଇ ଉପକରଣ ୨୯ ଲକ୍ଷ

ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆଉଜଣେ କୋଟିପତି ସରକାରୀ ବାବୁ। ସେ ହେଲେ ଇଣ୍ଡଷ୍ଟ୍ରିଆଲ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭ୍‌ଲପମେଣ୍ଟ କୋର୍ପୋରେଶନ୍(ଇଡ୍‌କୋ), ବିସିଡି-ଆଇଆଇ ଜୁନିୟର ମ୍ୟାନେଜର (ସିଭିଲ୍) ବିଜୟ କୁମାର ଉଦୟସିଂ। ବୁଧବାର ଭିଜିଲାନ୍ସ ନିର୍ଦ୍ଦେଶାଳୟର ୬ଟି ଟିମ୍ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବିଜୟଙ୍କ ଘର ସମେତ ଖୋର୍ଦ୍ଧା ଓ ପୁରୀ ଜିଲାର ୬ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଚଢ଼ାଉ କରାଯାଇଥିବା ସ୍ଥାନ ମଧ୍ୟରେ ଭୁବନେଶ୍ୱରସ୍ଥିତ ଇଡ୍‌କୋ ଅଫିସରେ ଥିବା ଚାମ୍ବର, ସାମନ୍ତରାପୁରସ୍ଥିତ ସମ୍ପର୍କୀୟଙ୍କ ଘର, ଖୋର୍ଦ୍ଧା ଜଙ୍କିଆ ଥାନା ଅନ୍ତର୍ଗତ ମୁଣ୍ଡାଆମ୍ବ ଗାଁସ୍ଥିତ ପୈତୃକ ଘର ଏବଂ ସେହି ଗାଁରେ ଥିବା ଏକ କ୍ରଶର୍ ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟ ପକ୍ଷରୁ ଜାରି ହୋଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ହେଉଛି। ଏହି ଯାଞ୍ଚରେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ୮ଜଣ ଡିଏସ୍‌ପି, ୮ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ତେବେ ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଅଧିକାରୀମାନେ ବିଜୟଙ୍କ ବିପୁଳ ସମ୍ପତ୍ତି ପାଇଥିବା ଜଣାପଡ଼ିଛି।

ଭିଜିଲାନ୍ସର ସୂଚନା ଅନୁଯାୟୀ, ବିଜୟଙ୍କ ଭୁବନେଶ୍ୱର ରାଜାରାଣୀ ମୌଜାର ଆର୍ଯ୍ୟ ବିହାରସ୍ଥିତ ଖାତା ନଂ.୧୮୯, ପ୍ଲଟ୍ ନଂ.୫୦୪ରେ ୭ ହଜାର ୫୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ୩.୨୨ କୋଟି ଟଙ୍କାର ଏକ ୪ ମହଲା ବିଶିଷ୍ଟ ଆଲିଶାନ୍ କୋଠା ଠାବ ହୋଇଛି। ସେହିପରି ପୁରୀ ଜିଲା ବାଲୁଖଣ୍ଡ ମୌଜାସ୍ଥିତ ଏକ ଆପାର୍ଟମେଣ୍ଟରେ ଗୋଟିଏ ଫ୍ଲାଟ୍ ସହ ଖୋର୍ଦ୍ଧା ଓ ଭୁବନେଶ୍ୱରର ମୁଖ୍ୟ ଅଞ୍ଚଳରେ ବହୁମୂଲ୍ୟର ୩ଟି ପ୍ଲଟ୍ ଠାବ ହୋଇଛି। ଏହି ପ୍ଲଟ୍‌ଗୁଡ଼ିକ ମଧ୍ୟରେ ଭୁବନେଶ୍ୱରରେ ୨ ଓ ଖୋର୍ଦ୍ଧାରେ ଗୋଟିଏ ରହିଛି। ଫ୍ଲାଟ୍ ଓ କୋଠାର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ୱିଙ୍ଗ୍ ପ୍ରୟାସ ଜାରି ରଖିଛି। ବିଜୟଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୫୫ ଲକ୍ଷ ୫୦ ହଜାର ୯୧୬ ଟଙ୍କା ରହିଥିବାବେଳେ ଘରୁ ୪ ଲକ୍ଷ ୫୦ ହଜାର ଟଙ୍କା, ଗୋଟିଏ ଚାରି ଚକିଆ ଯାନ (ଫୋର୍ଡ ଇକୋ ସ୍ପୋର୍ଟସ), ୩ଟି ୨ ଚକିଆ ଯାନ ଏବଂ ୨୯ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ ଘରୋଇ ସାମଗ୍ରୀ ଠାବ ହୋଇଛି। ଭିଜିଲାନ୍ସ ଟିମ୍ ବିଜୟଙ୍କୁ ତାଙ୍କ ବିପୁଳ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ଯାଞ୍ଚ ସରିବା ପରେ ଏହି ସମ୍ପତ୍ତିର ପରିମାଣ ଆହୁରି ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।



ଆର୍ଯ୍ୟ ବିହାରସ୍ଥିତ ୪ ମହଲା କୋଠା।



ସେନ୍‌ସର ଲାଗିଥିବା ଗେଟ୍

### ରିମୋଟ୍ ଚିପିଲେ ଗେଟ୍ ଖୋଲେ, କବାଟ-ଲକର ପାଇଁ ପାସ୍‌ୱାର୍ଡ

ଭୁବନେଶ୍ୱର ଆର୍ଯ୍ୟ ବିହାରସ୍ଥିତ ବିଜୟଙ୍କ ୪ ମହଲା ବିଶିଷ୍ଟ କୋଠାକୁ ଦେଖି ଭିଜିଲାନ୍ସ ତଟକା ହୋଇଛି। ଘର ପରିସର ଲନ୍‌ରେ ଲାଗିଛି ଆକର୍ଷଣୀୟ ଲାଇଟ୍। ବାବୁଙ୍କ କୋଠା ଭିତରେ ଆକର୍ଷଣୀୟ ସାଜସଜ୍ଜା ହେବା ସହ ବହୁ ବିଦେଶୀ ଉପକରଣ ମଧ୍ୟ ଲଗାଯାଇଛି। କୋଠାର ପ୍ରବେଶ ଦ୍ୱାରରେ ଇଲେକ୍ଟ୍ରୋନିକ୍ ସେନ୍‌ସର୍ ଗେଟ୍ ଲାଗିଛି। ରିମୋଟ୍ ଜରିଆରେ ସୁଇଚ୍ ଚିପିଲେ ହିଁ ଏହି ଗେଟ୍ ଖୋଲିଥାଏ। ବିଜୟ ତାଙ୍କ କବାଟ ଓ ଲକର ପାଇଁ ମଧ୍ୟ ଅତ୍ୟାଧୁନିକ ଶୈଳୀରେ ପ୍ରସ୍ତୁତ କରିଛନ୍ତି। ପାସ୍‌ୱାର୍ଡ ଦେଲେ ହିଁ ଏହି କବାଟ ଓ ଲକର ଖୋଲିବ। ସେହିପରି ବିଜୟ ତାଙ୍କ ଛାତ ଉପରେ ୱାଟର୍ ସପ୍ଲାଇ ବ୍ୟବସ୍ଥା ମଧ୍ୟ ବହୁ ଉନ୍ନତମାନର କରିଥିବା ଦେଖିବାକୁ ମିଳିଛି। କୋଠା ଭିତରେ ମୋଟ ୧୨ଟି ଏସି ସହ ୩୨ଟି ଫ୍ୟାନ୍ ସହ ଅନ୍ୟାନ୍ୟ ଆକର୍ଷଣୀୟ ଫର୍ନିଚର୍ ସାମଗ୍ରୀ ରହିଛି।

# ଶୋଇଥିବା ବେଳେ ମା' ଝିଅ ଜୀବନ୍ତ ଦଗ୍ଧ

## ଭାଇ ବିରୋଧରେ ହତ୍ୟା ଅଭିଯୋଗ ଆଣିଲେ ସାନ ଭଉଣୀ

ସମ୍ବଲପୁର, ୬।୧୧
(ପ୍ରମୋଦ ବହିଦାର)

ଘରେ ଶୋଇଥିବା ବେଳେ ନିଆଁ ଲାଗି ମା' ଓ ଝିଅ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା ମଙ୍ଗଳବାର ରାତିରେ ସମ୍ବଲପୁର ସଦର ଥାନା ତଥା ମାନେଶ୍ୱର ବ୍ଲକ ହାଟପଦା ଗ୍ରାମରେ ଘଟିଛି। ମୃତା ହେଉଛନ୍ତି ସ୍ନେହଲତା ଦୀକ୍ଷିତ(୯୫) ଓ ତାଙ୍କ ଝିଅ ସୈରେନ୍ଦ୍ରୀ ଦୀକ୍ଷିତ(୬୨)। କେଉଁ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ହେଲେ ମୃତାଙ୍କ ସାନଝିଅ ଇନ୍ଦ୍ରାଣୀ ପୁରୋହିତ ଏହା ଦୁର୍ଘଟଣା ନୁହେଁ ବରଂ ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ତାଙ୍କ ବଡ଼ଭାଇ ଜଗନ୍ନାଥ ହିଁ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ବୋଲି ସେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ସଦର ଥାନା ପୋଲିସ ଜଗନ୍ନାଥ ଓ ତାଙ୍କ ପୁଅଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏ ନେଇ ସଦର ଥାନାରେ ଏକ ହତ୍ୟା ମାମଲା (ନଂ.୨୯୬/୨୪)ରୁଜୁ ହୋଇଛି। ସନ୍ଧ୍ୟାରେ ବ୍ୟବଚ୍ଛେଦ ପରେ ପୋଲିସ ମା' ଝିଅଙ୍କ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସଦର ଏସ୍‌ଡିପିଓ ତୋଫାନ ବାଗଙ୍କ ସୂଚନା ଅନୁସାରେ, ମଙ୍ଗଳବାର ବିଳମ୍ବିତ ରାତିରେ ସ୍ନେହଲତା ଓ ସୈରେନ୍ଦ୍ରୀ ରହୁଥିବା କୋଠାର ଉପର ମହଲାରେ ନିଆଁ ଲାଗିଯାଇଥିବା ନେଇ ତାଙ୍କ ପଡ଼ୋଶୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ନିଆଁରେ ପୋଡ଼ି ହୋଇ ମା' ଓ ଝିଅଙ୍କର ମୃତ୍ୟୁ ଘଟିସାରିଥିଲା। ବୁଧବାର ସକାଳେ ଫରେନସିକ ଦଳ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲା।

ପ୍ରକାଶ ଯେ, ସ୍ନେହଲତା ଓ ସୈରେନ୍ଦ୍ରୀ ମାନେଶ୍ୱର ହାଟପଦାରେ ଥିବା ତାଙ୍କ ଦୁଇ ମହଲା ବିଶିଷ୍ଟ କୋଠାର ଉପର ମହଲାରେ ରହୁଥିଲେ। ତଳ ମହଲାରେ ସ୍ନେହଲତାଙ୍କ ଏକମାତ୍ର ପୁତ୍ର ଜଗନ୍ନାଥ ପରିବାର ସହିତ ରହୁଥିଲେ। ସ୍ନେହଲତା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତା ହୋଇ ଶଯ୍ୟାଶାୟୀ ଥିଲେ। ଅବିବାହିତା ସୈରେନ୍ଦ୍ରୀ ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ। ସେ ମା'ଙ୍କ ପାଖରେ ରହି ତାଙ୍କ ସେବା ଶୁଶ୍ରୂଷା କରୁଥିଲେ। ଜମିବାଡ଼ିକୁ ନେଇ ଜଗନ୍ନାଥଙ୍କ ସହ ସ୍ନେହଲତା ଓ ସୈରେନ୍ଦ୍ରୀଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ତେଣୁ ମା' ଓ ଭଉଣୀଙ୍କୁ ରାସ୍ତାରୁ ହଟାଇବା ପାଇଁ ବଡଭାଇ ଜଗନ୍ନାଥ ଏପରି କରି ଥାଇପାରନ୍ତି ବୋଲି ଇନ୍ଦ୍ରାଣୀ ଅଭିଯୋଗ କରିଛନ୍ତି। ଇନ୍ଦ୍ରାଣୀଙ୍କ ଅଭିଯୋଗକୁ ଜଗନ୍ନାଥ ଖଣ୍ଡନ କରିଛନ୍ତି।




Aditya Birla Finance Ltd. ADITYA BIRLA CAPITAL FINANCE

Regd Office: Indian Rayon Compound, Veraval, Gujarat - 362 266 | (T) +91 22 43567100 | (Toll free) 1800 270 7000 | CIN: U65990GJ1991PLC064603 | https://finance.adityabirlacapital.com

**ବିଜ୍ଞପ୍ତି**

ଏତଦ୍ୱାରା ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି 31 ଜାନୁଆରୀ 2025 ରୁ ନିମ୍ନଲିଖିତ ପରିସର ମଧ୍ୟରେ ଥିବା **ଆଦିତ୍ୟ ବିର୍ଲା ଫାଇନାନ୍ସ ଲିମିଟେଡ୍, ସୁନ୍ଦରଗଡ଼ ଶାଖା** ସ୍ଥାୟୀ ଭାବରେ ବନ୍ଦ ହେବ।

**ବନ୍ଦ ପରିସର ଠିକଣା:**
2ୟ ମହଲା, ଅମ୍ବା ଟାୱର,
ହସ୍ପିଟାଲ ରୋଡ୍,
ସୁନ୍ଦରଗଡ଼,
ଓଡ଼ିଶା- 770001

**ଆଦିତ୍ୟ ବିର୍ଲା ଫାଇନାନ୍ସ ଲିମିଟେଡ୍ ପାଇଁ**
ସ୍ଥାନ : ସୁନ୍ଦରଗଡ଼ — Sd/-
ତିଥି : 07 ନଭେମ୍ବର, 2024 — ପ୍ରାଧିକୃତ ସ୍ୱାକ୍ଷରକାରୀ

# ଅଙ୍ଗନୱାଡି କର୍ମୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ହେମଗିର,୬।୧୧
(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅଧୀନ ଜୁଲୁମବାହାଲ ପଞ୍ଚାୟତ ଅନ୍ତର୍ଗତ ପୂର୍ଣ୍ଣା ଗ୍ରାମରେ ବୁଧବାର ଅପରାହ୍ନରେ ଜଣେ ଅଙ୍ଗନୱାଡି କର୍ମୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ଦିବ୍ୟଭାରତୀ ଅଡା(୨୨)। ହେମଗିର ପୋଲିସ, ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛନ୍ତି। ଏନେଇ ହେମଗିର ଥାନାରେ ଏକ ମାମଲା (ନଂ.୫୦୧/୨୪)ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଦିବ୍ୟଭାରତୀ ବୁଧବାର ଅଙ୍ଗନୱାଡି କେନ୍ଦ୍ରରୁ ଫେରୁଥିବା ସମୟରେ ସେହି ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟାକାରୀ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ହତ୍ୟାର ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ପ୍ରେମ ସମ୍ପର୍କକୁ ନେଇ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

# ୧ ଟନ୍ ଗଞ୍ଜେଇ ଜବତ, ୪ ଗିରଫ



ଜବତ ଗଞ୍ଜେଇ।

## ଦେବଗଡ଼ରେ ଏସ୍‌ଟିଏଫ୍ ଚଢ଼ାଉ

ଭୁବନେଶ୍ୱର,୬।୧୧
(ସୂର୍ଯ୍ୟକାନ୍ତ ବେହେରା/
ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର)

ଗାଡ଼ି ଭିତରେ ଅଭିନବ ଉପାୟରେ ଗଞ୍ଜେଇ ଲୁଚାଇ ବେପାର କରୁଥିବାବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଦେବଗଡ଼ ଜିଲା ରିଆମାଳ ଥାନା ଅଞ୍ଚଳରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗାଡ଼ି ମାଲିକ ସମ୍ବଲପୁର ଆଶିଷ କୁମାର ବାରିକ, ତାଙ୍କ ଡ୍ରାଇଭର ବରଗଡ଼ ଟାଉନ ଅଞ୍ଚଳର ସୁବାସ ଶିଖଦାର ଏବଂ ଅନ୍ୟ ଦୁଇ ହେଲେ ଅନୁଗୋଳ ହଣ୍ଡପାର ରତନ କିଶୋର ସାହୁ ଓ ଛେଣ୍ଡିପଦାର ସମିତ ନାୟକ। ସେମାନଙ୍କଠାରୁ ୧ ଟନ୍ ଗଞ୍ଜେଇ ଜବତ ହୋଇଥିବାବେଳେ ଏହାର ଆନୁମାନିକ ମୂଲ୍ୟ ଏକ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସେହିପରି ଅପରାଧରେ ବ୍ୟବହୃତ ୩ ଟି ଗାଡ଼ି ଜବତ ମଧ୍ୟ ହୋଇଛି। ତେବେ ଗାଡ଼ି ଭିତରେ କେବଳ ରଖି ବେପାର କରୁଥିଲେ ନା ବାହାର ରାଜ୍ୟକୁ ଚାଲଣ କରୁଥିଲେ ସେନେଇ ଏସ୍‌ଟିଏଫ୍ ଅଧିକ ଖୋଳତାଡ଼ ଚଳାଇଛି। ଅନ୍ୟପଟେ ଏହି ଘଟଣାର ମାଷ୍ଟରମାଇଣ୍ଡ ଆଶିଷ ହୋଇଥିବାବେଳେ ପୂର୍ବରୁ ମଧ୍ୟ ସେ ରାୟଗଡ଼ାରୁ କନ୍ଧମାଳ ଗଞ୍ଜେଇ ଚୋରାଚାଲାଣ କରୁଥିବାବେଳେ ୨୦୨୧ରେ ଏସ୍‌ଟିଏଫ୍ ହାତରେ ଧରାପଡ଼ିଥିଲେ। ସେତେବେଳେ ତାଙ୍କଠାରୁ ୧୯୯୫ କେଜି ଗଞ୍ଜେଇ ଜବତ ହୋଇଥିଲା। ଜେଲରୁ ଜାମିନରେ ଆସିବା ପରେ ପୁଣି ଏହି କାରବାର ଚଳାଉଥିବାରୁ ତାଙ୍କୁ ରିମାଣ୍ଡରେ ଆଣି ନିଶା କାରବାର ରାକେଟର ଚେର କେଉଁଆଡେ ଲମ୍ବିଛି ତାହାର ତଥ୍ୟ ହାସଲ କରିବ।

ସୂଚନାନୁସାରେ ରାଇମଲ ଥାନା ଅନ୍ତର୍ଗତ ବଞ୍ଜାରୀ ଗ୍ରାମ ପାଖରେ ଆଶିଷ ତାଙ୍କର ସମସ୍ତ ଗାଡ଼ି ପାର୍କିଂରେ ରଖିଥାନ୍ତି। ସେଠାରେ ଏକ ଆଇଚର ଓ ହାଇୱା ଭିତରେ ଗଞ୍ଜେଇ ଭର୍ତ୍ତି କରି ରଖିବା ସହ ଧରା ନ ପଡ଼ିବା ଲାଗି ଚଟୁରାତର ସହ ତା' ଉପରେ ଅଖା ବସ୍ତା ପକାଇ ଲୁଚାଇଦେଉଥିଲେ। ବୁଧବାର ରତନ ଓ ସମିତ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଆସି ସେଠାରୁ ଗଞ୍ଜେଇ ନେଉଥିବା ଏସ୍‌ଟିଏଫ୍ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା। ଯାଞ୍ଚ ବେଳେ ଗାଡ଼ି ଭିତରୁ ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ରଖିବାର କୌଣସି ବୈଧ ପ୍ରମାଣ ଦେଖାଇ ନ ପାରିବାରୁ ବେଆଇନଭାବେ ଏହାକୁ ରଖାଯାଇଥିବା ଜାଣି ସମସ୍ତଙ୍କୁ ଏସ୍‌ଟିଏଫ୍ ସମସ୍ତଙ୍କୁ ଗିରଫ କରିଥିଲା।

**GOVERNMENT OF ODISHA** — No. O-594

**OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**

No. 4753 — **"e" Procurement Notice for Building Works** — Date: 05.11.2024

| | | | |
|---|---|---|---|
| 1 | Name of the Work | : | Building Work |
| 2 | Total No. of Works | : | 03 Nos. of Building Works for the year 2023-24 |
| 3 | Estimated Cost of the Work | : | Varies from Rs.105.20 lakh to Rs.267.67 lakh |
| 4 | Class of Contractor | : | |
| | a) Estimated cost more than Rs.20.00 lakhs upto Rs.3.00 Crores | : | B Class (of Odisha PWD) or relevant class of other licensing authorities |
| | b) Estimated cost more than Rs.1.00 Crore upto Rs.20.00 Crores | : | A Class (of Odisha PWD) or relevant class of other licensing authorities |
| 5 | Period of Completion | : | As mentioned in Column-7 of Annexure |
| 6 | Offered rates by bidder | : | The offered rate by the contractor shall be excluding GST |
| 7 | Other details | : | |

| Procurement Officer | Bid Identification No. | Availability of Tender Online for Bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C. 22 of 2024 | 12.11.2024 at 11.00 A.M. | 26.11.2024 upto 5.00 P.M. | 27.11.2024 at 11.00 A.M. | To be intimated later on |

Further details can be seen from the website **www.tendersodisha.gov.in.**

OIPR-25194/11/0007/2425 — **Sd./- Chief Engineer, Central Rural Works Circle, Bhubaneswar**

## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

**No.RDM-LAA-MBJ-0004-2024-35036/ R&DM,** — **Dated: 09 Oct. 2024**

No.XXI-27: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବଡ଼ଗୋପାଳପୁର (ଅତିରିକ୍ତ), ଥାନା: ବୈଶିଙ୍ଗା, ନଂ. ୨୩୨, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୮୨୪୬ ତା୧୬।୦୩।୨୦୨୪ରିଖରେ ପ୍ରକାଶିତ ହୋଇଅଛି। ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବଡ଼ଗୋପାଳପୁର (ଅତିରିକ୍ତ), ଥାନା: ବୈଶିଙ୍ଗା, ନଂ. ୨୩୨, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଦେଉଳି, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** — **ତହସିଲ: ବେତନଟୀ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବଡ଼ଗୋପାଳପୁର (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୨.୭୦ | ଏକର ୦.୭୦ | ଏଥି ସହିତ ସଂଲଗ୍ନ |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** — **ତହସିଲ: ବେତନଟୀ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୨୦।୦୫।୨୦୨୪।

ରାଜ୍ୟପାଳଙ୍କ ଆଦେଶକ୍ରମେ
**ସ୍ୱା./– (ସୁରଞ୍ଜନ ପ୍ରଧାନ)**
**ଅତିରିକ୍ତ ଶାସନ ସଚିବ**

**ଭୂମି ଅନୁସୂଚୀ**

**ଭୂଅର୍ଜନ ମାମଲା ସଂଖ୍ୟା: ୧୪୦/୨୦୨୩**
**ଏ.୦.୭୦ ଡି.**

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ**
**ମୌଜା– ବଡ଼ଗୋପାଳପୁର (ଅତିରିକ୍ତ), ଥାନା: ବୈଶିଙ୍ଗା, ନଂ.–୨୩୨, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୪୬ | ୫୦୭ | ୦.୫୦ | ୦.୨୪ | ଚକ | ଚାନ୍ଦରାଏ ମାଝୀ, ଚାନ୍ଦୁ ମାଝୀ, ପି.: ଦତୁଆ ମାଝୀ, ଜା: ସାନ୍ତାଳ, ବା: ପୁରୁଣିଆ |
| | ୫୦୯ | ୦.୩୩ | ୦.୧୪ | ଘରବାରି | |
| ୬୮ | ୫୦୬ | ୦.୫୦ | ୦.୦୭ | ଚକ | ଦୈତାରୀ ମାହାନ୍ତ, ଜହର ମାହାନ୍ତ, ପି.: ମଥୁରା ମାହାନ୍ତ, ବଦନୀ ମାହାନ୍ତ, ସ୍ୱା.: ମଥୁରା ମାହାନ୍ତ, ଜା: କୁଡୁମି କ୍ଷେତ୍ରିୟ, ବା: ଶିଖରଖୁଣ୍ଟା |
| ୧୯୬ | ୫୦୪ | ୦.୫୦ | ୦.୦୬ | ଚକ | ସୁରେନ୍ଦ୍ର ମାହାନ୍ତ, ପି.: ଜୟରାମ ମାହାନ୍ତ, ଜା: କୁଡୁମି କ୍ଷେତ୍ରିୟ, ବା: ନିଜଗାଁ |
| ୨୦୮ | ୫୦୩ | ୦.୩୭ | ୦.୦୧ | ଚକ | ହାଡ଼ିଆ ମୁର୍ମୁ, ପି.: ଖାଣ୍ଡ ମୁର୍ମୁ, ଜା: ସାନ୍ତାଳ, ବା: ପୁରୁଣିଆ |
| ୨୧୧ | ୫୦୫ | ୦.୫୦ | ୦.୧୮ | ଚକ | ହେମେନ୍ଦ୍ର ମାହାନ୍ତ, ପି.: ଜୟରାମ ମାହାନ୍ତ, ଜା: କୁଡୁମି କ୍ଷେତ୍ରିୟ, ବା: ନିଜଗାଁ |
| ମୋଟ | ୬ ପ୍ଲଟରୁ | ଏ. ୨.୭୦ ଡେ.ମି. | ଏ.୦.୭୦ ଡେ.ମି. | | |

**Sd./- Zone Officer-cum-L.A. Collector , S.I.P., Laxmiposi Zone** — **Sd./- Spl. Land Acquisition Officer SIP Baripada**

**OIPR-24001/14/0131/2425**

# ODISHA PUBLIC SERVICE COMMISSION, CUTTACK

## NOTICE

**No.6244/ P.S.C., Dt.05.11.2024**

**No.D-:**It is for information of all 62 (23-w) provisionally qualified candidates for recruitment to the posts of Lecturers in Civil Engineering, pursuant to Advt. No.01 of 2023-24 that, Document Verification & Interview (Personality Test) for the said post will be held on 13.11.2024 & 14.11.2024 respectively, in the Office of the Commission, at 19, Dr. P.K. Parija Road, Cuttack-753001 as per the programme mentioned below:-

| Sl. No. | Roll No. of Candidates | Date of Document Verification & Interview (Personality Test) | Board | Time of reporting by the candidates | Time of Document verification | Time of Interview (Personality Test) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 100190, 100235, 100397, 100420, 100481, 200188, 200260, 200409, 300705, 300721 = 10 Candidates | 13.11.2024 | Team I | 08.00 A.M. | 8.30 A.M. | 10.30 A.M. |
| | 300774, 300793, 300849, 300886, 300967, 301003, 301141 = 07 Candidates | | | 12.00 P.M. | 12.30 P.M. | 2.30 P.M. |
| 2 | 301148, 301367, 301480 301484, 301543, 301561, 301586, 301821, 301824, 301860 = 10 Candidates | 13.11.2024 | Team II | 08.00 A.M. | 8.30 A.M. | 10.30 A.M. |
| | 302030, 302050,302062, 302089, 302119, 302171, 302190 =07 Candidates | | | 12.00 P.M. | 12.30 P.M. | 2.30 P.M. |
| 3 | 302202, 302214, 302430, 302435, 302526, 302537, 302548, 302645, 302655, 302673 = 10 candidates | 14.11.2024 | Team I | 08.00 A.M. | 8.30 A.M. | 10.30 A.M. |
| | 302726, 302876, 400346, 400440 = 04 candidates | | | 12.00 P.M. | 12.30 P.M. | 2.30 P.M. |
| 4 | 400454, 400542, 400566, 400633, 400706, 500279, 500282, 500309, 500334, 500350 = 10 candidates | 14.11.2024 | Team II | 08.00 A.M. | 8.30 A.M. | 10.30 A.M. |
| | 500356, 500506, 500536, 500540 =04 candidates | | | 12.00 P.M. | 12.30 P.M. | 2.30 P.M. |

The candidates are required to produce following original documents along with self-attested photocopies of all certificates/documents at the time of document verification failing which their candidature will be rejected.

1. **Hard copy** of online application form duly signed in.
2. **Attestation Form** and **Bio-data Form**. (To be downloaded from the website of the Commission)
3. H.S.C. Or equivalent certificate in support of declaration of age.
4. Intermediate/+ 2 / Diploma examination Certificate issued by the concerned Board/ Council.
5. **B.E./B.Tech.** Degree Certificate in **Civil Engineering** from a recognized University.
6. **M.E/M.Tech**. Degree Certificate from a recognized University, wherever applicable.
7. **Marksheets** of the above examinations passed (HSC to B.E./B.Tech. Degree or M.E./M. Tech. Degree).
8. Conversion Certificate wherever applicable.
9. **Odia Test Pass Certificate** (M.E. School Standard).
10. **SC/ST Caste Certificate** in support of claim as SC/ST issued by the Competent Authority within the closing date of submission of online application, wherever applicable.
11. **SEBC** Certificate issued by the Competent Authority within the last three years by the closing date of submission of application, wherever applicable.
12. **Discharge Certificate** in case of Ex-Servicemen issued by the Commanding Officer of the Unit last served. Also, Ex-Servicemen candidates must furnish an Affidavit regarding not being appointed against any Civil Post (Format of Affidavit is enclosed as Annexure-I to this Notice).
13. **Permanent Disability Certificate** (indicating percentage of permanent disability i.e 40% or more) issued by the concerned Medical Board, wherever applicable.
14. Sports Identity Card/Certificate issued by the Director of Sports, Odisha, wherever applicable.
15. If a candidate claims to possess qualification, equivalent to the prescribed qualification, the rule/authority (with number & date) under which it is so treated, must be furnished along with the hard copy of the online Application.
16. **Four recent passport size photographs (unsigned and unattested),** which has been uploaded with online application form.
17. **No objection Certificate** (in case of in-service candidates), wherever applicable.
18. **Document in support of Identity.** (Aadhar/ DL/ Pan Card/ Voter ID card).
19. Any other document as mentioned in Para-10 of Advt. No. 01 of 2023-24.

**NOTE :-** THE CANDIDATES ARE INFORMED THAT, TEACHING ABILITY IS A PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

**OIPR-12002/11/0083/2425** — **Sd./- Secretary**

# ଜଳ ଉତ୍ସବ ପାଳନର ଶୁଭାରମ୍ଭ

ବଲାଙ୍ଗୀର,୬।୧୧(ବୀରେନ୍ଦ୍ର କୁମାର ଝାଙ୍କର)



ଜଳ ଉତ୍ସବ ପାଳନ ଶୁଭାରମ୍ଭ ଅବସରରେ ପୌରାଧ୍ୟକ୍ଷା ଲିକା ସାହୁ ଓ ଅନ୍ୟ ଅତିଥିମାନେ।

## ବଲାଙ୍ଗୀର ଜିଲା ପାଇଛି ଜାତୀୟ ଜଳ ପୁରସ୍କାର

ବଲାଙ୍ଗୀର ତୁଳସୀନଗର ମହାରାଣୀ ସାଗର ହିଡରେ ପୌର ପରିଷଦ ପକ୍ଷରୁ ବୁଧବାରଠାରୁ ଜଳ ଉତ୍ସବ ପାଳନ ଆରମ୍ଭ ହୋଇଛି। ପୌରାଧ୍ୟକ୍ଷା ଲିକା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଳ ଉତ୍ସବର ଶୁଭାରମ୍ଭ କରିଛନ୍ତି। ଏହି ଜଳଉତ୍ସବ ପାଳନ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ବଲାଙ୍ଗୀର ଜିଲା ଜଳ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନଜନକ ଜାତୀୟ ଜଳ ପୁରସ୍କାର ଲାଭ କରିଛି । କିଛି ଦିନ ପୂର୍ବରୁ ବଲାଙ୍ଗୀର ଜିଲାପାଳ ଗୌରବ ଶିୱାଜୀ ଇସଲୱାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ବଲାଙ୍ଗୀର ପୌରାଞ୍ଚଳର ମହାରାଣୀ ସାଗରରେ ଜଳ ସଂରକ୍ଷଣ ନେଇ ପୌରପାଳିକା ଉଚ୍ଚ ପ୍ରଶଂସିତ ହୋଇଛି ଏବଂ ଏହା ବଲାଙ୍ଗୀରବାସୀଙ୍କ ପାଇଁ ସମ୍ମାନ ବୋଲି ପୌରାଧ୍ୟକ୍ଷା ଲିକା ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହାସହିତ ପୌରାଞ୍ଚଳର ଆବର୍ଜନା ଓ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ ବର୍ଜ୍ୟ ଜଳରୁ ଗାର୍ଡେନିଂ କରାଯାଉଥିବା ବିଷୟକୁ ନେଇ କେନ୍ଦ୍ରୀୟ ସର୍ଭେ ଟିମ୍ ରିପୋର୍ଟ ଦେଇ ଜାତୀୟ ସ୍ତରରେ ପୁରସ୍କୃତ କରିଥିବା ସୂଚନା ଦିଆଯାଇଥିଲା। ପୌରପାଳିକାର ସିଟି ମ୍ୟାନେଜର ରଞ୍ଜିତ ନାୟକଙ୍କ ସଂଯୋଜନାକ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ଅତିରିକ୍ତ ପୌର ଅଧିକାରୀ ଦେବୀପ୍ରସାଦ ଦୋରା, ଜନସ୍ୱାସ୍ଥ୍ୟ ବିଭାଗ ଏସଡିଓ ରାଜେଶ ବେହେରା, ଉଦ୍ୟାନ ବିଭାଗ ଉପଅଧିକାରୀ ସମ୍ବିଧାନ ଭୋଇ ଓ କାଉନସିଲର ଗଙ୍ଗାଧର ଚାନ୍ଦ ଯୋଗ ଦେଇଥିଲେ। ଜଳ ସଙ୍କଟର ମୁକାବିଲା ପାଇଁ ସମସ୍ତେ କିଭଳି ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେବେ ସେ ଉପରେ ଅତିଥିମାନେ କହିଥିଲେ। ଜଳ ସଂରକ୍ଷଣର ମହତ୍ତ୍ୱ ଏବଂ ଆବଶ୍ୟକତା ଉପରେ ଅତିଥିମାନେ କହିଥିଲେ। ସରକାର କ'ଣ ସବୁ ଯୋଜନା କରି ଜଳ ସଂରକ୍ଷଣ ଉପରେ ଜୋର ଦେଉଛନ୍ତି ଏବଂ ବିଭିନ୍ନ ସମୟରେ କିପରି ପଦକ୍ଷେପ ନେଉଛନ୍ତି ସେନେଇ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମହାରାଣୀ ସାଗର ସଂଲଗ୍ନ ପଡାର ସ୍ୱୟଂ ସହାୟିକା ଗୋଷ୍ଠୀର ବହୁ ମହିଳା ସଦସ୍ୟା ଓ ଜନସାଧାରଣ ଯୋଗଦାନ କରିଥିଲେ।

# ପ୍ରାନ୍ତୀୟ ସନ୍ଥ ସମ୍ମିଳନୀ ଉଦ୍‌ଯାପିତ


ସନ୍ଥ ସମ୍ମିଳନୀର ଦ୍ୱିତୀୟ ଦିନରେ ମଞ୍ଚାସୀନ ଅତିଥି।

କଣ୍ଟାବାଞ୍ଜି,୬।୧୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରସ୍ଥିତ ଓଁକାର ମଳ ଭବନରେ ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ଓଡିଶା ଶାଖା ଦ୍ୱାରା ଆୟୋଜିତ ୨ ଦିନିଆ ପ୍ରାନ୍ତୀୟ ସନ୍ଥ ସମ୍ମିଳନୀ ବୁଧବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଏହି ସମ୍ମିଳନୀରେ ପଶ୍ଚିମ ଓଡିଶାର ବିଭିନ୍ନ ଅଞ୍ଚଳରୁ ୧୦୦ରୁ ଊର୍ଦ୍ଧ୍ୱ ସନ୍ଥ ଯୋଗ ଦେଇଥିଲେ। ସମ୍ମିଳନୀରେ କେନ୍ଦ୍ରୀୟ ମାର୍ଗଦର୍ଶକ ସଦସ୍ୟ ପୂଜ୍ୟ ଜୀବନ ମୁକ୍ତାନନ୍ଦ ପୁରୀ, କେନ୍ଦ୍ରୀୟ ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଅଶୋକ ତିୱାରୀ, ଦିଲ୍ଲୀ, ଓଡିଶାର ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଅଜୟ ଦାସ, ବିଶ୍ୱ ହିନ୍ଦୁ ପରିଷଦ ରାଜ୍ୟ ସଭାପତି ଡ. ରାଜକୁମାର ବଡପଣ୍ଡା, ସମ୍ପାଦକ ଭକ୍ତଚରଣ ସାହୁଙ୍କ ସମେତ ଅନେକ ଜ୍ଞାନୀ ସନ୍ଥ ସାମିଲ ହୋଇଥିଲେ। କଣ୍ଟାବାଞ୍ଜି ବିଶ୍ୱ ହିନ୍ଦୁ ପରିଷଦ ଶାଖାର ସଭାପତି ମୋହନଲାଲ ଶର୍ମାଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଦୁଇ ଦିନ ଧରି ସନ୍ଥମାନଙ୍କୁ ସେବା ଯୋଗାଇ ଥିଲେ। ଉଦ୍‌ଯାପନୀ ଦିବସରେ ଟିଟିଲାଗଡ ବିଧାୟକ ନବୀନ ଜୈନ ସନ୍ଥ ସମ୍ମେଳନରେ ସାମିଲ ହୋଇ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସାମାଜିକ କର୍ମୀ ଅଜୟ କୁମାର ଅଗ୍ରୱାଲ, ପବନ କୁମାର ଅଗ୍ରୱାଲ,ଆନନ୍ଦ ଗୋଏଲ, କାଳିଆ ସୁନା, ତିରଥ ସିଂ ଠାକୁରଙ୍କ ସମେତ ଅନେକ କର୍ମକର୍ତ୍ତା ସହଯୋଗ କରଥିଲେ ।

## ସଂକ୍ଷେପରେ

### ଦୁଇ ଶିକାରୀଙ୍କୁ ଉଠାଇ ନେଲା ବନବିଭାଗ

#### ବିଦ୍ୟୁତ୍ ଫାଶରେ ଦନ୍ତାହାତୀର ମୃତ୍ୟୁ ଘଟଣା

ପାଟଣାଗଡ,୬।୧୧(ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ ରେଞ୍ଜ ଲରମ୍ଭା ସେକ୍ସନ ଅଧୀନ ଗଡିଆଜୋର ଗାଁ ଝରଝରି ମହଦାସାନି ତଳ ପାହାଡ ପାଦଦେଶରେ ଥିବା ସଂରକ୍ଷିତ ଜଙ୍ଗଲରେ ଗତ ଶୁକ୍ରବାର ରାତିରେ ଶିକାରୀଙ୍କ ଦ୍ୱାରା ବିଛା ଯାଇଥିବା ବିଦ୍ୟୁତ୍ ତାର ଫାଶରେ ପଡି ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବନ ବିଭାଗ ଟିମ୍ ଦୁଇ ଜଣ ଶିକାରୀଙ୍କୁ ଉଠାଇ ନେଇଥିବା ଜଣାଯାଇଛି। ବଲାଙ୍ଗୀର ଏସିଏଫଙ୍କ ନେତୃତ୍ୱରେ ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ପୋଲିସର ସହାୟତା ନେଇ ସୋମବାର ଓ ମଙ୍ଗଳବାର ରାତି ତମାମ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଉକ୍ତ ଟିମ୍ ଗଡିଆଯୋର ଗାଁର ଜଣେ ଶିକାରୀ ଓ ସୁଲିଆମାଳ ଗାଁର ଅନ୍ୟ ଜଣେ ଶିକାରୀଙ୍କୁ ଉଠାଇ ନେଇଥିଲା। ସ୍ୱତନ୍ତ୍ର ଟିମ୍ ଶିକାରୀ ଦ୍ୱୟଙ୍କୁ ପ୍ରଥମେ ପାଟଣାଗଡ ବନବିଭାଗ କାର୍ଯ୍ୟାଳୟ ଓ ପରେ ବଲାଙ୍ଗୀର ମୁଖ୍ୟ କାର୍ଯ୍ୟାଳୟକୁ ନେଇ ତଦନ୍ତ କରୁଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

### ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ବଲାଙ୍ଗୀର ଜିଲା ଗସ୍ତ

#### ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ

ବଲାଙ୍ଗୀର,୬।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ମଙ୍ଗଳବାର ଦିନିକିଆ ବଲାଙ୍ଗୀର ଜିଲା ଗସ୍ତରେ ଆସି ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା, ତଦାରଖ ଓ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଜିଲାପାଳଙ୍କ ଅଧୀନସ୍ଥ ବିଭିନ୍ନ ବିଭାଗର ରେଜିଷ୍ଟାର ଓ ନଥିପତ୍ର ଦେଖିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଗୌରଓ ଶିୱାଜୀ ଇସଲୱାର, ଆରକ୍ଷୀ ଅଧୀକ୍ଷକ ଋଷିକେଶ ଡାନ୍‌ଦେଓ ଖିଲାରୀ, ଅତିରିକ୍ତ ଜିଲାପାଳ ଡ଼. ବିଜୟାନନ୍ଦ ସେଠୀ, ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ଓ ଜିଲାସ୍ତରୀୟ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାସ୍ତରୀୟ ତଦାରଖ କମିଟି ବୈଠକ ଅନୁସାରେ ଟାଉନ ପୋଲିସ ଷ୍ଟେଶନର ସିସିଟିଭି ବ୍ୟବସ୍ଥା ତଦାରଖ କରିଥିଲେ। ସିସିଟିଭିର ଦୃଶ୍ୟ ଓ ଶ୍ରାବ୍ୟ ମଧ୍ୟ ତଦାରଖ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁଙ୍କ ସମେତ ଏସଡିପିଓ ସଦର ପ୍ରଦୀପ ସାହୁ, ଟାଉନ ଥାନା ଆଇଆଇସି ଅବନୀ ସାହୁ ଉପସ୍ଥିତ ଥିଲେ। ଏହାପରେ ରାଜସ୍ୱ ନିରୀକ୍ଷକଙ୍କ ନବନିର୍ମିତ କାର୍ଯ୍ୟାଳୟ କୋଠା ପରିଦର୍ଶନ କରିଥିଲେ। ଅପରାହ୍ଣରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧୀନରେ ଥିବା ସମସ୍ତ ଜିଲାର ଜିଲାପାଳଙ୍କ ସହ ଧାନକିଣା ସମ୍ପର୍କରେ ଭିଡିଓ କନଫରେନ୍ସି ମାଧ୍ୟମରେ ଆଲୋଚନା କରିଥିଲେ। ଏଠାରେ ଜିଲାପାଳ ଇସଲୱାର ଓ ଅତିରିକ୍ତ ଜିଲାପାଳ ସେଠୀ ଉପସ୍ଥିତ ଥିଲେ।

# ୬ ଦାଦନ ଶ୍ରମିକ ଉଦ୍ଧାର, ୩ ଦଲାଲ ଗିରଫ


ଉଦ୍ଧାର ଶ୍ରମିକ ଓ ଗିରଫ ହୋଇଥିବା ଦଲାଲ ।

ଖପ୍ରାଖୋଲ,୬।୧୧(ଅଭୟ ତ୍ରିପାଠୀ)

## ଖପ୍ରାଖୋଲ ପୋଲିସର ଚଢ଼ାଉ

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଚଢ଼ାଉ କରି ୬ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା ଓ ୨ ଜଣ ପୁରୁଷ ଥିବା ଜଣାଯାଇଛି। ଏହି ଘଟଣାରେ ଏକ କାର୍ ଜବତ ହୋଇଛି । ବେଆଇନ ଦାଦନ ଶ୍ରମିକ ଚାଲାଣ ଅଭିଯୋଗରେ ପୋଲିସ ତିନି ଜଣ ଦଲାଲଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ଦଲାଲ ହେଲେ ବନ୍ତ ଭାଇଁସାଲ, ଗଣେଶ ଭାଇଁସାଲ ଓ ନେତ୍ର ପାତ୍ର। ଉଦ୍ଧାର ଶ୍ରମିକମାନେ ଧଣ୍ଡାମୁଣ୍ଡା ପଞ୍ଚାୟତ ପାଟିମାଳ ଗାଁର ବୋଲି ଜଣାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଖପ୍ରାଖୋଲ ପୋଲିସ ବିଳମ୍ବିତ ରାତିରେ ଏଏସ୍‌ଆଇ ନବୀନ ଭୋଇଙ୍କ ନେତୃତ୍ୱରେ ପାଟ୍ରୋଲିଂ କରିବା ବେଳେ ହରିଶଙ୍କର ଛକଠାରେ ଏକ ଆର୍‌ଟିକା କାର୍‌ରେ କେତେଜଣ ମହିଳା ପୁରୁଷ ଯାଉଥିବା ଦେଖିବାକୁ ପାଇଥିଲେ। ପୋଲିସ ସନ୍ଦେହରେ ଗାଡ଼ି ଅଟକାଇ ପଚରାଉଚୁରା କରିବା ବେଳେ ସେମାନଙ୍କୁ ବେଆଇନ ଭାବରେ ତେଲେଙ୍ଗାନା ରାଜ୍ୟକୁ ଚାଲାଣ କରାଯିବାର ଥିବା ଜଣାପଡିଥିଲା। ଉଦ୍ଧାର ଶ୍ରମିକମାନଙ୍କୁ ଥାନାକୁ ଆଣି ପଚରାଉଚରା ପରେ ନିଜ ଗାଁରେ ପୋଲିସ ଛାଡି ଦେଇଥିବା ଜଣାଯାଇଛି। ଏହି ଘଟଣାରେ କାର୍ ଡ୍ରାଇଭର ନର ବାଗଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି। ଏନେଇ ଖପ୍ରାଖୋଲ ଥାନାରେ ନଂ୨୬୦/୨୪ରେ ଏକ ମାମଲା ରୁଜୁ ହୋଇଛି।

# ରାଧାକୃଷ୍ଣ ମନ୍ଦିରରେ ବାଲ୍ମୀକି ଜୟନ୍ତୀ

ବଲାଙ୍ଗୀର,୬।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବ୍ରାହ୍ମଣପଡାସ୍ଥିତ ରାଧାକୃଷ୍ଣ ମନ୍ଦିର ଭାଗବତ ଟୁଙ୍ଗୀରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗୀର ଶାଖା ଆନୁକୂଲ୍ୟରେ ସୋମବାର ବାଲ୍ମିକୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାକୁ ଡ. ଭବାନୀ ଶଙ୍କର ପଟେଲ ପରିଚାଳନା କରିଥିଲେ। ସଚିବ ରାମଚନ୍ଦ୍ର ପଟେଲ ବାଲ୍ମିକୀ ଜୟନ୍ତୀ ପାଳନର ମହତ୍ତ୍ୱ ଏବଂ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବିଷୟରେ ଆଲୋକପାତ କରିଥିଲେ । ବକ୍ତା ଭାବେ ବଲାଙ୍ଗୀର ଜିଲା ବ୍ରାହ୍ମଣ ସମାଜ ସଭାପତି ଧନଞ୍ଜୟ ମିଶ୍ର କବି ବାଲ୍ମିକୀଙ୍କ ଜୀବନ ଚରିତ ଏବଂ ମହାନ କାବ୍ୟ ରାମାୟଣ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବାଲ୍ମିକୀ ଜୀବନକୁ ନେଇ ସବିତା ଦାନୀ ଓ ଡ. ଭବାନୀ ଶଙ୍କର ପଟେଲ କବିତା ପାଠ କରିଥିଲେ। ମୁଖ୍ୟବକ୍ତା ବଂଶୀଧର ଦାନୀ ଗୀତା, ଭାଗବତ, ରାମାୟଣ କଥା ଏବଂ ବେଦର ପ୍ରଶଂସା କରିଥିଲେ। ଭାରତୀୟମାନଙ୍କ ସଂସ୍କୃତି ଓ ପରମ୍ପରାକୁ ଆଲୋଚନାରେ ବିଶେଷ ମହତ୍ୱ ଦେଇଥିଲେ। ସଭାପତିଙ୍କ ଅଭିଭାଷଣ ପରେ ସଭା ସାଙ୍ଗ ହୋଇଥିଲା।

# ବିଜେଡି ଜନ ସମ୍ପର୍କ ପଦଯାତ୍ରା


ବିଜେଡ଼ିର ସଭାରେ ଉପସ୍ଥିତ ଅତିଥି ବୃନ୍ଦ।

ଟିଟିଲାଗଡ,୬।୧୧(ଶରତ ମିଶ୍ର)

ବୁଧବାର ଟିଟିଲାଗଡ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ ଡାକବଙ୍ଗଳାଠାରୁ ପଦଯାତ୍ରା ଆରମ୍ଭ ହୋଇ ଗୋବିନ୍ଦ ବାଟିକା ଯାଏ ଯାଇଥିଲା। ଏହି ଅବସରରେ ବିଜୁ ପଟ୍ଟନାୟକ ଛକରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ, ସୁରେନ୍ଦ୍ର ସିଂ ଭୋଇ, କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ହାଜି ମହମ୍ମଦ ଆୟୁବ ଖାଁ, ପାଟଣାଗଡର ପୂର୍ବତନ ବିଧାୟକ ସରୋଜ ମେହେର, ଜିଲା ପରିଷଦ ସଭ୍ୟା ଗୀତା ବିଶି, ଟିକି ପୋଢ଼, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାୟକ, ସଇଁତଳା ବ୍ଲକ ଉପାଧ୍ୟକ୍ଷ ଗୁଣ ସାଗର ମାଝୀ ଓ ଟିଟିଲାଗଡ ପୌରପରିଷଦର ଉପାଧ୍ୟକ୍ଷା ପୁଷ୍ପା ମଞ୍ଜରୀ ଜାଲ ମଞ୍ଚାସୀନ ଥିଲେ। ଅତିଥିମାନେ ବର୍ତ୍ତମାନ ପରିସ୍ଥିତିରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ରାଜେଶ ପ୍ରଧାନଙ୍କ ଦ୍ୱାରା ପରିଚାଳିତ ସଭାରେ ଅତିଥି ବୃନ୍ଦ ବଡ ଠାକୁର ପଡ଼ିଯିବା, ରାଜ୍ୟପାଳଙ୍କ ପୁଅ ଜଣେ ସରକାରୀ କର୍ମଚାରୀଙ୍କୁ ମାଡ଼ ମାରିବା, ଦାରିଙ୍ଗିବାଡ଼ିରେ ଆଦିବାସୀ ମହିଳା ଆମ୍ବ ଟାକୁଆ ଜାଉ ଖାଇ ମୃତ୍ୟୁବରଣ କରିବା, ଭରତପୁର ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ଆଦି ଘଟଣା ନେଇ ସରକାର ଚୁପ ରହିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକାଶ ପାଣିଗ୍ରାହୀ, ତୁଳସୀ ରାମ ସାହୁ, ପଦ୍ମ ଲୋଚନ ପୋଡ, ଜିଲା ପରିଷଦ ସଭ୍ୟ ସଞ୍ଜୟ, ବେହେରା,ରଞ୍ଜିତ ପୃଷ୍ଟି,,ଦିଲିପ ବାଗ, ରୁଟୁ ବାଗ, ଶ୍ୟାମ ପ୍ରସାଦ ଗରିହା, ଅରୁଣ ବାଗ, ପୁସୁ ଜୈନ, ପ୍ରେମ ଜୈନ, ଜଗଦୀଶ ମହଲିଙ୍ଗ, ଦେବାଶିଷ ସଉରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷ ର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଥିଲା ।

# ଯୋଗୀସର୍ଡା ଗ୍ରାମ ପଞ୍ଚାୟତ ସୁବିଧା କେନ୍ଦ୍ର ଉଦ୍‌ଘାଟିତ

ଲୋଇସିଂହା,୬।୧୧(ସୁଶାନ୍ତ ବାରିକ)


ଗ୍ରାମ ପଞ୍ଚାୟତ ସୁବିଧା କେନ୍ଦ୍ର ଲୋକାର୍ପଣ ଉତ୍ସବରେ ସରପଞ୍ଚ ଓ ଉପସ୍ଥିତ ଅଧିକାରୀ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମ ପଞ୍ଚାୟତ ସୁବିଧା କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ଅକ୍ଷୟପାଣି ଉଦୁ ଯୋଗଦେଇ ନବନିର୍ମିତ ଗ୍ରାମ ପଞ୍ଚାୟତ ସୁବିଧା କେନ୍ଦ୍ରକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଥିଲେ। ଏହି ଅବସରରେ ବାକି ଥିବା କାମ ପାଇଁ ଆବଶ୍ୟକ ଅନୁଦାନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ୨୦୨୪-୨୫ ଆର୍ଥିକ ବର୍ଷରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପଞ୍ଚାୟତ ପରିସରରେ ଅତ୍ୟାଧୁନିକ ଏହି ସେବା କେନ୍ଦ୍ର ନିର୍ମାଣ କରାଯାଇଛି। ବୁଧବାର ଉଦଘାଟନୀ ଉତ୍ସବରେ ସରପଞ୍ଚ ବିଜୁଳି ପଧାନ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଡିଓ ରାଜେନ୍ଦ୍ର ବାବୁ, ଜିପିଓ କିଶୋର ମାନସିଂ, ବ୍ଲକ ସହକାରୀ ସିଦ୍ଧାର୍ଥ ପାଢୀ ଯୋଗ ଦେଇଥିଲେ। ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ କେଦାରନାଥ ମେହେର, ପିଇଓ ଜିତୁ ସାହୁ, ନାଏବ ସରପଞ୍ଚ, ସମିତିସଭ୍ୟା ଏବଂ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସରପଞ୍ଚ ପଧାନ ନବନିର୍ମିତ ଗ୍ରାମ ପଞ୍ଚାୟତ ସୁବିଧା କେନ୍ଦ୍ରର କେତେକ ବାକି କାମ ସକାଶେ ଆବଶ୍ୟକ ଅନୁଦାନ ଯୋଗାଇ ଦେବାକୁ ଉପସ୍ଥିତ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

# ଚନ୍ଦନଭାଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ


ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଶପଥପାଠ କରାଯାଉଛି।

ବଲାଙ୍ଗୀର,୬।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟିସ୍ଥିତ ସୁଦାମ ଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପଣ୍ଡା ଦୁର୍ନୀତି ନିବାରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ପଣ୍ଡା ଦୁର୍ନୀତି କିଭଳି ଆମ ସମାଜକୁ ଦୁର୍ବଳ କରୁଛି ଏବଂ ଅରାଜକତା ସୃଷ୍ଟି କରୁଛି କହିଥିଲେ। ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀ ଶ୍ରାବଣୀ ମେହେର ଦୁର୍ନୀତି ନିବାରଣ ସମ୍ପର୍କରେ ମତାମତ ଦେଇଥିଲେ। ପ୍ରାଧ୍ୟାପକ ପ୍ରଶାନ୍ତ ଖମାରୀ ଉପସ୍ଥିତ ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଅଧ୍ୟାପକ ଶମ୍ଭୁ ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ। ସଭାରେ ପ୍ରାଧ୍ୟାପକ ହୃଦାନନ୍ଦ ଦାସ, ଦଧିବାବନ ପଧାନ, ଏବି ରାମ ଲିମ୍ବା, ପ୍ରିୟଙ୍କା ରାଣୀ ବେଦବାକ, ରୋଶନୀ ସାଏ ଉପସ୍ଥିତ ଥିଲେ ।

# ପୋଲ ଭାଙ୍ଗି ସ୍କୁଲ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ : ୧୦ ଆହତ

ଦେଓଗାଁ,୬।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ଦୁର୍ଘଟଣାରେ ଆହତ ଜଣେ ଶିଶୁଙ୍କୁ ଉଦ୍ଧାର କରାଯାଉଛି(ବାମ), ଭାଙ୍ଗି ଯାଇଥିବା ପୋଲ ।

## ଲୁହାଛଡ଼ ନ ଲଗାଇ ନିର୍ମାଣ ହୋଇଛି ପୋଲ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଉଡାର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ଆରଡି ରାସ୍ତାରେ ଥିବା ପୋଲ ହଠାତ୍ ଭାଙ୍ଗିଯିବାରୁ ଏକ ସ୍କୁଲ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଉକ୍ତ ଭ୍ୟାନ୍‌ରେ ରତନପୁର, ଘୁଟିପାଲି, ଶିରାବାହାଲ ଆଦି ଗାଁର ୧୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଦେଓଗାଁ ସରସ୍ୱତୀ ଶିଶୁ ମନ୍ଦିରକୁ ଯାଉଥିଲେ । ଦୁର୍ଘଟଣାରେ ୧୦ ଜଣ ଶିଶୁ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ଥିବା ଜଣାପଡିଛି । ଆହତଙ୍କ ମଧ୍ୟରୁ ଶିରାବାହାଲ ଗାଁର ମହେନ୍ଦ୍ର ଭୋଇଙ୍କ ପୁଅ ଷଷ୍ଠ ଶ୍ରେଣୀର ଛାତ୍ର ଆୟୁଷ ଭୋଇଙ୍କ ଗୋଡରେ ଗଭୀର ଆଘାତ ଲାଗିଥିବା ବେଳେ ତାଙ୍କ ଝିଅ ଆୟିଷାଙ୍କ ମୁହଁରେ ଆଘାତ ଲାଗିଛି। ସେହିପରି ରତନପୁର ଗାଁର ୨ଜଣ ଶିଶୁଙ୍କ ମୁଣ୍ଡରେ ଆଘାତ ଲାଗିଛି। ଗୁରୁତର ଆହତଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ନେଇ ଚିକିତ୍ସା କରାଯାଇଥିବା ବେଳେ ସାମାନ୍ୟ ଆହତଙ୍କୁ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିବା ଅଭିଭାବକଙ୍କ ସୂତ୍ରରୁ ଜଣାଯାଇଛି ।

ଉକ୍ତ ପୋଲ ନିର୍ମାଣ କାମ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଗତ କିଛି ମାସ ପୂର୍ବରୁ ପୋଲର ମଝି ସ୍ଥାନ ଦବି ଯାଇଥିବାରୁ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଜଣେ ମହିଳାଙ୍କ ଗୋଡ ଭାଙ୍ଗି ଯାଇଥିଲା। ଏବେ ପୋଲର ଗୋଟିଏ ପାର୍ଶ୍ୱ ଭାଙ୍ଗିଯାଇ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏହି ପୋଲରେ ଲୁହା ଛଡ଼ ବ୍ୟବହାର ହୋଇ ନ ଥିବା ବେଳେ ଠିକ ଭାବେ ସିମେଣ୍ଟ, ବାଲି, ମେଟାଲ ଆଦି ବ୍ୟବହାର ହୋଇ ନାହିଁ। ଫଳରେ କମଦିନ ମଧ୍ୟରେ ନଷ୍ଟ ହୋଇଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପୋଲ କାମର ତଦନ୍ତ କରିବା ପାଇଁ ଉଡାର ତଥା ଶିରାବାହାଲବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ଆରଡି ବିଭାଗର ଯନ୍ତ୍ରୀ ମୁକୁନ୍ଦ କିଷାନଙ୍କୁ ପଚାରିବାରେ ହୋମପାଇପ ଲଗାଇ ପୋଲ ନିର୍ମାଣ ହୋଇଥିବାରୁ ଲୁହାଛଡ ବ୍ୟବହାର କରାଯାଇନାହିଁ। ପାର୍ଶ୍ୱ ମାଟି ଧସି ପୋଲ ଭାଙ୍ଗିଛି। ଏହାର ମରାମତି କରିବୁ। ସେହିପରି ଆରଡି ଏସଡିଓ ବୁଦ୍ଧେଶ୍ୱର ମାହାପାତ୍ରଙ୍କୁ ପଚାରିବାରେ ପୋଲ ଭାଙ୍ଗିବା ନେଇ ତଦନ୍ତ କରାଯିବ ବୋଲି କହିଥିଲେ।

# ରବି ଋତୁରେ ଡାଲି ଜାତୀୟ ଫସଲକୁ ଗୁରୁତ୍ୱ

ଖପ୍ରାଖୋଲ,୬।୧୧(ଅଭୟ ତ୍ରିପାଠୀ)

ଏଫଇଏସ ଭୁବନେଶ୍ୱର ଓ କୃଷି ବିଭାଗର ମିଳିତ ଉଦ୍ୟମରେ ମଙ୍ଗଳବାର ସ୍ଥାନୀୟ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ଭୂପୃଷ୍ଠ ଜଳ ପରିଚାଳନା ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ ଓ ଏଲଏମ ବ୍ଲକ ସଂଯୋଜକ ପ୍ରଶାନ୍ତ ନନ୍ଦ, ଶ୍ରୀ ଅନ୍ନ ଅଭିଯାନ ବ୍ଲକ ସଂଯୋଜକ ଉମେଶ ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ। ତାଲିମଦାତା ଭାବେ ଏଫଇଏସ ଡୁରେକେଲା ବ୍ଲକ ମାଷ୍ଟର ଟ୍ରେନର ଥବିର ଚରଣ ଧରୁଆ, ଖପ୍ରାଖୋଲ ବ୍ଲକ ମାଷ୍ଟର ଟ୍ରେନର ଅଭୟ କୁମାର୍ ତ୍ରିପାଠୀ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଭୂଗର୍ଭ ଜଳ ସ୍ତର ବୃଦ୍ଧି ପାଇଁ ହେଉଥିବା ଉଦ୍ୟମ, ଭୂପୃଷ୍ଠ ଜଳ ପରିଚାଳନା, ଫସଲ ଜଳ ଆକଳନ, ପାଣି ଖେଳ ଉପରେ ଆଲୋଚନା କରାଯାଇଥିଲା। ଏହାଛଡା ରବି ଋତୁରେ ଡାଲି ଜାତୀୟ ଫସଲ ଚାଷ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ତାଲିମ ଶିବିରରେ ଏଟିଏମ ପରେଶ କୁମାର ମେହେର, ମାନସ ରଞ୍ଜନ ଖମାରୀ, ଭୋଜରାଜ ବରିହାଙ୍କ ସମେତ କୃଷି କର୍ମଚାରୀ, କୃଷକ ସାଥୀ,ଏମବିକେ, ସିଆର୍‌ପି, କୃଷି ମିତ୍ର ଓ ଅଗ୍ରଣୀ ଚାଷୀ ଯୋଗ ଦେଇଥିଲେ।

# ପୁରୁଣା ସ୍ଥାନରେ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ ହେଉ

**ସୋନପୁର,୬।୧୧(ମୃତ୍ୟୁଞ୍ଜୟ ଶତପଥୀ)**



ଘରୋଇ ବସ୍ ମାଳିକ ସଂଘ କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

■ଜିଲାପାଳଙ୍କ ନିକଟରେ ଦାବି କଲା ଘରୋଇ ବସ ମାଲିକ ସଂଘ

■ଟେଣ୍ଡର ପରେ ବି କାମ ଆରମ୍ଭ ହେଉନି

ସୁବର୍ଣ୍ଣପୁର ସହରରେ ବହୁପ୍ରତୀକ୍ଷିତ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣରେ ବିଳମ୍ବ ହେଉଛି। ସହର ବାହାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ କିମ୍ବା ପୁରୁଣା ସ୍ଥାନରେ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ ଟଣାଓଟରା ଯୋଗୁ ତାହା ଚୂଡ଼ାନ୍ତ ହୋଇପାରୁନି। ଏଭଳି ସ୍ଥିତିରେ ପୁରୁଣା ସ୍ଥାନରେ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ କାମ ଶୀଘ୍ର ଆରମ୍ଭ କରିବାକୁ ଜିଲା ଘରୋଇ ବସ ମାଲିକ ସଂଘ ଦାବି କରିଛି। ବୁଧବାର ସଂଘର ସଭାପତି ଦୀପକ କୁମାର ମହାପାତ୍ରଙ୍କ ନେତୃତ୍ୱରେ ବସ ମାଲିକ ମାନେ ଜଲାପାଳ ଅନ୍ୟା ଦାସଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସହରବାସୀ ଓ ଘରୋଇ ବସ ମାଲିକ ସଂଘର ଦୀର୍ଘ ବର୍ଷର ଦାବି ଅନୁଯାୟୀ ପୁରୁଣା ବସଷ୍ଟାଣ୍ଡ ସ୍ଥାନରେ ନୂଆ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ସେମାନେ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ପୂର୍ବ ଡିଜାଇନ୍ ଓ ଯୋଜନା ଅନୁଯାୟୀ ଭବିଷ୍ୟତରେ ସହର ବିକାଶକୁ ଦୃଷ୍ଟିରେ ରଖି ବସଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ମାରକପତ୍ରରେ ଅନୁରୋଧ କରାଯାଇଛି। ବସ୍ ମାଲିକ ସଂଘ ସମ୍ପାଦକ ସୁଦର୍ଶନ ପଣ୍ଡା, ପୁରୁଷୋତ୍ତମ ପାଣିଗ୍ରାହୀ, ଭାସ୍କର ଦାଶ, ବୁଲୁ ହୋତା, ସୁରେନ୍ଦ୍ର ପତି, ପ୍ରଦୀପ ହୋତା, ସୁନିଲ ମେହେର, ନନ୍ଦୁ ମେହେର, ଦେବ ରଞ୍ଜନ ତ୍ରିପାଠୀ, ଦେବରଞ୍ଜନ ମିଶ୍ର ଓ ୟାକୁବ୍ ଖାନ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

ଗଡଜାତ ସମୟରୁ ଯେଉଁ ବସ୍‌ଷ୍ଟାଣ୍ଡ ଥିଲା ଏବେ ବି ତାହା କାର୍ଯ୍ୟକ୍ଷମ ଅଛି। ଜିଲା ଗଠନ ପରେ ସହର କଳେବର ବୃଦ୍ଧି ପାଇଥିଲେ ମଧ୍ୟ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇପାରିନି। ଅନେକ ଥର ଶିଳାନ୍ୟାସ ପରେ ବି ଏହା ବାସ୍ତବ ରୂପ ନେଇ ପାରୁନି। ୧ ବର୍ଷ ପୂର୍ବରୁ ଏ ଟାଇପ୍ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ପୁରୁଣା ବସ୍‌ଷ୍ଟାଣ୍ଡ ସ୍ଥାନରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ୩.୩୪ ଏକର ପରିମିତ ସ୍ଥାନକୁ ଜିଲା ପ୍ରଶାସନ ଓଡିଶା ରାଜ୍ୟ ସଡକ ପରିବହନ ନିଗମ(ଓଏସ୍ଆର୍‌ଟିସି) ନାମରେ ଆବଣ୍ଟିତ କରିଛି। ନୂତନ ବସ୍‌ଷ୍ଟାଣ୍ଡଟି ବର୍ତ୍ତମାନର ପୁରୁଣା ବସ୍‌ଷ୍ଟାଣ୍ଡ, ନଳିନୀ ଛକରୁ ବିଜୁ ପଟ୍ଟନାୟକ ଛକ ଓ ଗାନ୍ଧୀ ଷ୍ଟାଡିୟମ ପ୍ରାଚୀର ପର୍ଯ୍ୟନ୍ତ ମ୍ୟୁନିସିପାଲିଟିର ୧୩୧ଟି ଦୋକାନ ଘର(ଷ୍ଟଲ), ଭୀମଭୋଇ କଳାମଣ୍ଡପ, ପୁରୁଣା ଟାଉନ ହଲ ଓ ଶୌଚାଳୟକୁ ଉଚ୍ଛେଦ କରି ସେହି ସ୍ଥାନରେ କରାଯିବାର ଯୋଜନା ଥିଲା। ଉକ୍ତ ଜମିରୁ ପୁରୁଣା ଟାଉନ ହଲ, ଭୀମଭୋଇ କଳାମଣ୍ଡପ, କିଛି ଷ୍ଟଲ ମ୍ୟୁନିସିପାଲିଟି ଉଚ୍ଛେଦ କରିଥିବା ବେଳେ ଶୌଚାଳୟ ଓ ବାକି ଦୋକାନ ଗୃହ ଉଚ୍ଛେଦ ବାକି ଅଛି। ତେବେ ଏ ଟାଇପ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଓଡିଶା ବ୍ରିଜ୍ ଏଣ୍ଡ କନଷ୍ଟ୍ରକସନ କୋର୍ପୋରେସନ ଲିମିଟେଡ(ଓବିସିସି) ୪ ମାସ ପୂର୍ବରୁ ଟେଣ୍ଡର ଆହ୍ୱାନ କରିଛି। ଟେଣ୍ଡର ପ୍ରକ୍ରିୟା ସରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇପାରୁନି। ବସଷ୍ଟାଣ୍ଡ ନଥିବାରୁ ଯାତ୍ରୀମାନେ ନାନା ଅସୁବିଧା ଭୋଗୁଛନ୍ତି। ପୁରୁଣା ସ୍ଥାନରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପୌର ପରିଷଦର ଅଧ୍ୟକ୍ଷା, ଉପାଧ୍ୟକ୍ଷା, କାଉନସିଲର ବୃନ୍ଦ, ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧିମାନେ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କିନ୍ତୁ ବସଷ୍ଟାଣ୍ଡ ନିର୍ମାଣ ଦିଗରେ ନିଷ୍ପତ୍ତି ନିଆ ନଯିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ଯୋଗେଶ୍ୱର ମନ୍ଦିରରେ ସୀତାରାମ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ

**ସୋନପୁର,୬।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ଛନ୍‌ଛାନ ଢୁଙ୍ଗୁରି ସ୍ଥିତ ଶ୍ରୀ ଶ୍ରୀ ଯୋଗେଶ୍ୱର ମନ୍ଦିରରେ ସୀତାରାମଙ୍କ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂଜାର୍ଚ୍ଚନା, ହୋମଯଜ୍ଞ ଆଦି ଆୟୋଜିତ ହୋଇଥିଲା। ପଣ୍ଡିତ ଶିବ ନାରାୟଣ ପୂଜାହାରୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲା ବେଳେ ପଣ୍ଡିତ ସୋମନାଥ ରଥ ଓ ବିଶ୍ୱାନଥ ରଥ ସହଯୋଗ କରିଥିଲେ। ପ୍ରତିଷ୍ଠା ଉତ୍ସବରେ ଶ୍ରଦ୍ଧାଞ୍ଜଳି ମିଶ୍ର ଓ ମିଥୁନ କୁମାର ସାହୁ କର୍ତ୍ତା ଭାବେ ଯୋଗ ଦେଇଥିଲେ। ଉର୍ମିଳା ସାହୁ ଓ ଲକ୍ଷ୍ମୀନାରାୟଣ ସାହୁ ଉଭୟଙ୍କୁ ସହଯୋଗ କରିଥିଲେ।



ବଡ଼ିଲାରେ ଚାରିଗ୍ରନ୍ଥ ପଠନ କରାଯାଉଛି।

## ଚାରିଗ୍ରନ୍ଥ, ଅଷ୍ଟାଦଶ ପୁରାଣ ପାଠ

**ଅମରପାଲି, ୬।୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ବଡିଲା ଗ୍ରାମରେ ଚାରିଗ୍ରନ୍ଥ ଓ ଅଷ୍ଟାଦଶ ପୁରାଣ ପଠନ, ବିଷ୍ଣୁ ସହସ୍ରନାମ, ଗୋପାଳ ସହସ୍ରନାମ, ହନୁମାନ ଚାଳିଶା, ଶ୍ରୀମଦ ଭାଗବଦ ଗୀତା ପାଠ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିନିକା, ସୋନପୁର, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର ୫୫୦ଜଣ ବ୍ରାହ୍ମଣ ଯୋଗଦେଇ ପଠନ ମଣ୍ଡପରେ ଦିବ୍ୟଗ୍ରନ୍ଥ ପାଠ କରିଥିଲେ। ସୁଧାଂଶୁ ଶେଖର ପାଢୀ ଓ ସତ୍ୟବତୀ ପାଢୀ କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିଲେ। ପୁରୀ ରାମଜୀ ମଠର ମହନ୍ତ ବଂଶୀଧର ଦାସଜୀ ମହାରାଜଙ୍କ ଓଁକାର ନାଦବ୍ରହ୍ମ ପରେ ଏକ ସମୟରେ ଗ୍ରନ୍ଥ ପାଠ ଆରମ୍ଭ କରାଯାଇଥିଲା। ଯଜ୍ଞ ମଣ୍ଡପରେ ହବନ କାର୍ଯ୍ୟକ୍ରମ ରାଜୀବ ପଣ୍ଡାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଲକ୍ଷ୍ମଣ ପାଣ୍ଡିଆ, ନିରଞ୍ଜନ ପାଣ୍ଡିଆ, ଧ୍ରୁବଚରଣ ପାଣିଗ୍ରାହୀ, ସଞ୍ଜିବ ପୁରୋହିତ, ଯୁଗଳ କିଶୋର ମିଶ୍ର, ସୌମିତ୍ରୀ ପୁରୋହିତ, ଦ୍ୱିତୀକୃଷ୍ଣ ପଣ୍ଡା, ଶ୍ରୀନିବାସ ନାୟକ ସହଯୋଗ କରିଥିଲେ। ବଳରାମ ପୁରୋହିତ, ଦାମୋଦର ମିଶ୍ର, ଦେବେନ୍ଦ୍ର ଦାଶ ପୁରାଣ ପୁସ୍ତକ ବଣ୍ଟନରେ ସହଯୋଗ କରିଥିଲେ।

## ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ବୌଦ୍ଧ,୬।୧୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଜଣେ ରୋଗୀଙ୍କୁ ଡାକ୍ତର ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି । ପ୍ରକାଶ ଯେ, ବୌଦ୍ଧ ସହର ବଗିଚାସାହିର ସନ୍ତୋଷ ପଟ୍ଟନାୟକ(୬୦) ଗତ ତିନି ଦିନ ତଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହୋଇଥିଲେ । ଦେହ ସୁସ୍ଥ ହେବାରୁ ଘରକୁ ଯାଇଥିଲେ। ପୁଣି ଦେହ ଅସୁସ୍ଥ ହେବାରୁ ମଙ୍ଗଳବାର ରାତିରେ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ । ତାଙ୍କର ପୂର୍ବରୁ ଉଚ୍ଚ ରକ୍ତଚାପ ଥିବାରୁ ପରବାର ଲୋକେ ରକ୍ତଚାପ ମାପିବା ପାଇଁ ଡାକ୍ତରଙ୍କୁ ଅନୁରୋଧ କରିଥିଲେ । କିନ୍ତୁ ଦାୟିତ୍ୱରେ ଥିବା ଡାକ୍ତର ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ତାଙ୍କ ପ୍ରେସ୍‌କ୍ରିପ୍‌ଶନ ଚିରି ଦେଇଥିବା ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି । ଏପରି କି ବାହାର କରି ଦେବାକୁ କୁଆଡେ କହିଥିଲେ । ଏହାକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖାଦେଇଥିଲା । ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜୟକୃଷ୍ଣ ମିଶ୍ରଙ୍କୁ ପଚାରିବାରେ ରୋଗୀଙ୍କ ସହିତ ଭଲ ବ୍ୟବହାର ପ୍ରଦର୍ଶନ କରିବାକୁ ଡାକ୍ତରଙ୍କୁ କୁହାଯାଇଥିବା କହିଛନ୍ତି ।

## ରାଧାକୃଷ୍ଣ ମନ୍ଦିରରେ ବାଲ୍ମୀକି ଜୟନ୍ତୀ

**ବଲାଙ୍ଗୀର,୬।୧୧(ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀରର ବ୍ରାହ୍ମଣପଡାସ୍ଥିତ ରାଧାକୃଷ୍ଣ ମନ୍ଦିର ଭାଗବତ ଟୁଙ୍ଗୀରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗୀର ଶାଖା ଆନୁକୂଲ୍ୟରେ ବାଲ୍ମିକୀ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ ସଭାକୁ ଡ. ଭବାନୀ ଶଙ୍କର ପଟେଲ ପରିଚାଳନା କରିଥିଲେ। ସଚିବ ରାମଚନ୍ଦ୍ର ପଟେଲ ବାଲ୍ମିକୀ ଜୟନ୍ତୀ ପାଳନର ମହତ୍ତ୍ୱ ଏବଂ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବିଷୟରେ ଆଲୋକପାତ କରିଥିଲେ। ବକ୍ତାଭାବେ ଜିଲା ବ୍ରାହ୍ମଣ ସମାଜ ସଭାପତି ଧନଞ୍ଜୟ ମିଶ୍ର କବି ବାଲ୍ମିକୀଙ୍କ ଜୀବନ ଚରିତ ଏବଂ ମହାନ କାବ୍ୟ ରାମାୟଣ ଉପରେ ଆଲୋକପାତ କରିଥିଲେ ।

## ଭିନ୍ନକ୍ଷମ ଭୀମଭୋଇ ସାମର୍ଥ୍ୟ ଶିବିର

**ଡୁଙ୍ଗୁରିପାଲି, ୬।୧୧(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଆରଏମସି ପରିସରରେ ବୁଧବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସୌଜନରେ ଅନୁଷ୍ଠିତ ଶିବିରକୁ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ଡୁଙ୍ଗୁରିପାଲି ବ୍ଲକ ଏବିଡ଼ିଓ ଆନନ୍ଦ ଚନ୍ଦ୍ର ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ମେଡ଼ିସିନ ବିଶେଷଜ୍ଞ ଡ଼କ୍ଟର ସଞ୍ଜୟ କୁମାର ପଧାନ, ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରେଦ ଭୋଷନରାୟ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ପ୍ରଭୁଦତ୍ତ ନାଏକ, ଜୁନିୟର ଆସିଷ୍ଟାଣ୍ଟ ବିଜୟ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ୯୬୦ ଜଣ ବିଭିନ୍ନ ବିଭାଗରେ ଆବେଦନ କରିଥିଲେ। ତନ୍ମଧ୍ୟରୁ ୨୬୯ ଜଣ ଚଳନ ବାଧିତ, ୧୬୮ ଶ୍ରବଣ ବାଧିତ, ୭୩ ଜଣ ଦୃଷ୍ଟିହୀନ ବାଧିତ, ୭୮ଜଣ ବୈଧିକ ଭିନ୍ନ କ୍ଷମତା, ୩୬ସିକିଲ ସେଲ,୧୧୨ଜଣ ବିଭିନ୍ନ ଯାନ୍ତ୍ରିକ ସହାୟତା ଉପକରଣ, ୬୪ଜଣ ବୈଷୟିକ ନିଯୁକ୍ତି, ୭୪ଜଣ ଋଣ ସକାଶେ, ୬୫ ଜଣ ବସ୍ ପାସ, ୧୨ନୂଆଭତ୍ତା, ୯ ଭତ୍ତା ବୃଦ୍ଧି ନେଇ ଆବେଦନ କରିଥିଲେ। ଆଇସିଡିଏସ ବିଭାଗର ସୁପରଭାଇଜର ସୀତା ମେହେର , ବ୍ଲକ ମିଶନ ଶକ୍ତି, ଅଙ୍ଗନୱାଡି କର୍ମୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଆଶା କର୍ମୀ ଓ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ଆବେଦନକାରୀ ନାମ ପଞ୍ଜୀକରଣ କରୁଛନ୍ତି।

## ଘାଟରୁ ବାଲି ଉଠାଇବାକୁ ନେଇ ଗଣ୍ଡଗୋଳ

**ଅମରପାଲି, ୬।୧୧(ପୀତାମ୍ବର ସାହୁ)**



ସୁବଳୟା ଥାନାକୁ ଅଣାଯାଇଥିବା ହାଇୱା।

■ସୁବଳୟା ଥାନାରେ ମାମଲା

■୪ ହାଇୱା ଥାନାକୁ ଆଣିଲା ପୋଲିସ

■ଖଣି ବିଭାଗ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଦୁରଦୁରା ମହାନଦୀ ଘାଟରୁ ବାଲି ଉଠାଣକୁ ନେଇ ଦେଖାଦେଇଛି ବିବାଦ। ବାଲି ଉଠାଇଲା ବେଳେ ହୋଇଛି ଗଣ୍ଡଗୋଳ। ଏନେଇ ସୁବଳୟା ଥାନାରେ ଅଭିଯୋଗ ପରେ ପୋଲିସ ୪ଟି ଖାଲି ହାଇୱା ଥାନାକୁ ଆଣି ରଖିଛି। ଏନେଇ ଖଣି ବିଭାଗକୁ ପୋଲିସ ସୂଚନା ଦେଇଛି। ଖଣି ବିଭାଗ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ପିତାମହୁଲ ପଞ୍ଚାୟତର ଦୁରଦୁରା ନିକଟ ମହାନଦୀ ଘାଟରୁ ବାଲି ଉଠାଇବା ପାଇଁ ଲିଜ ଦିଆଯାଇଛି। ଦୁରଦୁରା ଏ ବାଲି ଘାଟକୁ ସତ୍ୟନାରାୟଣ ପଧାନ ଲିଜରେ ପାଇ ଅଢେଇ ବର୍ଷ ହେଲା ବାଲି ନେଉଥିଲେ। ସେହିପରି ରଞ୍ଜିତ ଜେନା ନାମକ ବ୍ୟକ୍ତି ଦୁରଦୁରା–ବି ବାଲିଘାଟ ଲିଜରେ ପାଇଥିବା ପ୍ରକାଶ କରିଛନ୍ତି। ତେବେ ସତ୍ୟନାରାୟଣ ପଧାନ ଦୁରଦୁରାର ମହାନଦୀ ଘାଟରୁ ବାଲି ନେଉଥିବା ବେଳେ ରଞ୍ଜିତ ଜେନା ପହଞ୍ଚି ସେ ପାଇଥିବା ଲିଜ ଏରିଆରୁ କାହିଁକି ବାଲି ନେଉଛନ୍ତି ବୋଲି ପ୍ରଶ୍ନ କରିଥିଲେ। ତେବେ ସତ୍ୟନାରାୟଣଙ୍କ ଲୋକ ସେମାନେ ଲିଜ ପାଇଥିବା ଏରିଆରୁ ବାଲି ନେଉଥିବା କହି ହଟି ନ ଥିଲେ। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ରଞ୍ଜିତ ଜେନା ସୁବଳୟା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ସତ୍ୟନାରାୟଣଙ୍କ ପୁଅ ଶରତ ପଧାନ ତାଙ୍କୁ ଧମକ ଦେଇଥିବା ଅଭିଯୋଗ କରିବା ସହିତ ସେ ଲିଜ ପାଇଥିବା ଏରିଆରୁ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ସୁବଳୟା ପୋଲିସ ଘଟଣାସ୍ଥଳକୁ ଯାଇ ୪ଟି ଖାଲି ହାଇୱାକୁ ସନ୍ଦେହରେ ଥାନାକୁ ଆଣି ରଖିଛି। ଏନେଇ ରଞ୍ଜିତ ଜେନାଙ୍କ ଅଭିଯୋଗ ଆଧାରରେ ସୁବଳୟା ଥାନାରେ ଏକ ମାମଲା(ନଂ.୨୩୧/୨୪)ରୁଜୁ ହୋଇଛି। ବାଲିଘାଟ ଲିଜ ପାଇଥିବା ଏରିଆକୁ ନେଇ ବିବାଦ ଓ ଗଣ୍ଡଗୋଳ ହୋଇଥିବା ପୋଲିସ କହୁଥିବା ବେଳେ ଖଣି ବିଭାଗ ଆସି ଉଭୟଙ୍କ ଲିଜ ପାଇଥିବା ସ୍ଥାନ ଚିହ୍ନଟ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ପ୍ରକାଶ କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ହମିଦ୍



@ ସତ୍ୟବାନ



@ ଶ୍ରୀକାନ୍ତ



@ ସୁମିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶାସ୍ତ୍ରୀୟ ସଙ୍ଗୀତ, ଲୋକନୃତ୍ୟରେ ଦର୍ଶକ ଅଭିଭୂତ


ବେଦବ୍ୟାସ ନୃତ୍ୟ ସଙ୍ଗତ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।

ରାଉରକେଲା, ୬।୧୧ (ବିପ୍ଳବରଞ୍ଜନ ଦାଶ)

ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଭଞ୍ଜକଳା କେନ୍ଦ୍ର ତରଫରୁ ଭଞ୍ଜଭବନ ମୁକ୍ତାକାଶ ମଞ୍ଚରେ ବେଦବ୍ୟାସ ନୃତ୍ୟସଙ୍ଗୀତ ମହୋତ୍ସବ ଅନୁଷ୍ଠିତ ହୋଇଛି। ବୁଧବାର ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମନଛୁଆଁ ଓଡ଼ିଶୀ ଓ ଲୋକନୃତ୍ୟ ଦର୍ଶକଙ୍କ ହୃଦୟରେ ଉନ୍ମାଦନା ଖେଳାଇ ଦେଇଛି। ହାଇଦ୍ରାବାଦ ଗଜ ଇଞ୍ଜିନିୟରିଂ ଶିଳ୍ପ ପ୍ରତିଷ୍ଠାନ ବିଜନେସ୍ ହେଡ ନିକୁଞ୍ଜ କିଶୋର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ବରିଷ୍ଠ ଅଧିକାରୀ ସୁଶାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ନିଜ ଅଭିଭାଷଣରେ ପି.କେ ସ୍ୱାଇଁ ରାଉରକେଲା ସହରକୁ ସାଂସ୍କୃତିକ ପ୍ରାଣକେନ୍ଦ୍ର ଭାବେ ଗଢିତୋଳିବା ତଥା ପର୍ଯ୍ୟଟନ ବିକାଶ ପାଇଁ ଏଭଳି ଉତ୍ସବର ଆୟୋଜନ ପାଇଁ ଆୟୋଜକମାନଙ୍କ ପ୍ରଶଂସା କରିଥିଲେ। ମହୋତ୍ସବ ସାଂସ୍କୃତିକ ସନ୍ଧ୍ୟାରେ ଭଞ୍ଜକଳା କେନ୍ଦ୍ରର ପ୍ରାକ୍ତନ ବେହେଲା ଗୁରୁ ସ୍ୱର୍ଗତ ବଂଶୀଧର ବାହାଲିଆଙ୍କ ଶ୍ରଦ୍ଧାଞ୍ଜଳି ସ୍ୱରୁପ ତାଙ୍କର ପ୍ରଶିକ୍ଷିତ କଳାକାରମାନଙ୍କ ଦ୍ୱାରା ସୁମଧୁର ବେହେଲା ବାଦନ ସହିତ କାର୍ଯ୍ୟକ୍ରମ ପ୍ରାରମ୍ଭ ହୋଇଥିଲା। ଏହି ନୃତ୍ୟସଙ୍ଗୀତ ଭରା ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟର ପ୍ରଚାରପ୍ରସାର ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ନୃତ୍ୟଗୁରୁ ପଦ୍ମଶ୍ରୀ ଅରୁଣ ମହାନ୍ତିଙ୍କ ସୁପ୍ରତିଷ୍ଠିତ ନୃତ୍ୟ ଅନୁଷ୍ଠାନ, ଓଡ଼ିଶା ଡ୍ୟାନ୍ସ ଏକାଡେମୀର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ଝାଡ଼ଖଣ୍ଡର ଷଢେଇକଳା ଖରସୁଆର ନଟରାଜ କଳାକେନ୍ଦ୍ର ଚୋଗାର କଳାକାରମାନେ ପାଇକ ଲୋକନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଭଞ୍ଜକଳା କେନ୍ଦ୍ରର ଛାତ୍ରୀଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷିତ

**ବେଦବ୍ୟାସ ନୃତ୍ୟସଙ୍ଗୀତ ମହୋତ୍ସବ**

ହୋଇଥିଲା। ସେହିପରି ମଙ୍ଗଳବାର ତୃତୀୟ ସନ୍ଧ୍ୟାରେ ସୁଲଳିତ ଶାସ୍ତ୍ରୀୟ ସଙ୍ଗୀତର ମହକ ଦର୍ଶକମାନଙ୍କୁ ସଙ୍ଗୀର ଅସଲ ଖୁରାକ ଯୋଗାଇଥିଲା। ତୃତୀୟ ସନ୍ଧ୍ୟାରେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଆରଏସ୍‌ପି ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ୍ ଇନଚାର୍ଜ ପି.କେ ସ୍ୱାଇଁ ଯୋଗ ଦେଇଥିଲେ। ରାଉରକେଲା ଭଳି ଏକ ଉପାନ୍ତ ସହରରେ ଜାତୀୟସ୍ତରୀୟ ନୃତ୍ୟ ସଙ୍ଗୀତ ଉତ୍ସବର ଆୟୋଜନ ସହରକୁ ଏକ ନୂତନ ପରିଚୟ ଦେଇଛି ବୋଲି ଅତିଥିମାନେ କହିଥିଲେ। ଭଞ୍ଜକଳା କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ଗୁରୁ ବୀଣାପାଣି ରଥଙ୍କ ନିର୍ଦ୍ଦେଶନାରେ ସୁମଧୁର ଓଡ଼ିଶୀ ଗାନ ସହିତ କାର୍ଯ୍ୟକ୍ରମ ପ୍ରାରମ୍ଭ ହୋଇଥିଲା। ଏହି ସନ୍ଧ୍ୟାରେ ଦେଶବିଦେଶରେ ଓଡ଼ିଶୀ ସଙ୍ଗୀତର ପ୍ରଚାରପ୍ରସାରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସୁନାମଧନ୍ୟ ଓଡ଼ିଶୀ ସଙ୍ଗୀତ ସୁରକାର ରୁପକ କୁମାର ପରିଡା ଚିତାକର୍ଷକ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ପରେ କଲିକତାରୁ ଆସିଥିବା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ କୌଶିକ ଭଟ୍ଟାଚାର୍ଯ୍ୟ ସୁଲଳିଙ୍କ କଣ୍ଠରେ ହିନ୍ଦୁସ୍ଥାନୀ ରାଗ ପରିବେଷଣରେ ଦର୍ଶକ ଅଭିଭୂତ ହୋଇଥିଲେ। ତବଲା ବାଦକ ଡକ୍ଟର ତାପସ ପାଲ ତାଙ୍କୁ ସହଯୋଗ କରିଥିଲେ। ଏଥିପୂର୍ବରୁ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ଚିତ୍ରକଳା ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ଏହି ସନ୍ଧ୍ୟାରେ ପୁରସ୍କୃତ କରାଯାଇଥିଲା।

ପ୍ରକାଶଯୋଗ୍ୟ, ଏହି ସମ୍ମାନଜନକ ନୃତ୍ୟୋତ୍ସବ ଆୟୋଜନରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ, ରାଉରକେଲା ଇସ୍ପାତ କାରଖାନା, ଭଞ୍ଜ ସାଂସ୍କୃତିକ ନ୍ୟାସ ଓ ଅନେକ ବୃହତ୍ତ କର୍ପୋରେଟ ସହଯୋଗ ଦେଇଆସୁଛନ୍ତି। ଭଞ୍ଜକଳା କେନ୍ଦ୍ରର ସଭାପତି ଶୁଭଶଙ୍କର ରାୟଚୌଧୁରୀ ସ୍ୱାଗତ ଅଭିଭାଷଣରେ ଭଞ୍ଜକଳା କେନ୍ଦ୍ରର ଦୀର୍ଘବର୍ଷର ଗୌରବମୟ ଯାତ୍ରା ଓ ଓଡିଶୀ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ଏବଂ ପାରମ୍ପରିକ ଲୋକନୃତ୍ୟର ପ୍ରଚାରପ୍ରସାର ନିମନ୍ତେ ଏହାର ଯୋଗଦାନ ସମ୍ବନ୍ଧରେ ଉଲ୍ଲେଖ କରିଥିଲେ। ଭଞ୍ଜ ସାଂସ୍କୃତିକ ନ୍ୟାସର ଅଧ୍ୟକ୍ଷ ତଥା ଆର୍‌ଏସ୍‌ପି କର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ରଙ୍କ ମାର୍ଗଦର୍ଶନରେ ଭଞ୍ଜକଳା କେନ୍ଦ୍ରର ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗର ସହକାରୀ ପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଇସ୍ପାତ କାରଖାନା ଶ୍ରମିକ ନିର୍ବାଚନ ନେଇ ସିଆଇଟିୟୁର ପ୍ରଚାର ଅଭିଯାନ

ରାଉରକେଲା, ୬।୧୧ (ସଙ୍ଗୀତା ଜେନା)

ଇସ୍ପାତ ଶ୍ରମିକ ନିର୍ବାଚନ ପାଇଁ ସିଆଇଟିୟୁ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ବୁଧବାର ସନ୍ଧ୍ୟାରେ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ସଭାପତିତ୍ୱରେ ଇସ୍ପାତ ଶ୍ରମିକମାନଙ୍କର ବିଶାଳ ସାଧାରଣସଭା ସେକ୍ଟର-୧୬ ଶ୍ରମିକ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଏସ୍‌ଡବ୍ଲ୍ୟୁଏଫଆଇ ସାଧାରଣ ସମ୍ପାଦକ ତଥା ଏନ୍‌ଜେସିଏସ୍ ସଭ୍ୟ ଲଳିତ ମିଶ୍ର ରାଉରକେଲା ଇସ୍ପାତ କାରଖାନାରେ ଆସନ୍ତା ୧୨ରେ ହେବାକୁ ଥିବା ସ୍ୱୀକୃତିପ୍ରାପ୍ତ ନିର୍ବାଚନରେ ସିଆଇଟିୟୁକୁ ବିଜୟ କଲେ ହିଁ ଇସ୍ପାତ ଶ୍ରମିକମାନଙ୍କର ଏନଜେସିଏସ ଚୁକ୍ତିନାମା ତୁରନ୍ତ କରିବା, ତ୍ରୁଟିପୂର୍ଣ୍ଣ ବୋନସ୍ ଫର୍ମୁଲା ପରିବର୍ତ୍ତନ ତଥା ଗ୍ରାଚ୍ୟୁଇଟି ସିଲିଂ ପ୍ରତ୍ୟାହାରରେ ବ୍ୟାପକ ସହାୟତା କରିବ। ଇସ୍ପାତ ଶିଳ୍ପକୁ ଘରୋଇକରଣରୁ ରକ୍ଷା କରିବା ସହିତ ୩୯ମାସର ଏରିଅର, ଗୋଟିଏ ଅତିରିକ୍ତ ଇନକ୍ରମେନଟ୍ ପ୍ରଦାନ କରିବା ସହିତ ତୂରନ୍ତ ଏନଜେସିଏସ୍ ଚୁକ୍ତିନାମା ଶେଷ କରାଯାଇ ପାରିବ। ସିଆଇଟିୟୁକୁ ବିଜୟୀ କଲେ ହିଁ ଉଭୟ ଇସ୍ପାତ କାରଖାନା ଶ୍ରମିକ ଏବଂ ଏନଜେସିଏସ୍‌ର ଭବିଷ୍ୟତ ସୁରକ୍ଷିତ ରହିପାରିବ ବୋଲି ଆଲୋଚନା କରାଯାଇଥିଲା। ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଏକ ସଫଳ ଏନଜେସିଏସ୍ ଚୁକ୍ତିନାମା ସହ ସ୍ଥାନୀୟ ସ୍ତରରେ ଆଇଜିଏଚ୍‌ରେ ଚିକିତ୍ସାର ମାନବୃଦ୍ଧି ସହ ସୁପରସ୍ପେସାଲିଟି ମେଡିକାଲକୁ ଆପୋଲୋ ବଦଳରେ ଏମସ୍‌କୁ ଦେବାପାଇଁ ପ୍ରଚେଷ୍ଟା କରିବ। ଆଲୋଚନା ସଭାରେ ଉପସ୍ଥିତ ବହୁ ଯୁବ ଶ୍ରମିକଙ୍କ ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମରେ ଡିପ୍ଲୋମାମାନଙ୍କର ଜେଇ ପଦବୀ ସହ ସମସ୍ତ ଯୋଗ୍ୟତା ଅନୁଯାୟୀ ପଦବୀ ପ୍ରଦାନକୁ ସମର୍ଥନ କରିବା ସହ ଗ୍ରାଚ୍ୟୁଇଟିରେ ସିଆଇଟିୟୁର କେସ୍ ସମ୍ପର୍କରେ ଓ ବୋନସ୍ ଚୂକ୍ତିନାମା ସମ୍ପର୍କରେ ଲଳିତ୍ ମିଶ୍ର ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ବସନ୍ତ ନାୟକ ସ୍ୱାଗତ କରିଥିଲାବେଳେ ଆର୍‌ସିଡବ୍ଲ୍ୟୁୟୁର ସାଧାରଣ ସମ୍ପାଦକ ବିମାନ ମାଇତି ଧନ୍ୟବାଦ ଅର୍ପଣ କରିଥିଲେ।

## ବିପିୟୁଟି କର୍ନିଭାଲ ଉତ୍ସବ ରାଉରକେଲାରେ ହେଉ

### ବିପିୟୁଟି ମୁଖ୍ୟାଳୟରେ ହେବା ନେଇ ତେଜିଲା ଦାବି


ବିରୋଧକାରୀ ବିପିୟୁଟି ସମ୍ମୁଖରେ ବିରୋଧ ନାରାବାଜି କରୁଛନ୍ତି।

ରାଉରକେଲା, ୬।୧୧ (ବିପ୍ଳବରଞ୍ଜନ ଦାଶ)

ବିପିୟୁଟି କର୍ଣ୍ଣିଭାଲ ମହୋତ୍ସବ-୨୦୨୪ ଭୁବନେଶ୍ୱରରେ ହେବା ଧାର୍ଯ୍ୟ ହୋଇଥିବାବେଳେ ଏହାର ପୁନଃବିଚାର ଦାବି କରାଯାଇଛି। ଏହା ରାଉରକେଲାରେ ବିପିୟୁଟି ମୁଖ୍ୟାଳୟରେ ହେବା ନେଇ ଦାବି ତେଜୁଛି। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବା ସହ ବିରୋଧକାରୀ ବିପିୟୁଟି ସମ୍ମୁଖରେ ନାରାବାଜୀ କରିଛନ୍ତି।

ରାଉରକେଲାରେ ବିପିୟୁଟିର ମୁଖ୍ୟ କାର୍ଯ୍ୟାଳୟ ଥାଇ ଭୁବନେଶ୍ୱରରେ ମହୋତ୍ସବ ହେବା ଦୁଃଖର ବିଷୟ ବୋଲି ଉଲ୍ଲେଖ କରାଯାଇଛି। ମହୋତ୍ସବ ରାଉରକେଲାଠାରେ ପାଳନ କରାଗଲେ ସ୍ଥାନୀୟ ପ୍ରତିଭାଶାଳୀ କଳାକାର ନିଜର ଦକ୍ଷତା ଉପସ୍ଥାପନା କରିବାର ସୁଯୋଗ ପାଇବେ। ଏଥିସହ ଏହି ମହୋତ୍ସବ ହେଲେ ସ୍ଥାନୀୟ ବ୍ୟବସାୟୀମାନଙ୍କର କାରବାର ବୃଦ୍ଧି ହେବା ସହିତ ଜିଲାର ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ସାର୍ଥକ ହେବ। ଏଥିସହ ଉତ୍ସବରେ ରାଉରକେଲାର ପ୍ରତିନିଧିତ୍ୱ କ୍ଷେତ୍ରୀୟ ବିକାଶରେ ମଧ୍ୟ ସହାୟକ ହେବ ବୋଲି ଦାବି ଉଲ୍ଲେଖ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନରେ ରାଉରକେଲା ବିକାଶ ମଞ୍ଚର ପୃଷ୍ଠପୋଷକ ଡକ୍ଟର ସୁମନ ଦତ୍ତ, ହିନ୍ଦ ମଜଦୁର ସଭାର ରାଜ୍ୟ ସମ୍ପାଦକ ଦିଗାମ୍ବର ମହାନ୍ତି, ସୁପ୍ରତିକ ମିଶ୍ର, ମୁକ୍ତିକାନ୍ତ ବିଶ୍ୱାଳ, ଚକ୍ରାନ୍ତ ଜେନା ପ୍ରମୁଖ ସମ୍ମିଳିତ ରହିଥିଲେ। ରାଉରକେଲା ବିପିୟୁଟିରେ ମଧ୍ୟ ବିରୋଧ ପ୍ରଦର୍ଶନ କରିଥିଲେ।

## ସୀମାନ୍ତରେ ପୋଲିସ, ଅବକାରୀ ଚଢ଼ାଉ

ରାଉରକେଲା, ୬।୧୧ (ସଙ୍ଗୀତା ଜେନା)

ଚଳିତ ମାସରେ ଝାଡଖଣ୍ଡରେ ନିର୍ବାଚନ ହେବାକୁ ଯାଉଛି। ଏ ନେଇ ଉଭୟ ରାଜ୍ୟର ପୋଲିସ ସକ୍ରିୟ ହୋଇଛି। ଏହି କ୍ରମରେ ବୁଧବାର ସକାଳେ ରାଉରକେଲା ପୋଲିସ, ଝାଡ଼ଖଣ୍ଡ ଅବକାରୀ ଏବଂ ଓଡ଼ିଶା ରାଉରକେଲା ଅବକାରୀ, ୧ ପ୍ଲାଟୁନ ଏପିଆର ଫୋର୍ସ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ଜରେଇକେଲା, ଭାଲୁଲତା ସମେତ ମକରନ୍ଦା, ନୂଆଡିହୀ, ସ୍କୁଲଟୋଲା, କୁସୁମଡ଼ିହ, ସୁଗଜୁରି, ଭୁରତାବହାଲ ଆଦି ପ୍ରମୁଖ ଗ୍ରାମରେ ମିଳିତ ଚଢ଼ାଉ କରାଯାଇଥିଲା। ୨୭ ହଜାର କେଜି ପୋଚ, ଦେଶୀମଦ ଜବତ ହୋଇଥିଲା। ଅବକାରୀ ବିଭାଗ ସୁପରିଟେଣ୍ଡେଣ୍ଟ ଆସିଫ୍ ଅଲ୍ଲୀଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର ମୋହନ ପ୍ରଧାନ ଯୋଗଦେଇଥିଲେ।

## ସ୍କ୍ରାପ୍ ବୋଝେଇ ଟ୍ରକ୍ ଧରିଲା ପୋଲିସ

### ଅନୁସନ୍ଧାନ କରୁଛି ରାଜ୍ୟ ସିଟି ଆଣ୍ଡ ଜିଏସ୍‌ଟି

ରାଉରକେଲା, ୬।୧୧ (ସଙ୍ଗୀତା ଜେନା)

ମଙ୍ଗଳବାର ବିଳମ୍ବିତ ରାତିରେ ଏକ ସ୍କ୍ରାପ୍ ବୋଝେଇ ଟ୍ରକ ସେକ୍ଟର-୨ରୁ ବ୍ରାହ୍ମଣୀତରଙ୍ଗ ଥାନା ଆଡକୁ ଯାଉଥିବା ବେଳେ ତାହା ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ଧରାପଡ଼ିଥିଲା। ପୋଲିସ ତଦନ୍ତ ପାଇଁ ଗାଡିକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ପୋଲିସକୁ ସନ୍ଦେହହେବାରୁ ରାଜ୍ୟ ସିଟି ଆଣ୍ଡ ଜିଏସ୍‌ଟି ବିଭାଗକୁ ସୂଚନା ଦିଆଯାଇଛି।

## ମେଧାବୀ ଛାତ୍ରଙ୍କୁ ଡାକ୍ତରୀ ଶିକ୍ଷା ଲାଭ ନିମନ୍ତେ ସହଯୋଗ

ରାଉରକେଲା, ୬।୧୧ (ବିପ୍ଳବରଞ୍ଜନ ଦାଶ)

ଜଣେ ମେଧାବୀ ଛାତ୍ରଙ୍କୁ ଡାକ୍ତରୀ ଶିକ୍ଷା ଲାଭ ପାଇଁ ପୂର୍ବତନ ଛାତ୍ର ଗୋଷ୍ଠୀ ସହଯୋଗ କରିଛନ୍ତି। ଆଜିର ସମୟରେ ମଧ୍ୟ ମଣିଷପଣିଆ ବଞ୍ଚି ରହିଥିବା ପ୍ରମାଣକରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ତେବେ ଏଭଳି ମହାନ କାମ କରିଛନ୍ତି ସୁନ୍ଦରଗଡ଼ ଜିଲା ଲାଇଙ୍ଗ ଏକଲବ୍ୟ ବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦର ସଦସ୍ୟ। ଲାଇଙ୍ଗ ଏକଲବ୍ୟ ବିଦ୍ୟାଳୟର ଛାତ୍ର ସତ୍ୟ ଓରାମ ଡାକ୍ତରୀ ପ୍ରବେଶିକା(ନିଟ୍) ପରୀକ୍ଷାରେ ଭଲ ର୍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ମାତ୍ର ଆର୍ଥିକ ଅଭାବ ସତ୍ତ୍ୱେ କଠିନ ପରିଶ୍ରମ କରି ସତ୍ୟ ନିଜ ମା' ବାପା ଓ ଗୁରୁଜନଙ୍କ ଆଶୀର୍ବାଦରୁ ଓରାମ ସମ୍ପ୍ରଦାୟର ନାମ ରଖିଛନ୍ତି। ମାତ୍ର ଡାକ୍ତରୀ ପାଠ ଅଧ୍ୟୟନ କରିବା ପାଇଁ ଆର୍ଥିକ ଅସୁବିଧା ରହିଥିବା ଜାଣି ବିଦ୍ୟାଳୟର ଆଲୁମନିମାନେ ଆର୍ଥିକ ସହାୟତାର ହାତ ବଢାଇଛନ୍ତି। ସତ୍ୟର ପୁସ୍ତକ ତଥା ଜରୁରୀ ଜିନିଷ କିଣିବା ପାଇଁ ୧୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ବିଦ୍ୟାଳୟର ଆଲୁମନି ଗଣେଷ ଓରାମ, ରୋହିତ କୁଜୁର ଓ ତାଙ୍କ ସମସ୍ତ ସହପାଠୀ ଏଭଳି ମହତ କାମ କରିଥିବାରୁ ନିଜକୁ ଧନ୍ୟ ମନେ କରିଛନ୍ତି।

## ସିଭିଲଟାଉନଶିପ୍ ସାଂସ୍କୃତିକ ପରିଷଦର ବୋଇତ ବନ୍ଦାଣ ୧୪ରେ


ଖବରଦାତା ସମ୍ମିଳନୀରେ ସିଭିଲଟାଉନ୍‌ଶିପ୍ ସାଂସ୍କୃତିକ ପରିଷଦର କର୍ମକର୍ତ୍ତା।

ରାଉରକେଲା, ୬।୧୧ (ସଙ୍ଗୀତା ଜେନା)

ଓଡ଼ିଶା ପରମ୍ପରା ଓ ଐତିହ୍ୟକୁ ଉଜ୍ଜୀବିତ କରିବା ତଥା ନୂତନ ପିଢ଼ିକୁ ଏହା ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ କାର୍ତ୍ତିକ ମାସରେ ବିଭିନ୍ନ ସ୍ଥାନରେ ବୋଇତବନ୍ଦାଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଇସ୍ପାତ ସହରରେ ଏକାଧିକ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବୋଇତବନ୍ଦାଣ କାର୍ଯ୍ୟକ୍ରମ କରାଯାଉଛି। ଏହି କ୍ରମରେ ସିଭିଲଟାଉନ୍‌ଶିପ୍ ସାଂସ୍କୃତିକ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ୧୪ରେ ହେବ। ଏଠାରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ୩ୟ ବର୍ଷରେ ପଦାର୍ପଣ କରିଛି। ଚଳିତବର୍ଷ ଏଥିରେ ଖ୍ୟାତନାମା ଓଡ଼ିଆ କଣ୍ଠଶିଳ୍ପୀ ଓ କଳାକାରମାନେ ମୁଖ୍ୟ ଆକର୍ଷଣ ସାଜିବେ। ଆସନ୍ତା ୧୪ ତାରିଖ ସନ୍ଧ୍ୟାରେ ସିଭିଲଟାଉନଶିପ୍ ପଡ଼ିଆରେ ଭବ୍ୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ ନେଇ ବୁଧବାର ଅପରାହ୍ନରେ ପାନପୋଷସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ସୂଚନା ପ୍ରଦାନ କରି ପରିଷଦର ଅଧ୍ୟକ୍ଷ ପ୍ରମୋଦ ନାୟକ କହିଲେ, ଏହିବର୍ଷ ସିନେଷ୍ଟାର ତଥା ହାସ୍ୟଅଭିନେତା ପପୁ ପମ୍‌ପମ୍, ସଙ୍ଗୀତକାର ତଥା କଣ୍ଠଶିଳ୍ପୀ ଅଭିଜିତ୍ ମଜୁମଦାର, ଅନନ୍ୟା ଶ୍ରୀତମ ନନ୍ଦ, କୁଳଦୀପ ପଟ୍ଟନାୟକ ପ୍ରମୁଖ ଯୋଗଦେବେ। ବୋଇତବନ୍ଦାଣ ନୃତ୍ୟନାଟିକା, ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିରେ ରାଉରକେଲା ଏଡିଏମ୍, ଏସ୍‌ପି, ବିଧାୟକ, ଡିଏଫ୍‌ଓ ପ୍ରମୁଖ ବ୍ୟକ୍ତିବିଶେଷ ଯୋଗଦେବେ। ଉକ୍ତ କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟାରେ ଲୋକ ଯୋଗଦେବାକୁ ଅନୁରୋଧ କରିଥିଲେ ନାୟକ। ଅନୁଷ୍ଠାନର କୋଷାଧ୍ୟକ୍ଷ ପ୍ରକାଶ ଧଳଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ପ୍ରମୋଦ ନାୟକ, କାର୍ଯ୍ୟକାରୀ ସଭାପତି ସୁଧାଂଶୁ ସାମଲ, ସାଧାରଣ ସମ୍ପାଦକ ପ୍ରତୀକ ଭୂୟାଁ, ଉପସଭାପତି ଶଶାଙ୍କ ପ୍ରଧାନ, ପୁଷ୍ପାଲେଙ୍କା, ଗଗନ ପଣ୍ଡା, ଜ୍ୟୋତ୍ସ୍ନା ନାୟକ, ଆଇନପରାମର୍ଶଦାତା ଶିବୁଲାଲ ସାହୁ, ବିରଞ୍ଚି ସାମଲ, ସନ୍ତୋଷ ନାୟକ, ହେବନ୍ତ ସାହୁ, ପ୍ରଣୟ ନାୟକ, ଭରତ ବେହେରା, ସୁରଜ ଭଟର, ପ୍ରମୋଦ ପ୍ରଧାନ, ହିମାଂଶୁ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସଭାପତି ସୁଜିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସ୍‌ପି ତରଫରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ରାଉରକେଲା, ୬।୧୧ (ବିପ୍ଳବ ରଞ୍ଜନ ଦାଶ)


ଆର୍‌ଏସ୍‌ପି ତରଫରୁ ସ୍ୱାସ୍ଥ୍ୟ ସଚେତନତା ର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳା କର୍ମଚାରୀ।

ଆର୍‌ଏସ୍‌ପିର ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳାଙ୍କ ସ୍ୱାସ୍ଥ୍ୟ ଏବଂ ପରିଚ୍ଛନ୍ନତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଅତିରିକ୍ତ ସିଏମ୍‌ଓ (ମୁଖ୍ୟ ଚିକିତ୍ସା ଅଧିକାରୀ) ଡା. ପ୍ରତିଭା ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଡେପୁଟି ସିଏମ୍‌ଓ ଡା. ସୁରେନ୍ଦ୍ର କୁମାର, ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟ ଡାକ୍ତର ଏବଂ କର୍ମଚାରୀ ଉପସ୍ଥିତ ରହିଥିଲେ। କାରଖାନାର ବିଭିନ୍ନ ୟୁନିଟର ଅଧିକାରୀମାନଙ୍କ ସମେତ ମୋଟ ୩୧ଜଣ ମହିଳା କର୍ମଚାରୀ ଏଥିରେ ଭାଗ ନେଇଥିଲେ। ଏହି ଅବସରରେ ଡାକ୍ତର ଷଡଙ୍ଗୀ କର୍ମଜୀବୀ ମହିଳାମାନଙ୍କର ଏକାଧିକ ଭୂମିକା ନିର୍ବାହ ପରିପ୍ରେକ୍ଷୀରେ ସେମାନଙ୍କ ସ୍ୱାସ୍ଥ୍ୟର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ତାଙ୍କର ଉପସ୍ଥାପନାରେ ରକ୍ତସ୍ରାବ ଜନିତ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା, ଗର୍ଭାବସ୍ଥାରେ ପୁଷ୍ଟିକର ଖାଦ୍ୟ, ସ୍ତନ୍ୟପାନ ଓ ମେନୋପେଜ ତଥା ମେନୋପେଜ ପରବର୍ତ୍ତୀ ସମୟର ଯତ୍ନ ଆଦି ବିଷୟ ସ୍ଥାନ ପାଇଥିଲା। ଏକ ସଫଳ ଓ ଅର୍ଥପୂର୍ଣ୍ଣ ଜୀବନଧାରଣ ପାଇଁ ସକ୍ରିୟ ପଦକ୍ଷେପ ନେବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବୈଷୟିକ ଅଧିବେଶନ ପରେ ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶଗ୍ରହଣକାରୀମାନେ ଉତ୍ସାହର ସହିତ ନିଜର ଦ୍ୱନ୍ଦ୍ୱ ଦୂର କରିବା ସହିତ ବିଭିନ୍ନ ସମାଧାନ ପନ୍ଥା ବିଷୟରେ ଅବଗତ ହୋଇଥିଲେ। ପ୍ରାରମ୍ଭରେ ଡକ୍ଟର ସୁରେନ୍ଦ୍ର କୁମାର ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ବୃତ୍ତିଗତ ସ୍ୱଚ୍ଛତା ଟେକ୍ନିସିଆନ କେ.ସି ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଶହୀଦ ସ୍ମୃତିପୀଠ ଆମକୋ-ସିମକୋ ପୁସ୍ତକ ଉନ୍ମୋଚିତ

ରାଉରକେଲା, ୬।୧୧ (ବିପ୍ଳବରଞ୍ଜନ ଦାଶ)



ଶହୀଦ ସ୍ମୃତିପୀଠ ଆମକୋ-ସିମକୋ।

ଭାରତ ସରକାରଙ୍କ ପ୍ରକାଶନ ବିଭାଗ (ଏନ୍.ବି.ଆଇ) ଦ୍ୱାରା ଶହୀଦ ସ୍ମୃତିପୀଠ ଆମକୋ-ସିମକୋ ପୁସ୍ତିକା ଉନ୍ମୋଚିତ ହୋଇଯାଇଛି। ୧୯୩୯ ମସିହା ଏପ୍ରିଲ ୨୫ରେ ସୁନ୍ଦରଗଡ଼ ଜିଲାର ଆମକୋ-ସୀମକୋ ଠାରେ ଇଂରେଜମାନଙ୍କ ଦ୍ୱାରା ଘଟିଥିବା ଆଦିବାସୀ ନରସଂହାର ଉପରେ ଆଧାରିତ ପୁସ୍ତକ 'ଶହୀଦ ସ୍ମୃତିପୀଠ ଆମକୋ-ସିମକୋ। ପୁସ୍ତକର ମୁଖ୍ୟ ବିଶେଷତ୍ୱରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦେଶର ସର୍ବାଙ୍ଗୀନ ବିକାଶ ନେଇ ପରିକଳ୍ପିତ ଅମୃତ ମହୋତ୍ସବର ଉଦ୍ଦେଶ୍ୟକୁ ଉପସ୍ଥାପନ କରାଯାଇଛି। ଏହି ପୁସ୍ତକ ବେଦବ୍ୟାସ ସଂସ୍କୃତ କଲେଜର ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ଦ୍ୱାରା ଲିଖିତ ହୋଇଛି। ଏଭଳି ଉଚ୍ଚକୋଟିର ଲେଖନୀ ଯାହାକି ଦେଶ ପାଇଁ ବଳିଦାନ ଦେଇଥିବା ଶହୀଦ ଆଦିବାସୀମାନଙ୍କ ବୀରଗାଥାକୁ ସ୍ମରଣ କରାଇବା ସହ ଦେଶଭକ୍ତି ଭାବନା ଜାଗ୍ରତ କରାଇବ। ଏନେଇ ଡ. ପଣ୍ଡାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳୁଥିବାବେଳେ ଆଗକୁ ଆହୁରୀ ଏହିଭଳି ପୁସ୍ତକ ମାଧ୍ୟମରେ ଦେଶ ପାଇଁ ବଳିଦାନ ଦେଇଥିବା ଶହୀଦ ବୀରଙ୍କ ବୀରଗାଥା ଲେଖିବା ଜାରି ରହିବ ବୋଲି କହିଛନ୍ତି।

## ମହାନଦୀ ଅବବାହିକା ପରିଚାଳନାକୁ ନେଇ କର୍ମଶାଳା

ରାଉରକେଲା, ୬।୧୧ (ସଙ୍ଗୀତା ଜେନା)



ବିବି ଅଡିଟୋରିୟମରେ ଆୟୋଜିତ କର୍ମଶାଳାରେ ଉପସ୍ଥିତ ଅତିଥି ଓ ସହଭାଗୀମାନେ।

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି)ରେ ସ୍ୱତନ୍ତ୍ର ଭାବେ ମହାନଦୀ ଅବବାହିକା ପରିଚାଳନା ଅଧ୍ୟୟନ ପାଇଁ ଏକ ନୂତନ କେନ୍ଦ୍ର ଉଦ୍‌ଘାଟନ କରାଯାଇଛି। ଏକ ବିଶେଷ ଅନୁସନ୍ଧାନ ହବ୍ ଭାବରେ ପ୍ରତିଷ୍ଠିତ ଏହି କେନ୍ଦ୍ରରେ ମହାନଦୀରେ ହେଉଥିବା ଜଟିଳ ପରିବେଶ, ଏହାର ସମାଧାନ ପାଇଁ ନଦୀ ମନିଟରିଂ, ତଥ୍ୟ ସଂଗ୍ରହ ଏବଂ ଜ୍ଞାନ ଉତ୍ପାଦନ ଆଦି ପରିଚାଳନା କରାଯିବ।

ଏହା ପୂର୍ବରୁ ଗତ ଫେବୃଆରୀରେ ରାଉରକେଲା ଏନ୍‌ଆଇଟି ଓ ଭାରତର ଜଳମନ୍ତ୍ରଣାଳୟ ଏକ ସ୍ମାରକପତ୍ର ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତିନାମା ଅନୁଯାୟୀ ମହାନଦୀ ଅବବାହିକା ପାଇଁ ଏକ କଣ୍ଡିସନ୍ ଆସ୍ସମେଣ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ପ୍ଲାନ୍ (ସିଏମ୍‌ପି) ପରିଚାଳନା ପାଇଁ ଉକ୍ତ ଶିକ୍ଷାନୁଷ୍ଠାନ କନ୍ସୋର୍ଟିୟମ ଇନ୍‌ଷ୍ଟିଚ୍ୟୁଟ୍ ଭାବେ ଦାୟିତ୍ୱ ନିର୍ବାହ କରୁଛି। ଜଳଶକ୍ତି ମନ୍ତ୍ରଣାଳୟ ଅଧିନରେ ଥିବା ଜାତୀୟ ନଦୀ ସଂରକ୍ଷଣ ନିର୍ଦ୍ଦେଶାଳୟ ଦ୍ୱାରା ଆର୍ଥିକ ଅନୁଦାନରେ ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶା ତଥା ବାହାର ରାଜ୍ୟରେ ଥିବା ନଦୀ ଅବବାହିକାଗୁଡ଼ିକର ପରିଚାଳନା କରାଯିବ। ଏହି ଅବସରରେ ମହାନଦୀ ଅବବାହିକା ପରିଚାଳନା ସମ୍ପର୍କିତ ୫ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନ ଏନ୍‌ଆଇଟି କ୍ୟାମ୍ପସସ୍ଥିତ ଭୁବନେଶ୍ୱର ବେହେରା ଅଡିଟୋରିୟମ୍‌ରେ ହୋଇଥିଲା। ଏଥିରେ ଏନ୍‌ଆଇଟି ରାଉରକେଲାରେ ମହାନଦୀ ସଂରକ୍ଷଣ ଓ ଜଳସମ୍ପଦ ପରିଚାଳନାରେ ଥିବା ବିଶେଷଜ୍ଞଙ୍କ ଏକ ସମାବେଶ ମଧ୍ୟ ହୋଇଥିଲା। ଶିକ୍ଷାନୁଷ୍ଠାନର ମହାନଦୀ କେନ୍ଦ୍ରର ସଂଯୋଜକ ପ୍ରଫେସର କିଶନଜିତ୍ ଖଟୁଆ ସ୍ୱାଗତ ଭାଷଣ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱଚ୍ଛଗଙ୍ଗାର ଜାତୀୟ ମିଶନ ପ୍ରତିଷ୍ଠାତା ତଥା ପରାମର୍ଶଦାତା ପ୍ରଫେସର ବିନୋଦ ତାରେ ଯୋଗଦେଇ କହିଲେ, ଆମର ଆଚରଣ ନଦୀର ସଂରକ୍ଷଣ ସହିତ ସମାନ ହେବା ଆବଶ୍ୟକ। ସଂରକ୍ଷଣ ଆମ ସଂସ୍କୃତିରେ ଗଭୀର ଭାବରେ ଜଡ଼ିତ ରହିଛି।

ଏହି ଐତିହ୍ୟକୁ ସମ୍ମାନ ଦେବା ଅତ୍ୟନ୍ତ ଜରୁରୀ ବୋଲି ତାରେ କହିଥିଲେ। ସେହିପରି ସିଭିଲଇଞ୍ଜିନିୟରିଂ ବିଭାଗ ମୁଖ୍ୟ ପ୍ରଫେସର ସୁରେଶ ପ୍ରସାଦସିଂହ ମହାନଦୀର ଭୂମିକା ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ.ଉମା ମହେଶ୍ୱର ରାଓ ବ୍ୟାପକ ପରିବେଶ ପଦକ୍ଷେପକୁ ସମର୍ଥନ କରିବା ପାଇଁ ଅନୁଷ୍ଠାନର ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ, ସଚିବ ତଥା ମହାନଦୀ ଅବବାହିକା ପାଇଁ ନିଯୁକ୍ତ ନୋଡାଲ ଅଧିକାରୀ ଡା. କେ ମୁରୁଗସେନ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଦିନକୁ ଦିନ ନଦୀ ଅବବାହିକାରରେ ପ୍ରଦୂଷଣ ସୀମା ଟପୁଛି। ଏହା ସ୍ୱଚ୍ଛ ପରିବେଶ ପାଇଁ ପ୍ରତିବନ୍ଧକ ସୃଷ୍ଟି କରୁଛି। ନିରନ୍ତର ପ୍ରକ୍ରିୟା ନଦୀକୁ ସ୍ୱଚ୍ଛ ରଖିବାରେ ସହାୟକ ହେବ ବୋଲି ମୁରୁଗସେନ୍ କହିଥିଲେ। ଓଡ଼ିଶା ଜଳବିଭାଗର ଇଆଇସି ଏବଂ ସ୍ୱତନ୍ତ୍ର ସଚିବ ଇଂ. ଆଶୁତୋଷ ଦାଶ ରାଜ୍ୟରେ ଜଳସଂଶାଧନଗୁଡ଼ିକର ପରିଚାଳନା, ସ୍ୱଚ୍ଛତା ତଥା ସହରୀ ବିକାଶରେ ନଦୀ ଭୂମିକା, କୃଷି ଓ ଶିଳ୍ପାୟନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫେସର ସନତ ନଳିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳା ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ।

# ୨୨ରୁ ସଂଗ୍ରହ ହେବ ଖରିଫ ଧାନ

ସମ୍ବଲପୁର, ୬।୧୧ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାରେ ଆସନ୍ତା ୨୨ତାରିଖରୁ ୨୦୨୪-୨୫ ବର୍ଷର ଖରିଫ ଧାନ ସଂଗ୍ରହ ଆରମ୍ଭ ହେବେ। ଖରିଫ ଧାନ ସଂଗ୍ରହ ପାଇଁ କୌଣସି ଲକ୍ଷ୍ୟ ଧାର୍ଯ୍ୟ ହୋଇନାହିଁ। ତେବେ ବିକ୍ରୟରେ କୌଣସି ଚାଷୀ ଅଭାବି ବିକ୍ରୀର ସମ୍ମୁଖୀନ ହେବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଜିଲାପାଳ ବୋନ୍ଦର ଅଧକ୍ଷତା କରିଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଢ଼ାଖୋଲ ବିଧାୟକ ତଥା ବିଧାନ ସଭାରେ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଚାଷୀଙ୍କ ପୂର୍ବ ସମସ୍ୟାଗୁଡ଼ିକୁ ନେଇ ଆଲୋଚନା ହୋଇଥିଲା। ଉକ୍ତ ସମସ୍ୟାର ସମାଧାନ ପାଇଁ ଜନପ୍ରତିନିଧିଙ୍କ ପରାମର୍ଶ ଆଧାରରେ ଚାଷୀ ଯେପରି ସୁବିଧାରେ ନିଜ ଧାନ ବିକ୍ରି କରିପାରିବେ ସେଥିପାଇଁ ଜିଲାସ୍ତରରେ ହୋଇଥିବା ଅବଶ୍ୟକ ପ୍ରସ୍ତୁତି କରିବାକୁ ନିଷ୍ପତ୍ତି ହୋଇଥିଲା। ଧାନ ବିକ୍ରୟରେ ଚାଷୀ ଯେପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ ହେବାକୁ ଜିଲାପାଳ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନର ନିର୍ଦ୍ଦେଶ ଖିଲାପକାରୀ ଅଧିକାରୀ, ମିଲର ଓ ଦଲାଲମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ କହିଛନ୍ତି।

ବୈଠକରେ ଚାଷୀ ପ୍ରତିନିଧିଙ୍କ ପକ୍ଷରୁ ନଭେମ୍ବର ୧୮ ରୁ ଧାନ ସଂଗ୍ରହ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ମାତ୍ର ଧାନ ସଂଗ୍ରହ କେନ୍ଦ୍ରରେ ଭିତ୍ତିଭୂମି ତଥା ଜିଲାସ୍ତରରେ ଏଥିପାଇଁ ପ୍ରସ୍ତୁତିକୁ ଦୃଷ୍ଟିରେ ରଖି ଜିଲାପାଳ, ଉପସ୍ଥିତ ଚାଷୀ ଓ ଜନ ପ୍ରତିନିଧିଙ୍କ ଅନୁମୋଦନ କ୍ରମେ ସମ୍ବଲପୁର ଜିଲାରେ ଆଗାମୀ ୨୨ତାରିଖରୁ ପ୍ରଥମ ପର୍ଯ୍ୟାୟ ଖରିଫ ଧାନ ସଂଗ୍ରହ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଜିଲାପାଳ ବୋନ୍ଦରଙ୍କ ସୂଚନା ଅନୁସାରେ ସମଗ୍ର ଜିଲାରେ ସମୁଦାୟ ୧୨୯ଟି କେନ୍ଦ୍ରରେ ଧାନ ସଂଗ୍ରହ କରାଯିବ। ଏଥିପାଇଁ ପ୍ରତ୍ୟେକ ଧାନ ସଂଗ୍ରହ କେନ୍ଦ୍ରରେ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରେ ଚାଷୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଧାନର ମାନ ନିର୍ଦ୍ଧାରଣ ପାଇଁ ସଂଗ୍ରହ କେନ୍ଦ୍ରଗୁଡ଼ିକରେ ଡିଜିଟାଲ ଆର୍ଦ୍ରତା ମିଟର, ଅଦିନିଆ ତଥା ଅପ୍ରତ୍ୟାଶିତ ବର୍ଷାରୁ ସୁରକ୍ଷା ପାଇଁ ତାରପୋଲିନ, ଓଜନ ମେଶିନ, ବିଶ୍ଳେଷଣ କିଟ୍ ଆଦି ବିଭିନ୍ନ ଆବଶ୍ୟକ ଉପକରଣ ଯୋଗାଇ ଦିଆଯିବ। ସେହିପରି ଧାନ ସଂଗ୍ରହ କେନ୍ଦ୍ରରେ ଚାଷୀଙ୍କ ପାଇଁ ପ୍ରତୀକ୍ଷାଗାର, ଖରାଦାଉରୁ ରକ୍ଷା ପାଇଁ ଛାଇ ବ୍ୟବସ୍ଥା, ପାନୀୟଜଳ, ଆଲୋକ, ଶୌଚାଳୟ, ମୂଲ୍ୟ ପ୍ରଦର୍ଶନ ବୋର୍ଡର ବ୍ୟବସ୍ଥା ହୋଇଛି। ଧାନ ସଂଗ୍ରହର ତଦାରଖ ନିମନ୍ତେ ୧୨୯ଟି କେନ୍ଦ୍ର ପାଇଁ ୧୨୩ ଜଣ ନୋଡାଲ ଅଧିକାରୀ ଓ ୨୩ ଜଣ ସୁପରଭାଇସିଂ ଅଧିକାରୀ ନିୟୋଜିତ କରାଯାଇଛି। ମଣ୍ଡିସ୍ତରରେ ସମସ୍ତ ଚାଷୀ କିଭଳି ଠିକ୍ ସମୟରେ ଧାନର ବିକ୍ରୟ ବାବଦ ଟଙ୍କା ପାଇବେ ତାହାକୁ ପ୍ରାଥମିକତା ଦିଆଯିବ ବୋଲି ଜିଲାପାଳ କହିଥିଲେ। ଟୋକନ ମିଳିବା ଓ ଲାପ୍ସ ହେବା ଭଳି ସମସ୍ୟା ସମ୍ପର୍କରେ ଜିଲାପାଳ କହିଲେ ଯେ, ଟୋକନ ପାଇଁ ପ୍ରତ୍ୟେକ ପଞ୍ଜିକୃତ ଚାଷୀଙ୍କୁ ତାଙ୍କ ମୋବାଇଲ୍ ଫୋନରେ ମ୍ୟାସେଜ ଜରିଆରେ ଜଣାଇ ଦିଆଯିବ। ଏହାସହ ଧାନ ବିକ୍ରୀ ପାଇଁ ତାଙ୍କ ପାଇଁ ଧାର୍ଯ୍ୟ ହୋଇଥିବା ଦିନ ସମ୍ପର୍କରେ ୭ ଦିନ ପୂର୍ବରୁ ମ୍ୟାସେଜ ଜରିଆରେ ଅବଗତ କରାଯିବ। ଯଦ୍ୱାରା କୌଣସି ଚାଷୀଙ୍କ ଟୋକୋନ ଲାପ୍ସ ହେବନାହିଁ ବୋଲି ସେ କହିଛନ୍ତି। ବୈଠକରେ ଜିଲାପରିଷଦ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଚନ୍ଦଶେଖର ପଣ୍ଡା, କୁଚିଣ୍ଡା ବିଧାୟକ ପ୍ରତିନିଧି ଦୁଷ୍ମନ୍ତ ନାଏକ, ରେଙ୍ଗାଲି ବିଧାୟକ ପ୍ରତିନିଧି ଚିତ୍ତରଞ୍ଜନ ମହୋତ୍ତମ ମଞ୍ଚାସୀନ ଥିଲେ। ଜିଲା ସମବାୟ ସମିତି ଉପନିବନ୍ଧକ ଗଜେନ୍ଦ୍ର କୁମାର ପଣ୍ଡା, ସହକାରୀ ଉପନିବନ୍ଧକ ସମ୍ବଲପୁର ଅଜିତ କୁମାର ବରଡ୍ଡି, ସହକାରୀ ଉପନିବନ୍ଧକ କୁଚିଣ୍ଡା ପ୍ରଦୀପ କୁମାର ପ୍ରଧାନ ପ୍ରମୁଖଙ୍କ ସହିତ ଜିଲାର କୃଷକ, କୃଷକ ସଙ୍ଗଠନ କର୍ମକର୍ତ୍ତା, ଅନ୍ୟାନ୍ୟ ଜିଲଶସ୍ତରୀୟ ଅଧିକାରୀ ସାମିଲ ହୋଇଥିଲେ। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଗୁଡୁ ବୈଠକକୁ ପରିଚାଳନା କରିଥିଲେ।



ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଓ ଅନ୍ୟମାନେ।

**ସମ୍ବଲପୁର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ**

■ ଧାନ ସଂଗ୍ରହ ପରିମାଣ ଲକ୍ଷ୍ୟ ଧାର୍ଯ୍ୟ ହୋଇନାହିଁ

# ଫୁଟ୍‌ବଲ ଟୁର୍ନାମେଣ୍ଟ: ଗେଙ୍ଗୁଟିପାଲି କ୍ଲବ ଚାମ୍ପିୟନ


ଅତିଥିଙ୍କ ସହ ଚାମ୍ପିୟନ ଓ ରନର ଅପ ଦଳର ଖେଳାଳିମାନେ।

ସମ୍ବଲପୁର, ୬।୧୧ (ବି.ଶଙ୍କର)

କ୍ରୀଷ୍ଟା ଆଦିବାସୀ କ୍ଲବ ଆୟୋଜିତ ୨୮ତମ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ନିର୍ଗୁଣପଡା ଖେଳ ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ଗେଙ୍ଗୁଟିପାଲି ଫୁଟବଲ କ୍ଲବ ବନାମ ରେଙ୍ଗାଲି ରୋୟଲ ଫୁଟବଲ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଗେଙ୍ଗୁଟିପାଲି ଫୁଟବଲ କ୍ଲବ ୪-୩ଗୋଲରେ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ମୁଖ୍ୟ ଅତିଥିଭାବେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ନିର୍ଗଣପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବବ୍ରୁବାହନ ଭୋଇ, ଜାମିନି ବହିଦାର, ବୁଦ୍ଧୁରାମ ମୁର୍ମୁ, ରାଜେନ୍ଦ୍ର ଓରାମ, ବିଜୁ ସ୍ମୃତି କମିଟି ସମ୍ପାଦକ ଦୁଲାଲ ଚନ୍ଦ୍ର ରାୟ, ଶେଷଦେବ ଗୁରୁ, ରାଜେଶ ଗୁପ୍ତା, ବବୁରାମ ପଟେଲ, ସଦାନନ୍ଦ ସାହୁ ସମ୍ମାନୀତ ଅତିଥି ଥିଲେ। କ୍ରୀଷ୍ଟା ଆଦିବାସୀ କ୍ଲବ ସଭାପତି ସୁରେଶ ଓରାମ, ସମ୍ପାଦକ ଭୀମ ଓରାମଙ୍କ ପରିଚାଳନାରେ ଉଦ୍‌ଯାପିନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କ୍ଲବର ସଦସ୍ୟ ଅଜିତ ଓରାମ, ଜଗଦୀଶ ଓରାମ, ମହେଶ ଓରାମ, କିଶୋର ଖଡ଼ିଆ, ପୁଷ୍ପକ ଓରାମ, ସୁରଜ ଓରାମ, ଶକ୍ତି ଚୌଧୁରୀ, ରବିନ ଓରାମ, ଶୋଭା ଓରାମ ପ୍ରମୁଖ ସଦସ୍ୟମାନେ ସହଯୋଗ କରିଥିଲେ। ଟୁର୍ନାମେଣ୍ଟରେ ମୋଟ ୧୬ ଗୋଟି ଦଳ ଭାଗ ନେଇଥିଲେ।

# ଶ୍ରମିକ ସଙ୍ଗଠନର ବୈଠକ

କୁଚିଣ୍ଡା, ୬।୧୧ (ବିରଞ୍ଚି ଦର୍ଶା)

**ଗଜେନ୍ଦ୍ର ଭୋଇ ପଶ୍ଚିମ ଓଡ଼ିଶା ଶ୍ରମିକ ସଙ୍ଗଠନ ସଭାପତି**

ସମ୍ବଲପୁର ଜଲା କୁଚିଣ୍ଡା କେନ୍ଦୁପତ୍ର ଶ୍ରମିକ ଭବନଠାରେ ବୁଧବାର ଶ୍ରମିକ ସଙ୍ଗଠନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଠାବାଡି ନିର୍ମାଣର ବରିଷ୍ଠ ମିସ୍ତ୍ରୀ ନରେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ କୁଚିଣ୍ଡା ଉପଖଣ୍ଡ ଅଧିନ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକ ଅଞ୍ଚଳର କୋଠାବାଡ଼ି ନିର୍ମାଣ ଶ୍ରମିକ, ସହାୟିକା/ସହାୟକ, ରଙ୍ଗମିସ୍ତ୍ରୀ, ବଢେଇ, ରାଜମିସ୍ତ୍ରୀ ଆଦି ବର୍ଗର ଶତାଧିକ ଶ୍ରମିକ ଯୋଗ ଦେଇଥିଲେ। ଏଥିରେ ଏହି ବର୍ଗର ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ପରେ ସର୍ବସମ୍ମତିକ୍ରମେ ଶ୍ରମିକ ସଙ୍ଗଠନ ପାଇଁ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଗଜେନ୍ଦ୍ର ଭୋଇ ସଭାପତି, କିଶୋର କୁମାର କିଷାନ ଉପସଭାପତି, ଅଶୋକ କୁମାର ପଧାନ ସମ୍ପାଦକ, ଜୀବନ କୁମାର ରୋହିଦାସ, ସୋମନାଥ ପଧାନ ଓ ନରେନ୍ଦ୍ର ଛତ୍ରିଆ ସହସମ୍ପାଦକ, ଦୁଃଶାସନ ମାକରଙ୍କୁ କୋଷାଧ୍ୟକ୍ଷ ମନୋନୀତ କରାଯାଇଥିଲା। ମନୋନୀତ କମିଟି କର୍ମକର୍ତ୍ତାମାନେ ଶ୍ରମିକଙ୍କ ସମସ୍ୟା, ସରକାରୀ ସୁବିଧା, ସୁଯୋଗ ଓ ଶ୍ରମିକଙ୍କ ହିତ ଦୃଷ୍ଟିରେ କାମ କରିବାକୁ ପ୍ରୟାସ କରାଯିବ ବୋଲି କହିଛନ୍ତି। ବୈଠକ ପରିଚାଳନାରେ ସୁକାନ୍ତ ଛତ୍ରିଆ, ନରେନ୍ଦ୍ର ଛତ୍ରିଆ, ପର୍ଶୁରାମ ମାଝି, ସୁବ୍ରତ କାଉ, ନରେଶ ମାଝି, ଗୌତମ ମାଝି, ସାଧୁଚରଣ ମାଝି ସହଯୋଗ କରିଥିଲେ।


ବୈଠକରେ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଓ ଅନ୍ୟମାନେ।



ଗଣ୍ଡା ସମାଜ କଲ୍ୟାଣ ପରିଷଦ କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

# ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିକଲା ଗଣ୍ଡା ସମାଜ

ସମ୍ବଲପୁର, ୬।୧୧ (ବି.ଶଙ୍କର)

**ବାଣଫୁଟାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟଣା**

ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ ବିହାରିପଡ଼ାରେ ଗତ ନଭେମ୍ବର ୧ତାରିଖ ରାତିରେ ବାଣଫୁଟାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟଣାରେ ପୋଲିସ ପ୍ରଶାସନର ପକ୍ଷପାତିତା ରହିଛି। ଘଟଣାରେ ଷ୍ଟେଶନପଡ଼ାର ୫ଜଣଙ୍କୁ ଗିରଫ କରାଯାଇଛ। ହେଲେ ଅଦ୍ୟାବଧି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ। ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଯାଉ ନଚେତ ଜିଲା ପୋଲିସ ମୁଖ୍ୟାଳୟରେ ଗଣ୍ଡା ସମାଜ କଲ୍ୟାଣ ପରିଷଦର ଆହ୍ୱାନକ୍ରମେ ଧାରଣା ଦେବାକୁ ବାଧ ହେବେ। ବୁଧବାର ସମ୍ବଲପୁରସ୍ଥିତ ସମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗଣ୍ଡା ସମାଜ କଲ୍ୟାଣ ପରିଷଦ ଅଧକ୍ଷ ନିହାଲ ସିଂ ଏହା କହିଛନ୍ତି। ସେ କହିଛନ୍ତି ଗୋଷ୍ଠୀ ସଂଘର୍ଷରେ ଷ୍ଟେଶନପଡାର ବାଦଲ ତାଣ୍ଡିଙ୍କ ସମେତ ୪ ଜଣ ଆହତ ହୋଇ ଡାକ୍ତରଖାନାରେ ହୋଇଥିଲେ। ସଂପ୍ରତି ଆହତ ବାଦଲଙ୍କ ଅବସ୍ଥା ଗୁରୁତର ରହିଛି। ତେବେ ସମଗ୍ର ଘଟଣାର ଏକ ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ଏଥିସହ ଡାକ୍ତରଖାନାର ଚିକିତ୍ସା ଖର୍ଚ୍ଚ ଓ ତାଙ୍କୁ ସୁରକ୍ଷା ପ୍ରଦାନ କରିବା ଆବଶ୍ୟକତା ରହିଛି ବୋଲି ଅଧକ୍ଷ ସିଂ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ବାଦଲଙ୍କ ସମ୍ପର୍କୀୟ ଅରୁଣ କୁମାର ଛତ୍ରପାଲ, ପରିଷଦର ପ୍ରଦୀପ କୁମାର, ସଞ୍ଜୁଲତା ନାଏକ, ତ୍ରିବିକ୍ରମ ସାହୁ ଘଟଣା ବିଷୟରେ ସୂଚନା ପ୍ରଦାନ କରିଥିଲେ।

# ଯୁବ ରେଡ୍‌କ୍ରସ୍‌ର ପ୍ରବେଶ ଉତ୍ସବ

ନାକଟିଦେଉଳ, ୬।୧୧ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକମହାବିଦ୍ୟାଳୟ ଯୁବ ରେଡକ୍ରସ ୟୁନିଟ ଆନୁକୂଲ୍ୟରେ ରେଡକ୍ରସର ପ୍ରବେଶ ଉତ୍ସବ ବୁଧବାର ଆୟୋଜିତ ହୋଇଯାଇଛି। ଏହି ସମାରୋହରେ ଛାତ୍ରୀଛାତ୍ରମାନଙ୍କୁ ରେଡକ୍ରସର ସେବା ମନ୍ତ୍ରରେ ଦୀକ୍ଷିତ କରାଯାଇଥିଲା। ମହାବିଦ୍ୟାଳୟ ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ପରିଚାଳିତ ପ୍ରେରଣା ସଭାରେ ଯୁଥ ରେଡକ୍ରସ ଅଫିସର ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ରେଡକ୍ରସର ଉଦ୍ଦେଶ୍ୟ ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଶେଷଦେବ ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ଏନଏସ୍‌ଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ପୁଷ୍ପାଞ୍ଜଳି ରବନା, ଲିଟିନା ପ୍ରିୟଦର୍ଶନୀ ଓ ଶ୍ୱେତାଶ୍ରୀ ପ୍ରଧାନ ରେଡକ୍ରସର ଇତିହାସ, ଲକ୍ଷ୍ୟ ତଥା ଦୁର୍ଘଟଣା ଏବଂ ପ୍ରାକୃତିକ ବିପର୍ଯ୍ୟୟରେ ରେଡକ୍ରସର ଭୂମିକା ବିଷୟରେ ଆଲୋଚନା କରିଥିଲେ। ରେଡକ୍ରସ ପ୍ରତିଷ୍ଠାତା ହେନେରି ଡୁରାଣ୍ଟଙ୍କ ଫଟୋଚିତ୍ର ଉପରେ ମାଲ୍ୟାର୍ପଣ କରାଯାଇଥିଲା। ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ ନୂତନଭାବେ ରେଡକ୍ରସ ୟୁନିଟରେ ଯୋଗଦେଇଥିଲେ। ମୁନା ପେଣ୍ଡେଇ ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରବେଶ ଉତ୍ସବରେ ଯୋଗଦେଇଥିବା ଛାତ୍ରୀଛାତ୍ର।

# ବିଜ୍ଞାନ ମେଳା, ୪୦ ପ୍ରକଳ୍ପ ପ୍ରଦର୍ଶିତ

ରେଢ଼ାଖୋଲ, ୬।୧୧ (ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ବାରବାଙ୍କ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ତଥା ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବଂଶାଜାଲ ଗ୍ରାମ ପଞ୍ଚାୟତର ସରପଞ୍ଚ ଲୋକନାଥ ପ୍ରଧାନ, ସମ୍ମାନୀତ ଅତିଥିଭାବେ କାର୍ଯ୍ୟନିର୍ବାହୀ ଅଧିକାରୀ ନନ୍ଦଲାଲ ସାହୁ, ବିଦ୍ୟାଳୟର ମୋ ସ୍କୁଲ ଅଭିଯାନ ସଭାପତି ରଞ୍ଜିତ କୁମାର ନାଏକ ଯୋଗଦେଇଥିଲେ। ଉଦ୍‌ଘାଟନୀ ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁସ୍ମିତା ପ୍ରଧାନ ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷକ ଶତ୍ରୁଘ୍ନ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପ୍ରଦର୍ଶନୀରେ କୁନି ବିଜ୍ଞାନୀମାନେ ୪୦ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଅଭିପସା ପ୍ରଧାନ, ଆଶିଷ କୁମାର ସାହୁ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ କରିଥିଲେ। ଉଦ୍‌ଯାପନୀ ସଭାରେ ଶ୍ରେଷ୍ଠ ତିନି ପ୍ରତିଯୋଗୀ ସତ୍ୟମ ମିର୍ଦ୍ଧା(ପ୍ରଥମ), ପଦ୍ମିନୀ ପ୍ରଧାନ (ଦ୍ୱିତୀୟ) ଓ ଅମନ ପ୍ରଧାନ (ତୃତୀୟ)ଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ହିନ୍ଦୀ ଶିକ୍ଷକ ବଳରାମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

# କାମ ମନ୍ଥର, ଲାଗିନି ସୂଚନା ଫଳକ


କମ୍ପ୍ରେସର ରୁଲିଂ ହୋଇ ନ ଥିବାରୁ ମେଟାଲ ଦିଶୁଛି।


ପାଣି ସିଞ୍ଚନ ହେଉ ନ ଥିବାରୁ ଗାଡି ଯିବା ସମୟରେ ଧୂଳି ଉଡୁଛି।

କୁଚିଣ୍ଡା, ୬।୧୧ (ବିରଞ୍ଚି ଦର୍ଶା)

**କବରିବାହାଲ-ଡୁରେଇନିକ୍ରିମାଲ ପୂର୍ତ୍ତ ବିଭାଗ ରାସ୍ତା**

■ ସିଞ୍ଚନ କରାଯାଉନି ପାଣି, ରାସ୍ତାରେ ଉଡୁଛି ଧୂଳି

■ ୫ ପଞ୍ଚାୟତର ଲୋକେ ହଇରାଣ

ସମ୍ବଲପୁର ଜିଲା କୁଚିଣ୍ଡା ପୂର୍ତ୍ତ ବିଭାଗ ଅଧୀନରେ ଚାଲିଥିବା କବରିବାହାଲ-ଡୁରେଇନିକ୍ରିମାଲ ପ୍ରାୟ ୧୫କି.ମି ରାସ୍ତା ପ୍ରଶସ୍ତିକରଣରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ବର୍ଷେ ପୂର୍ବରୁ କାମ ଆରମ୍ଭ ହୋଇଥିଲେ ହେଁ ଅଦ୍ୟାବଧି ସୂଚନା ଫଳକ ଲଗାନାହିଁ। ଏହାଛଡା ନିମ୍ନମାନର କାମ ସହ ଏହାର ମନ୍ଥରଗତିରେ ଚାଲିଥିବା ଯୋଗୁ ୫ ପଞ୍ଚାୟତର ୧୪ ଗ୍ରାମବାସୀ ସିଧାସଳଖ ପ୍ରଭାବିତ ହେଉଛନ୍ତି। ଠିକାସଂସ୍ଥାଙ୍କ ଏଭଳି ଖାମଖିଆଲି କାମ ପରିଚାଳନା ସମ୍ପର୍କରେ ଅଭିଯୋଗ ହୋଇଆସୁଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷ ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହେଉଛି। ଏପରିକି ରାସ୍ତା ଉପରେ ପାଣି ସିଞ୍ଚନ କରାଯାଉ ନ ଥିବା ଯୋଗୁ ଗାଡି ମୋଟର ଯାତାୟାତ ସମୟରେ ଧୂଆଁଳିଆ ପରିସ୍ଥିତି ସୃଷ୍ଟି ହେଉଛି। ଏଥିଯୋଗୁ ରାସ୍ତାପାର୍ଶ୍ୱରେ ଥିବା ଘର ଓ ଗଛରେ ଏକ ବହଳିଆ ଧୂଳିକଣାର ଆସ୍ତରଣ ଜମୁଛି। ରାସ୍ତାରେ ବିଏମଡବ୍ଲ୍ୟୁ(କ୍ରସର ଡଷ୍ଟ ମିଶ୍ରିତ ମେଟାଲ)ପରେ କମ୍ପ୍ରେସର କରାଯାଉ ନଥିବାରୁ ମେଟାଲ ବାହାରି ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଛି।

ବାମରା ବ୍ଲକର କବରିବାହାଲରୁ ଡୁରେଇନିକ୍ରିମାଲ ରାସ୍ତା ପ୍ରଶସ୍ତିକରଣ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ଟେଣ୍ଡର ହୋଇଥିଲା। ଝାରସୁଗୁଡାର ଏମ/ଏସ ବିକେଡି ଇନଫ୍ରାଷ୍ଟ୍ରକଚର୍ ପ୍ରାଇଭେଟ ଲିଃ ନାମକ ଏକ ଠିକାସଂସ୍ଥା ଏହାର ଟେଣ୍ଡର ନେଇଛି। ୨୫କୋଟି ୧୧ଲକ୍ଷ ୬୭ହଜାର ୯୯୬ଟଙ୍କାରେ ଚୁକ୍ତି କରି ସଂପୃକ୍ତ ଠିକାସଂସ୍ଥା ବର୍ଷେ ହେବ ରାସ୍ତାକାମ ଆରମ୍ଭ କରିଛି। ଅଟକଳ ମୁତାବକ କାମ ହେଉ ନ ଥିବା ବେଳେ ପୁରୁଣା ପିଚୁ ଉପାଡି ଏହା ଉପରେ ନିମ୍ନମାନର ବିଏମଡବ୍ଲ୍ୟୁ ପକାଯାଇଥିବା ଦୃଶ୍ୟମାନ ହେଉଛି। ବିଏମଡବ୍ଲ୍ୟୁ ପରେ ପ୍ରଚୁର ପାଣି ସିଞ୍ଚନ କରି କମ୍ପ୍ରେସର ରୁଲିଂ କରାଯାଇ ନଥିବାରୁ ମେଟାଲ ବାହାରି ଲୋକଙ୍କ ଯାତାୟାତରେ ପ୍ରତିବନ୍ଧକ ସାଜିଛି। ଏପରିକି ସାଇକେଲ, ବାଇକରେ ଯିବା କଷ୍ଟକର ହୋଇପଡିଛି। ଏଥିପାଇଁ ବାମରା ବ୍ଲକର କବରିବାହାଲ, ମହୁଲପାଲି, ବାବୁନିକ୍ରିମାଲ, ଡୁରେଇ ଏବଂ କୁଚିଣ୍ଡା ବ୍ଲକର କୁନ୍ତରା ପଞ୍ଚାୟତ ସମେତ ୧୫ ଗ୍ରାମର ଜନସାଧାରଣଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। କବରିବାହାଲ, ଟାଙ୍ଗରପାଲି, ମହୁଲପାଲି, ଛତିପୋଷ, ଦୁଃଖୁଝାରମୁଣ୍ଡା, ବାଲିମାଲ, ଲାଙ୍ଗବାହାଲ, କନାବିରା, ଡୁରେଇ, ଜାମଢିପା, ନୂଆପାଲି, ଖଏରାବାହାଲ, ମାଣ୍ଡିଆପୁରା, ଖତକୁରବାହାଲ ଓ ଡୁରେଇନିକ୍ରିମାଲ ଗ୍ରାମର ଲୋକେ ବାଧ ହୋଇ ଏହି ଧୂଳିଧୁସର ରାସ୍ତାରେ ଯାତାୟାତ କରୁଛନ୍ତି। ଲୋକେ ଭଲକାମ କରିବାକୁ ଠିକାସଂସ୍ଥା କର୍ମଚାରୀଙ୍କୁ କହିଲେ ଓଲଟା କାମବନ୍ଦ କରିଦେବାର ଧମକ ମିଳୁଥିବା ଅଭିଯୋଗ ହୋଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କରି ଉନ୍ନତମାନର କାମ ପାଇଁ ସାଧାରଣରେ ଦୃଢ ଦାବି ହେଉଛି। ସୂଚନାଫଳକ ଲଗାଇବା ପାଇଁ ଠିକାସଂସ୍ଥାକୁ କୁହାଯାଉଥିଲେ ହେଁ ଶୁଣୁନାହାନ୍ତି ବୋଲି ବାମରା ସେକ୍ସନ କନିଷ୍ଠ ଯନ୍ତ୍ରୀ ଗିରିଧାରୀ ନାଏକ କହିଛନ୍ତି। କୁଚିଣ୍ଡା ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ନବୀନ ବାଗେଙ୍କୁ ରାସ୍ତା କାମ ନେଇ ପଚାରିବାରୁ ଏଭଳି ଯଦି ହେଉଛି ତଦନ୍ତ କରି ନିଶ୍ଚିତ ଭାବେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଘର ଭାଙ୍ଗିବା ନେଇ ୟୁପି ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

## ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ



ନୂଆଦିଲ୍ଲୀ,୬।୧୧(ପି.ଟି.)

ବେଆଇନ ଭାବେ ଘର ଭାଙ୍ଗିବା ଘଟଣାରେ ସୁପ୍ରିମକୋର୍ଟ ବୁଧବାର ଉତ୍ତରପ୍ରଦେଶ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ରାସ୍ତା ପ୍ରଶସ୍ତ କରିବା ଏବଂ ଜବରଦଖଲ ଉଚ୍ଛେଦ ବେଳେ ଉପଯୁକ୍ତ ପଦ୍ଧତିର ଅନୁପାଳନ କରିବା ପାଇଁ ସର୍ବୋଚ୍ଚ ଅଦାଲତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ୨୦୧୯ରେ ୟୁପି ସରକାର ବେଆଇନ ଭାବେ ଘର ଭାଙ୍ଗିଥିଲେ। ଗୃହ ହରାଇଥିବା ବ୍ୟକ୍ତିଙ୍କୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍‌ଦିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ସରକାର ବୁଲ୍‌ଡୋଜର ଆଣି ରାତାରାତି ଘର ଭାଙ୍ଗିପାରିବେ ନାହିଁ। ଉକ୍ତ ପରିବାରକୁ ଜିନିଷପତ୍ର ଖାଲି କରିବା ପାଇଁ ସମୟ ଦିଆଯାଇ ନାହିଁ। ଉକ୍ତ ଘରେ ଥିବା ଘରକରଣା ସାମଗ୍ରୀ କୁଆଡ଼େ ଗଲା ବୋଲି ଖଣ୍ଡପୀଠ ଉତ୍ତରପ୍ରଦେଶ ସରକାରଙ୍କ ଓକିଲଙ୍କୁ ପ୍ରଶ୍ନ କରିଛନ୍ତି। ମହାରାଜଗଞ୍ଜ ଜିଲାର ଉକ୍ତ ଘର ଭାଙ୍ଗିବା ଘଟଣାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଖଣ୍ଡପୀଠ ୟୁପି ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ଜବରଦଖଲ ଘଟଣାରେ ସରକାର ରାଜ୍ୟଗୁଡ଼ିକର ରେକର୍ଡ ଏବଂ ନକ୍ସା ଅନୁଯାୟୀ ସର୍ଭେ କରନ୍ତୁ। ଜବରଦଖଲ ହୋଇଥିବା ଜଣାପଡ଼ିଲେ, ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉକ୍ତ ସ୍ଥାନ ଛାଡ଼ିଦେବା ପାଇଁ ସରକାର ନୋଟିସ୍ ଜାରି କରିବା ଜରୁରୀ। ନୋଟିସ୍‌ରେ କୌଣସି ତ୍ରୁଟି ବା ବୈଧତାକୁ ନେଇ ଆପତ୍ତି ଉଠାଗଲେ, ସରକାର ପ୍ରାକୃତ ନ୍ୟାୟର ସିଦ୍ଧାନ୍ତକୁ ଦୃଷ୍ଟିରେ ରଖି ଚୂଡ଼ାନ୍ତ ନିର୍ଦ୍ଦେଶନାମା ଜାରି କରିବେ। ଏହା ସତ୍ତ୍ୱେ ସମ୍ପୃକ୍ତ ବ୍ୟକ୍ତି ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାରେ ବିଫଳ ହେଲେ, ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ପଦକ୍ଷେପ ନେଇପାରିବ, ଯଦି ଉପଯୁକ୍ତ କର୍ତ୍ତୃପକ୍ଷ କିମ୍ବା ଅଦାଲତ ଦ୍ୱାରା କୌଣସି ପ୍ରତିବନ୍ଧକ ଲଗାଯାଇ ନ ଥାଏ। ରାସ୍ତା ପ୍ରଶସ୍ତୀକରଣ ପାଇଁ ଆବଶ୍ୟକ ସରକାରୀ ଜାଗା ନ ଥିଲେ, ସରକାର ଆଇନ ଅନୁଯାୟୀ ଜମି ଅଧିଗ୍ରହଣ ନିମନ୍ତେ ପଦକ୍ଷେପ ନେବେ ବୋଲି ଖଣ୍ଡପୀଠ କହିଛନ୍ତି।

# ଏନ୍‌ସିପିକୁ ସୁପ୍ରିମକୋର୍ଟଙ୍କ ୩୬ ଘଣ୍ଟିଆ ମହଲତ

## ଘଣ୍ଟା ଚିହ୍ନ ମାମଲା



ନୂଆଦିଲ୍ଲୀ, ୬।୧୧

ମହାରାଷ୍ଟ୍ର ବିଧାନସଭା ନିର୍ବାଚନର ପ୍ରଚାର ଚାଲିଥିବାବେଳେ ବୁଧବାର ସୁପ୍ରିମକୋର୍ଟ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପିକୁ ଘଣ୍ଟା ନିର୍ବାଚନୀ ଚିହ୍ନ ମାମଲାରେ ଏକ ୩୬ ଘଣ୍ଟିଆ ମହଲତ ପ୍ରଦାନ କରିଛନ୍ତି। ଘଣ୍ଟା ନିର୍ବାଚନୀ ଚିହ୍ନ ମାମଲା କୋର୍ଟରେ ବିଚାରାଧୀନ ଅବସ୍ଥାରେ ଥିବା ନେଇ ୩୬ ଘଣ୍ଟା ମଧ୍ୟରେ ସମସ୍ତ ପ୍ରମୁଖ ମରାଠୀ ଖବରକାଗଜଗୁଡ଼ିକରେ ଡିସକ୍ଲେମର ପ୍ରକାଶିତ କରିବା ପାଇଁ ସୁପ୍ରିମକୋର୍ଟ ଏନ୍‌ସିପିକୁ ନିର୍ଦ୍ଦେଶ ଦେଇଛନ୍ତି। ଘଣ୍ଟା ନିର୍ବାଚନୀ ଚିହ୍ନ ମାମଲାରେ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି(ଏସ୍‌ପି) ପକ୍ଷରୁ କରାଯାଇଥିବା ଆବେଦନର ଶୁଣାଣି କରି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାନ୍ ଓ ଜଷ୍ଟିସ୍ ଦୀପଙ୍କର ଦତ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ମୁଣ୍ଡ ଉପରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଥିବାରୁ କୋର୍ଟଙ୍କ ସମୟ ଅଯଥା ବରବାଦ ନ କରି ମତଦାତାଙ୍କ ଉପରେ ଅଧିକ ଫୋକସ୍ କରିବା ପାଇଁ ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ ଉଭୟ ପକ୍ଷର ଓକିଲଙ୍କୁ ପରାମର୍ଶ ଦେଇଥିଲେ।

# ଅଟୋକୁ ପିଟିଲା ଟ୍ରକ୍, ୧୦ ମୃତ



ହରଦୋଇ, ୬।୧୧ (ପି.ଟି.)

ଉତ୍ତରପ୍ରଦେଶର ହରଦୋଇ ଜିଲା ବିଲ୍‌ଗ୍ରାମ-ମାଧବଗଞ୍ଜ ରୋଡ୍ ରୋଶନପୁର ଗ୍ରାମ ନିକଟରେ ବୁଧବାର ଏକ ଅଟୋକୁ ପଛପଟୁ ଗୋଟିଏ ଟ୍ରକ୍ ଧକ୍କାଦେବାରୁ ଘଟଣାସ୍ଥଳରେ ୧୦ ଜଣଙ୍କର ମୃତ୍ୟୁ ଘଟିଛି। ଅଟୋ ଚାଳକଙ୍କ ସମେତ ଅଟୋରେ ଯାଉଥିବା ୬ ମହିଳା ଓ ୩ ଶିଶୁଙ୍କର ମୃତ୍ୟୁ ଘଟିଥିବା ନେଇ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ନୀରଜ ଜାଦୌନ ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ଟ୍ରକ୍ ଚାଳକ ଫେରାର ହୋଇଯାଇଛନ୍ତି। ଉକ୍ତ ଟ୍ରକ୍‌କୁ ଜବତ କରାଯିବା ସହ ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ସେ ସୂଚନା ଦେଇଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଦୁର୍ଘଟଣାକୁ ନେଇ ଶୋକ ପ୍ରକଟ କରିଛନ୍ତି।

## ଏମ୍‌ୟୁଡିଏ ଦୁର୍ନୀତି

# ସିଦ୍ଧାରାମାୟାଙ୍କୁ ୨ ଘଣ୍ଟା ଲୋକାୟୁକ୍ତ ଜେରା



ବେଙ୍ଗାଲୁରୁ, ୬।୧୧

ମହୀଶୂର ଅର୍ବାନ ଡେଭଲପମେଣ୍ଟ ଅଥରିଟି (ଏମ୍‌ୟୁଡିଏ) ଦୁର୍ନୀତି ମାମଲାରେ ବୁଧବାର କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କୁ ଲୋକାୟୁକ୍ତ ପୋଲିସ ପଚରାଉଚରା କରିଛି। ଲୋକାୟୁକ୍ତ ଏସ୍‌ପି ଟି.ଜେ. ଉଦେଶଙ୍କ ନେତୃତ୍ୱରେ ଏକ ଟିମ୍ ପ୍ରାୟ ୨ ଘଣ୍ଟା ଧରି ମାମଲାର ବିଭିନ୍ନ ଦିଗକୁ ନେଇ ସିଦ୍ଧାରାମାୟାଙ୍କୁ ପଚରାଉଚରା କରିଛି। ତେବେ ଜେରା ସରିବା ପରେ ଗଣମାଧ୍ୟମକୁ ସିଦ୍ଧାରାମାୟା କହିଛନ୍ତି, ଲୋକାୟୁକ୍ତ ହେଉଛି ଏକ ସ୍ୱତନ୍ତ୍ର ଏଜେନ୍ସି। ଅଧିକାରୀଙ୍କ ଦ୍ୱାରା ପଚରାଯାଇଥିବା ସମସ୍ତ ପ୍ରଶ୍ନର ଉତ୍ତର ରଖିଛି। ସେମାନେ ତାଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ତଥ୍ୟକୁ ରେକର୍ଡ କରିଛନ୍ତି। ପୁଣି ସମନ ନେଇ କୌଣସି ସୂଚନା ଦିଆଯାଇନାହିଁ।

# 'ତମକୁ ଦେଖିନେବୁ': ମିଥୁନଙ୍କ ନାଁରେ ମାମଲା


ମିଥୁନ ଚକ୍ରବର୍ତ୍ତୀ

କୋଲକାତା, ୬।୧୧

ଅଭିନେତା ତଥା ଭାଜପା ନେତା ମିଥୁନ ଚକ୍ରବର୍ତ୍ତୀଙ୍କର ଅଡୁଆ ବଢ଼ିଛି। ଗତ ମାସ ୨୭ ତାରିଖରେ ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲାରେ ଭାଜପାର ଏକ ସଦସ୍ୟତା ଗ୍ରହଣ ଅଭିଯାନରେ ଉତ୍ତେଜନାମୂଳକ ଭାଷଣ ଦେଇଥିବା ଅଭିଯୋଗରେ ବୁଧବାର ତାଙ୍କ ବିରୋଧରେ ବିଧାନନଗର ଦକ୍ଷିଣ ଥାନାରେ ଏକ ମାମଲା ରୁଜୁ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମିଥୁନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଇଙ୍ଗିତ କରି କହିଥିଲେ, ରାଜ୍ୟରେ ଭାଜପା ସରକାର ୨୦୨୬ରେ ଆସିବା ନିଶ୍ଚିତ। ଏହାପରେ ତୁମକୁ ଦେଖିନେବୁ। ସ୍ଥାନୀୟ ବିଧାୟକ ହୁମାୟୁନ କବିରଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ପ୍ରତିଶୋଧ ପରାୟଣ ଭାବନା ସହ ମିଥୁନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ନେଇ ପଶ୍ଚିମବଙ୍ଗ ରାଜ୍ୟ ଭାଜପା ସଭାପତି ସୁକାନ୍ତ ମଜୁମଦାର କହିଛନ୍ତି। ରାଜ୍ୟ ସରକାର ବାରମ୍ବାର ପୋଲିସକୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ସେ କହିଛନ୍ତି।

## ନୀତି ରାଜନୀତି

# ୩ ମାସର ଆଗୁଆ ଚାଉଳ ମିଳିବା କଥାରେ ନୂତନତ୍ୱ ନାହିଁ: ଶ୍ରୀକାନ୍ତ

ଭୁବନେଶ୍ୱର,୬।୧୧(ସୁନିତ୍ ମିଶ୍ର)

କନ୍ଧମାଳ ଜିଲା ଦାରିଙ୍ଗିବାଡ଼ି ବ୍ଲକ୍ ମାଣ୍ଡିପଙ୍କା ଗାଁର ୨ ମହିଳାଙ୍କ ଜୀବନ ନେଇଛି। ସେହିପରି ଅନ୍ୟ ୬ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଆର୍‌ଡିସି ସ୍ତରୀୟ ତଦନ୍ତ ନେଇ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମ୍ବେଦନଶୀଳ ଘଟଣାରେ ନୈତିକ ଦାୟିତ୍ୱ ଯେଉଁ ଅଧିକାରୀ ନେବା କଥା, ସେମାନଙ୍କୁ ତଦନ୍ତ ଲାଗି ନିର୍ଦ୍ଦେଶ ଦେବା ହାସ୍ୟାସ୍ପଦ ବୋଲି କଂଗ୍ରେସ ନେତା ଶ୍ରୀକାନ୍ତ ଜେନା କହିଛନ୍ତି। ଖବରଦାତା ସମ୍ମିଳନୀ ଜରିଆରେ ଶ୍ରୀକାନ୍ତ କହିଛନ୍ତି, ଏହି ସମଗ୍ର ଘଟଣାରେ ଆର୍‌ଡିସି ଜଣେ ଅଂଶୀଦାର। ସେହିପରି ଜିଲାପାଳ ଘଟଣା ଘଟିବାର ୪ରୁ ୫ ଦିନ ପର୍ଯ୍ୟନ୍ତ ସେହି ଅଞ୍ଚଳ ଗସ୍ତ କଲେନାହିଁ। ତେଣୁ ଆର୍‌ଡିସି ତଦନ୍ତ ଦେବା କେତେ ନ୍ୟାୟସଙ୍ଗତ। ଅପରପକ୍ଷେ ଏହି ଘଟଣାରେ ହାଇକୋର୍ଟର ଜଣେ ନିୟମିତ ବିଚାରପତିଙ୍କ ଅଧୀନରେ ନ୍ୟାୟିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଉ। ଗତ ମଙ୍ଗଳବାର ତରବରିଆ ଭାବେ ୩ ମାସର ଆଗୁଆ ଚାଉଳ ବଣ୍ଟନ ପାଇଁ ନିର୍ଦ୍ଦେଶ ଦେବା ନିଷ୍ପତ୍ତି ପଛରେ କୌଣସି ନୂତନତ୍ୱ ନାହିଁ। ଖାଦ୍ୟ ସୁରକ୍ଷା ଆଇନରେ ଏହା ପୂର୍ବ ନିର୍ଦ୍ଧାରିତ ହୋଇ ରହିଛି। ସେହି ଅଞ୍ଚଳରେ ଏକ ମାସ ଚାଉଳ ବଣ୍ଟନରେ ବିଳମ୍ବ ହୋଇଥିବାରୁ ସେମାନେ ଆମ୍ବଟାକୁଆ ଜାଉ ଖାଇବାକୁ ବାଧ ହୋଇଥିଲେ।

# ଭାଜପାରେ ପୂର୍ବତନ ବିଧାୟିକା ସୁନନ୍ଦା ଦାସ


ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ବୁଧବାର ସଭାପତି ମନମୋହନ ସାମଲ ଓ ଦଳୀୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ପଦ୍ମ ଧରିଛନ୍ତି ସୁନନ୍ଦା ଓ ତାଙ୍କ ସମର୍ଥକ। (ଫଟୋ- ବିକାଶ ନାୟକ)

ଭୁବନେଶ୍ୱର,୬।୧୧(ସୁନିତ୍ ମିଶ୍ର)

ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ ବୁଧବାର ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସମର୍ଥକଙ୍କ ସହ ସେ ପଦ୍ମ ଧରିଛନ୍ତି। ସୁନନ୍ଦା ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ବରୀରୁ ବିଜେଡି ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ମାତ୍ର ୨୦୨୪ ସାଧାରଣ ନିର୍ବାଚନରେ ତାଙ୍କୁ ବିଜେଡି ଟିକେଟ ଦେଇ ନ ଥିଲା। ଦଳରେ ଅଣଦେଖା ହେଉଥିବା ଅଭିଯୋଗ ଆଣି ଗତ ୨୯ ରେ ସେ ବିଜେଡି ଛାଡ଼ିଥିଲେ। ଏହାସହ ସେ ଖୁବ୍‌ଶୀଘ୍ର ଭାଜପାରେ ସାମିଲ ହେବେ ବୋଲି କୁହାଯାଉଥିଲା। ଶେଷରେ ସେ ଭାଜପାରେ ମିଶିଛନ୍ତି। ବିଜେଡି ଛାଡ଼ିବା ପରେ ଦଳର ନେତୃବୃନ୍ଦଙ୍କ ଉପରେ ପ୍ରବଳ ବର୍ଷିବା ସହ ସୁନନ୍ଦା ଦଳର କେତେଜଣ ନେତାଙ୍କୁ ଟାର୍ଗେଟ କରିଥିଲେ। ବିଜେଡିରେ ଅଫିସରମାନେ ଟିକେଟ ବାଣ୍ଟୁଥିଲେ। ତାଙ୍କ ଟିକେଟ ବବି ଦାସ କାଟି ଦେଇଥିବା ସିଧାସଳଖ ଅଭିଯୋଗ କରିଥିଲେ। ନିଜେ ଟିକେଟ ପାଇ ନ ଥିଲେ ବି ଫଳାଫଳ ଯାହା ଆସିଲା ସେଥିରେ ସେ ଖୁସି ଥିବା ସହ ଜଗନ୍ନାଥଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓ ଡ଼ି ଶ । କୁ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଭାଜପା ସରକାର ବଦ୍ଧପରିକର। ନୂଆ ସରକାରକୁ ନେଇ ରାଜ୍ୟବାସୀଙ୍କ ଭିତରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି। ପ୍ରତିଦିନ ଭାଜପାର ସାଙ୍ଗଠନିକ ଶକ୍ତି ବୃଦ୍ଧି ପାଉଛି। ଭାଜପା ସରକାର ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି ମନମୋହନ କହିଛନ୍ତି। ବିଜେଡି ନେତାମାନେ ନିଜ ନେତୃତ୍ୱ ପ୍ରତି ଆସ୍ଥା ହରାଇ ଭାଜପାରେ ଯୋଗଦାନ କରୁଛନ୍ତି। ସେହିପରି ନୟାଗଡ଼ ଜିଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ସଙ୍ଗଠକ ବିଭୂତି ଭୂଷଣ ପଟ୍ଟନାୟକ, ବାସୁଦେବପୁର, ବାଲିକୁଦା ଏରସମା, କଟକ, ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧରାକୋଟ ବ୍ଲକ୍‌ର ବହୁ ବିଜେଡି ନେତା ଭାଜପାରେ ସାମିଲ ହୋଇଛନ୍ତି। ମନମୋହନ ସମସ୍ତଙ୍କୁ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି।

# ବ୍ଲକ ଅଧ୍ୟକ୍ଷା, ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

## ଢେଙ୍କାନାଳ-କାମାକ୍ଷାନଗର ରାଜନୀତି ସରଗରମ

ଢେଙ୍କାନାଳ,୬।୧୧(ରତନ ନାୟାର)/ କାମାକ୍ଷାନଗର (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜଶ୍ରୀ ନାୟକଙ୍କ ବିରୋଧରେ ବୁଧବାର ଢେଙ୍କାନାଳ ଉପଜିଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ନିମନ୍ତେ ଆବେଦନ କରାଯାଇଛି। ଏହି ଆବେଦନ ପତ୍ରରେ ସ୍ୱାକ୍ଷର କରିଥିବା ସଦର ପଞ୍ଚାୟତ ସମିତିର ସଭ୍ୟାସଭ୍ୟମାନେ ଦର୍ଶାଇଛନ୍ତି, ବ୍ଲକ ଅଧ୍ୟକ୍ଷାଙ୍କ ମନମାନି ଓ ଜନ ବିରୋଧୀ କାର୍ଯ୍ୟ, ସଭ୍ୟାସଭ୍ୟଙ୍କ ପରାମର୍ଶକୁ ଅଣଦେଖା, ସର୍ବୋପରି ଦୁର୍ନୀତିଖୋର ମନବୃତି ଯୋଗୁ ସଦର ବ୍ଲକରେ କାର୍ଯ୍ୟ ଲୋକାଭିମୁଖୀ ହୋଇପାରୁନାହିଁ। ଏହି କାରଣରୁ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଛି। ଏ ସମ୍ପର୍କରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଞ୍ଚାୟତ ସମିତିର ସଭ୍ୟାସଭ୍ୟମାନେ ଉପଜିଲାପାଳଙ୍କୁ ଜଣାଇଛନ୍ତି। ସୂଚନାଯୋଗ୍ୟ, ଢେଙ୍କାନାଳ ସଦର ପଞ୍ଚାୟତ ସମିତିରେ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୧ଟି ପଞ୍ଚାୟତ ଥିବାବେଳେ କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀର ୯ଟି ପଞ୍ଚାୟତ ରହିଛି। ଅଧିକାଂଶ ପଞ୍ଚାୟତରେ ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଏ ସଂକ୍ରାନ୍ତରେ ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡ଼ନାୟକ କହିଛନ୍ତି, ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଛି। ପ୍ରାୟ ୨୬ଜଣ ସରପଞ୍ଚ ଓ ସମିତି ସଭ୍ୟ ଦସ୍ତଖତ କରି ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ଏହାକୁ ନେଇ ଏକ ତାରିଖ ଖୁବ୍‌ଶୀଘ୍ର ନିର୍ଦ୍ଧାରଣ କରାଯିବ।

ସେହିପରି କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ୨୧ଟି ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚ। ବ୍ଲକରେ ଥିବା ମୋଟ ୨୨ଟି ପଞ୍ଚାୟତ ମଧ୍ୟରୁ ୨୧ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏଥିରେ ସହମତି ପ୍ରକାଶ କରି ବୁଧବାର କାମାକ୍ଷାନଗର ଉପଜିଲାପାଳଙ୍କ ଅଫିସରେ ପହଞ୍ଚି ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। କାନପୁରା ସରପଞ୍ଚ ସତ୍ୟଜିତ ରାଉତ, ବୁଢ଼ୀବିଲି ସମିତିସଭ୍ୟ ସୌଭାଗ୍ୟମୟୀ ରାଉତ, ସାରୁଆଳି ସରପଞ୍ଚ ମଦନ ଚନ୍ଦ୍ର ବେହେରା, ବାଉଁଶପାଳ ସରପଞ୍ଚ ମଧୁସ୍ମିତା ଷେଣ୍ଢ ପ୍ରମୁଖ ଉପଜିଲାପାଳଙ୍କ ନିକଟରେ ଏହି ଦାବି କରିଥିଲେ।

# ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଏକାଠି ହେଲେ ୧୫ ସମିତିସଭ୍ୟ

## ସାହାରପଡ଼ା ବ୍ଲକ

ପାଟଣା,୬।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷା ରୀନା ନାୟକ ଗତ ସୋମବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉପସ୍ଥିତିରେ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିଲେ। ଏହାର ୪୮ ଘଣ୍ଟା ନ ପୂରୁଣୁ ୧୫ ଜଣ ସମିତି ସଭ୍ୟ ତାଙ୍କ ବିରୋଧରେ ଏକାଠି ହୋଇଛନ୍ତି। ରୀନାଙ୍କ ବିରୋଧରେ ଅନାସ୍ଥା ପାଇଁ ସମସ୍ତେ କୋଲକାତା ପଳାଇଯାଇଥିବା ଜଣାପଡ଼ିଛି। ଜଣେ ସମିତି ସଭ୍ୟ ତାଙ୍କ ନାମ ଗୋପନ ରଖି କହିଛନ୍ତି, ବ୍ଲକ୍ ଅଧ୍ୟକ୍ଷା ଆମ ସହ ବିଶ୍ୱାସ ଘାତକ କରି ଭାଜପାରେ ମିଶିବା ତାଙ୍କୁ ମହଙ୍ଗା ପଡ଼ିବ। ସବୁ ସମିତି ସଭ୍ୟ ସ୍ୱଇଚ୍ଛାରେ ଏକାଠି ହୋଇଛୁ। ତେବେ ଏଥିରେ ଜିଲା ଭାଜପା ସଭାପତିଙ୍କ ବିରୋଧୀ ଗୋଷ୍ଠୀ ଏବଂ ଜଣେ ବିଜେଡି ବିଧାୟକଙ୍କ ହାତଥିବା ଆଲୋଚନା ହେଉଛି। ଅନ୍ୟପକ୍ଷେ ସାହାରପଡ଼ା ତହସିଲ ସମ୍ମୁଖରେ ବୁଧବାର ଭାଜପାର ମିଶ୍ରଣ ପର୍ବ ସଭାପତି ଅଂଶୁମାନ, ରାଜ୍ୟ ଏସ୍‌ଟି ମହିଳା ମୋର୍ଚ୍ଚା ଉପ ସଭାପତି ତଥା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷା ରୀନା ନାଏକଙ୍କ ଉପସ୍ଥିତିରେ ଡାଳପକା ସରପଞ୍ଚ ଟୁନି ସିଂ, ରାଇଡ଼ିହା ସରପଞ୍ଚ ବିଜୁ ନାଏକ, ସିଲିପଦା ସରପଞ୍ଚ ଜୟନ୍ତୀ ମୁଣ୍ଡା, ଦିଗପଶି ସରପଞ୍ଚ ଯୁଗୋଳ ନାଏକ ପ୍ରମୁଖ ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି।

## ଆମ୍ବ ଟାକୁଆ ଜାଉ ଖାଇ ୨ ମୃତ୍ୟୁ ଘଟଣା

# ଖାଦ୍ୟ ଯୋଗାଣ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ : ବିଜେଡି

ଭୁବନେଶ୍ୱର,୬।୧୧(ଅନିଲ ଦାସ)

କନ୍ଧମାଳ ଜିଲାର ମାଣ୍ଡିପଙ୍କା ଗାଁରେ ଆମ୍ବଟାକୁଆ ଜାଉ ଖାଇ ୨ ମୃତ ଓ ୬ ଗୁରୁତର ହେବା ଘଟଣାରେ ବିଜେଡି ରାଜ୍ୟ ସରକାରଙ୍କୁ ସମ୍ପୂର୍ଣ୍ଣ ଦାୟୀ କରିବା ସହିତ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଇସ୍ତଫା ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦାୟିତ୍ୱହୀନ ମନ୍ତବ୍ୟ ପାଇଁ ରାଜ୍ୟବାସୀଙ୍କ ନିକଟରେ କ୍ଷମା ମାଗନ୍ତୁ ବୋଲି ଦାବି କରିଛି। ବୁଧବାର ଶଙ୍ଖ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ରାଜ୍ୟରେ ପିଡିଏସ୍ ବଣ୍ଟନ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବା କାରଣରୁ କନ୍ଧମାଳ ଜିଲାର ମାଣ୍ଡିପଙ୍କା ଗ୍ରାମର ୮ଟି ପରିବାରର ମହିଳାମାନେ ଆମ୍ବଟାକୁଆ ଜାଉ ଖାଇବାକୁ ବାଧ ହୋଇଥିଲେ। ରାଜ୍ୟବାସୀଙ୍କ ପାଖରେ ପିଡିଏସ୍ ରାଶନ ପହଞ୍ଚାଇବାରେ ରାଜ୍ୟ ସରକାର ବିଫଳ ହେବା କାରଣରୁ ୨ ଜଣଙ୍କ ମୃତ୍ୟୁ ହୋଇଛି ବୋଲି ସେ କହିଛନ୍ତି।

### ବିଜେଡି ନେତ୍ରୀଙ୍କର ମିଛ କହିବା ଅଭ୍ୟାସ ରହିଛି: ଭାଜପା

ଭୁବନେଶ୍ୱର,୬।୧୧(ସୁନିତ୍ ମିଶ୍ର): ବିଜେଡି ନେତ୍ରୀଙ୍କର ମିଛ କହିବା ଅଭ୍ୟାସ ରହିଛି। ପ୍ରତିଦିନ ଗଣମାଧ୍ୟମର ସମୟ ନଷ୍ଟ କରିବାର ପରମ୍ପରା ବିଜେଡିରେ ରହିଛି ବୋଲି ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ କହିଛନ୍ତି। ସୁକେଶୀ କହିଛନ୍ତି, ଯାହା ପ୍ରାଥମିକ ସ୍ତରରୁ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ଖବର ଅନୁଯାୟୀ ଆମ୍ବଟାକୁଆ ଖାଇ ୨ ଜଣ ମରିବା ଘଟଣାର କାରଣ ଅନାହାର ନୁହେଁ ବରଂ ଫୁଡ୍ ପଏଜନିଂ। ଜଣେ ମୃତକଙ୍କ ଝିଅ ଗଣମାଧ୍ୟମକୁ ଯେଉଁ ବୟାନ ଦେଇଥିଲେ ସେଥିରେ ସେ ସ୍ପଷ୍ଟ ଭାବେ କହିଛନ୍ତି, ତାଙ୍କ ଗାଁରେ ସମସ୍ତେ ଏହି ଜାଉ ଖାଆନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଆର୍‌ଡିସି ତଦନ୍ତ ନିର୍ଦ୍ଦେଶ ଦେଇସାରିଛନ୍ତି।

## ସଂକ୍ଷେପରେ

### ଖଡ଼ିଆଳ ଏନ୍ଏସିରେ ଉନ୍ନୟନ ମୂଳକ କାର୍ଯ୍ୟ ସମୀକ୍ଷା

ଖଡ଼ିଆଳ,୬।୧୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଆସନ୍ତା ବର୍ଷ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ ଆହ୍ୱାନ କରିଛନ୍ତି। ବୈଠକରେ ଖଡିଆଳ ନଗର ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା ଅଧକ୍ଷତା କରିଥିବା ବେଳେ ସାଂସଦ ପ୍ରତିନିଧି ଅଙ୍କିତ ସିଂଦେଓ, ଉପାଧକ୍ଷ ସକୁନ୍ତଳା ରାଉତ, ୱାର୍ଡ ସଭ୍ୟାସଭ୍ୟ ଯୋଗ ଦେଇ ନିଜ ୱାର୍ଡରେ ଉନ୍ନୟନ କାର୍ଯ୍ୟ ନେଇ ପ୍ରସ୍ତାବ ଦେଇଥିଲେ। ସ୍ୱଚ୍ଛତା ଓ ଡ୍ରେନ୍ ସମସ୍ୟାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ନିର୍ବାହୀ ଅଧିକାରୀ ସ୍ୱାଧୀନ ମହାରଣା, ସିଡିପିଓ ମୀନା କୁମାରୀ ଅଗ୍ରୱାଲଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଜନସମ୍ପର୍କ ପଦଯାତ୍ରା ପାଇଁ ବିଜେଡିର ପ୍ରସ୍ତୁତି ବୈଠକ

କୋକସରା,୬।୧୧ (ଦୁଷ୍ମନ୍ତ କୁମାର ପାଢଯୋଷୀ)

ଜନସମ୍ପର୍କ ପଦଯାତ୍ରା ପାଇଁ ମଙ୍ଗଳବାର କଳାହାଣ୍ଡି ଜିଲା କୋକସରା ବ୍ଲକ୍ ବିଜେଡି କାର୍ଯ୍ୟାଳୟଠାରେ ପ୍ରସ୍ତୁତି ବୈଠକ ବ୍ଲକ୍ ସଭାପତି ସୁଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ପୂର୍ବତନ ଧର୍ମଗଡ ବିଧାୟକ ମୌଷଧି ବାଗ, ଆମପାଣି ଜୋନ୍ ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ମାଝି, ତ୍ରିନାଥ ବାଗଙ୍କ ସମେତ ୨୨ ବ୍ଲକ୍‌ର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆସନ୍ତା ୯ ତାରିଖରେ କୋକସରା ବ୍ଲକ୍ ଡାଲଗୁମା ପଞ୍ଚାୟତରୁ ଧର୍ମଗଡ ବ୍ଲକ୍ ବେହେରା ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା କରିବା ପାଇଁ ଜିଲା ସଭାପତି ସିଂଦେଓ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ନେତା ରାଜେନ୍ଦ୍ର ନାଏକ, ହରେକୃଷ୍ଣ ନାଏକ, ପ୍ରଶାନ୍ତ ତିୱାରୀ, ଧର୍ମାନନ୍ଦ ନାଏକ, ମନୋରଞ୍ଜନ ବାଣୁଆ, ଅଶୋକ ପୂଜାରୀ, ହେମନ୍ତ ବାଣୁଆ, ସୁରେଶ ସାହୁ, ବିଜୟ ପଣ୍ଡା, ବିନୋଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଖଡ଼ିଆଳ,୬।୧୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ତରଫରୁ 'ଭାରତର ଅର୍ଥ ବ୍ୟବସ୍ଥାରେ ବ୍ୟାଙ୍କର ସହଯୋଗ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ଯୁକ୍ତ ୨ ଅଧକ୍ଷ ଡ. ରଣବୀର ସିଂ, ବିଭାଗୀୟ ମୁଖ୍ୟ ଅଧ୍ୟାପକ ଗୁଣବନ୍ତ ସାହୁ, ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ତଥାଗତ ରାଉତ, ଅଧ୍ୟାପକ ମୌସମ ପ୍ରଧାନ, ଅଧ୍ୟାପକ ହରନମ ସିଂ ପ୍ରମୁଖ ବିଷୟଭିତ୍ତିକ ଆଲୋଚନା କରିଥିଲେ। ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀଛାତ୍ର ପ୍ରିୟାନସୁ ଦୁରିଆ, କମଳ ନିବାସ ମାଝି, ଦିବାନ ମାଝି, କଲ୍ୟାଣୀ ସାହୁ, ତାପସ ରଞ୍ଜନ ରାଉତରାୟ ନିବନ୍ଧ ଉପସ୍ଥାପନା କରିଥିବା ବେଳେ ଛାତ୍ର ସରୋଜ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଛତୁଆ କେଳେଙ୍କାରୀ: କାର୍ଯ୍ୟାନୁଷ୍ଠାନ ଶୂନ ନେଇ ଉଦ୍‌ବେଗ

- ରାଜ୍ୟ ଫୁଡ୍ ଟେଷ୍ଟ ଲାବ୍‌ର ରିପୋର୍ଟ
- ୬ଟି ଏସ୍ଏଚ୍‌ଜିର ଛତୁଆ ନିମ୍ନମାନର
- କାର୍ଯ୍ୟାନୁଷ୍ଠାନ ଦାବି କଲା ଜନସଂଗ୍ରାମ ସମିତି

ଭବାନୀପାଟଣା, ୬।୧୧(ଉତ୍ତମ କୁମାର ଦାଶ)


ଜନସଂଗ୍ରାମ ସମିତି ପକ୍ଷରୁ ଜିଲା ମଙ୍ଗଳ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

କଳାହାଣ୍ଡି ଜିଲାରେ ଛତୁଆ କେଳେଙ୍କାରୀର ଚେର ଲମ୍ବିଥିବା ବେଳେ ଏ ନେଇ କାର୍ଯ୍ୟାନୁଷ୍ଠାନ ଶୂନ ଯୋଗୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ରାଜ୍ୟ ଫୁଡ୍ ଟେଷ୍ଟ ଲ୍ୟାବ୍ ଦ୍ୱାରା ଜିଲାର ୬ଟି ଏସ୍ଏଚ୍‌ଜିର ଛତୁଆ ରିପୋର୍ଟ ନିମ୍ନମାନର ବୋଲି ଆସିବା ପରେ ତୁରନ୍ତ ପଦକ୍ଷେପ ନିମନ୍ତେ ବିଭାଗୀୟ ନିର୍ଦ୍ଦେଶ ଥିଲେ ମଧ ଜିଲା ପ୍ରଶାସନ ଚୁପ ରହିବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଏ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ଜନସଂଗ୍ରାମ ସମିତି କର୍ମକର୍ତ୍ତା ଜିଲାପାଳଙ୍କ ଭେଟି ଦାବି କରିଛନ୍ତି।

ପ୍ରାପ୍ତ ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲାରେ ନିମ୍ନମାନର ଛତୁଆ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ଯୋଗାଣ ହେଉଥିଲେ ମଧ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ରାଜ୍ୟ ଫୁଡ୍ ଟେଷ୍ଟିଂ ଲ୍ୟାବର ଚିଠି ନମ୍ବର ୨୩୯୪/୩୦।୯।୨୦୨୪ରେ କଳାହାଣ୍ଡି ଜିଲାରୁ ୧୪୭ଟି ଟିଏଚ୍ଆର୍ ନମୁନା ପରୀକ୍ଷା କରାଯାଇଥିବା ବେଳେ ୬ଟି ଏସ୍ଏଚ୍‌ଜିର ନମୁନାରେ ନିମ୍ନମାନର ବୋଲି ଦର୍ଶାଯାଇଛି। ଏଥିରେ ଏମ୍ ରାମପୁର ବ୍ଲକର ମା' ତାରିଣୀ ଏସ୍ଏଚ୍‌ଜି, ଜାଗୃତି ଜୀବିକା ଏସ୍ଏଚ୍‌ଜି, କଲମପୁର ବ୍ଲକର ମା' ସମଲେଶ୍ୱରୀ ଏସ୍ଏଚ୍‌ଜି, କୋକସରା ବ୍ଲକର ମା' ଲଙ୍କେଶ୍ୱରୀ ଏସ୍ଏଚ୍‌ଜି, ଧର୍ମଗଡ଼ ବ୍ଲକର ମା' ଗାୟତ୍ରୀ ଏସ୍ଏଚ୍‌ଜି ଓ ଶ୍ରୀ ଲକ୍ଷ୍ମୀ ଏସ୍ଏଚ୍‌ଜି ରହିଛି। ଏହି ୬ଟି ଏସ୍ଏଚ୍‌ଜିର ଛତୁଆ ନମୁନା ରିପୋର୍ଟ ଆସିବା ପରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଚିଠି ନମ୍ବର ୨୩୧୪୭/୧୫।୧୦।୨୦୨୪ରେ ଅକ୍ଟୋବର ୩୧ସୁଦ୍ଧା ପଦକ୍ଷେପ ନେଇ ବିଭାଗକୁ ଜଣାଇବା ନିମନ୍ତେ କଡା ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ କେବଳ କାରଣ ଦର୍ଶାଅ ନୋଟିସ ଦେଇ କାମ ସାରିଦେଇଥିବା ଜଣାପଡିଛି। ଏ ନେଇ ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶାଙ୍କୁ ପଚାରିବାରୁ ଏ ନେଇ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳମାନଙ୍କୁ ନେଇ ଏକ କମିଟି କରାଯାଇଛି। ସମ୍ପୃକ୍ତ ଏସ୍ଏଚ୍‌ଜିମାନଙ୍କୁ କାରଣ ଦର୍ଶାଅ ନୋଟିସ ପ୍ରଦାନ କରାଯାଇଛି ବୋଲି କହିଥିଲେ। ଅନ୍ୟପକ୍ଷରେ ଗତ କିଛିଦିନ ତଳେ କଳାହାଣ୍ଡି ଜନସଂଗ୍ରାମ ସମିତି ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ଓ ଜିଲା ସମାଜ ମଙ୍ଗଳ ଅଧିକାରଣୀଙ୍କୁ ଭେଟି ତୁରନ୍ତ ସମ୍ପୃକ୍ତ ୬ଟି ଏସ୍ଏଚ୍‌ଜିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଲିଖିତ ଦାବି କରିଛନ୍ତି। ତେବେ ଏ ନେଇ ଜିଲା ପ୍ରଶାସନ ଆଗକୁ କ'ଣ ପଦକ୍ଷେପ ନେଉଛି ଏହା ଉପରେ ସଭିଙ୍କ ନଜର ରହିଛି।

# ଭୂଗୋଳ ବିଭାଗ ପକ୍ଷରୁ ଗାଇଡାନ୍ସ କ୍ଲାସ୍ ଉଦ୍‌ଘାଟିତ



ଗାଇଡେନ୍ସ କ୍ଲାସ ଉଦ୍ଘାଟନ ସମାରୋହରେ ଅତିଥି ଗଣ

ଭବାନୀପାଟଣା,୬।୧୧(ଉତ୍ତମ କୁମାର ଦାଶ)

**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗ ପକ୍ଷରୁ ବୁଧବାର ୟୁଜିସି, ନେଟ, ଜିଆର୍ଏଫ୍ ଓ ସିୟୁଇଟି ପରୀକ୍ଷା ପାଇଁ ଗାଇଡାନ୍ସ କ୍ଲାସ ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ମୁଖ୍ୟ ଅତିଥି ଓ ରେଜିଷ୍ଟ୍ରାର ପୀତାମ୍ବର ଭୋଇ, ଏକାଡେମିକ ଡାଇରେକ୍ଟର ଡ. ବୀରେନ୍ଦ୍ର ସୁନା, ଭୂଗୋଳ ବିଭାଗର ଡ଼ ସୁମନା ରାୟ, ସହାୟକ ପ୍ରଫେସର ଡ.ମନୋଜ ମେହେର, ଡ. ବିଶ୍ୱ ରଞ୍ଜନ ବେଉରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଗାଇଡାନ୍ସ କ୍ଲାସରେ ପ୍ରତି ସପ୍ତାହରେ ୪ଟି କ୍ଲାସ ହେବା ସହିତ ଏମ୍‌ସିକ୍ୟୁ ଆଧାରିତ ମକ୍‌ଟେଷ୍ଟ ମଧ କରାଯିବ। ଏହା ଛାତ୍ରୀଛାତ୍ରଙ୍କୁ ୟୁଜିସି, ନେଟ, ଜିଆର୍ଏଫ୍ ଓ ସିୟୁଇଟି ପରୀକ୍ଷାରେ ସଫଳତା ଲାଭ କରିବାରେ ସାହାଯ୍ୟ କରିବ ବୋଲି ଭାରପ୍ରାପ୍ତ କୁଳପତି ନାଥ ସୂଚନା ଦେଇଛନ୍ତି।

# ନାହିଁ ମକା ମଣ୍ଡି: ଫାଇଦା ନେଉଛନ୍ତି ଦଲାଲ


ଚାଷୀମାନେ ମକା ଅମଳ କରୁଛନ୍ତି।

କୋକସରା,୬।୧୧ (ଦୁଷ୍ମନ୍ତ କୁମାର ପାଢଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକରେ ମକା ବିକ୍ରି ପାଇଁ ବଜାର କିମ୍ବା ମଣ୍ଡି ବ୍ୟବସ୍ଥା ନାହିଁ। ଫଳରେ ଦଲାଲମାନେ ଏହାର ଫାଇଦା ନେଉଛନ୍ତି। ଚାଷୀମାନେ କମ୍ ଦରରେ ଦେଇ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ବ୍ଲକରେ ୨୨ ପଞ୍ଚାୟତର ଅଣ ଜଳସେଚିତ ଅଞ୍ଚଳର ଚାଷୀ ଧାନ ଚାଷରେ କ୍ଷତିର ସମ୍ମୁଖୀନ ହୋଇ ମକାଚାଷକୁ ଆପଣେଇ ନେଇଛନ୍ତି। କୃଷି ବିଭାଗ ତରଫରୁ ମିଳିଥିବା ସୂଚନା ଅନୁସାରେ ଚଳିତ ବର୍ଷ ବ୍ଲକର ଆମପାଣି, ବଡ ପୋଡ଼ାଗୁଡ଼ା, ମହିମା, ଗୋଟେମୁଣ୍ଡା, ସାନ ପୋଡ଼ାଗୁଡ଼ା, ଖୁଣ୍ଟିଆ ଆଦି ପଞ୍ଚାୟତରେ ଥିବା ୨୩ ଶହ ୪୮ ହେକ୍ଟର ଜମିରେ ମକାଚାଷ ହୋଇଛି। ହେଲେ ବେସରକାରୀ ଭାବେ ଏହି ପରିମାଣ ୫ ହଜାର ହେକ୍ଟରରୁ ଅଧିକ ହେବ। ଧାରକରଜ କରି ମକା କରିଥିବା ଚାଷୀ ଭଲ ରୋଜଗାର କରି ପରିବାର ପ୍ରତିପୋଷଣ କରିବା ସହ ଋଣ ପରିଶୋଧ କରିବା ଆଶା ରଖିଛନ୍ତି। ସରକାରୀ ସ୍ତରରେ ବ୍ଲକରେ ମଣ୍ଡି ବ୍ୟବସ୍ଥା ନ ଥିବାରୁ ଜିଲା ବାହାରର ଦଲାଲ ଓ ସ୍ଥାନୀୟ କିଛି ଲାଭଖୋର ସାହୁକାର ଆସି ମକା କୁଇଣ୍ଟାଲ ପ୍ରତି ୨ ହଜାରରୁ ୨୨ ଶହ ଟଙ୍କାରେ ମୂଲଚାଲ କରୁଛନ୍ତି। ସଂରକ୍ଷଣ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଉପାୟ ନ ପାଇ ଚାଷୀ କମ୍ ଦରରେ ବିକ୍ରି କରୁଛନ୍ତି। ସରକାରୀ ସ୍ତରରେ ମଣ୍ଡି ଖୋଲାଗଲେ ଚାଷୀଙ୍କ ଆର୍ଥିକ ଉନ୍ନତି ସହ ମକା ଚାଷ ପାଇଁ ଆଗ୍ରହ ପ୍ରକାଶ କରନ୍ତେ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଏ ନେଇ କୋକସରା ବ୍ଲକ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝିଙ୍କ ପ୍ରତିକ୍ରିୟା ନେବାରୁ ସରକାରୀ ହିସାବରେ ମକା କୁଇଣ୍ଟାଲ ପ୍ରତି ଧାର୍ଯ୍ୟ ମୂଲ୍ୟ ୨୨୪୫ ଟଙ୍କା ରହିଛି। କୋକସରା ବ୍ଲକରେ ବହୁଳ ଭାବରେ ମକାଚାଷ ହେଉଛି। ବିଭାଗ ପକ୍ଷରୁ ମଣ୍ଡି ବ୍ୟବସ୍ଥା ପାଇଁ ଜିଲାପାଳ ଓ ଜିଲା କୃଷି ବିଭାଗକୁ ଅବଗତ କରାଯାଇଛି। ତେବେ ଆଗକୁ ମଣ୍ଡି ଖୋଲିବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିବ ବୋଲି ସେ କହିଛନ୍ତି।

### ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା

ଭବାନୀପାଟଣା,୬।୧୧(ଉତ୍ତମ କୁମାର ଦାଶ)

ନିକଟରେ ପ୍ରକାଶିତ ୟୁଜିସି ନେଟ୍ ଓ ଜେଆର୍ଏଫ୍ ପରୀକ୍ଷାରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ୧୨ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଏଥିରେ ପ୍ରାଣୀ ବିଜ୍ଞାନ ବିଭାଗର ସମ୍ଭବ ପାତ୍ର, ଭେରି ପ୍ରସାଦ ପ୍ରଧାନ ଜେଆର୍ଏଫ୍ ଓ ଗେଟ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଏହି ବିଭାଗର କୁମାରୀ ମାମାଲି ଆଚାର୍ଯ୍ୟ ଓ ସରସ୍ୱତୀ ମହାନନ୍ଦ ନେଟ ପରୀକ୍ଷାରେ ପାସ୍ କରିଛନ୍ତି। ଓଡ଼ିଆ ବିଭାଗର ତୁରେଶ୍ୱରି ମହାନନ୍ଦ ଜେଆର୍ଏଫ୍, କୃପାସିନ୍ଧୁ ବେହେରା, ଶେଫାଳୀ ମହାକୁଡ ଓ ଜିତେନ୍ଦ୍ର ଧାରୁଆ ନେଟ ପରୀକ୍ଷାରେ ପାସ୍ କରିଛନ୍ତି। ଭୂଗୋଳ ବିଭାଗର କୁମାରୀ ରୋମିୟା ଭୋଇ ନେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉଦ୍ଭିଦ ବିଜ୍ଞାନର ଖୋମନ ଲାଲ ଦେବାଙ୍ଗନ ଓ ରାଜନୀତି ବିଜ୍ଞାନର ପୁରୁଷୋତ୍ତମ ରଥ ଜେଆର୍ଏଫ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ପ୍ରକାଶ ଯେ, ବିଜ୍ଞାନ ବିଷୟରେ ପୂର୍ବରୁ ସ୍ନାତକୋତ୍ତର ପାଠ୍ୟକ୍ରମ ନ ଥିଲା। ପ୍ରଥମ ବ୍ୟାଚରୁ ଏଭଳି ସଫଳତାକୁ ନେଇ ଛାତ୍ରୀଛାତ୍ର, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ, କୁଳସଚିବ ପିତାମ୍ବର ଭୋଇ, ଉପକୁଳ ସଚିବ ମେଜର ଡ. ଜୟଦେବ ସାହୁ ଶୁଭେଚ୍ଛା ଜଣାଇଛନ୍ତି।

### ପୁରୁଣା ପୋଖରୀର ଉନ୍ନତୀକରଣ ପାଇଁ ଦାବିପତ୍ର

ଭବାନୀପାଟଣା,୬।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ୧୪ନଂ ୱାର୍ଡ ପୁରୁଣାପଡାରେ ଥିବା ପୋଖରୀର ପୁନରୁଦ୍ଧାର ପାଇଁ ପୌରପାଳିକା ପକ୍ଷରୁ ପ୍ରାୟ ଦେଢକୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ହେଲେ ପୁନରୁଦ୍ଧାର ନାମରେ ପଙ୍କ ଉଦ୍ଧାର ଓ ଜଳ ନିଷ୍କାସନରେ ୬୭ ଲକ୍ଷ ଟଙ୍କା ବ୍ୟୟ କରି ବିରାଟ ପୋଖରୀକୁ ସଙ୍କୁଚିତ କରାଯାଇଥିବା ଦେଖିବାକୁ ମିଳିଛି। ପୋଖରୀ ଚାରିପଟେ ପଙ୍କ ମାଟି ପକାଯାଇଥିବାରୁ ବର୍ଷାରେ ତାହା ଧୋଇ ପୁନଃ ପୋତି ହେଉଛି। ସେହିପରି ପୋଖରୀ ଭିତରକୁ ଯିବାର କୌଣସି ବ୍ୟବସ୍ଥା ନାହିଁ। ଫଳରେ ପୋଖରୀ ବ୍ୟବହାରଯୋଗ୍ୟ ହୋଇପାରୁ ନାହିଁ। ଏହି ପୋଖରୀ ଉପରେ ପୁରୁଣାପଡ଼ା, ଶମ୍ଭୁନଗର, ହିଲ ଟାଉନ, ଶବର ପଡ଼ା, ଦେବାନ ସାହେବ ପଡ଼ାବାସୀ ନିର୍ଭର କରୁଥିଲେ। ଏପରି ସମସ୍ୟା ଯୋଗୁ ଉପରୋକ୍ତ ପଡ଼ାର ଲୋକେ ଏବେ ୩ କିମି ଦୂରରେ ଥିବା ଆଶାସାଗର ଉପରେ ନିର୍ଭର କରୁଛନ୍ତି। ତେଣୁ ସ୍ଥାନୀୟ ଲୋକଙ୍କ ସୁବିଧା ପାଇଁ ତୁରନ୍ତ ପୋଖରୀ ପରିଷ୍କାର ସହ ପାହାଚ ବ୍ୟବସ୍ଥା କରିବାକୁ ବୁଧବାର ମନ୍ଦିର ସମୂହ ସଭାପତି ଇନ୍ଦ୍ରଜିତ ମହାଖୁଡଙ୍କ ନେତୃତ୍ୱରେ ଲକ୍ଷ୍ମୀ ନାରାୟଣ ପଣ୍ଡା, କମ୍ଭୁପାଣି ପରିଚ୍ଛା, ସୀତାକାନ୍ତ ପ୍ରଧାନ, ରବିନ୍ଦ୍ର ପ୍ରଧାନ, କାଉନସିଲର ପିଙ୍କି ରାଉତ, ସନ୍ତୋଷ ପ୍ରଧାନ ପ୍ରମୁଖ ଭବାନୀପାଟଣା ପୌରପାଳିକାର ଭାରପ୍ରାପ୍ତ ଅଧକ୍ଷ ବିଷ୍ଣୁ ଚରଣ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

### ମଦର ଟେରେସା ସେବା ସଙ୍ଗଠନର ସାଙ୍ଗଠନିକ ବୈଠକ

ନୂଆପଡ଼ା,୬।୧୧ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ୍ ଅନ୍ତର୍ଗତ ବୃଦ୍ଧିକୋମନା ପଞ୍ଚାୟତ ପଣ୍ଡରାପଥର ଗାଁ ମଦର ଟେରସା ସେବା ସଂଗଠନ କାର୍ଯ୍ୟାଳୟଠାରେ ମଙ୍ଗଳବାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା ମୁଖ୍ୟ ଅତିଥି, ସାଇ ମଞ୍ଜୁରୀ ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସଂଗଠନକୁ ମଜଭୁତ କରିବା ଉପରେ ଆଲୋକପାତ କରିଥିଲେ। ଏହି ସଂଗଠନ ବୃକ୍ଷରୋପଣ, ଅସହାୟଙ୍କୁ ସହାୟତା, ଦିବ୍ୟାଙ୍ଗଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ଭତ୍ତା, ଋଣ, ବସ୍ ଓ ରେଳ ପାସ୍, ମହିଳା ଦିବ୍ୟାଙ୍ଗଙ୍କୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନକରି ସ୍ୱାବଲମ୍ବୀ କରିବା ପ୍ରୟାସ ଜାରି ରଖିଛି। ଏହି ସବୁ କାର୍ଯ୍ୟ ବଳବତ୍ତର ରଖିବା ସହ ଅନ୍ୟ ସେବା କାର୍ଯ୍ୟ ହାତକୁ ନେବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମହିଳାପୁରୁଷ ଯୋଗଦେଇ ସେବା କାର୍ଯ୍ୟ କରିବା ପାଇଁ ଶପଥ ନେଇଥିଲେ। ସଂଗଠନ ସମ୍ପାଦକ ଶେଷଦେବ ପ୍ରଧାନୀ ସଭା ପରିଚାଳନା କରିଥିବା ବେଳେ କ୍ଷମା ଭୋଇ, ସତ୍ୟବ୍ରତ ସାମଲ, ଚେତୁରାମ ପ୍ରଧାନୀ, ପ୍ରୀତି କଟା, କୁନ୍ତଳା ବେମାଲ, ନଳିନୀ ମାଝି, ସାବିତ୍ରୀ ଦାସ ପ୍ରମୁଖ ସହଯୋଗ କରିଥିଲେ ।

### ନୂତନ ସିଟିସ୍କାନ୍ ମେଶିନ ଉଦ୍‌ଘାଟିତ

ନୂଆପଡ଼ା,୬।୧୧ (ମକାରୁ ବେମାଲ)

ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ନୂତନ ସିଟି ସ୍କାନ୍ ମେଶିନ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କଳାହାଣ୍ଡି ଏମ୍‌ପି ମାଳବିକା ଦେଓ, ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲା ପରିଷଦ ଅଧକ୍ଷା ଡଲି ମାଝି, ଜିଲାପାଳ ମଧୁସୂଦନ ଦାସ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ସରୋଜ କୁମାର ସାହୁ, ଯଦୁମଣି ପାଣିଗ୍ରାହୀ ଉପସ୍ଥିତ ଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଧରଣୀଧର ସେନାପତିଙ୍କ ଅଧକ୍ଷତାରେ ରୋଗୀ କଲ୍ୟାଣ ସମିତି ୬ଷ୍ଠ ମାସିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିପିଏମ୍ ଦିଲୀପ ଦୁବେ ବିଗତ ବର୍ଷର ଆୟବ୍ୟୟ ହିସାବ ଓ ଆସନ୍ତାବର୍ଷର ବଜେଟ ଉପସ୍ଥାପନ କରିଥିଲେ। ଜିଲାରେ ବର୍ତ୍ତମାନ ୪୦ ଡାକ୍ତର ରହିଥିବା ବେଳେ ୯୪ ପଦବୀ ଖାଲି ପଡିଛି। ୬୮ ଜଣ ଷ୍ଟାଫ୍‌ନର୍ସ ଥିବାବେଳେ ୨୪ଟି ପଦବୀ ଖାଲି ପଡିଛି। ୮ ଜଣ ଫାର୍ମାସିଷ୍ଟ କାର୍ଯ୍ୟରତ ଥିବାବେଳେ ୭ଟି ଖାଲି ରହିଥିବା ନେଇ ସୂଚନା ଦିଆଯାଇଥିଲା। ସୀମିତ କର୍ମଚାରୀ ସତ୍ତ୍ୱେ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଜିଲାପାଳ ଦାସ ଡାକ୍ତର ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ।

# ଖଡ଼ିଆଳ ଉତ୍କଳ କରାଟେ ସ୍କୁଲକୁ ୧୧ ପଦକ


ପଦକ ହାସଲ କରିଥିବା ପ୍ରତିଯୋଗୀମାନେ।

ଖଡ଼ିଆଳ,୬।୧୧ (ସୁଜିତ କୁମାର ପ୍ରଧାନ)

ବଲାଙ୍ଗୀରଠାରେ ଅନୁଷ୍ଠିତ ୩୨ତମ ଜିଲା କରାଟେ ଚାମ୍ପିୟନଶିପରେ ନୂଆପଡ଼ା ଜିଲା ଖଡ଼ିଆଳ ଉତ୍କଳ କରାଟେ ସ୍କଲକୁ ସଫଳତା ମିଳିଛି। ସୂଚନା ଅନୁସାରେ ବଲାଙ୍ଗୀର ରାଜେନ୍ଦ୍ର କଲେଜ ରୋଡ୍ କଲ୍ୟାଣ ମଣ୍ଡପଠାରେ ବଲାଙ୍ଗୀର କରାଟେ ସ୍କୁଲ ପକ୍ଷରୁ ମଙ୍ଗଳବାର ଚାମ୍ପିୟନଶିପ ଅନୁଷ୍ଠିତ ହୋଇଥିଲା। ଏଥିରେ ୨ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେଇଥିଲେ। ଖଡ଼ିଆଳ ଉତ୍କଳ କରାଟେ ସ୍କଲର କୋଚ ଧର୍ମେଶ ମେହେରଙ୍କ ସମେତ ୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସମସ୍ତ ପ୍ରତିଯୋଗୀ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରି ୪ ସ୍ୱର୍ଣ୍ଣ, ୬ଟି ବ୍ରୋଞ୍ଜ ଓ ଗୋଟିଏ ରୌପ୍ୟ ଏହିପରି ମୋଟ ୧୧ ଗୋଟି ପଦକ ହାସଲ କରିଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ ଖଡ଼ିଆଳ କରାଟେ ସ୍କୁଲର କୋଚ କାଟାରେ ରୌପ୍ୟ ଓ କୁମାଇଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଛାତ୍ର ବୀରେନ କୁରେ ଉଭୟ କାଟା ଓ କୁମାଇଟରେ ସ୍ୱର୍ଣ୍ଣ ପଦକ, ଭୁମରାଜ ସାହୁ କାଟାରେ ସ୍ୱର୍ଣ୍ଣ ଓ କୁମାଇଟରେ ବ୍ରୋଞ୍ଜ ପଦକ, ଉଜ୍ଜ୍ୱଳଦୀପ ଓଝା କାଟାରେ ସ୍ୱର୍ଣ୍ଣ ଓ କୁମାଇଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ସ୍କୁଲର ପୀୟୂଷ ରଞ୍ଜନ ସିଂ ଦଳପତି, ବେଦ ପ୍ରତାପ ସିଂଦେଓ ଓ ଅସ୍ମିତ କିଶୋର ଚଳାନ କାଟାରେ ବ୍ରୋଞ୍ଜ ପଦକ ହାତେଇଛନ୍ତି। ଏହି ସଫଳତା ପରେ ଖଡ଼ିଆଳର ବିଭିନ୍ନ ମହଲରେ ଖୁସିର ଲହରି ଖେଳିଯାଇଛି।

# ସହଦେବଙ୍କ କଳାକୃତିର ପ୍ରଶଂସା କଲେ ଜିଲାପାଳ

**ହସ୍ତଶିଳ୍ପ ବିକାଶ ଓ ପ୍ରଦର୍ଶିକା କମିଟି ବୈଠକ**

ନୂଆପଡ଼ା,୬।୧୧ (ମକାରୁ ବେମାଲ)



ଜାତୀୟ ସଙ୍ଗୀତ ଖୋଦେଇ ହୋଇଥିବା ଫଳକ ପ୍ରଦର୍ଶନ କରୁଛନ୍ତି ଅତିଥି।

ନୂଆପଡ଼ା ଜିଲାସ୍ତରୀୟ ହସ୍ତଶିଳ୍ପ ବିକାଶ ଓ ପ୍ରଦର୍ଶିକା କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଯୋଗେଶ୍ୱର ଭୋଇ, ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ମାହାର, ଜିଲା ପର୍ଯ୍ୟଟନ ଅଧିକାରୀ ମାନସ କୁମାର ପଟେଲ ପ୍ରମୁଖ ଯୋଗଦେଇ ଜିଲାର କୃତୀ ଶିଳ୍ପୀମାନଙ୍କ କଳାକୃତିକୁ ସ୍ୱୀକୃତି ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଦର୍ଶିକା କମିଟି ସଭାପତି ତଥା ଜିଲାପାଳ ଦାସ ଜିଲାରେ ହସ୍ତଶିଳ୍ପ ବିକାଶ ଦ୍ୱାରା କିଭଳି ଜୀବନଜୀବିକାରେ ଉନ୍ନତି ଆସିପାରିବ ଓ ଦାଦନ ଶ୍ରମିକ ପ୍ରଥାର ବିଲୋପ ହେବ ତା ଉପରେ ଗୁରୁତ୍ୱ ଦେଇଛନ୍ତି। ସଦର ବ୍ଲକ୍ ଖରିଆର ରୋଡ୍ ବାସିନ୍ଦା ପ୍ରବୀଣ କାଠ ଖୋଦେଇ ଶିଳ୍ପୀ ସହଦେବ ମହାନନ୍ଦଙ୍କ ଉତ୍କୃଷ୍ଟ କଳାକୃତିର ଭୂୟସୀ ପ୍ରଶଂସା କରିଥିଲେ ଜିଲାପାଳ। ସହଦେବ ଜାତୀୟ ସଙ୍ଗୀତ ଜନଗଣ ମନ ଅଧିନାୟକ ଜୟ ହେ...କୁ ଓଡ଼ିଆ, ହିନ୍ଦୀ, ଉର୍ଦ୍ଦୁ, ବଙ୍ଗଳା, କନ୍ନଡ, ପଞ୍ଜାବୀ, ଗୁଜରାଟୀ, ମାଲୟାଲମ, ତେଲୁଗୁ, ତାମିଲ ଆଦି ୧୦ ଭାଷାରେ ଖୋଦେଇ ଫଳକ ନିର୍ମାଣ କରିଛନ୍ତି। ଏହାବ୍ୟତୀତ ୨ଟି ବଡ କାଠ ଫଳକରେ ହନୁମାନ ଚାଳିଶା ଖୋଦେଇ କରି ଲେଖିଛନ୍ତି । ତାଙ୍କର ଏହି ସୁନ୍ଦର କାରୁକାର୍ଯ୍ୟ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଏହା ସହ ସେ ୧୫ ଜଣ ନୂତନ ଶିଳ୍ପୀଙ୍କୁ ତାଲିମ ଦେଇ ନୂତନ ରାସ୍ତା ଦେଖାଇଛନ୍ତି। ସେହିପରି ମହରାଜୋର ଗାଁର ନିପୁଣ ଟେରାକୋଟା ଶିଳ୍ପୀ ଯୋଗେଶ୍ୱର ରଣାଙ୍କୁ ଜିଲାପାଳ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। କିଛିବର୍ଷ ତଳେ ସେ ପେଟପାଟଣା ପାଇଁ ଅନ୍ୟ ରାଜ୍ୟକୁ ଦାଦନ ଖଟିବା ପାଇଁ ଯାଇଥିଲେ। ଆଜି ସରକାରଙ୍କ ହସ୍ତଶିଳ୍ପ ବିଭାଗ ସହାୟତାରେ ଟେରାକୋଟାରେ ତାଲିମ ପାଇ ବିଭିନ୍ନ ମାଟି ସାମଗ୍ରୀ ବିକ୍ରୟକରି ସେ ବେଶ୍ ଦୁଇପଇସା ରୋଜଗାର କରୁଛନ୍ତି । ତାଙ୍କ ଦ୍ୱାରା ତାଲିମପ୍ରାପ୍ତ ୩୦ ଶିଳ୍ପୀ ଦାଦନ ନ ଯାଇ ଜିଲା ତଥା ଜିଲା ବାହାରେ ଟେରାକୋଟା ସାମଗ୍ରୀ ବିକ୍ରୟକରି ପରିବାର ପ୍ରତିପୋଷଣ କରୁଛନ୍ତି।

## ସଂକ୍ଷେପରେ

### ମୁଖ୍ୟ ଅଭିଯୁକ୍ତ ଗିରଫ

#### ଧାନ ଫସଲରେ ମାଟି ପୋତିବା ଘଟଣା

ବରଗଡ଼,୬।୧୧(ପ୍ରେମାନନ୍ଦ ଖମାରୀ

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଖଲିଆପାଲି ଗ୍ରାମରେ ଚାଷ ହୋଇଥିବା ଧାନ ଫସଲ ଉପରେ ମାଟି ପୋତିବା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ, ବରଗଡ଼ର ତଫିକ୍ ଖାନ୍। ବରଗଡ଼ ଟାଉନ ଥାନା ପୋଲିସ ତାଙ୍କ ବିରୋଧରେ ଏକ ମାମଲା (ନଂ.୬୨୭/୨୪) ରୁଜୁ କରିଛି। ତେବେ ପୋଲିସ ଗିରଫ କରିବା ପରେ ଅଭିଯୁକ୍ତ ଅସୁସ୍ଥ ହୋଇ ପଡିଛନ୍ତି। ବରଗଡ଼ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସର ଗିରଫଦାରୀ ପରେ ଅଭିଯୁକ୍ତଙ୍କ ଏଭଳି ଅସୁସ୍ଥତା ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଥାଉକି, ଜମି ବିବାଦକୁ ନେଇ ସୋମବାର ରାତାରାତି ଖେଦାପାଲି ଗ୍ରାମରେ ରହିଥିବା ଚାଷଜମିର ଧାନ ଫସଲ ଉପରେ ମାଟି ପୋତି ଦେଇଥିଲେ। ଏହାକୁ ନେଇ ମଙ୍ଗଳବାର ପ୍ରଭାବିତ ଚାଷୀ ପରିବାର ଏବଂ ଗ୍ରାମବାସୀ ବରଗଡ଼ -ଭଟଲି ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟାପକ ଯାନବାହାନ ଅଟକି ରହିଥିଲା। ଘଟଣାସ୍ଥଳରେ ପୋଲିସ ଏବଂ ବିଭାଗୀୟ ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହିତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ହଟିଥିଲା।

# ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଧାରଣା


ବିଦ୍ୟାଳୟ ଆଗରେ ଧାରଣାରେ ଛାତ୍ରୀଛାତ୍ର ଓ ଅଭିଭାବକ ।

## ବୌଦ୍ଧରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟୟ

ବୌଦ୍ଧ,୬।୧୧(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଶିକ୍ଷା ବର୍ଷ ଅଧା ସରିବାକୁ ବସିଥିବା ବେଳେ ଶିକ୍ଷକ ଅଭାବରୁ ଗୋଟିଏ ପରେ ଗୋଟିଏ ବିଦ୍ୟାଳୟରେ ତାଲା ପକାଇବା ଭଳି ଘଟଣା ନଜରକୁ ଆସୁଛି । କିଛି ଦିନ ତଳେ ହରଭଙ୍ଗା ବ୍ଲକ ଘୋରଡା ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ତାଲା ପଡିଥିବା ବେଳେ ବୁଧବାର ଦିନ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ କିଛି ଦୂରରେ ଥିବା ବାପୁଜୀ ନଗର ବିଦ୍ୟାଳୟ ଗେଟରେ ଛାତ୍ରୀଛାତ୍ର ଓ ଅଭିଭାବକ ତାଲା ପକାଇ ଧାରଣା ଦେଇଥିଲେ। ଖବର ପାଇ ଶିକ୍ଷା ବିଭାଗର ଅଧିକାରୀ ପହଞ୍ଚି ଯଥାଶୀଘ୍ର ଶିକ୍ଷକ ପଦବୀ ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ର ଧାରଣାରୁ ଓହରି ଯାଇଥିଲେ।

ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ୧୨୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ୬ ଜଣ ଶିକ୍ଷକ ରହିବା କଥା। କିନ୍ତୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦବୀ ଦୀର୍ଘଦିନ ହେଲା ଖାଲି ପଡିଛି । ଦୁଇଜଣ ଶିକ୍ଷକ ଛୁଟିରେ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣା ଦେଇଥିଲେ। ଏନେଇ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କୁ ପଚାରିବାରେ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଯୁକ୍ତି ପାଇଁ ଜିଲାପାଳଙ୍କ ନିକଟକୁ ଫାଇଲ ପଠାଯାଇଛି । ଦିନେ ଦୁଇଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରକାଶ କରିଥିଲେ।

# ଘରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ପାଇକମାଲ, ୬।୧୧ (ବଡ ଶତପଥି)

ବରଗଡ଼ ଜିଲା ପାଇକମାଲ ବ୍ଲକ ଝାରବନ୍ଧ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପତ୍ରାଗୁଡା ଗ୍ରାମରେ ହଠାତ ଏକ ଅଘଟଣ ଘଟିଯାଇଛି। ଏହି ଗ୍ରାମର ମାୟାଧର ତାଣ୍ଡିଙ୍କ ଘର ସମ୍ପୂର୍ଣ୍ଣ ଭାବେ ପୋଡ଼ି ଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ମାୟାଧରଙ୍କ ସ୍ତ୍ରୀ ଗୌରମତି ତାଣ୍ଡି କାଠ ଚୁଲି ଲଗାଇ ଭାତ ରାନ୍ଧୁଥିଲେ। ଆଉ କାଠ ଆଣିବା ପାଇଁ ଯାଇ ଆସିବା ବେଳକୁ ଘରେ ନିଆଁ ଲାଗି ଯାଇଥିଲା। ଏହା ଦେଖି ସେ ଲୋକଙ୍କୁ ନିଆଁ ଲିଭାଇବା ପାଇଁ ଡାକିଥିଲେ। ଲୋକଙ୍କ ବହୁ ଚେଷ୍ଟା ପରେ ନିଆଁ ଲିଭାଇ ନ ପାରିବାରୁ ପରବର୍ତ୍ତୀ ସମୟରେ ପାଇକମାଲ ଅଗ୍ନିଶମ ବାହିନୀର କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ନିଆଁରେ ଘରେ ଥିବା ଧାନ, ଚାଉଳ, ବାଦାମ, ଘରର ସମସ୍ତ ଆସବାବପତ୍ର, ସମସ୍ତ ଲୁଗାପଟା, ଆଧାର କାର୍ଡ, ଭୋଟର କାର୍ଡ, ରାଶନ କାର୍ଡ, ଜମି ପଟ୍ଟା ସହ ଗାଁରେ ହେବାକୁ ଥିବା ଲକ୍ଷ୍ମୀ ପୂଜାରେ ଦୋକାନ ଖୋଲିବା ପାଇଁ ଆଣିଥିବା ୯୦୦୦୦ ଟଙ୍କାର ସାମଗ୍ରୀ ସହିତ ପାଖାପାଖି ୧୨୫୦୦୦ ନଗଦ ଟଙ୍କା ପୋଡ଼ି ଯାଇଛି ବୋଲି ଅଭିଯୋଗ କରିଛନ୍ତି। ସେମାନଙ୍କ ସମସ୍ତ ସାମଗ୍ରୀ ପୋଡ଼ି ଯାଇଥିବାରୁ ସେମାନେ ବର୍ତ୍ତମାନ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ମାୟାଧର ତାଣ୍ଡିଙ୍କ ସବୁ ପୋଡ଼ି ଯାଇଥିବାରୁ ତାଙ୍କୁ ଯଥାଶୀଘ୍ର ସରକାରୀ ସହାୟତା ପ୍ରଦାନ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

# ଅଞ୍ଚଳ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର



ମହାବିଦ୍ୟାଳୟର ପାଠଚକ୍ରରେ ଉପସ୍ଥିତ ଅତିଥି।

ପଦ୍ମପୁର, ୬।୧୧ (ପ୍ରଦୀପ୍ତ ଦାଶ )

ଅଞ୍ଚଳ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ସମ୍ମିଳନୀ ପ୍ରକୋଷ୍ଠରେ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଏକ ବିଭାଗୀୟ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଯୁକ୍ତ ତିନି ପ୍ରଥମ , ଦ୍ୱିତୀୟ ଏବଂ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ସେମାନଙ୍କର ନିବନ୍ଧ ଉପସ୍ଥାପନା କରି ଧର୍ମନିରପେକ୍ଷତାକୁ ବ୍ୟାଖ୍ୟା କରିଥିଲେ। ଧରିତ୍ରୀ, ମାନସୀ, ଜୟ, ଈଶ୍ୱର, ନୀଳାମ୍ବର, ରିକି, ସଞ୍ଜୁଲତା, ମୁକେଶ, ଯାମିନି, ଧନଞ୍ଜୟ, ଛବିନ୍ଦ୍ର ଏବଂ ଦିବ୍ୟା ତାଙ୍କର ନିବନ୍ଧ ଉପସ୍ଥାପନ କରିଥିଲେ ଏବଂ ବିଭାଗର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ବିଭାଗର ମୁଖ୍ୟ ଶର୍ମିଳା ପଣ୍ଡା ଛାତ୍ରୀଛାତ୍ରମାନଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ସିଦାର, ଭୁବନେଶ୍ୱର ବରିହା, ବିପିନ ପାଇକ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ଶେଷରେ ମନହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବରଗାଁରେ ଭାଜପାର ସଭା

## ବିଭିନ୍ନ ସମସ୍ୟା ନେଇ ଆଲୋଚନା

ଖୁଣ୍ଟିଗୋରା,୬।୧୧( ମକରନ୍ଦ ସାହୁ)

ବୁଧବାର କନ୍ଧମାଳ ନିର୍ବାଚନମଣ୍ଡଳୀ ଘଣ୍ଟାପଡା ମଣ୍ଡଳ ବରଗାଁ ଶକ୍ତି କେନ୍ଦ୍ରର ଘୁଚାଙ୍ଗୀଠାରେ ମଣ୍ଡଳ ସଭାପତି ପିନାକଧର ରଣାଙ୍କ ସଭାପତିତ୍ୱରେ ଭାଜପାର ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ କହ୍ନେଇଚରଣ ଡାଙ୍ଗ ଯୋଗ ଦେଇଥିଲେ । ଏହି ଅବସରରେ ସେ ସଂଗଠନକୁ ମଜଭୁତ କରାଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ବରଗାଁ ପଞ୍ଚାୟତର ପାଣି ସମସ୍ୟା, ରାସ୍ତାଘାଟ, ବିଦ୍ୟୁତ୍ ସମେତ ଅନ୍ୟାନ୍ୟ ସମସ୍ୟାର ସମାଧାନ ନେଇ ବିଧାୟକ ଡାଙ୍ଗ ବରଗାଁ ପଞ୍ଚାୟତର ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ । ଯଥାଶୀଘ୍ର ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସଭାରେ ଯୁବ ନେତା ଓମ୍ ପ୍ରକାଶ ମିଶ୍ର , ଜିଲା ଉପସଭାପତି ଚିତ୍ତରଞ୍ଜନ ପାତ୍ର , କନ୍ଧମାଳ ମଣ୍ଡଳ ସଭାପତି ଅନିଲ ପ୍ରଧାନ, ସ୍ଥାନୀୟ ସରପଞ୍ଚ ରଶ୍ମିତା ରଣା, ସ୍ଥାନୀୟ ସମିତି ସଭ୍ୟା ଅଙ୍ଗୁରି ତାଣ୍ଡି , ସୂର୍ଯ୍ୟ ଦେହୁରୀ ଯୋଗ ଦେଇଥିଲେ । ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।


ଭାଜପାର ଦଳୀୟ ନେତା ଓ କର୍ମୀ ।

# ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଦିନିକିଆ ବରଗଡ଼ ଗସ୍ତ



ବୈଠକରେ ଆର୍‌ଡିସି ଏବଂ ଅନ୍ୟ ଅଧିକାରୀମାନେ।

ବରଗଡ,୬।୧୧(ପ୍ରେମାନନ୍ଦ ଖମାରୀ)

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ସଚିନ ରାମଚନ୍ଦ୍ର ଯାଦବ ବୁଧବାର ଦିନିକିଆ ବରଗଡ ଜିଲା ଗସ୍ତରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସହ ସମସ୍ତ ଜିଲାସ୍ତରୀୟ ଅଧିକାରୀ ତଥା ବିଭାଗର କାର୍ଯ୍ୟର ତଦାରଖ କରିଛନ୍ତି। ବରଗଡ ପହଞ୍ଚି ଯାଦବ ପ୍ରଥମେ ଜିଲା ଅସ୍ୱାନ ହଲରୁ କୃଷି ବିଭାଗର ଖରିଫ ଧାନ କ୍ରୟ ନିମନ୍ତେ ଆୟୋଜିତ ଏକ ଆଭାସୀ ବୈଠକରେ ଯୋଗ ଦେବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମସ୍ତ ବିଭାଗର ଅଧିକାରୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରି ସମସ୍ତ ନଥିପତ୍ର ଗୁଡିକର ଠିକ ରକ୍ଷଣାବେକ୍ଷଣ ତଥା ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ସମସ୍ତ ବିଭାଗର କ୍ୟାସବୁକ୍, ରେଜିଷ୍ଟର ଏବଂ ସମସ୍ତ ନଥିପତ୍ରର ଯାଞ୍ଚ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆୟୋଜିତ ଏହି ବୈଠକରେ ଜିଲାପାଳ ଆଦିତ୍ୟ ଗୋୟଲ, ପଦ୍ମପୁର ଅତିରିକ୍ତ ଜିଲାପାଳ କୃଣାଳ ମୋତିରମ ଚୌହାନ, ବରଗଡ଼ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ମଧୁଛନ୍ଦା ସାହୁଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ରାବଣ ବରଣ


କମିଟିର ସଦସ୍ୟମାନେ କଳାକାର ଭୁବନେଶ୍ୱର ପଧାନଙ୍କୁ ରାବଣ ବରଣ କରୁଛନ୍ତି।

ପଦ୍ମପୁର, ୬।୧୧(ପ୍ରଦୀପ୍ତ ଦାଶ)

ଆଗାମୀ ଜାନୁଆରୀ ୨୦ତାରିଖରେ ହେବାକୁ ଥିବା ଟାଲର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ରାମଲୀଳା ହେବା ସହିତ ରାବଣ ଦରବାର ଅନୁଷ୍ଠିତ ହେବ। ଏହି ଦରବାର ୪ଦିନ ଧରି ଚାଲି ୨୪ତାରିଖରେ ସମାପ୍ତ ହେବ। ଏହି ଅବସରରେ ବୁଧବାର କମିଟି ତରଫରୁ କଳାକାର ଭୁବନେଶ୍ୱର ପଧାନଙ୍କୁ ରାବଣ ଭୂମିକା ପାଇଁ ବରଣ କରାଯାଇଥିଲା। ଟାଲ ଗ୍ରାମ ସଭାପତି ଦୁଷ୍ମନ୍ତ ପଧାନ, ମନ୍ଦିର ପ୍ରତିଷ୍ଠା କମିଟିର ସଭାପତି ମାରୁତି ମୋହନ ମିଶ୍ର, ଉପସଭାପତି ସଞ୍ଜୟ ବଢେଇ, ସମ୍ପାଦକ ଧିରେନ ବିଶ୍ୱାଳ, ବ୍ୟାସଦେବ ପଣ୍ଡା, ଅନିଲ ଗଡତିଆ, ତ୍ରିଲେଶ୍ୱର ପଣ୍ଡା,ବଲ୍ଲଭ ପଧାନ, ନିକେଶ ସାହୁ, ସୁମନ୍ତ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିର୍ସା ମୁଣ୍ଡାଙ୍କ ବିପ୍ଳବ ସତ୍ୟର ବିଜୟ

## ରାଜ୍ୟସ୍ତରୀୟ ଚିତ୍ର କର୍ମଶାଳା ଉଦ୍‌ଯାପିତ

ଭୁବନେଶ୍ୱର,୬।୧୧
(ଅନୁରାଧା ମହାରଣା)

ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ସମାରୋହ ପରିପ୍ରେକ୍ଷୀରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆର୍‌ଟିଆଇ) ଦ୍ୱାରା ଆୟୋଜିତ ୩ ଦିନିଆ ଚିତ୍ର କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇଥିଲେ। ସେ କହିଲେ, ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଆରମ୍ଭ ହୋଇଥିବା ଜନଜାତୀୟ ଗୌରବ ଦିବସ ଏବେ ସବୁ ରାଜ୍ୟର ରାଜଧାନୀ, ସଦରମହକୁମା ଓ ବ୍ଲକସ୍ତରରେ ଭବ୍ୟ ଭାବରେ ପାଳନ କରାଯିବ। ବିର୍ସା ମୁଣ୍ଡା ସତ୍ୟର ପୂଜାରୀ ଥିଲେ ଏବଂ ତାଙ୍କ ବିପ୍ଳବ 'ସତ୍ୟର ବିଜୟ'ର ନିଦର୍ଶନ ବୋଲି ସେ ମତ ରଖିଥିଲେ। ଏହି ଅବସରରେ ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ଇନ୍ଦ୍ରମଣୀ ତ୍ରିପାଠୀ, ବିଭୁତି କାନୁନଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବ୍ରତ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଚିତ୍ରଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିର୍ଦ୍ଦେଶକ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ଦେବା ସହ କର୍ମଶାଳାର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ।

ସୂଚନାଥାଉକି, ବିଭୁତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ସହଯୋଗରେ ନଭେମ୍ବର ୪ରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟସ୍ଥିତ କଳିଙ୍ଗ ଆର୍ଟ ଗ୍ୟାଲେରୀ ପରିସରରେ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶାର ୩୦ଜଣ ବରିଷ୍ଠ ଚିତ୍ରଶିଳ୍ପୀ ଭାଗ ନେଇ ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନୀ, ଓଡ଼ିଶା ଉପରେ ତାଙ୍କର ପ୍ରଭାବ, ତାଙ୍କ ଆଦର୍ଶ, ବିପ୍ଳବକୁ ନେଇ ଶିଳ୍ପୀମାନେ ଚିତ୍ର ଆଙ୍କିଥିଲେ।

# ୪୧ ରନ୍‌ରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବିଜୟୀ

## ଆନ୍ତଃ କ୍ଲବ୍ ସିନିୟର କ୍ରିକେଟ ଟୁର୍ନାମେଣ୍ଟ

ବୌଦ୍ଧ,୬।୧୧( ଅଜିତ କୁମାର ବାରିକ)

ଜିଲା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ବୌଦ୍ଧ ଜିଲା ଷ୍ଟାଡିୟମ ପଡିଆରେ ଚାଲିଥିବା ଆନ୍ତଃ କ୍ଲବ ସିନିୟର କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ପଞ୍ଚମ ଦିନରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧ ଓ ପ୍ରଗତି କ୍ଲବ କନ୍ଧମାଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୩୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୬୪ ରନ୍ କରିଥିଲା । ୧୬୫ରନ୍ ବିଜୟ ଲକ୍ଷ୍ୟକୁ ପିଛା କରି ପ୍ରଗତି କ୍ଲବ କନ୍ଧମାଳ ୩୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୩ ରନ କରି ପାରିଥିଲା । ଫଳରେ ୪୧ ରନରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବିଜୟୀ ହୋଇଥିଲା । । ଅମ୍ପାୟର ଭାବେ ଅମ୍ବରୀଶ ପ୍ରଧାନ ଓ ଆର. ଚାନ୍ଦ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସ୍ୱାଗତ ଦେହୁରୀ ଦାୟିତ୍ୱ ତୁଲାଇ ଥିଲେ । ଗୁରୁବାର ଦିନ ଗେହ୍ଲା ମା' କ୍ଲବ ବୌଦ୍ଧ ଓ ପ୍ରଗତି କ୍ଲବ କନ୍ଧମାଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ।


ବୌଦ୍ଧରେ ଅନୁଷ୍ଠିତ ଆନ୍ତଃ କ୍ଲବ ସିନିୟର କ୍ରିକେଟ ଟୁର୍ନାମେଣ୍ଟରେ ଖେଳାଳି ଓ ଅମ୍ପାୟର।

# ଆନ୍ତଃ ଜିଲା କବାଡ଼ି ପ୍ରତିଯୋଗିତା


ବରଗଡ଼ ଜିଲା କ୍ରୀଡା ସଂସଦ ପ୍ରତିନିଧିଙ୍କ ଗହଣରେ ଖେଳାଳିମାନେ।

ବରଗଡ଼, ୬।୧୧(ପ୍ରେମାନନ୍ଦ ଖମାରୀ)

ଆସନ୍ତା ୧୪, ୧୫, ୧୬, ୧୭ ତାରିଖରେ ଗଞ୍ଜାମ ଜିଲାର ଆସ୍କାରେ ୭୨ତମ ରାଜ୍ୟ ମହିଳା, ପୁରୁଷ କବାଡି ପ୍ରତିଯୋଗିତା ହେବ। ଏଥିରେ ଭାଗ ନେବା ପାଇଁ ବରଗଡ ଜିଲା ଉଭୟ ମହିଳା ଓ ପୁରୁଷ ଦଳର ଖେଳାଳି ଚୟନ ବୁଧବାର ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଅଛି। ଜିଲାର ବିଭିନ୍ନ ବ୍ଲକରୁ ଏହି ମନୋନୟନ ପାଇଁ ଶତାଧିକ ମହିଳା ଓ ପୁରୁଷ ଖେଳାଳି ଯୋଗ ଦେଇଥିଲେ। ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଚୟନ ପ୍ରକ୍ରିୟାରେ ପ୍ରାକ୍ତନ ଜାତୀୟ ଖେଳାଳି ତଥା ଚୟନକର୍ତ୍ତା ଉମାପତି ତ୍ରିପାଠୀ ଓ ପ୍ରାକ୍ତନ ରାଜ୍ୟ ଖେଳାଳି କାର୍ତ୍ତିକ ଚନ୍ଦ୍ର ବାରିକ ପ୍ରମୁଖ ଚୟନ କର୍ତ୍ତା ଭାବରେ ଯୋଗ ଦେଇ ଖେଳାଳିମାନଙ୍କ ଚୟନ କରିଥିଲେ। ଏହି ଚୟନ ପ୍ରକ୍ରିୟା ସମୟରେ କ୍ରୀଡା ସଂସଦ ଫୁଟବଲ୍ ସମ୍ପାଦକ ସେକ ସବଦର, କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, ଇଣ୍ଡୋର ଗେମ୍ସ ସମ୍ପାଦକ ରବି ପଣ୍ଡା, କବାଡି କୋଚ ଦିପାଳି ଚୌହାନ, ଖେଳ ଶିକ୍ଷକ ବୈଭସୂତ ପ୍ରଧାନ, ଉମାଶଙ୍କର ସାହୁ, ଉମାଶଙ୍କର ପ୍ରଧାନ ପ୍ରମୁଖଉପସ୍ଥିତରହିସହଯୋଗକରିଥିଲେ।

# ଜବରଦଖଲ ଉଚ୍ଛେଦ: ଭଙ୍ଗାଗଲା ୨ ଘର


ଉଚ୍ଛେଦ ବେଳେ ଗ୍ରାମବାସୀ ପୋଲିସ ମୁହାଁମୁହିଁ।


ଜଣଙ୍କ ଘର ଉଚ୍ଛେଦ କରାଯାଉଛି।

ଲହୁଣୀପଡା,୬।୧୧(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ କୁଡେଇକଳା ପଞ୍ଚାୟତ ଉଲସୁରେଇ ଗ୍ରାମରେ ସରକାରୀ ଗୋଚର ଜମି ଉପରେ ବେନିୟମ ଭାବେ ଘର କରିଥିବା ଅଭିଯୋଗରେ ବୁଧବାର କେତୋଟି ଘରକୁ ପ୍ରଶାସନ ପକ୍ଷରୁ ଜେସିବି ଲଗାଯାଇ ଉଚ୍ଛେଦ କରାଯାଇଥିଲା। ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଜବର ଦଖଲ ଉଚ୍ଛେଦକୁ ତୀବ୍ର ବିରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ବିଧାୟକ ମୁଣ୍ଡାଙ୍କୁ ଅନ୍ୟତ୍ର ନିଆଯାଇ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଯଦି ଜବର ଦଖଲ ଉଚ୍ଛେଦ କରାଯାଉଛି ତେବେ ଜବର ଦଖଲ କାରୀଙ୍କୁ ଧାର୍ଯ୍ୟ ସମୟ ନ ଦେଇ ଗୋଟାଏ

## ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା

ଦିନ ପୂର୍ବରୁ କାହିଁକି ନୋଟିସ ଦେଲେ ଏବଂ ଥଇଥାନର ବ୍ୟବସ୍ଥା ନ କରି ଜବର ଦଖଲ ଉଚ୍ଛେଦ କେମିତି କରିଦେଲେ ବୋଲି ବିଧାୟକ ଏବଂ ଗ୍ରାମବାସୀ ପ୍ରଶ୍ନ କରିଥିଲେ। ବର୍ତ୍ତମାନ ଏହି ପରିବାରଙ୍କ ଅବସ୍ଥା କ'ଣ ହେବ ବୋଲି ବିଧାୟକ ପ୍ରଶାସନ ସହିତ ଯୁକ୍ତି କରିଥିଲେ। ସୂଚନା ଅନୁଯାୟୀ, ସରକାରୀ ଜମି ଉପରେ ଅଗୁନୁ ମାହାନ୍ତ ଦୀର୍ଘ ବର୍ଷ ହେଲା ଘର କରି ବସବାସ କରୁଥିବା ବେଳେ ତାଙ୍କ ନିକଟରେ ଲିଙ୍ଗରାଜ ମାହାନ୍ତ, ଅବସରପ୍ରାପ୍ତ ଯବାନ ମହେଶ୍ୱର ମାହାନ୍ତ ମଧ ଘର କରି ବସବାସ କରି ଆସୁଥିଲେ। ବୁଧବାର ସକାଳ ୯ଟାରେ ପ୍ରଶାସନ ପକ୍ଷରୁ ପ୍ରାୟ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ଜେସିପି ମେସିନ ସାହାଯ୍ୟରେ ଉଲସୁରେଇ ଗ୍ରାମରେ ଜବର ଦଖଲ ଉଚ୍ଛେଦ କରାଯାଇଥିଲା। ମାଜିଷ୍ଟ୍ରେଟ ଭାବେ ଲହୁଣୀପଡା ଅତିରିକ୍ତ ତହସିଲଦାର ଝସକେତନ ନାୟକ, ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱରାଜ ଦେବତା, ଲହୁଣିପଡ଼ା ଥାନା ଅଧିକାରୀ ସୁରଜ ଝାଙ୍କର, ସବ ଇନ୍ସପେକ୍ଟର ପ୍ରସନ୍ନ କୁମାର ଜେନା, ଲହୁଣୀପଡା ତହସିଲର ରାଜସ୍ୱ ପରିଦର୍ଶକ, ନାରାୟଣ ଚନ୍ଦ୍ର ବେହେରା, ରୁପକ କୁମାର ନାଏକ, ବୁଲୁ ରାୟ ନାଏକ, କଲେଇପୋଷ ଆରଆଇ କେଦାର ପଟେଲ ଉପସ୍ଥିତ ଥିଲେ। ଅଗୁନୁ ଓ ଲିଙ୍ଗରାଜଙ୍କ ଘର ଉଚ୍ଛେଦ କରାଯାଇଛି। ଗୁରୁବାର ମହେଶ୍ୱରଙ୍କ ଘର ଉଚ୍ଛେଦ କରାଯିବ। ଏହି ଜବର ଦଖଲ ଉଚ୍ଛେଦ ସମୟରେ ଚାପା ଉତ୍ତେଜନା ଦେଖାଦେଇଥିଲା। କାରଣ କିଛି ମାସ ପୂର୍ବରୁ ଉକ୍ତ ଗୋଚର ଜମିରେ ମନ୍ଦିର ନିର୍ମାଣ କରିବା ପାଇଁ ଗ୍ରାମବାସୀମାନେ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଘର କରି ରହି ଥିବା ଲୋକମାନେ ବିରୋଧ କରିଥିଲେ। ୨ ଜଣ ଗ୍ରାମବାସୀ ମନ୍ଦିର ନିର୍ମାଣ କରିବା ନେଇ ପ୍ରଶାସନକୁ ଜଣାଇବା ପାଇଁ ଦରଖାସ୍ତ ଲେଖି ଗ୍ରାମବାସୀଙ୍କ ନିକଟରୁ ବୁଲି ବୁଲି ଦସ୍ତଖତ କରାଇଥିଲେ। ମନ୍ଦିର ନିର୍ମାଣ ପାଇଁ ଦସ୍ତଖତ ନାମରେ ସେମାନେ ହାଇକୋର୍ଟରେ କେଶ କରିଥିଲେ। ଗ୍ରାମବାସୀଙ୍କୁ ମିଥ୍ୟା କଥା କହି ଦସ୍ତଖତ କରାଇଛନ୍ତି ବୋଲି ଜଣାପଡିବା ପରେ ସେମାନେ ଲହୁଣୀପଡା ଥାନାରେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ବୃତ୍ତି ପରୀକ୍ଷା ଦେଲେ ୧୭୨ ଛାତ୍ରୀଛାତ୍ର

ବଡ଼ଗାଁ,୬।୧୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସାହାଜବାହାଲ,ବଡ଼ଗାଁ ଓ ଦେଓକରଣପୁର ହାଇସ୍କୁଲରେ ବୁଧବାର ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବୃତ୍ତିପରୀକ୍ଷା ଅନୁଷ୍ଠିତ ହୋଇଛି। ବଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହିରୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପରୀକ୍ଷା ଆୟୋଜକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ବଡ଼ଗାଁ ହାଇସ୍କୁଲରେ ୫୨ ଜଣ ପରିକ୍ଷାର୍ଥୀ ସାହାଜବାହାଲ ହାଇସ୍କୁଲରେ ୭୮ ପରୀକ୍ଷାର୍ଥୀ ଓ ଦେଓକରଣପୁର ହାଇସ୍କୁଲରେ ୪୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

### ନାବାଳକଙ୍କୁ ବାଲ ସୁଧାର ଗୃହକୁ ପଠାଇଲା ପୋଲିସ, ବଳାତ୍କାର ଅଭିଯୋଗ

ବଡ଼ଗାଁ,୬।୧୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଏକ ଗ୍ରାମରେ ଜଣେ ନାବାଳିକାଙ୍କୁ ସେହି ଗାଁର ଜଣେ ନାବାଳକ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି କେସ ନଂ. ୨୩୩/୨୪ରେ ଏକ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ନାବାଳକଙ୍କୁ ବୁଧବାର ରାଉରକେଲା ବାଲ ସୁଧାର ଗୃହକୁ ପଠାଇଛି। ତେବେ ପୀଡ଼ିତା ସୁନ୍ଦରଗଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡିଛି। ନାବାଳିକାଙ୍କୁ ପ୍ରୋଲୋଭନ ଦେଖାଇ ନାବାଳକ ବଳାତ୍କାର କରିଥିବା ପୀଡ଼ିତା ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

# ରଜକ ସେବା ସଂଘର ସାହାଜବାହାଲ କମିଟି ପୁନର୍ଗଠିତ


ରଜକ ସେବା ସଂଘ ର କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

ବଡ଼ଗାଁ,୬।୧୧(ଅଶୋକ ଷଡ଼ଙ୍ଗୀ)

ରଜକ ସେବା ସଂଘର ସାହାଜବାହାଲ ଆଞ୍ଚଳିକ କମିଟି ବୁଧବାର ପୁନର୍ଗଠିତ ହୋଇଯାଇଛି। ଆୟୋଜିତ ସାଧାରଣ ଅଧିବେଶନରେ ସୁବନ ସେଠ ସଭାପତିତ୍ୱ କରିଥିଲେ। ଏହି ଅଧିବେଶନରେ ସଂଘର ଜିଲା ସଭାପତି ପ୍ରତାପ କୁମାର୍ ବେଜି, ସମ୍ପାଦକ କୁଳଦୀପ ସେଠ, ପୂର୍ବତନ କେନ୍ଦ୍ରୀୟ କମିଟି ସଭାପତି କ୍ଷିରୋଦ ଚନ୍ଦ୍ର ସେଠ, ସହ ସମ୍ପାଦକ କ୍ଷିରୋଦ ସେଠ ଓ ପ୍ରଭାସିନୀ ସେଠ ଅତିଥିଭାବେ ଯୋଗଦେଇ ରଜକ ସମାଜରେ ଶିକ୍ଷାର ବିକାଶ, ଏକତା, ଆତ୍ମସମ୍ମାନ, ନିଶା ନିବାରଣ, କୁସଂସ୍କାର ଦୂରୀକରଣ ଉପରେ ଦିଗଦର୍ଶନ ଦେଇଥିଲେ। ଡିସେମ୍ବର ୧୫ ତାରିଖରେ ଭସ୍ମାଠାରେ ହେବାକୁଥିବା ରଜକ ସେବା ସଂଘର ସୁନ୍ଦରଗଡ ଜିଲା ସମ୍ମିଳନୀ ଏବଂ ମାର୍ଚ୍ଚ ୨୨ ଓ ୨୩ ତାରିଖରେ ସମ୍ବଲପୁରରେ ହେବାକୁଥିବା ରଜକ ମହାସଭାର ସଫଳତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶେଷରେ ସ୍ଥାନୀୟ ଆଞ୍ଚଳିକ କମିଟିକୁ ପୁନର୍ଗଠନ କରାଯାଇଥିଲା। ପ୍ରଭାତ ସେଠଙ୍କୁ ସଭାପତି ଭାବେ ଚୟନ କରାଯାଇଥିଲା। ସମ୍ପାଦକ ଭାବେ ଶଶୀଭୂଷଣ ସେଠ, ଉପ ସଭାପତି କେଶବ ବେଜି, ଦିଲ୍ଲୀପ ସେଠ ଓ ରଞ୍ଜିତା ସେଠଙ୍କୁ ଯୁଗ୍ମ ସମ୍ପାଦକ, ବିଜୟ ସେଠଙ୍କୁ କୋଷାଧକ୍ଷ, ବେଣୁଧର ବେଜି ଓ ରଞ୍ଜନ ସେଠ ସମୀକ୍ଷକ ତଥା ଗୋପାଳ ବେଜି, କୌଶଲ୍ୟା ବାରିକ, ଗଜରାଜ ସେଠ ଓ କେଦାର ବେଜି ଉପଦେଷ୍ଟା ଭାବେ ସର୍ବ ସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ନୂତନ କର୍ମକର୍ତ୍ତାମାନେ ଶପଥ ପାଠ ପୂର୍ବକ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ସରକାରୀ ମହିଳା କଲେଜରେ ଏନଏସଏସର ସଫେଇ କାର୍ଯ୍ୟକ୍ରମ



ସୁନ୍ଦରଗଡ,୬।୧୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟରେ ଏନଏସଏସ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ବୁଧବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଏନଏସଏସ ପ୍ରୋଗ୍ରାମ ଅଫିସର ଦୀପାଞ୍ଜଳି ହାନସଦଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଏନଏସଏସ ସ୍ୱେଚ୍ଛାସେବୀ ସହିତ ସମସ୍ତ ଛାତ୍ରୀମାନେ ସମଗ୍ର କଲେଜ ପରିସରକୁ ସଫା କରିବା ସହିତ ଆଗକୁ ମଧ ପରିଷ୍କାର ପରିଚ୍ଛନ୍ନ ରଖିବୁ ବୋଲି ଦୃଢ ସଂକଳ୍ପ ନେଇଥିଲେ। ଏହି ଅବସରରେ ଅତିଥି ଅଧ୍ୟାପକ ବିପିନ ଚୌଧୁରୀ, ପ୍ରଶାନ୍ତ କୁମାର ମେହେର, ଭିତେଶ୍ୱରୀ କୁଅଁର, କୁନି ପଟେଲ, ସୁଭଦ୍ରା ଧଳ, ଅମ୍ବିକା ଛଟୋଇ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିବା ସହ ଅଧାପକ ସଞ୍ଜୟ କୁମାର ବେହେରା ପରିଚାଳନା କରିଥିଲେ।

# ବିର୍ସା ମୁଣ୍ଡାଙ୍କ ବିପ୍ଳବ ସତ୍ୟର ବିଜୟ

## ରାଜ୍ୟସ୍ତରୀୟ ଚିତ୍ର କର୍ମଶାଳା ଉଦ୍‌ଯାପିତ

ଭୁବନେଶ୍ୱର,୬।୧୧(ଅନୁରାଧା ମହାରଣା)

ଭଗବାନ୍ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ସମାରୋହ ପରିପ୍ରେକ୍ଷୀରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆର୍‌ଟିଆଇ) ଦ୍ୱାରା ଆୟୋଜିତ ୩ ଦିନିଆ ଚିତ୍ର କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇଥିଲେ। ସେ କହିଲେ, ଭଗବାନ୍‌ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଆରମ୍ଭ ହୋଇଥିବା ଜନଜାତୀୟ ଗୌରବ ଦିବସ ଏବେ ସବୁ ରାଜ୍ୟର ରାଜଧାନୀ, ସଦର ମହକୁମା ଓ ବ୍ଲକସ୍ତରରେ ଭବ୍ୟ ଭାବରେ ପାଳନ କରାଯିବ। ବିର୍ସା ମୁଣ୍ଡା ସତ୍ୟର ପୂଜାରୀ ଥିଲେ ଏବଂ ତାଙ୍କ ବିପ୍ଳବ 'ସତ୍ୟର ବିଜୟ'ର ନିଦର୍ଶନ ବୋଲି ସେ ମତ ରଖିଥିଲେ। ଏହି ଅବସରରେ ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧକ୍ଷ ସୁବ୍ରତ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଚିତ୍ରଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିର୍ଦ୍ଦେଶକ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ଦେବା ସହ କର୍ମଶାଳାର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନାଥାଉକି, ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ସହଯୋଗରେ ନଭେମ୍ବର ୪ରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟସ୍ଥିତ କଳିଙ୍ଗ ଆର୍ଟ ଗ୍ୟାଲେରି ପରିସରରେ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶାର ୩୦ଜଣ ବରିଷ୍ଠ ଚିତ୍ରଶିଳ୍ପୀ ଭାଗନେଇ ବିର୍ସା ମୁଣ୍ଡାଙ୍କ ଜୀବନୀ, ଓଡ଼ିଶା ଉପରେ ତାଙ୍କର ପ୍ରଭାବ, ତାଙ୍କ ଆଦର୍ଶ, ବିପ୍ଳବକୁ ନେଇ ଶିଳ୍ପୀମାନେ ଚିତ୍ର ଆଙ୍କିଥିଲେ।



ଚିତ୍ର କର୍ମଶାଳାର ଉଦ୍‌ଯାପନୀ ଉତ୍ସବରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ସହ ଅନ୍ୟ ଅତିଥିମାନେ।

# ବର୍ଷେ ପରେ ଖୋଲିଲା ବାହାମ୍ଭା ପ୍ରାଥମିକ ବିଦ୍ୟାଳୟ



ଟେନସା,୬।୧୧(ସମୀର କୁମାର ପାଢୀ)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଟେନସା ପଞ୍ଚାୟତର ବାହାମ୍ଭା ପ୍ରାଥମିକ ବିଦ୍ୟାଳୟ ଏକ ବର୍ଷ ପରେ ଖୋଲିଛି। ଗୋଟିଏ ପରିବାର ନିଜ ଜାଗା କହି ଏହି ବିଦ୍ୟାଳୟକୁ ତାଲା ମାରି ରଖିଥିଲେ। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଦାସ ବିଦ୍ୟାଳୟ ସୀମା ନିର୍ଦ୍ଧାରଣ ଓ ସମାଧାନ ପାଇଁ ଲିଖିତ ଅଭିଯୋଗ କରିଥିଲେ। କୋଇଡା ତହସିଲଦାର

## ଜରାଜୀର୍ଣ୍ଣ ଅବସ୍ଥାରେ ପାଠପଢା ଏବେ ଚ୍ୟାଲେଞ୍ଜ

ଅନିଲ କୁମାର ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଥାନା ଅଧିକାରୀ ମନୋରଞ୍ଜନ କୁମାର, ଟେନସା ଫାଣ୍ଡି ଅଧିକାରୀ ସୁଦର୍ଶନ ଦେହୁରୀ, ରାଜସ୍ୱ ନିରୀକ୍ଷକ ଦୀପକ ନାୟକ ଓ ଅପରପକ୍ଷଙ୍କ ସମ୍ମୁଖରେ ବିଦ୍ୟାଳୟର ସୀମା ନିର୍ଦ୍ଧାରଣ ସହ ମାପଚୁପ ହୋଇଥିଲା। ଯେଉଁଥିରେ ବିଦ୍ୟାଳୟ ଟି ସରକାରୀ ଜମି ରେ ଅବସ୍ଥାପିତ ଥିବା ଜଣା ପଡିଥିଲା। ଏ ନେଇ ଅଧିକାରୀ ଓ ଅପରପକ୍ଷଙ୍କ ମଧରେ ବହୁ ବଚସା ହୋଇଥିଲା। କିନ୍ତୁ ପରିଶେଷରେ ବିଦ୍ୟାଳୟ ତାଲା ଭଙ୍ଗାଯାଇ ଆସନ୍ତାକାଲି ଠାରୁ ବିଦ୍ୟାଳୟକୁ ଖୋଲି ପାଠ ପଢାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିବା ବିଦ୍ୟାଳୟରେ ଛାତ୍ରୀଛାତ୍ରୀ କେମିତି ପଢ଼ିବେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବ୍ଲକ ସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା ଉଦ୍‌ଯାପିତ

ବଡ଼ଗାଁ,୬।୧୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆବିଷ୍କାର ଯୋଜନା ମାଧମରେ ବୁଧବାର ବରଗାଁକଛାର ହାଇସ୍କୁଲ ପରିସରରେ ସାଧାରଣ ଜ୍ଞାନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ବ୍ଲକ ମଙ୍ଗଳ ଅଧିକାରୀ ଦିଲିପ ମାଝୀ, ବରଗାଁକଛାର ମହାବିଦ୍ୟାଳୟର ଅଧକ୍ଷ ନବୀନ ନାଏକ, ଅବସରପ୍ରାପ୍ତ ଶିକ୍ଷକ ଧର୍ମପଦ ନାଏକ, ଶିକ୍ଷାବିତ ଅଶୋକ କୁମାର ନାଏକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହିରୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଆୟୋଜକ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୁବରାଜ ଗୋଖରା ପରିଚାଳନା କରିଥିଲେ। ପ୍ରତିଯୋଗିତାମୂଳକ ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷଣ ଚନ୍ଦ୍ରଶେଖର ସା ଅଂଶଗ୍ରହଣ କରିଥିଲେ। ସ୍କାଉଟ ମାଷ୍ଟର ରାଜକୁମାର ଓରାମ, ଗାଇଡ କ୍ୟାପଟେନ ମଞ୍ଜୁଲତା ସାମନ୍ତରାୟ, ଶିକ୍ଷକ ସୁବାଷ ଚନ୍ଦ୍ର ମହାନ୍ତି,ସଙ୍ଗୁନି ସୁନ୍ୟାନୀ,ଶଶିଧର ସୁନ୍ୟାନୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୨୦ ନିର୍ବାଚନୀ ପ୍ରତିଶ୍ରୁତି ପ୍ରକାଶ କଲା ଆର୍‌ଆଇକେକେଏସ୍

ରାଉରକେଲା,୬।୧୧(ସଙ୍ଗୀତା ଜେନା)

ଆସନ୍ତା ୧୨ ତାରିଖରେ ଆର୍‌ଏସ୍‌ପି ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନ ପାଇଁ ଗୁପ୍ତ ବ୍ୟାଲେଟ୍ ଭୋଟିଂ କରାଯାଉଛି। ଏ ନେଇ ସହରରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ତତ୍ପରତା ଦେଖାଯାଇଛି। ନିର୍ବାଚନ ପାଖେଇ ଆସୁଥିବା ଯୋଗୁ ସଙ୍ଗଠନମାନଙ୍କ ପକ୍ଷରୁ ଘନଘନ ବୈଠକ,ଷ୍ଟ୍ରିଟ୍ କର୍ନର ବୈଠକ, ଘରଘର ବୁଲି ଭୋଟ ଭିକ୍ଷା ଆଦି କରାଯାଉଛି। ଏହି କ୍ରମରେ ବୁଧବାର ସନ୍ଧ୍ୟାରେ ବିଏମ୍‌ଏସ୍ ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ(ଆର୍‌ଆଇକେକେଏସ୍) ପକ୍ଷରୁ ୨୦ଟି ନିର୍ବାଚନୀ ପ୍ରତିଶ୍ରୁତି ବା ନିର୍ବାଚନୀ ଇସ୍ତାହାର ପ୍ରକାଶ ପାଇଛି। ସେକ୍ଟର-୪ ବିଏମ୍‌ଏସ୍ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରତିଶ୍ରୁତି ସମ୍ପର୍କରେ ଆଲୋକପାତ କରାଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ହିମାଂଶୁ ବଳ ଏଥିରେ ଯୋଗଦେଇ କହିଲେ, ୩୯ ମାସର ଏରିଅର ଏବଂ ପର୍କ କୋର୍ଟ ମାଧ୍ୟମରେ ପ୍ରଦାନ କରିବା ପାଇଁ ପ୍ରୟାସ, ଗ୍ରାଚ୍ୟୁଟି ସିଲିଂ ଉଚ୍ଛେଦ, ୨୦୦୮ ରୁ ନିର୍ଦ୍ଧାରିତ ହୋଇଥିବା ମାସିକ ରିୱାର୍ଡ଼, ବୋନସ୍‌କୁ ପରିବର୍ତ୍ତନ, ଅଫିସରମାନଙ୍କ ଭଳି ହାଉସ ପର୍କୁସାଇଟ୍ ଟ୍ୟାକ୍ସରେ ୫୦ ପ୍ରତିଶତ ଫେରସ୍ତ, ଇ ବାହାନ କ୍ରୟ ପାଇଁ ଅଗ୍ରୀମ ଋଣ, ମହିଳା ଶ୍ରମିକଙ୍କ ପାଇଁ ବିଶ୍ରାମାଗାରର ବ୍ୟବସ୍ଥା, ଶିଶୁର ଯତ୍ନ ପାଇଁ ସବେତନ ଛୁଟି, ପାର୍ବଣ ଅଗ୍ରୀମ ରାଶି ବୃଦ୍ଧି, ପଦନାମ ପରିବର୍ତ୍ତନ, ଏସ୍୧୨ ଗ୍ରେଡ ପ୍ରଚଳନ, ପିଏଫ୍ ନିୟମ ପରିବର୍ତ୍ତନ, ଟାଉନସିପ୍ ବାସଗୃହ ଓ ରାସ୍ତା ମରାମତି, କ୍ୱାର୍ଟରମାନଙ୍କରେ ଶୌଚାଳୟ ଓ ଗାଧୁଆଘରେ ପ୍ଲାଷ୍ଟିକ କବାଟ ଲଗାଇବା ସହ ଓଭରହେଡ୍ ଟାଙ୍କି ବସାଇବା ଭଳି ୨୦ଟି ପ୍ରତିଶ୍ରୁତି ପ୍ରକାଶ କରାଯାଇଥିଲା। ବିଗତ ଦିନରେ ଆର୍‌ଆଇକେକେଏସ୍ ହାସଲ କରିଥିବା ସୁବିଧା ପ୍ରାୟ ୫୦ଟି ଉପଲବ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ସୁନୀଲ,ସୁକ୍ରା ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଅତିଥିଙ୍କ ସହ ପ୍ରତିଯୋଗୀତାରେ ଭାଗ ନେଇଥିବା ଖେଳାଳି।

କୁଆଁରମୁଣ୍ଡା,୬।୧୧(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ତେଲିପୋଷ ଫୁଟବଲ ପଡ଼ିଆରେ ଗୁରୁବାର ୫ ଦିନିଆ ସୁନିଲ ଓ ସୁକ୍ରା ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ମୁଖ୍ୟ ବକ୍ତା କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା ଓ ସମ୍ମାନିତ ଅତିଥିଭାବେ ପଦମପୁର ସମିତି ସଭ୍ୟ ଖଗେଶ୍ୱର ଅମାତ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ତେଲିପୋସ, ରାଉରକେଲାର ବନପୋଷ, ଝିରପାଣି,କିଲିଙ୍ଗା,ଉଷ୍ରା,ଲକ୍ଷ୍ମୀପୋଷ, ରାଜଗାଙ୍ଗପୁର ଓ ଡେଲୁଆ ମୋଟ ୮ ଟିମ ମଧରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଶେଷରେ ବନପୋଷ ଓ ତେଲିପୋଷ ମଧରେ ସଂଘର୍ଷପୂର୍ଣ୍ଣ ପ୍ରତିଯୋଗିତା ହୋଇଥିଲା। ଏଥିରେ ରାଉରକେଲାର ବନପୋଷ ଟିମ ୧-୦ ଗୋଲରେ ବିଜୟୀ ହୋଇଥିଲା ଏହି ଟୁର୍ନାମେଣ୍ଟରେ ସୁନ୍ଦରଗଡ ଜିଲାର ସର୍ବମୋଟ ୩୨ଟି ଟିମ ଭାଗ ନେବେ ବୋଲି ଆୟୋଜକ ତେଲିପୋସ ଗ୍ରୀନ କ୍ଲବ ପକ୍ଷରୁ ଜଣାପଡିଛି।

# ରାସ୍ତା,ପୋଲ ନିର୍ମାଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ସୁନ୍ଦରଗଡ,୬।୧୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସଦର ବ୍ଲକର କୁଣ୍ଡୁକେଲା ଠାରୁ କୁଡାବଗା ଗ୍ରାମକୁ ସଂଯୋଗ କରୁଥିବା ୫ କିଲୋମିଟର ରାସ୍ତା ନିର୍ମାଣ କରାଯାଉଛି। ରାସ୍ତା ସହ ଏକ ପୋଲ ମଧ ନିର୍ମାଣ କରାଯାଉଛି। ଏହି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଅଧିବାସୀ ଅଭିଯୋଗ କରିବାସହ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠାଇଛନ୍ତି। ମିଳିଥିବା ସୂଚନା ମୁତାବକ, ଏହି କାର୍ଯ୍ୟଟି ସୁନ୍ଦରଗଡ ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧିନରେ ହେଉଛି। ରାସ୍ତା ନିର୍ମାଣ କାମ ୨୦୨୪ ଫେବୃଆରୀ ୯ରେ ଆରମ୍ଭ ହୋଇଥିବା ବେଳେ ଶେଷ ତାରିଖ ନଭେମ୍ବର ୮ ରଖାଯାଇଛି। ପୂର୍ବରୁ ଏହି ରାସ୍ତ ଓ ରାସ୍ତା ମଝିରେ ରହିଥିବା ପୋଲ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାରୁ ପୂର୍ବ ସରକାର ଏହି ରାସ୍ତାର

## ନିର୍ମାଣ କାର୍ଯ୍ୟର ମାନ ଓ ସ୍ଥାୟିତ୍ୱ ନେଇ ଉଠିଲା ପ୍ରଶ୍ନ


ଅର୍ଦ୍ଧନିର୍ମିତ ରାସ୍ତା।

ପୁନଃ ଉଦ୍ଧାର ପାଇଁ ନିର୍ବାଚନ ପୂର୍ବରୁ ୩ କୋଟି ୧୨ ଲକ୍ଷ ୬୬ ହଜାର ୫୯୬ ଟଙ୍କା ମଞ୍ଜୁର କରି ସୁନ୍ଦରଗଡ ଗ୍ରାମ୍ୟ ନିର୍ମାଣ ବିଭାଜନ ଜରିଆରେ କାର୍ଯ୍ୟ ଆରମ୍ଭ କରାଇଥିଲେ। ହେଲେ ସେଠାକୁ ତଦାରଖ ପାଇଁ ବିଭାଗର କୌଣସି ଅଧିକାରୀ କିମ୍ବା ଯନ୍ତ୍ରୀ ଯାଉନାହାଁନ୍ତି। ପୋଲ ଓ ଗାର୍ଡୱାଲ ନିର୍ମାଣ ଅତି ନିମ୍ନମାନର ହୋଇଥିବା ଦୃଶ୍ୟମାନ ହୋଉଛି। କଂକ୍ରିଟ କାମରେ ଅନେକ ସ୍ଥାନରେ ସିମେଣ୍ଟ ମସଲାରେ ପେଚ ମରାଯାଇଥିବା ଦୃଷ୍ଟିଗୋଚର ହେଉଛି। ସୂଚନାଯୋଗ୍ୟ, ଏହି କାର୍ଯ୍ୟ ଝାରସୁଗୁଡା ଜିଲାର ଏକ ବଡ ଠିକାଦାର ସଂସ୍ଥାଙ୍କୁ ଦିଆଯାଇଛି। ଏ ସମ୍ପର୍କରେ ସୁନ୍ଦରଗଡ ଗ୍ରାମ୍ୟ ନିର୍ମାଣ ବିଭାଜନର ନିର୍ବାହୀ ଯନ୍ତ୍ରୀ ଆଶୀର୍ବାଦ ପଣ୍ଡାଙ୍କୁ ପଚାରିବାରୁ, କାମ ଭଲ ହୋଇନଥିଲେ ତାକୁ ଭାଙ୍ଗି ଦିଆଯିବ କହିବା ସହ ଉଚ୍ଚ କର୍ତ୍ତୃପକ୍ଷ ଗଣମାଧମ ସମ୍ମୁଖରେ କୌଣସି ବି ମତ ରଖିବା ପାଇଁ ବରଣ କରିଥିବା କଥା କହିଛନ୍ତି। ପରେ ଏହି ନିର୍ମାଣ କାର୍ଯ୍ୟର ତଦାରଖ ପାଇଁ ରହିଥିବା ଯନ୍ତ୍ରୀ କ୍ଷୀରୋଦ କୁମାର ଭୋଇଙ୍କୁ ପଚାରିବାରୁ, ଯନ୍ତ୍ରୀ ସଂଖ୍ୟା କମ୍ ରହିଥିବାରୁ ସବୁ ନିର୍ମାଣ କାର୍ଯ୍ୟ ସ୍ଥାନରେ ରହିବା ଅସମ୍ଭବ ବୋଲି କହିଛନ୍ତି।

# ଗଣେଶ ପୂଜା ମଣ୍ଡପକୁ ଲିଜ୍ ସୂତ୍ରରେ ପ୍ରଦାନ

**ଦେବଗଡ଼,୬।୧୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ପୌରାଅଞ୍ଚଳ ମୁଖ୍ୟ ସ୍ଥଳରେ ଥିବା ଗଣେଶ ପୂଜା ମଣ୍ଡପ (ଦୈନିକ ବଜାର କୋଠା)କୁ ଲିଜ ସୂତ୍ରରେ ଗଣେଶ ମେଳା କମିଟିକୁ ପ୍ରଦାନ ନେଇ କମିଟିର ଆବେଦନକୁ ଗତ କାଉନସିଲ ବୈଠକରେ ସର୍ବସମ୍ମତି କ୍ରମେ ଅନୁମୋଦନ କରାଯାଇଛି। ଏଥିପାଇଁ ସାର୍ବଜନୀନ ଗଣେଶ ମେଳା କମିଟି ପକ୍ଷରୁ ପୌର ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ସମେତ ସମସ୍ତ ପାରିଷଦ ବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଅନ୍ୟପକ୍ଷରେ ମେଳା କମିଟିକୁ ଲିଜ ସୂତ୍ରରେ ଆନୁଷ୍ଠାନିକ ଭାବେ ହସ୍ତାନ୍ତର ନିମନ୍ତେ ପୌର ପରିଷଦ ପକ୍ଷରୁ ପ୍ରକ୍ରୀୟା ଆରମ୍ଭ ହୋଇଥିବା ବେଳେ ପୌର ପରିଷଦ କାଉନସିଲ ହଲରେ ସାର୍ବଜନୀନ ଗଣେଶ ମେଳା କମିଟି ଓ ପୌର କର୍ତ୍ତୃପକ୍ଷଙ୍କ ମଧ୍ୟରେ ବୁଧବାର ଏକ ଆଲୋଚନା ତଥା ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ସାର୍ବଜନୀନ ଗଣେଶ ମେଳା କମିଟି ସଭାପତି ଉମାଶଙ୍କର ସାହୁ, ସମ୍ପାଦକ ସୁରଞ୍ଜିତ ମହାପାତ୍ର, ପୂର୍ବତନ ସଭାପତି ସୁଶୀଲ କୁମାର କପରଦାର, ନବୀନ କୁମାର ପାଣି, ଇଂ. ସୁଜିତ କୁମାର ପ୍ରଧାନ, ସତ୍ୟ ନାରାୟଣ ପାଣି, ସିଦ୍ଧାର୍ଥ ଗୁରୁ ଓ ରାଜକିଶୋର ଦାସ, ସମ୍ଭୁନାଥ ଗୋଏଲ ଓ ପୂର୍ବତନ ସମ୍ପାଦକ ଶୁକଦେବ ଭଞ୍ଜ, କାଉନସିଲର ପ୍ରମିଳା ବେହେରା, ସଞ୍ଜୁକ୍ତା ଆଚାର୍ଯ୍ୟ, ବାସନ୍ତୀମଣି ମାଝି, ଜତିନ କୁମାର ନାୟକ, ପିଙ୍କି ସାହୁ, ସରୋଜିନୀ ମୁଣ୍ଡା, ଈତିଶ୍ରୀ ମିଶ୍ର, କାର୍ତ୍ତୀକ ମହାକୁଳ, ଆଇନଜୀବୀ ବିକାଶ କୁମାର ପ୍ରଧାନ, ପୌର ପରିଷଦର ଆଇନଜୀବୀ କାମାକ୍ଷା ଗଙ୍ଗଦେବ ଓ ଦେବଗଡ ସର୍କଲର ରାଜସ୍ୱ ନିରୀକ୍ଷକ ହିମାଂଶୁ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମେଳା କମିଟି ସଭାପତି ସାହୁଙ୍କ ସମେତ ଉପସ୍ଥିତ ପୂର୍ବତନ ସଭାପତିମାନେ ଆଲୋଚନାରେ ଅଂଶଗ୍ରହଣ କରି ଗଣେଶ ପୂଜା ମଣ୍ଡପକୁ ଲିଜ ସୂତ୍ରରେ ମେଳା କମିଟିକୁ ହସ୍ତାନ୍ତର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ପ୍ରସ୍ତାବ ଉପସ୍ଥାପନ କରିବା ସହ ଏହାର ରୂପରେଖ ଏବଂ ଆଇନଗତ ଦିଗ ଉପରେ ଆଲୋଚନା କରିଥିଲେ। ବୈଠକରେ ପୌର ପରିଷଦର ମୁଖ୍ୟ କିରାଣିଙ୍କ ସମେତ ବହୁ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ।


ବୈଠକରେ ଆଲୋଚନା କରାଯାଉଛି।

**ଗଣେଶ ମେଳା କମିଟି, ପୌର ପରିଷଦ ସମନ୍ୱୟ ବୈଠକ**

# ଜନଜାତୀୟ ଗୌରବ ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ

**ଦେବଗଡ଼,୬।୧୧(ଶଶାଙ୍କ ଶେଖର ଝାଙ୍କର)**

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଆଇଟିଡିଏ ସନ୍ଧ୍ୟା ମାଝିଙ୍କ ଆବାହନକ୍ରମେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଜନଜାତୀୟ ଗୌରବ ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସାହୁ ନଭେମ୍ବର ୧୫ ତାରିଖରେ ଜନଜାତୀୟ ଗୌରବ ଦିବସ ଦେବଗଡ଼ ମହାବିଦ୍ୟାଳୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ସରସ ସୁନ୍ଦରରେ ପାଳନ କରାଯିବା ପାଇଁ ବିଭିନ୍ନ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଜିଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଡେପୁଟି ସିଓ ଓରମାସ ରବୀନ୍ଦ୍ର ପ୍ରଧାନ, ଇ ପ୍ରଶାସକ ବିକାଶ କୁମାର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।


ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଜବରଦଖଲ ଉଚ୍ଛେଦ କରାଯାଉଛି।

# ବହୁମୁଖୀ ହଲ୍ ନିର୍ମାଣ ପାଇଁ ବାଟ ଫିଟିଲା

**ସମ୍ବଲପୁର,୬।୧୧ (ଭବାନୀ ଶଙ୍କର ଭୋଇ)**

**ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଜବରଦଖଲ ଉଚ୍ଛେଦ**

ସମ୍ବଲପୁର ମହାନଗର ନିଗମର ପ୍ରବର୍ତ୍ତନ ବିଭାଗ ପକ୍ଷରୁ ବୁଧବାର ଜେଲଛକ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଜେଲ ଛକରେ ଥିବା ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ଏବଂ କମିଶନର କଲୋନୀ ପଛପଟେ ଜବରଦଖଲ କରି ରହିଥିବା ୧୪ଟି ଘରକୁ ଆଜିବିଭାଗ ପକ୍ଷରୁ ଭଙ୍ଗାଯାଇଛି। ଏହାସହ ଆଉ କେତୋଟି ଘରକୁ କିଛିଦିନ ମଧ୍ୟରେ ଉଚ୍ଛେଦ ପାଇଁ ନୋଟିସ୍ କରାଯାଇଥିବା ପ୍ରବର୍ତ୍ତନ ବିଭାଗ ପକ୍ଷରୁ ସୁଚନା ମିଳିଛି । ସେହିପରି ଜେଲଛକ ଓମପେଡ ପାର୍ଲର ନିକଟରେ ଥିବା ପରିତ୍ୟକ୍ତ ଜାଗାରେ ନିଶା କାରବାର ହେଉଥିବା ନେଇ ଅଭିଯୋଗ ହେବାପରେ ସେ ସ୍ଥାନରୁ ଜବରଦଖଲ ହଟାଯାଇ ସମତୁଲ କରାଯାଇଛି। ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ପ୍ରାୟ ୩ କୋଟି ବ୍ୟୟରେ ବହୁମୁଖୀ ହଲ ନିର୍ମାଣ କରାଯିବା ଯୋଜନା ରହିଛି। ତେବେ ସେହି ସ୍ଥାନରେ ଜବରଦଖଲ କରି ଘର ତିଆରି ହୋଇଥିବାରୁ ଦୁଇବର୍ଷ ହେବ ହଲ ନିର୍ମାଣ କାମ ଆରମ୍ଭ କରାଯାଇ ପାରୁ ନ ଥିଲା। ଏନେଇ ଉତ୍ତରାଞ୍ଚଳ ଆରଡିସି ସଚିନ ରାମଚନ୍ଦ୍ର ଯାଦବ ଘଟଣାସ୍ଥଳରେ ପହଞ୍ଚି ଜବରଦଖଲ ହଟାଇବା ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜବରଦଖଲକାରୀଙ୍କୁ ଗତ ୨୮ ତାରିଖ ଭିତରେ ଘର ଖାଲି କରିବାକୁ ନୋଟିସ୍ ଜାରି କରାଯାଇଥିଲା। ବୁଧବାର ମହାନଗର ନିଗମ ପ୍ରବର୍ତ୍ତନ ବିଭାଗ ପକ୍ଷରୁ ଦୁଇଟି ଜେସିବି ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଜବରଦଖଲ ହଟିବା ପରେ ଆରଡି ପକ୍ଷରୁ ବହୁମୁଖୀ ହଲ ନିର୍ମାଣ କାମ ଆରମ୍ଭ କରାଯିବା ବାଟ ପ୍ରଶସ୍ତ ହୋଇଛି। ତେବେ ଆଗକୁ ମଧ୍ୟ ସମ୍ବଲପୁର ମହାନଗର ଅଞ୍ଚଳରେ ଥିବା ବେଆଇନ ନିର୍ମାଣ ଉଚ୍ଛେଦ ଜାରି ରହିବ ବୋଲି ମହାନଗର ନିଗମ ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି।

# ଡ. ସମୀର କୁମାର ନନ୍ଦ ପାଇବେ ଚଳିତ ବର୍ଷର ବାଣୀପୀଠ ପୁରସ୍କାର

**ଦେବଗଡ଼,୬।୧୧(ଶଶାଙ୍କ ଶେଖର ଝାଙ୍କର)**

ସାହିତ୍ୟ, ସଂସ୍କୃତି, ଶିକ୍ଷା ଏବଂ ବିଭିନ୍ନ କ୍ଷେତ୍ରରେ ଅର୍ଜନ କରିଥିବା ସୁନାମ ଓ ବହୁମୁଖୀ ପ୍ରତିଭାଙ୍କୁ ସମ୍ମାନ ଜଣାଇ ମୟୂରଭଞ୍ଜର ବାଣୀପୀଠ ଚଳିତବର୍ଷର ମର୍ଯ୍ୟାଦାଜନକ ୪୫ତମ ବାଣୀପୀଠ ପୁରସ୍କାର ଡ. ସମୀର କୁମାର ନନ୍ଦଙ୍କୁ ପ୍ରଦାନ ପାଇଁ ସ୍ଥିର କରାଯାଇଛି। ଆସନ୍ତା ଡିସେମ୍ବର ୨୮ରେ ବାଣୀପୀଠର ୪୫ତମ ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ ପାଳନ ଅବସରରେ ବାରିପଦାଠାରେ ଏହି ପୁରସ୍କାର ପ୍ରଦାନ କରାଯିବ। ପ୍ରକାଶ ଥାଉକି ଶିଶୁ ସୁରକ୍ଷା କ୍ଷେତ୍ରରେ ଦୀର୍ଘ ୨୮ବର୍ଷ ହେଲା କାର୍ଯ୍ୟ କରିଆସୁଥିବା ଡ. ନନ୍ଦ ଏଯାବତ ୩ଟି ଇଂଲିଶ ପୁସ୍ତକ ସମେତ ୯ଟି ବହି ପ୍ରକାଶ କରିସାରିଛନ୍ତି। ବିଭିନ୍ନ ଦେଶରୁ ପ୍ରକାଶ ପାଉଥିବା ଅନ୍ତରାଷ୍ଟ୍ରୀୟ ପତ୍ରିକାରେ ତାଙ୍କର ୨୧ଟି ପ୍ରବନ୍ଧ ପ୍ରକାଶିତ ହୋଇ ଉଚ୍ଚ ପ୍ରସଂଶିତ ହୋଇଛି। ଉଭୟ ଇଂଲିଶ ଓ ଓଡ଼ିଆ ପତ୍ରିକାରେ ତାଙ୍କର ୫୭ରୁ ଅଧିକ ଲେଖା ପ୍ରକାଶ ହୋଇସାରିଲାଣି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଜେନେଭାରୁ ପ୍ରକାଶିତ ପତ୍ରିକା ସହିତ କାଲିଫର୍ଣ୍ଣିଆ, ଆମେରିକା, ତୁର୍କୀ ଓ ଲଣ୍ଡନରୁ ପ୍ରକାଶିତ ବିଭିନ୍ନ ଅନ୍ତର୍ଜାତୀୟ ପତ୍ରିକାର ସମ୍ପାଦନା ଓ ସମୀକ୍ଷା ମଣ୍ଡଳୀରେ ଡ. ନନ୍ଦ ସଦସ୍ୟ ଥିବା ସହିତ ବିଭିନ୍ନ ଦେଶର ଗବେଷକମାନଙ୍କ ଦ୍ୱାରା ରଚିତ ୮ରୁ ଅଧିକ ଅନ୍ତର୍ଜାତୀୟ ପ୍ରବନ୍ଧର ସମୀକ୍ଷା ଡ. ନନ୍ଦଙ୍କ ଦ୍ୱାରା ସମାପନ ହୋଇ ପ୍ରକାଶିତ ହୋଇ ସାରିଛି। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସାଧନା ପାଇଁ ଡ. ନନ୍ଦ ପୂର୍ବରୁ ବାଣୀମଞ୍ଜୁଳ ଉପାଧି ଓ ୮ଟି ଜାତୀୟ ପୁରସ୍କାର ସମେତ ୧୫ଟି ପୁରସ୍କାର ପାଇସାରିଛନ୍ତି।


ଡ. ସମୀର କୁମାର ନନ୍ଦ।

# ହୀରାଖଣ୍ଡ ନାଗରିକ ପରିଷଦ ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ସମ୍ବଲପୁର, ୬।୧୧(ବି.ଶଙ୍କର)**

ହୀରାଖଣ୍ଡ ନାଗରିକ ପରିଷଦର ୩୪ତମ ପ୍ରତିଷ୍ଠା ଦିବସ ବୁଧବାର ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ପ୍ରଫୁଲ ହୋତାଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସଂପ୍ରତି ଦେଶରେ ଆମେ ଦୁଇ ଆମର ଦୁଇ ଓ ଏକ ସନ୍ତାନ ସ୍ଲୋଗାନ ଚାଲିଛି। ଏହି ଚିନ୍ତାଧାରା ଦେଶ ବିକାଶରେ ସହାୟକ ହୋଇ ପାରିବନାହିଁ। କାରଣ ଉଚ୍ଚ ଶିକ୍ଷିତମାନେ ଗ୍ରାମ ଛାଡି ସହରାଭିମୁଖୀ ଅଛନ୍ତି। ସେହିପରି ସହର ଛାଡି ଚାକିର କରିବାର ଦୃହି ଦେଇ ବିଦେଶକୁ ଚାଲି ଯାଉଛନ୍ତି। ଯଦ୍ୱାରା ବରିଷ୍ଠ ନାଗରିକମାନଙ୍କ ସହ ପୁଅବୋହୂ ରହୁନାହାନ୍ତି। ଫଳରେ ପରିଣତ ବୟସରେ ନାତି ନାତୁଣୀଙ୍କ ସହ ସମୟ ଅତିବାହିତ କରିବା ସମୟରେ ନିଃସଙ୍ଗ ଜୀପନ ଯାପନ କରୁଛନ୍ତି। ତେଣୁ ଭାରତୀୟମାନେ ଅତୀତର ପାରିବାରିକ ଧାରା ଆପଣାଇବାର ଆବଶ୍ୟକତା ରହିଛି ବୋଲି ବିଧାୟକ ମିଶ୍ର କହିଥିଲେ। ପ୍ରଫେସର ଟହଲୁ ସାହୁ ମୁଖ୍ୟବକ୍ତା ଥିଲେ। ସାଧାରଣ ସମ୍ପାଦକ ନିର୍ମଳ କୁମାର ମାଇତି ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ପ୍ରଫେସର ନନ୍ଦ କିଶୋର ଦେବତା ଏବଂ ଶାନ୍ତି ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁଗ୍ମ ସମ୍ପାଦକ ଧନେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶାନ୍ତ କୁମାର ପାଢୀଯୋଷୀ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅତିଥିମାନେ ବିଭିନ୍ନ ଲେଖକଙ୍କ ପୁସ୍ତକ ଉନ୍ମୋଚନ କରିଥିଲେ।

# ୮ଟା ୩୦ରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ

**ସମ୍ବଲପୁର,୬।୧୧(ବି.ଶଙ୍କର)**

ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଚଳିତ ମାସ ୮ ତାରିଖ ଶୁକ୍ରବାର ସମ୍ବଲପୁର ଜିଲା ଗୋଶାଳା ଏବଂ ଚାଉଁରପୁର ଗ୍ରୀଡ ସବେଷ୍ଟଶନରେ ଜରୁରୀକାଳୀନ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବାକୁ ସ୍ଥିର କରିଛି । ଏହି ଦିନ ସକାଳ ୮ଟା ୩୦ରୁ ଅପରାହ୍ନ ୩ଟା୩୦ ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ । ତେଣୁ ସାନଟିକିରା, ଗୋଶାଳା ଛକ, ବାବୁବନ୍ଧ, ଭୋଇ ଟିକିରା, ଲଡୁଖାଇ ଛକ, ଲଡୁଖାଇ ଗାଁ, ଜଗଦମ୍ବା ରାଇସ ମିଲ୍, ମାଖନୁପଡା, ସୁଥିଆର ପଡା, ଖଲିଆ ଭଟା ଜମୁଡ଼ା, ବଡ଼ ସିଂହାରି ସହିତ ଏହାର ଆଖପାଖ ଅଞ୍ଚଳର ପ୍ରଭାବିତ ହେବ। ତେଣୁ ସାମୟିକ ବ୍ୟାହତ ପାଇଁ ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ଗ୍ରାହକ ଓ ଜନସାଧାରଣଙ୍କ ସହଯୋଗ କାମନା କରୁଛନ୍ତି ବୋଲି ବୁଧବାର ପ୍ରେସ ବିବୃତିରେ ସୂଚିତ କରିଛନ୍ତି।

# ଶ୍ରୀଗଣେଶ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ୩ ପଦକ



ପ୍ରଧାନଶିକ୍ଷୟିତ୍ରୀଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

**ସମ୍ବଲପୁର,୬।୧୧(ପ୍ରମୋଦ ବହିଦାର)**

**ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତା**

ରାଜ୍ୟ ବିଦ୍ୟାଳୟସ୍ତରୀୟ ସମରକଳା ଉଷୁ ପ୍ରତିଯୋଗିତାରେ ସମ୍ବଲପୁର ଧନୁପାଲିସ୍ଥିତ ଶ୍ରୀଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବର୍ଷା ସୁନିଆ ସ୍ୱର୍ଣ୍ଣ ପଦକ ହାସଲ କରି ବିଦ୍ୟାଳୟକୁ ଗୌରବନ୍ୱିତ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବଲାଙ୍ଗୀର ପଥୀରାଜ ହାଇସ୍କୁଲରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବର୍ଷା ପ୍ରଥମ ସ୍ଥାନ ଅଧିକାର କରି ଆଗାମୀ ଦିନରେ ଜମ୍ମୁ ଓ କଶ୍ମୀରରେ ହେବାକୁ ଥିବା ଜାତୀୟ ସ୍କୁଲସ୍ତରୀୟ ଉଷୁ ପ୍ରତିଯୋଗିତାରେ ଭାଗ ନେବାକୁ ଯେଗ୍ୟତା ଅର୍ଜନ କରିଛନ୍ତି। ଏହାସହ ଶ୍ରୀଗଣେଶ ଉଚ୍ଚ ବିଦ୍ୟାଳୟର ଅନ୍ୟତମ ଛାତ୍ରୀ ଶ୍ରାବଣୀ ମହାରଣା ରୌପ୍ୟ, ଛାତ୍ର ଶଭଙ୍କର ମିଶ୍ର କାଂସ୍ୟ ପଦକ ହାସଲ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ସଫଳତା ପାଇଁ ଶ୍ରୀଗଣେଶ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ର ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକମାନେ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ସଫଳତା ପାଇଁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସମ୍ବଲପୁର ଉଷ ଆସୋସିଏଶନ ପ୍ରଶିକ୍ଷକ ସୁସ୍ମିତ କୁମାର ପଣ୍ଡାଙ୍କଠାରୁ ଉକ୍ତ ଛାତ୍ରୀଛାତ୍ର ସମରକଳା ପ୍ରଶିକ୍ଷଣ ନେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ହମିତ୍


@ ସତ୍ୟବାନ


@ ଶ୍ରୀକାନ୍ତ


@ ସୁମିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଛଟ୍ ପାଇଁ ମହାନଦୀ ଘାଟ ସଫେଇ


ମହାନଦୀ ଅଯୋଧ୍ୟା ସରୋବର ଘାଟ ସଫେଇ କାର୍ଯ୍ୟରେ ସାମିଲ ସଂଘ ସଦସ୍ୟମାନେ।

**ସମ୍ବଲପୁର,୬।୧୧(ଭବାନୀ ଶଙ୍କର ଭୋଇ)**

**ଗୃହରକ୍ଷୀ ମହାସଂଘ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ**

ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘ ସମ୍ବଲପୁର ଜିଲା ଶାଖା ପକ୍ଷରୁ ବୁଧବାର ସମ୍ବଲପୁର ସହରର ମହାନଦୀ ଅଯୋଧ୍ୟା ସରୋବର ଘାଟରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଆଗକୁ ଛଟ୍ ପର୍ବ ପାଳନ ଓ ମହାନଦୀ ଘାଟକୁ ସ୍ୱଚ୍ଛ ରଖିବା ବାର୍ତ୍ତାକୁ ଜନ ସାଧାରଣଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହିକାର୍ଯ୍ୟକ୍ରମ କରାଯାଇଥିଲା। ମହାସଂଘ ସମ୍ବଲପୁର ଜିଲା ଶାଖା ସଭାପତି ସୁଶାନ୍ତ କୁମାର ପ୍ରଧାନ, ସମ୍ପାଦକ ରଶ୍ମି ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଅଯୋଧ୍ୟା ସରୋବର ଘାଟରେ ମହାସଂଘର ଗୃହରକ୍ଷୀ ସଭ୍ୟ ମାନେ ଉପସ୍ଥିତ ରହି ସଫେଇ କରିଥିଲେ। ଆଗକୁ ରକ୍ତଦାନ ସହିତ ଅନେକ ଜନସେବା କାର୍ଯ୍ୟ କରାଯିବ ବୋଲି ମହାସଂଘର ଜିଲା ସଭାପତି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘ ସମ୍ବଲପୁର ଜିଲା ଶାଖା ଉପଦେଷ୍ଟା ଅମଳେନ୍ଦୁ ନାଏକ ଓ ମାନସ ସାହୁ, ଉପ ସଭାପତି ରାମଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି ନିବେଦିତା ପ୍ରଧାନ, କୋଷାଧକ୍ଷ ପ୍ରତାପ ପାଢ଼ୀ, ସହକାରୀ କୋଷାଧକ୍ଷ ପ୍ରମୋଦ ମେହେର, ସହକାରୀ ସମ୍ପାଦକ ସତ୍ୟ ତରିଆ, ସଭ୍ୟ ରାଧା ମୋହନ ବାଦୀ, ରବୀନ୍ଦ୍ର ସାହୁ, ରବିଚରଣ ସାହୁ, ସୁନିତା ବାଗ ସହଯୋଗ କରିଥିଲେ।

# ଯତ୍ନ ନେବା, ଦୂରତା କମାଇବା

କଥାରେ ଅଛି- 'କ୍ୟାନ୍ସର ନୋ ଆନ୍ସର'। ଅବଶ୍ୟ ଏକଥା ସତ ଯେ, ବର୍ତ୍ତମାନ ଜନସାଧାରଣ ସାମ୍ନା କରୁଥିବା ପ୍ରମୁଖ ରୋଗ ମଧ୍ୟରେ ଏହା ଅନ୍ୟତମ। କିନ୍ତୁ ପ୍ରାରମ୍ଭିକ ସ୍ତରରେ ଏହାକୁ ନିରୂପଣ କରାଯାଇପାରିଲେ ରୋଗୀ ଏଥିରୁ ଆରୋଗ୍ୟ ଲାଭ କରିପାରୁଛି। କିନ୍ତୁ ଯଦି ତାହା ଗୁରୁତର ଅବସ୍ଥାକୁ ଚାଲିଯାଏ, ତାହା ଜୀବନନାଶକର କାରଣ ସାଜିଥାଏ। ତେଣୁ ଏଭଳି ଭୟାନକ ରୋଗ ସମ୍ପର୍କରେ ସଚେତନ ରହିବା ନିହାତି ଦରକାର। ତାହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ନଭେମ୍ବର ୭ ତାରିଖ ଅର୍ଥାତ୍ ନୋବେଲ

## ଆଜି ଜାତୀୟ କ୍ୟାନ୍ସର ସଚେତନତା ଦିବସ

ପୁରାସ୍କାର ବିଜୟିନୀ ମାଡାମ ମେରି କ୍ୟୁରିଙ୍କ ଜନ୍ମ ଦିନକୁ 'ଜାତୀୟ କ୍ୟାନ୍ସର ସଚେତନତା ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଏହି ଦିବସ ଅବସରରେ ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥା ପକ୍ଷରୁ ଜନସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ବିଶେଷ ଭାବରେ ହସ୍ପିଟାଲଗୁଡିକରେ ଏ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥାଏ। ଏଥିରେ କ୍ୟାନ୍ସରର କାରଣ ଏବଂ ଚିକିତ୍ସା ପ୍ରଣାଳୀ ବିଷୟରେ ସୂଚନା ଦିଆଯାଏ। ଲୋକମାନେ କିପରି ଏହାର ଲକ୍ଷଣ ବିଷୟରେ ପ୍ରାରମ୍ଭରୁ ଜାଣିପାରିବେ, ସେ ନେଇ ପ୍ରାଥମିକତା ଦେବା ଦରକାର। ଚଳିତ ଦିବସ ଅବସରରେ ଏବର୍ଷର ଥିମ୍ ରହିଛି- 'କ୍ଲୋଜ୍ ଦ କେୟାର ଗ୍ୟାପ୍' (Close the care gap)। ଜଣେ କ୍ୟାନ୍ସର ଆକ୍ରାନ୍ତ ବ୍ୟକ୍ତିକୁ ଚିକିତ୍ସା କ୍ଷେତ୍ରରେ ଅବହେଳା କରାଯିବା ଆଦୌ ଠିକ୍ ନୁହେଁ। ଅନ୍ୟପକ୍ଷରେ ସେମାନଙ୍କର ଯତ୍ନ ନେବା ହେଉଛି ସବୁଠାରୁ ବଡ଼ କଥା। ଏଭଳି ସମୟରେ ସେମାନଙ୍କର ପରିବାର ସଦସ୍ୟ ଏବଂ ନିକଟ ପରିଜନମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ସେମାନଙ୍କର ଯତ୍ନରେ ଯେଭଳି ଟିକିଏ ହେଲେ ଅବହେଳା ନ ହୁଏ, ସେନେଇ ଆମେ ସଚେତନ ରହିବା ଦରକାର। ତେଣୁ ଏଭଳି ବିଷୟବସ୍ତୁକୁ ଏଥର ପ୍ରାଥମିକତା ଦିଆଯିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଘୋଷଣା କରାଯାଇଛି।

ଆଜିକାଲି ବିଭିନ୍ନ ପ୍ରକାର କ୍ୟାନ୍ସର ଦେଖାଯାଉଛି। ତେଣୁ ସେହି ଅନୁସାରେ ଅଭିଜ୍ଞ କ୍ୟାନ୍ସର ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହେବା ଦରକାର। ତା' ସହ ନିୟମିତ ଔଷଧ ଖାଇବା ଏବଂ ଠିକ୍ ସମୟରେ ଚେକ୍ଅପ କରାଇବା ଆବଶ୍ୟକ।


| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 633 | 2481 | 1.60 | 0.08 | ଶାରଦ ଦୁଇ | ଶିବ ସିଂ, ପି:କଟେ ସିଂ, କନକ ସିଂ, ପି:ବୁଧିରାମ ସିଂ, ଜା:ଭୂମିଜ, ବା:ନିଜଗାଁ |
| | 2475 | 1.32 | 0.03 | ଶାରଦ ଦୁଇ | |
| | 2477 | 0.18 | 0.09 | ଶାରଦ ତିନି | |
| 635 | 887 | 0.70 | 0.02 | ଶାରଦ ଦୁଇ | ଶୁକଦେବ ମାର୍ଣ୍ଡି, ପି:ଭଟୁଲୁ ମାର୍ଣ୍ଡି, ଜା:ସାନ୍ତାଳ, ବା:ନିଜଗାଁ |
| 637 | 143 | 0.50 | 0.06 | ଶାରଦ ତିନି | ଶୁକୁରା ସିଂ, ରାମହରି ସିଂ, ପି.ମଙ୍ଗଲ ସିଂ, ଜା. ଭୂମିଜ,ବା.ରଘୁପୁର |
| 639 | 640 | 0.66 | 0.06 | ଶାରଦ ତିନି | ଶୁକୁରା ସିଂ, ପି:ସାଧୁ ସିଂ, ଜା:ଭୂମିଜ, ବା:ନିଜଗାଁ |
| | 680 | 1.78 | 0.73 | ଶାରଦ ତିନି | |
| | 681 | 0.11 | 0.08 | ଶାରଦ ତିନି | |
| | 682 | 0.30 | 0.01 | ଶାରଦ ତିନି | |
| 647 | 131 | 1.60 | 0.23 | ଶାରଦ ତିନି | ସୁନ୍ଦର ମୋହନ ସିଂ, ବୁଧୁ ସିଂ, ପି. ରାମ ସିଂ, ଧନୀ ସିଂ, ସ୍ୱା.ରାମ ସିଂ, ଜା.ଭୂମିଜ,ବା. ଠାକୁରତୋଟା |
| | 126 | 0.12 | 0.01 | ଶାରଦ ତିନି | |
| 648 | 240 | 0.07 | 0.05 | ଶାରଦ ଦୁଇ | ସୁନ୍ଦରାସିଂ,ପି:ଜଗାସିଂ,ଜା:ଭୂମିଜ,ବା:ରଘୁପୁର |
| 652 | 3576 | 0.40 | 0.26 | ଶାରଦ ଦୁଇ | ସୁନାରାମ ମାଝି, ପି.ରଘୁ ମାଝି, ଜା.ସାନ୍ତାଳ, ବା.ନିଜଗାଁ |
| 653 | 1879 | 1.50 | 0.12 | ଶାରଦ ଦୁଇ | ସୁନା ମାଝି, ପି.ବାର୍ଷା ମାଝି, କାପୁରା ମାଝି, ସ୍ୱା. ବାର୍ଷା ମାଝି, ଫୁଲରାଏ ମାଝି, ନାରାୟଣ ମାଝି, ମାଝିଆ ମାଝି, ପି.ସୁନା ମାଝି, ଜା.ସାନ୍ତାଳ, ବା.ନିଜଗାଁ |
| 655 | 714 | 2.24 | 0.40 | ଶାରଦ ତିନି | ସୁବା ସିଂ, ସୁନା ସିଂ, ବାବୁରାମ ସିଂ, ପି:ମକରା ସିଂ, ରଳିଆ ସିଂ, ମଧୁ ସିଂ, ପି:ଝଡିଆ ସିଂ, କାନ୍ଦ୍ରା ସିଂ, ମନୁଆ ସିଂ, ପାଗଲା ସିଂ, ପି:ବାର୍ଷା ସିଂ, ଜା:ଭୂମିଜ, ବା:ନିଜଗାଁ |
| | 1848 | 0.63 | 0.14 | ଶାରଦ ତିନି | |
| 662 | 529 | 1.18 | 0.28 | ଶାରଦ ଦୁଇ | ସୁରେନ୍ଦ୍ର ସିଂ, ଗଜେନ୍ଦ୍ର ସିଂ, ପି:କାଳା ସିଂ, କାଡି ସିଂ, ସ୍ୱା:କାଳା ସିଂ, ଜା:ଭୂମିଜ, ବା:ନିଜଗାଁ |
| 664 | 1900 | 1.44 | 0.01 | ଶାରଦ ଦୁଇ | ସୁରେନ୍ଦ୍ର ମହାନ୍ତ, ଦେବେନ୍ଦ୍ର ମହାନ୍ତ, ଉପେନ୍ଦ୍ର ମହାନ୍ତ, ଗଜେନ୍ଦ୍ର ମହାନ୍ତ, ବିରେନ୍ଦ୍ର ମହାନ୍ତ, ଗୀରୀନ୍ଦ୍ର ମହାନ୍ତ, ପି:ନାରଣ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| 665 | 3432 | 0.49 | 0.16 | ଶାରଦ ଦୁଇ | ସୁରେନ୍ଦ୍ରସାହୁ, ପି:ଦୁର୍ଗାଚରଣସାହୁ, ଜା:କୁବେର, ବା:ବାମଡା |
| | 3445 | 0.46 | 0.38 | ଶାରଦ ଦୁଇ | |
| 677 | 708 | 0.13 | 0.03 | ଶାରଦ ତିନି | ହରି ସିଂ, ଛୁଟି ସିଂ, ପି:ବୁଧିଆ ସିଂ, ଫୁଟି ସିଂ, ସ୍ୱା: ବୁଧିଆ ସିଂ, ଜା:ଭୂମିଜ, ବା:ନିଜଗାଁ |
| 671 | 1042 | 0.25 | 0.11 | ଶାରଦ ଦୁଇ | ସୃଷ୍ଟିଧର ନାଥ, ପି.ଯଦୁ ନାଥ, ଜା.ମାଟିବଂଶ ଓଝା, ବା.ନିଜଗାଁ |
| 672 | 1988 | 0.30 | 0.04 | ଶାରଦ ତିନି | ଶୋଭାନ ମାଝି, ପି:ବିରାମ ମାଝୀ, ଲୁଧିଆ ମାଝୀ, ସୁଦାମ ମାଝୀ, ପି:କାଳନ୍ଦୀ ମାଝୀ, ଦୁଲି ମାଝୀ, ପି: କୁନୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 2027 | 0.45 | 0.13 | ଶାରଦ ତିନି | |
| 682 | 2516 | 0.65 | 0.12 | ଶାରଦ ତିନି | ହରି ମୋହନ ସିଂ, ପି: ରାମ ସିଂ, ପୁକୁଲୀ ସିଂ, ସ୍ୱା: ରାମ ସିଂ, ରାରେନ୍ଦ୍ର ସିଂ, ପି:ଲକ୍ଷ୍ମୀଧର ସିଂ, ମୁକ୍ତା ସିଂ, ସ୍ୱା:ଲକ୍ଷ୍ମୀଧର ସିଂ, ରଇଦା ସିଂ, ଗୌର ମୋହନସିଂ, ପି:ହରି ସିଂ, ଜା:ଭୂମିଜ, ବା:ନିଜଗାଁ |
| | 2538 | 0.15 | 0.01 | ଶାରଦ ତିନି | |
| | 2539 | 0.21 | 0.01 | ଶାରଦ ତିନି | |
| | 2564 | 0.75 | 0.12 | ଆଶୁ | |
| | 2565 | 0.10 | 0.03 | ରାସ୍ତା | |
| 683 | 1246 | 0.18 | 0.04 | ଶାରଦ ଦୁଇ | ହରିଶ୍ଚନ୍ଦ୍ର ନାଥ, ପି.ସୋମନାଥ ନାଥ, ଜା.ମାଟିବଂଶ ଓଝା, ବା.ନିଜଗାଁ |
| 685 | 3787 | 2.95 | 0.48 | ଶାରଦ ଏକ | ହରିଶ୍ଚନ୍ଦ୍ର ମହାନ୍ତ, ଶ୍ରୀମତୀ ମହାନ୍ତ, ବାସନ୍ତୀ ମହାନ୍ତ, ପି.ଭରତ ମହାନ୍ତ, ବେଣୀ ମହାନ୍ତ, ସ୍ୱା. ଭରତ ମହାନ୍ତ, ଜା.କୁଡୁମୀ, ବା.ନିଜଗାଁ |
| 686 | 1056 | 0.21 | 0.01 | ଶାରଦ ଦୁଇ | ହରିଶ୍ଚନ୍ଦ୍ର ମହାନ୍ତ, ଗୁରୁବାରୀ ମହାନ୍ତ, ରଇବାରୀ ମହାନ୍ତ, ପି:ବଳରାମ ମହାନ୍ତ, ସୁଗିମଣି ମହାନ୍ତ, ସ୍ୱା:ବଳରାମ ମହାନ୍ତ, ଜା:କୁଡୁମି, ବା:ରଘୁପୁର |
| 687 | 3431 | 0.50 | 0.24 | ଶାରଦ ଦୁଇ | ହରେକୃଷ୍ଣ ସାହୁ, ପି:ବୈଷ୍ଣବ ସାହୁ, ଜା:କୁବେର, ବା:ବାମଡା |
| | 3092 | 0.66 | 0.04 | ଶାରଦ ଦୁଇ | |
| 688 | 1862 | 0.06 | 0.04 | ଶାରଦ ତିନି | ହାଉଡା ସିଂ, ପି.ସନୁ ସିଂ, ଜା.ଭୂମିଜ, ବା.ନିଜଗାଁ |
| 689 | 1863 | 0.38 | 0.17 | ଶାରଦ ତିନି | ସାନ ହାଉଡା ସିଂ, ପି.ଜଗନ୍ନାଥ ସିଂ, ଜା.ଭୂମିଜ, ବା.ନିଜଗାଁ |
| 690 | 858 | 1.44 | 0.81 | ଶାରଦ ତିନି | ହାଙ୍ଗ ସିଂ, ପି:ଶାମ ସିଂ, ଶୁନି ସିଂ, ସ୍ୱା:ଶାମ ସିଂ, ଜା:ଭୂମିଜ, ବା:ନିଜଗାଁ |
| | 864 | 0.75 | 0.38 | ଶାରଦ ତିନି | |
| | 861 | 0.08 | 0.04 | ରାସ୍ତା | |
| 696 | 2026 | 0.58 | 0.07 | ଶାରଦ ତିନି | ହାରାମଣି ମହାପାତ୍ର, ପି:ତ୍ରିପୁରା ପ୍ରସାଦ ମହାପାତ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ, ଜବର ଦଖଲ, ବା:ମକରା ମାଝୀ, ପି:ସାଲଖୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 701/14 | 1953/4186 | 0.16 | 0.08 | ଶାରଦ ତିନି | ପ୍ରଶ୍ନ କୁମାର କର, ପି.ନୟନ ଚନ୍ଦ୍ର କର, ଜା.ବ୍ରାହ୍ମଣ, ବା.ମାଣିଖମ୍ଭ, ଜି.ବାଲେଶ୍ୱର |
| 701/25 | 497/4227 /4299 | 1.32 | 0.28 | ଶାରଦ ଏକ | ସୀତାରାମ ମହାନ୍ତ, ପି:ଜନାର୍ଦ୍ଦନ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା:ନିଜଗାଁ |
| 701/61 | 2876 | 1.39 | 0.34 | ଶାରଦ ଦୁଇ | ଶୁକୁଲ ହେମ୍ବ୍ରମ, ଗଣେଶ ହେମ୍ବ୍ରମ, ରଥ ହେମ୍ବ୍ରମ, ଡାକ୍ତର ହେମ୍ବ୍ରମ, ପି:ମଙ୍ଗଲ ହେମ୍ବ୍ରମ, ଜା:ସାନ୍ତାଳ, ବା:ଆମ୍ବଗାଡିଆ ସାମିଲ ଗୁଆବଣିଆ |
| 701/63 | 2487 | 0.96 | 0.05 | ଶାରଦ ଦୁଇ | ବେଗର ମୁର୍ମୁ, ପି:ଲବ ମୁର୍ମୁ, ଜା:ସାନ୍ତାଳ, ବା:ଖଣ୍ଡାହାରି, ଥାନା:ମଣଦା |
| 701/77 | 2687 | 0.25 | 0.16 | ଶାରଦ ତିନି | ଗଦାବରୀ ବିଶ୍ୱାଳ, ସ୍ୱା:ଶଶଧର ବିଶ୍ୱାଳ, ସଦାଶିବ ବିଶ୍ୱାଳ, ବଂଶିଧର ବିଶ୍ୱାଳ, ପି:ଶଶଧର ବିଶ୍ୱାଳ, ଜା:ଖଣ୍ଡାୟତ, ବା:ହିରାପୁର, ଥା:ବସ୍ତା, ଜିଲ୍ଲା:ବାଲେଶ୍ୱର |
| | 2887/4350 | 1.10 | 0.18 | ଶାରଦ ଦୁଇ | |
| 701/83 | 2887/4358 | 0.39 | 0.22 | ଶାରଦ ଦୁଇ | ସୁକୁଲ ମୁର୍ମୁ, ପି:ମଙ୍ଗଲ ମୁର୍ମୁ, ଜା:ସାନ୍ତାଳ, ବା:ନିଜଗାଁ |
| 701/86 | 441/4050 | 0.27 | 0.25 | ଶାରଦ ତିନି | ଶ୍ରୀ ରମେଶ ଚନ୍ଦ୍ର ସିଂ, ପି:ବୁଧୁ ସିଂ, ଜା:ଭୂମିଜ, ବା:ନିଜଗାଁ |
| 701/87 | 2932 | 0.65 | 0.20 | ଶାରଦ ତିନି | ନାଲୁ ମୁର୍ମୁ, କାରୁ ମୁର୍ମୁ, ପି:କାଳିଆ ମୁର୍ମୁ, ଜା:ସାନ୍ତାଳ, ବା:ଆମ୍ବଗାଡିଆ |
| 701/88 | 1891 | 1.40 | 0.22 | ଶାରଦ ତିନି | ପ୍ରଶାନ୍ତ କୁମାର ସାହୁ, ପି.କୁଞ୍ଜ ବିହାରୀ ସାହୁ, ଜା.କୁବେର, ବା.ଆମ୍ବଗାଡିଆ |
| 701/156 | 2454/4448 | 0.54 | 0.01 | ଶାରଦ ଦୁଇ | ବାବୁଲୁ ମାଝି, ପି.ଭାଦୁ ମାଝି, ଜା:ସାନ୍ତାଳ, ବା:ନିଜଗାଁ |
| | 2454/4449 | 0.46 | 0.12 | ଶାରଦ ଦୁଇ | |
| 701/307 | 3120 | 0.14 | 0.04 | ଘରବାରି | ଶଙ୍କର୍ଷଣ ନାୟକ, ସନ୍ୟାସି ନାୟକ, ଘନଶ୍ୟାମ ନାୟକ, ପି:ପ୍ରଭାକର ନାୟକ, ଜା:ଖଣ୍ଡାୟତ, ବା:ଖଡିକାପଦା, ଥାନା:ବସ୍ତା, ଜିଲ୍ଲା:ବାଲେଶ୍ୱର |
| | 3117 | 0.14 | 0.02 | ଆଡି | |
| | 3118 | 0.62 | 0.05 | ଶାରଦ ତିନି | |
| | 3113 | 0.31 | 0.12 | ଶାରଦ ଦୁଇ | |
| 701/309 | 1097 | 0.32 | 0.12 | ଶାରଦ ଦୁଇ | ଅରୁଣ କୁମାର ଛାଟିଆ, ପି.ଚନ୍ଦ୍ର ମୋହନ ଛାଟିଆ,ଜା.ମାଟିବଂଶ ଓଝା, ବା.ନିଜଗାଁ |
| 701/318 | 1103 | 0.84 | 0.28 | ଶାରଦ ଦୁଇ | କାର୍ତ୍ତିକ ଚନ୍ଦ୍ର ସାହୁ, ପି.କୁଞ୍ଜ ବିହାରୀ ସାହୁ, ଜା.ତେଲି, ବା.ନିଜଗାଁ |
| 701/319 | 1235/4588 | 0.08 | 0.01 | ଶାରଦ ଦୁଇ | ଭାସ୍କର ଚନ୍ଦ୍ର ନାଥ, ପି:ମାଧ ନାଥ, ଜା:ମାଟିବଂଶ ଓଝା, ବା:ଆମ୍ବଗାଡିଆ |
| 701/320 | 243/4589 | 1.41 | 0.08 | ଶାରଦ ଦୁଇ | ରୀତାମଣି ସାହୁ, ସ୍ୱା.କାର୍ତ୍ତିକ ସାହୁ, ଜା.ତେଲି, ବା.ନିଜଗାଁ |
| 701/322 | 242/4591 | 0.44 | 0.02 | ଶାରଦ ଦୁଇ | ବିଜୟ କୁମାର ଛାଟିଆ, ପି.ଚନ୍ଦ୍ର ମୋହନ ଛାଟିଆ, ଜା.ମାଟିବଂଶ ଓଝା, ବା.ନିଜଗାଁ |
| 701/323 | 242 | 0.05 | 0.05 | ଶାରଦ ଦୁଇ | ଅଶ୍ୱନୀ କୁମାର ନାଥ, ପି.ସୋମନାଥ ନାଥ, ଜା.ମାଟିବଂଶ ଓଝା, ବା.ନିଜଗାଁ |
| 701/325 | 1238 | 0.05 | 0.05 | ଶାରଦ ଦୁଇ | ଭାସ୍କର ଚନ୍ଦ୍ର ନାଥ, ପି.ମାଧ ନାଥ, ଜା.ମାଟିବଂଶ ଓଝା, ବା.ନିଜଗାଁ |
| 701/326 | 594 | 1.13 | 0.11 | ଘରବାରି | ସୁକାନ୍ତି ମହାନ୍ତି, ସ୍ୱା:ଘନଶ୍ୟାମ ମହାନ୍ତି, ଜା:ଖଣ୍ଡାୟତ, ବା:ହଳଦିଆ, ଥାନା:ବାଲେଶ୍ୱର, ଜିଲ୍ଲା:ବାଲେଶ୍ୱର, ହା ସା: ଆମ୍ବଗାଡିଆ, ଥାନା:ବୈଶିଙ୍ଗା |
| | 595 | 0.95 | 0.10 | ଘରବାରି | |
| 701/328 | 1096 | 0.53 | 0.08 | ଶାରଦ ଦୁଇ | ଅରୁଣ କୁମାର ଛାଟିଆ, ପି.ଚନ୍ଦ୍ର ମୋହନ ଛାଟିଆ, ଜା.ମାଟିବଂଶ ଓଝା, ବା.ନିଜଗାଁ |
| 701/331 | 2689/4592 | 0.265 | 0.03 | ଶାରଦ ଦୁଇ | ସୁମତୀ ସାହୁ, ପି:ରଘୁନାଥ ସାହୁ, ଜା:କୁବେର, ବା:ଆମ୍ବଗାଡିଆ ସାମିଲ ଗୁଆବଣିଆ ସାହି |
| 701/349 | 596 | 1.38 | 0.10 | ଘରବାରି | ଘନଶ୍ୟାମ ମହାନ୍ତି, ପି:ଗଗନ ବିହାରୀ ମହାନ୍ତି, ଜା:ଖଣ୍ଡାୟତ, ବା:ହଳଦିଆ, ସା:ରେମୁଣା, ଜିଲ୍ଲା:ବାଲେଶ୍ୱର, ହା:ସା: ମହୁରୀ, ଥାନା: ବଇଶିଙ୍ଗା, ଜିଲ୍ଲା:ମୟୂରଭଞ୍ଜ |
| 701/363 | 2481/4622 | 0.80 | 0.22 | ଶାରଦ ଦୁଇ | ମହାଦେବ ସିଂ, ପି:ଜିତରାୟ ସିଂ, ଜା:ଭୂମିଜ, ବା:ଆମ୍ବଗାଡିଆ ସାମିଲ ଅଙ୍ଗାରଗାଡିଆ |
| 701/392 | 1049 | 0.63 | 0.10 | ଶାରଦ ଦୁଇ | ମନୋଜ କୁମାର ନାଥ, ପି:ଭାସ୍କର ଚନ୍ଦ୍ର ନାଥ, ଜା.ତନ୍ତି, ବା.ଆମ୍ବଗାଡିଆ |
| 701/393 | 1066 | 0.78 | 0.24 | ଶାରଦ ଦୁଇ | ବିରଞ୍ଚି କୁମାର ନାଥ, ପି.ଭାସ୍କର ଚନ୍ଦ୍ର ନାଥ, ଜା.ତନ୍ତି, ବା.ନିଜଗାଁ |
| 701/403 | 2455 | 1.43 | 0.30 | ଶାରଦ ଦୁଇ | ମୋହନ ମାଝୀ, ପି:ଦୁଲା ମାଝୀ, ରାଧି ମାଝୀ, ସ୍ୱା:ମୋହନ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 701/416 | 3433 | 0.50 | 0.20 | ଶାରଦ ଦୁଇ | ସୁବଳ ଚନ୍ଦ୍ର ଦେ, ପି:ହରପ୍ରସାଦ ଦେ, ଜା:ରାଜୁ, ବା:କଡିଆ, ଥାନା:ଦାନ୍ତନ, ଜିଲ୍ଲା:ପଶ୍ଚିମ ମେଦିନିପୁର |
| | 3435 | 0.56 | 0.36 | ଶାରଦ ଦୁଇ | |
| 701/448 | 3423/4982 | 0.50 | 0.15 | ଘରବାରି | ସୁବଳ ଚନ୍ଦ୍ର ଦେ, ପି:ହରପ୍ରସାଦ ଦେ, ଜା:ରାଜୁ, ବା:କଡିଆ, ଥାନା:ଦାନ୍ତନ, ଜିଲ୍ଲା:ପଶ୍ଚିମ ମେଦିନିପୁର |
| | 3437 | 0.31 | 0.01 | ଶାରଦ ଦୁଇ | |
| 701/450 | 3434 | 0.50 | 0.20 | ଶାରଦ ଦୁଇ | ସୁବଳ ଚନ୍ଦ୍ର ଦେ, ପି:ହରପ୍ରସାଦ ଦେ, ଜା:ରାଜୁ, ବା:କଡିଆ, ଥାନା:ଦାନ୍ତନ, ଜିଲ୍ଲା:ପଶ୍ଚିମ ମେଦିନିପୁର |
| | 3436 | 0.24 | 0.04 | ଶାରଦ ଦୁଇ | |
| 701/461 | 2935/4710 | 0.43 | 0.24 | ଶାରଦ ଦୁଇ | ଅନନ୍ତ ମୁର୍ମୁ, ପି : କାଳିଆ ମୁର୍ମୁ, ଜା:ସାନ୍ତାଳ, ବା:ଆମ୍ବଗାଡିଆ |
| 701/469 | 3501 | 0.66 | 0.34 | ଶାରଦ ତିନି | ବାସ ବେଶ୍ରା, ସ୍ୱା:ରାମ ବେଶ୍ରା, ଜା:ସାନ୍ତାଳ, ବା: ଆମ୍ବଗାଡିଆ |
| 701/497 | 2689/4748 | 0.035 | 0.035 | ଶାରଦ ଦୁଇ | ବଂଶିଧର ସାହୁ, ପି:ବାଇଧର ସାହୁ, ଜା:କୁବେର, ବା:ଆମ୍ବଗାଡିଆ |
| 701/558 | 2880/4792 | 0.26 | 0.04 | ଶାରଦ ଦୁଇ | ଉମେଶ ସାହୁ, ପି:ଉପେନ୍ଦ୍ର ସାହୁ, ଜା:କୁବେର, ବା:ଆମ୍ବଗାଡିଆ (ଗୁଆବଣିଆ) |
| 701/580 | 873/4836 | 0.88 | 0.40 | ଶାରଦ ତିନି | ବୃନ୍ଦାବନ ସିଂ, ଗୌରମୋହନ ସିଂ, ପି:ଲୁଛୁ ସିଂ, କାର୍ତ୍ତିକ ସିଂ, ମହେଶ୍ୱର ସିଂ, ପି:ଭୀମ ସିଂ, ଜା: ଭୂମିଜ, ବା:ନିଜଗାଁ |
| 701/585 | 432 | 0.53 | 0.12 | ଶାରଦ ତିନି | ସୁଜାତା ମହାପାତ୍ର, ସ୍ୱା:ପ୍ରମୋଦ କୁମାର ମହାପାତ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ |
| 701/586 | 2880/4840 | 0.27 | 0.16 | ଶାରଦ ଦୁଇ | ରମେଶ ସାହୁ, ପି:ଉପେନ୍ଦ୍ର ସାହୁ, ଜା:କୁବେର, ବା:ନିଜଗାଁ |
| 701/613 | 873/4862 | 0.70 | 0.12 | ଶାରଦ ତିନି | ବୃନ୍ଦାବନ ସିଂ, ଗୁରା ସିଂ, ପି:ଲଛମନ ସିଂ, କାର୍ତ୍ତିକ ସିଂ, ମହେଶ୍ୱର ସିଂ, ପି:ଭୀମ ସିଂ, ଜା:ଭୂମିଜ, ବା:ନିଜଗାଁ |
| 701/614 | 676 | 0.88 | 0.28 | ଶାରଦ ତିନି | ଗୁରୁବାରି ମହାନ୍ତ, ପି:ଗିରିଧାରି ମହାନ୍ତ, ଜା:କୁଡୁମୀ କ୍ଷତ୍ରିୟ, ବା:ନିଜଗାଁ |
| 701/632 | 1854 | 1.20 | 0.62 | ଶାରଦ ତିନି | ସୃଷ୍ଟିଧର ଉପାଧ୍ୟାୟ, ପି.ସତ୍ୟନାରାୟଣ ଉପାଧ୍ୟାୟ, ଜା.ବ୍ରାହ୍ମଣ, ବା.ନିଜଗାଁ |
| 701/641 | 1054 | 0.14 | 0.07 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି.ହରିଶ୍ଚନ୍ଦ୍ର ମହାନ୍ତ, ଜା.କୁଡୁମୀ, ବା.ନିଜଗାଁ |
| 701/650 | 2807 | 0.55 | 0.21 | ଶାରଦ ତିନି | ଯଶୋଦା ସାହୁ, ସ୍ୱା:କସ୍ତୁରୀ ଚରଣ ସାହୁ, ଜା:କୁବେର, ବା:ବାମଡା |
| 701/667 | 495 | 0.35 | 0.01 | ଶାରଦ ଦୁଇ | ନନ୍ଦ ସିଂ, ରଞ୍ଜିତା ସିଂ, ପି:ବିଶ୍ୱନାଥ ସିଂ, ଜା:ଭୂମିଜ, ବା:ଖଡିକାପଦା |
| 701/673 | 2081/4931 | 0.69 | 0.10 | ଶାରଦ ତିନି | ଛୋଟରାୟ ସରେନ, ପି:ହରି ସରେନ, ଜା:ସାନ୍ତାଳ, ବା:ନିଜଗାଁ |
| 701/674 | 1098 | 0.35 | 0.10 | ଶାରଦ ଦୁଇ | ସରୋଜ କୁମାର ନନ୍ଦ ବ୍ରହ୍ମଚାରୀ, ପି.ହିମାଂଶୁ ଶେଖର ନନ୍ଦ ବ୍ରହ୍ମଚାରୀ, ଜା.ବ୍ରାହ୍ମଣ, ବା.ନିଜଗାଁ |
| 701/711 | 1865 | 0.28 | 0.15 | ଶାରଦ ତିନି | ସିଦ୍ଧେଶ୍ୱର ଉପାଧ୍ୟାୟ, ପି.ସତ୍ୟନାରାୟନ ଉପାଧ୍ୟାୟ, ଜା.ବ୍ରାହ୍ମଣ, ବା.ନିଜଗାଁ |
| 701/715 | 3341/4954 | 0.16 | 0.02 | ଆଶୁ | ସୁକାନ୍ତି ଦାସ, ପି:ପୂର୍ଣ୍ଣଚନ୍ଦ୍ର ଦାସ, ଜା:ଖଣ୍ଡାୟତ, ବା:ସିଲଦା, ଥା.ବସ୍ତା, ଜିଲ୍ଲା:ବାଲେଶ୍ୱର |
| 701/717 | 3341/4956 | 0.16 | 0.16 | ଆଶୁ | ଉତ୍ତମ କୁମାର ବେହେରା, ପି.ମଧୁସୂଦନ ବେହେରା, ଜା:ଗୋଲା, ବା:ରୁପସା, ଥାନା:ରୂପସା, ଜିଲ୍ଲା:ବାଲେଶ୍ୱର |
| 701/718 | 1393 | 0.58 | 0.22 | ଶାରଦ ଦୁଇ | ମନୋରଞ୍ଜନ ପତି, ପି.କୃଷ୍ଣଚନ୍ଦ୍ର ପତି, ଜା.ବ୍ରାହ୍ମଣ, ବା.ଆମ୍ବଗାଡିଆ |
| 701/721 | 3341/5027 | 0.20 | 0.14 | ଆଶୁ | ସବିତା ରଣା, ସ୍ୱା:ବିଶ୍ୱନାଥ ରଣା, ଜା:ଅଷ୍ଟଲୋହି କର୍ମକାର, ବା:ପୋଡାଡିହା, ଥାନା:ରୂପସା, ଜିଲ୍ଲା:ବାଲେଶ୍ୱର |
| 701/724 | 3341/4959 | 0.10 | 0.08 | ଆଶୁ | ଧିରଜ କୁମାର ବିଶ୍ୱାଳ, ପଙ୍କଜ କୁମାର ବିଶ୍ୱାଳ, ପି: ଶିବ ସୁନ୍ଦର ବିଶ୍ୱାଳ, ଜା:ଖଣ୍ଡାୟତ, ବା:ବରହମପୁର,ଥାନା:ରୁପସା,ଜିଲ୍ଲା:ବାଲେଶ୍ୱର |
| 701/726 | 3340/4960 | 0.26 | 0.14 | ଶାରଦ ତିନି | ପାର୍ବତୀ ବେହେରା, ସ୍ୱା:କମଳାକାନ୍ତ ବେହେରା, ଜା:ନିଆରି ବା:ପଳାସପଲ୍ଲି,ଥାନା:ଏୟାରପୋର୍ଟ, ଭୁବନେଶ୍ୱର, ଜିଲ୍ଲା:ଖୋର୍ଦ୍ଧା |
| 701/727 | 3341/4962 | 0.18 | 0.16 | ଆଶୁ | କମଳାକାନ୍ତ ବେହେରା, ପି:ଅନନ୍ତ ବେହେରା, ଜା:ନିଆରୀ, ବା:ପଳାଶପଲ୍ଲୀ, ଥା:ଏୟାରପୋର୍ଟ, ଭୁବନେଶ୍ୱର, ଜିଲ୍ଲା:ଖୋର୍ଦ୍ଧା |
| 701/729 | 1394/4964 | 0.20 | 0.10 | ଶାରଦ ଦୁଇ | କାହ୍ନୁ ଚରଣ ପତି, ପି.କୃଷ୍ଣ ଚନ୍ଦ୍ର ପତି, ଜା.ବ୍ରାହ୍ମଣ, ବା.ନିଜଗାଁ |
| | 1395 | 2.94 | 0.06 | ଶାରଦ ଏକ | |
| 701/731 | 1390 | 0.15 | 0.05 | ଶାରଦ ଦୁଇ | ମନୋରଞ୍ଜନ ପତି, ପି.କୃଷ୍ଣ ଚନ୍ଦ୍ର ପତି, ଜା.ବ୍ରାହ୍ମଣ, ବା.ନିଜଗାଁ |
| | 1391 | 0.06 | 0.06 | ଶାରଦ ଦୁଇ | |
| | 1394 | 0.98 | 0.17 | ଶାରଦ ଦୁଇ | |
| 701/734 | 3341/4967 | 0.10 | 0.10 | ଆଶୁ | ଗଣେଶ ଚନ୍ଦ୍ର ଗାଆଣ, ପି:ସୃଷ୍ଟିଧର ଗାଆଣ, ଜା:ଗୋଲା, ବା:ରାଉତପଡା, ଥାନା:ରୂପସା, ଜିଲ୍ଲା:ବାଲେଶ୍ୱର |
| 701/740 | 1880 | 1.66 | 0.32 | ଶାରଦ ତିନି | ନନ୍ଦିନୀ ସେଠୀ, ସ୍ୱା.ଅନନ୍ତ ସେଠୀ, ଜା.ଧୋବା, ବା.ନିଜଗାଁ |
| 701/755 | 3574 | 0.26 | 0.11 | ଶାରଦ ଦୁଇ | ଶୁଭାଶିଷସାହୁ, ପି.ନିତ୍ୟାନନ୍ଦ ସାହୁ, ଜା.କୁବେର, ବା.ବାମଡା |
| 701/756 | 3309 | 0.23 | 0.08 | ଶାରଦ ଦୁଇ | ଦେବାଶିଷ ସାହୁ, ପି:ନିତ୍ୟାନନ୍ଦ ସାହୁ, ଜା:କୁବେର, ବା:ବାମଡା |
| 701/769 | 3321/4985 | 0.02 | 0.02 | ଶାରଦ ଦୁଇ | ଲକ୍ଷ୍ମଣ କୁମାର ନାୟକ, ପି:କାଳି ଚରଣ ନାୟକ, ଜା:ଖଣ୍ଡାୟତ, ବା:ପାଏକଯୁଗପୁରା |
| | 3340/4618 /4986 | 0.02 | 0.02 | ଶାରଦ ତିନି | |
| 701/775 | 1248 | 0.48 | 0.02 | ଶାରଦ ଦୁଇ | ଓଏସ କୁମାର ନାଥ, ଆଶିଷ କୁମାର ନାଥ, ପି.ଅଶ୍ୱନୀ କୁମାର ନାଥ, ଜା.ମାଟିବଂଶ ଓଝା, ବା.ନିଜଗାଁ |
| 701/778 | 2689/4934 | 0.13 | 0.02 | ଶାରଦ ଦୁଇ | ଅନ୍ନପୂର୍ଣ୍ଣା ଦଣ୍ଡପାଟ, ସ୍ୱା:ରାଜୀବ ଲୋଚନ ଦଣ୍ଡପାଟ, ଜା:ଖଣ୍ଡାୟତ, ବା:କାଦମୌଜା, ଥାନା:ରୂପସା, ଜିଲ୍ଲା:ବାଲେଶ୍ୱର |
| 701/779 | 1821 | 0.44 | 0.06 | ଶାରଦ ତିନି | ରମାକାନ୍ତ ବେହେରା, ପି.ସୋମନାଥ ବେହେରା, ଜା.ନିଆରି, ବା.ନିଜଗାଁ |
| 701/781 | 2561 | 0.60 | 0.12 | ଆଶୁ | ଘାସିରାମ ସିଂ, ପି:ରାଧୁ ସିଂ, ଜା:ଭୂମିଜ, ବା:ଆମ୍ବଗାଡିଆ |
| 701/787 | 1037 | 0.92 | 0.26 | ଶାରଦ ଦୁଇ | ଶ୍ରବଣ କୁମାର ଛାଟିଆ, କଳ୍ପନା ଛାଟିଆ, ପି.ଅନନ୍ତ ଚରଣ ଛାଟିଆ, ଜା.ମାଟିବଂଶ ଓଝା, ବା.ଆମ୍ବଗାଡିଆ |
| 701/788 | 1068 | 0.60 | 0.12 | ଶାରଦ ଦୁଇ | ଜୀବନ କୁମାର ରାଉଳ, ପି.ସନ୍ୟାସୀ ରାଉଳ, ଜା. ମାଟିବଂଶ ଓଝା, ବା.ନିଜଗାଁ |
| | 1284 | 0.88 | 0.04 | ଶାରଦ ଦୁଇ | |
| 701/789 | 3833 | 0.45 | 0.01 | ଘରବାରି | ପ୍ରଦୀପ କୁମାର ମହାପାତ୍ର, ପି. ରାମ କୁମାର ମହାପାତ୍ର, ଜା.ବ୍ରାହ୍ମଣ, ବା.ନିଜଗାଁ, ରାମଚନ୍ଦ୍ର ବିଶ୍ୱାଳ, ପି.ଶଶଧର ବିଶ୍ୱାଳ, ଜା.ଖଣ୍ଡାୟତ, ବା.ଜାମୁନିଆ, ଥାନା:ରୂପସା, ଜି.ବାଲେଶ୍ୱର |
| 701/807 | 2482 | 4.90 | 0.28 | ଘରବାରି | ଅନିଲ ଭାଟ, ଯତୀନ ଭାଟ, ପି:ରାମେଶ୍ୱର ଭାଟ, ଜା:ରାଜୁ, ବା:ବନ୍ଧମୁଣ୍ଡି, ଥା:ରାସଗୋବିନ୍ଦପୁର |
| 701/809 | 3833/5011 | 0.06 | 0.06 | ଘରବାରି | ଅଜୟ ସିଂହ, ପି:ଗଣେଶ ଚନ୍ଦ୍ର ସିଂ, ଜା:ଖଣ୍ଡାୟତ, ବା:ରୂପସା ସାମିଲ ହସନପୁର, ଥା:ରୂପସା, ଜି:ବାଲେଶ୍ୱର |
| 701/810 | 3321 | 4.38 | 0.95 | ଶାରଦ ଦୁଇ | ପ୍ରଫୁଲ୍ଲ କୁମାର ନାୟକ, ପି:ହରିହର ନାୟକ, ଜା: ଖଣ୍ଡାୟତ, ବା:ପାଏକଯୁଗପୁରା |
| | 3340/4618 | 3.09 | 0.92 | ଶାରଦ ତିନି | |
| 701/812 | 3833/5013 | 0.05 | 0.05 | ଘରବାରି | ହରେକୃଷ୍ଣ ସାହୁ, ପି:ପଦ୍ମଲୋଚନ ସାହୁ, ଜା:କୁବେର, ବା:ବରହମପୁର, ଥାନା ରୁପସା, ଜିଲ୍ଲା ବାଲେଶ୍ୱର, ରବିନ୍ଦ୍ର ପଲେଇ, କିରଣ ପଲେଇ, ପି:ଜିତେନ୍ଦ୍ର ପଲେଇ, ଜା:ଗୋପାଳ, ବା:ପାଟପୁର, ଥାନା:ରୂପସା, ଜିଲ୍ଲା:ବାଲେଶ୍ୱର, ମିଲନ ବରମନ, ପି:ସୁରେଶ ବରମନ, ଜା:ରାଜବଂଶୀ, ବା:ଦୁର୍ଗାପୁର, ଥାନା ବାଲୁଘାଟ, ଜିଲ୍ଲା:ଦକ୍ଷିଣବିଳାସପୁର ହା ବା ଆମ୍ବଗାଡିଆ, ବୈଶିଙ୍ଗା, ଦମୟନ୍ତୀ ଭକ୍ତା, ସ୍ୱା:ରାମକୃଷ୍ଣ ଭକ୍ତା, ଜା:ଗୋଲା, ବା:ଆମ୍ବଗାଡିଆ, ଥାନା:ବୈଶିଙ୍ଗା |
| 701/813 | 3833/5014 | 0.05 | 0.02 | ଘରବାରି | ଦମୟନ୍ତୀ ଭକ୍ତା, ସ୍ୱା:ରାମକୃଷ୍ଣ ଭକ୍ତା, ଜା:ଗୋଲା, ବା:ଆମ୍ବଗାଡିଆ, ଥାନା:ବୈଶିଙ୍ଗା |
| 701/814 | 3833/5015 | 0.08 | 0.08 | ଘରବାରି | ହରେକୃଷ୍ଣ ସାହୁ, ପି:ପଦ୍ମଲୋଚନ ସାହୁ, ଜା:କୁବେର, ବା:ବରହମପୁର, ଥାନା ରୁପସା, ଜିଲ୍ଲା ବାଲେଶ୍ୱର |
| 701/815 | 3833/5016 | 0.075 | 0.05 | ଘରବାରି | ରବିନ୍ଦ୍ର ପଲେଇ, କିରଣ ପଲେଇ, ପି:ଜିତେନ୍ଦ୍ର ପଲେଇ, ଜା:ଗୋପାଳ, ବା:ପାଟପୁର, ଜିଲ୍ଲା:ବାଲେଶ୍ୱର |
| 701/816 | 3833/5017 | 0.05 | 0.01 | ଘରବାରି | ମିଲନ ବରମନ, ପି:ସୁରେଶ ବରମନ, ଜା:ରାଜବଂଶୀ, ବା:ଆମ୍ବଗାଡିଆ, ଥାନା:ବୈଶିଙ୍ଗା |
| 701/817 | 3833/5018 | 0.075 | 0.02 | ଘରବାରି | ପ୍ରଭାସ କୁମାର ଜେନା, ପି:ରାମକୃଷ୍ଣ ଜେନା, ଜା:ରାଜୁ, ବା:ସାରଥା, ଥା:ସିଙ୍ଗଲା, ଜି:ବାଲେଶ୍ୱର |
| 701/818 | 3321/5019 | 0.10 | 0.10 | ଶାରଦ ଦୁଇ | ସତ୍ୟନାରାୟଣ୍ ପ୍ରଧାନ, ପି:କୃଷ୍ଣଚନ୍ଦ୍ର ପ୍ରଧାନ, ଜା:ଖଣ୍ଡାୟତ, ବା:କେଶୁରା |
| 701/819 | 3340/4618 /5020 | 0.10 | 0.10 | ଶାରଦ ତିନି | ନିତ୍ୟାନନ୍ଦ ପ୍ରଧାନ, ପି:କୃଷ୍ଣଚନ୍ଦ୍ର ପ୍ରଧାନ, ଜା:ଖଣ୍ଡାୟତ, ବା:କେଶୁରା |
| 701/820 | 3321/5021 | 0.10 | 0.10 | ଶାରଦ ଦୁଇ | ସୁକାନ୍ତି ପ୍ରଧାନ, ସ୍ୱା:ସତ୍ୟନାରାୟଣ ପ୍ରଧାନ, ପିତା ଚିନ୍ତାମଣି ପ୍ରଧାନ, ଜା:ଖଣ୍ଡାୟତ,ବା:କେଶୁରା |
| 701/821 | 3340/4618 /5022 | 0.10 | 0.10 | ଶାରଦ ତିନି | ଦିଲ୍ଲୀପ କୁମାର ଦାସ, ପି:ରାମଚନ୍ଦ୍ର ଦାସ, ଜା:ଖଣ୍ଡାୟତ, ବା:କଳମା |
| 701/822 | 3340/4618/ 5023 | 0.10 | 0.10 | ଶାରଦ ତିନି | ପାର୍ବତୀ ପ୍ରଧାନ, ସ୍ୱା:ନିତ୍ୟାନନ୍ଦ ପ୍ରଧାନ, ପିତା ରାମଚନ୍ଦ୍ର ଦାସ, ଜା:ଖଣ୍ଡାୟତ,ବା:କେଶୁରା |
| 701/823 | 3340/4618 /5024 | 0.10 | 0.10 | ଶାରଦ ତିନି | ସଞ୍ଜୁଲତା ଦାସ, ସ୍ୱା:ଦିଲ୍ଲୀପ କୁମାର ଦାସ, ପିତା ଚନ୍ଦ୍ରଶେଖର ପ୍ରଧାନ, ଜା:ଖଣ୍ଡାୟତ,ବା:କଳମା |
| 701/824 | 3321/5025 | 0.10 | 0.10 | ଶାରଦ ଦୁଇ | ପୁଷ୍ପଲତା ସାହୁ, ସ୍ୱା:ଅଜୟ ସାହୁ, ପିତା ମଦନ ମୋହନ ବେହେରା, ଜା:କୁବେର, ବା:ବାଛୁରୀପଡା |
| 701/825 | 3321/5026 | 0.10 | 0.10 | ଶାରଦ ଦୁଇ | ଅଜୟ ସାହୁ, ପି:ଉମାକାନ୍ତ ସାହୁ, ଜା:କୁବେର, ବା:ବାଛୁରୀପଡା |
| 701/832 | 2078 | 3.76 | 1.33 | ଶାରଦ ତିନି | ବିନୟ କୁମାର ଦାସମହାପାତ୍ର, ପି:ନଗେନ୍ଦ୍ର ନାଥ ଦାସମହାପାତ୍ର, ଜା:କରଣ, ବା:ଶୋଭାରାମପୁର |
| | 2081/5032 | 3.26 | 0.11 | ଶାରଦ ତିନି | |
| 701/841 | 145 | 0.10 | 0.02 | ଶାରଦ ତିନି | ଅଶ୍ୱନି କୁମାର ନାଥ,ପି:ସୋମନାଥ ନାଥ, ଜା:ମାଟିବଂଶ ଓଝା, ବା:ଆମ୍ବଗାଡିଆ, ଥା:ବୈଶିଙ୍ଗା |
| 701/850 | 2454 | 2.05 | 0.16 | ଶାରଦ ଦୁଇ | ସବୁର ଖାଁ, ପି:ନବି ଓରଫ ଜବି ଖାଁ, କଇନୁର ବିବି, ସ୍ୱା:ଗଫୁର ଖାଁ, ଜା:ମୁସଲମାନ, ବା:ଓଡିଆ ଶାସନ ଜିଲ୍ଲା ବାଲେଶ୍ୱର |
| 701/856 | 3340/5051 | 1.00 | 0.42 | ଶାରଦ ତିନି | ଚକ୍ରଧର ମହାପାତ୍ର, ପି:ଭଗବାନ ମହାପାତ୍ର, ଜା:ଖଣ୍ଡାୟତ, ବା:ନିଜଗାଁ |
| | 3340/5052 | 1.42 | 0.28 | ଆଶୁ | |
| 701/858 | 3340/5055 | 0.42 | 0.19 | ଶାରଦ ତିନି | ଅନ୍ତର୍ଯାମି ମହାପାତ୍ର, ପି:ଭଗବାନ ମହାପାତ୍ର, ଜା:ଖଣ୍ଡାୟତ, ବା:ନିଜଗାଁ |
| | 3340/5056 | 0.50 | 0.23 | ଶାରଦ ତିନି | |
| | 3340/5057 | 1.70 | 0.38 | ଆଶୁ | |
| 701/859 | 3340/5059 | 0.55 | 0.22 | ଶାରଦ ତିନି | ସୁଦର୍ଶନ ମହାପାତ୍ର, ପି:ଭଗବାନ ମହାପାତ୍ର, ଜା: ଖଣ୍ଡାୟତ, ବା:ନିଜଗାଁ |
| | 3341/5061 | 1.93 | 0.48 | ଆଶୁ | |
| | 3340/5058 | 0.42 | 0.22 | ଶାରଦ ତିନି | |
| 701/876 | 2081 | 1.855 | 0.26 | ଶାରଦ ତିନି | ଜିତେଶ କର, ପି:ପ୍ରଶନ୍ନ କୁମାର କର, ଜା: ବ୍ରାହ୍ମଣ, ବା:ମଣିଖମ୍ଭ, ଜିଲ୍ଲା:ବାଲେଶ୍ୱର |
| 793 | 3617 | 1.12 | 0.18 | ଶାରଦ ତିନି | ଭୀମ ମାରାଣ୍ଡୀ, ପି:ରୁହ୍ୟା ମାରାଣ୍ଡୀ, ବାଲି ମାରାଣ୍ଡୀ, ସ୍ୱା:ଭୀମ ମାରାଣ୍ଡୀ, ଜା:ସାନ୍ତାଳ, ବା:ନିଜଗାଁ |
| 798 | 3618 | 3.64 | 0.50 | ଶାରଦ ଦୁଇ | କାଶୁ ହେମ୍ବ୍ରମ, ପି:ମାନକ ହେମ୍ବ୍ରମ, ଜା:ସାନ୍ତାଳ, ବା:ନିଜଗାଁ |
| 816 | 3624 | 0.43 | 0.02 | ଘରବାରି | ପାୟ ସୋରେନ, ସ୍ୱା:ନାଗ ସୋରେନ, ଜା:ସାନ୍ତାଳ, ବା:ଆମ୍ବଗାଡିଆ |
| | 3625 | 2.11 | 0.42 | ଶାରଦ ଦୁଇ | |
| 814 | 3747/27 | 0.28 | 0.09 | ଶାରଦ ତିନି | ହୀରା ମୁର୍ମୁ, ସ୍ୱା:କଇଲା ମୁର୍ମୁ, ଜା:ସାନ୍ତାଳ, ବା: ଆମ୍ବଗାଡିଆ |
| 817 | 3747/28 | 0.75 | 0.23 | ଶାରଦ ତିନି | ରୁହ୍ୟା ସିଂ, ପି:ଜଗା ସିଂ, ପଦ୍ମିନୀ ସିଂ, ସ୍ୱା:ରୁହ୍ୟା ସିଂ, ଜା:ଭୂମିଜ, ବା:ବାମଡା, ଥା:ବୈଶିଙ୍ଗା |
| 818 | 3747/30 | 0.28 | 0.09 | ଶାରଦ ତିନି | ରାମ ମୁର୍ମୁ, ପି.ସନାତନ ମୁର୍ମୁ, ମାନ୍ଦ ମୁର୍ମୁ, ସ୍ୱା:ସନାତନ ମୁର୍ମୁ, ଜା:ସାନ୍ତାଳ, ବା:ଆମ୍ବଗାଡିଆ, ଥା:ବୈଶିଙ୍ଗା |
| | 3747/31 | 0.47 | 0.05 | ଶାରଦ ତିନି | |
| **ସମପରିମାଣ ଗୋଚର ପ୍ରତିବଦଳ** | | | | | |
| 524 | 3318 | | 0.33 | ଶାରଦ ଦୁଇ | ରାମଚନ୍ଦ୍ର ସାହୁ, ପି:ଭାଗବତ ସାହୁ, ଜା:କୁବେର, ବା:ବାମଡା |
| 680 | 3751 | 1.68 | 1.57 | ଶାରଦ ଦୁଇ | ହରି ସାହୁ, କୃଷ୍ଣ ସାହୁ, ଭଗବାନ ସାହୁ, ନିତ୍ୟାନନ୍ଦ ସାହୁ, ପି.ଅଇଁଠୁ ସାହୁ, ନଟବର ସାହୁ, ବିଦ୍ୟାଧର ସାହୁ, ପି.ପଞ୍ଚୁ ସାହୁ, ଉଦି ସାହୁ, ପି.ଜଗନ୍ନାଥ ସାହୁ, ଜା.ତେଲି, ବା.ବାମଡା |
| 685 | 3787 | | 0.78 | ଶାରଦ ଏକ | ହରିଶ୍ଚନ୍ଦ୍ର ମହାନ୍ତ, ଶ୍ରୀମତୀ ମହାନ୍ତ, ବାସନ୍ତୀ ମହାନ୍ତ, ପି.ଭରତ ମହାନ୍ତ, ବେଣି ମହାନ୍ତ, ସ୍ୱା. ଭରତ ମହାନ୍ତ, ଜା.କୁଡୁମୀ, ବା.ନିଜଗାଁ |
| **ସମପରିମାଣ ଶ୍ମଶାନ ପ୍ରତିବଦଳ** | | | | | |
| 701/699 | 2793 | 0.20 | 0.12 | ଶାରଦ ତିନି | ଉପେନ୍ଦ୍ର ସାହୁ, ପି.ପାଣ୍ଡୁ ସାହୁ, ଚନ୍ଦ୍ରମୋହନ ସାହୁ, ପି.ଖତୁ ସାହୁ, ଜା:କୁବେର, ବା:ବାମଡା |
| **ସମପରିମାଣ ଦେବସ୍ଥଳୀ ପ୍ରତିବଦଳ** | | | | | |
| 701/832 | 2078 | | 0.06 | ଶାରଦ ତିନି | ବିନୟ କୁମାର ଦାସମହାପାତ୍ର, ପି:ନଗେନ୍ଦ୍ର ନାଥ ଦାସମହାପାତ୍ର, ଜା:କରଣ, ବା:ଶୋଭାରାମପୁର |
| ମୋଟ | ୩୪୬ ପ୍ଲଟକୁ | ଏ. ୨୭୧.୦୩ ଡେ.ମି. | ଏ. ୫୫. ୪୪୫ ଡେ.ମି. | | |

Sd./- Amin Bahalda Zone | Sd./- Revenue Inspector Bahalda Zone | Sd./- Zone Officer-cum-L.A. Collector S.I.P. Bahalda Zone | Sd./-Spl. Land Acquisition Officer, SIP, Baripada

OIPR-24001/14/0120/2425



ନଭେମ୍ବର ୬ରେ ଆମେରିକା ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଫ୍ଲୋରିଡାର ୱେଷ୍ଟ ପାମ୍ ବିଚ୍‌ସ୍ଥିତ ପାମ୍ ବିଚ୍ କାଉଣ୍ଟି କନ୍‌ଭେନ୍‌ଶନ ସେଣ୍ଟରରେ ସମର୍ଥକଙ୍କୁ ସମ୍ବୋଧିତ କରୁଛନ୍ତି ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍। ନିକଟରେ ଅଛନ୍ତି ସ୍ତ୍ରୀ ମେଲାନିଆ ଓ ପୁଅ ବାରୋନ୍ ଟ୍ରମ୍ପ୍।


ଧରିତ୍ରୀ DHARITRI 50 Years

ଭୁବନେଶ୍ୱର, ଗୁରୁବାର, ୭ ନଭେମ୍ବର, ୨୦୨୪




# ହ୍ୱାଇଟ୍ ହାଉସ୍ ଅଭିମୁଖେ ଓଲ୍ଡ ହର୍ସ

ବିଜ୍‌ନେସ୍‌ମ୍ୟାନ୍, ରିଅଲ୍ ଇଷ୍ଟେଟ୍ ଟାଇକୁନ୍ ଓ ରିଅଲିଟି ଟିଭି ଷ୍ଟାର୍‌ରୁ ଆମେରିକାର ସବୁଠୁ ବୟୋଜ୍ୟେଷ୍ଠ ରାଷ୍ଟ୍ରପତି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ରିପବ୍ଲିକାନ୍ ପାର୍ଟି ନେତା ଡୋନାଲ୍ଡ ଟ୍ରମ୍ପ୍। ଇତିମଧ୍ୟରେ ଏକାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ୭୮ ବର୍ଷୀୟ ଟ୍ରମ୍ପ୍ ନିର୍ବାଚନ ପ୍ରଚାର ବେଳେ ଦୁଇ ଥର ହତ୍ୟା ଉଦ୍ୟମରୁ ବର୍ତ୍ତିଯାଇଥିଲେ। ଏହି ପ୍ରକ୍ରିୟା ଚାଲିଥିବାବେଳେ ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କୁ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ରୂପେ ଦେଖିବାକୁ ଚାହୁଁଥିବା ଅନେକ ନିୟୁତ ଡେମୋକ୍ରାଟିକ୍ ସମର୍ଥକଙ୍କ ସ୍ୱପ୍ନକୁ ଓଲ୍ଡ ହର୍ସ ଟ୍ରମ୍ପ୍ ଧୂଳିସାତ୍ କରିଦେଇଛନ୍ତି।



# ଟ୍ରମ୍ପ୍ ୨.୦ ଭାରତୀୟ ଅର୍ଥନୀତି ଉପରେ ମିଶ୍ର ପ୍ରଭାବ

**ମୁମ୍ବାଇ,୬।୧୧**

ଆମେରିକାର ବିଦାୟୀ ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କ ମା’ ଶ୍ୟାମଲା ଗୋପାଲନ୍ ଚେନ୍ନାଇର ହୋଇଥିଲେ ମଧ୍ୟ ଅନେକ ଭାରତୀୟ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ହ୍ୱାଇଟ୍ ହାଉସ୍‌ରେ ପୁଣି ଦେଖିବାକୁ ଚାହୁଁଥିଲେ। ଟ୍ରମ୍ପ୍ ୪୭ତମ ରାଷ୍ଟ୍ରପତି ରୂପେ ନିର୍ବାଚିତ ହେବା ପରେ ଭାରତ-ଆମେରିକା ସମ୍ପର୍କରେ ଅଗ୍ରଗତି ଆଶା କରାଯାଉଛି। ଆମେରିକା ହେଉଛି ଭାରତର ସବୁଠୁ ବଡ଼ ବାଣିଜ୍ୟିକ ସହଭାଗୀ। ଦୁଇ ଦେଶର ବାର୍ଷିକ ବାଣିଜ୍ୟିକ କାରବାର ୧୯୦ ବିଲିୟନ୍ ଡଲାର। ବିଶ୍ଳେଷକଙ୍କ ମତରେ ଟ୍ରମ୍ପ୍ ନିଜ ଦ୍ୱିତୀୟ ପାଳିରେ ସଂରକ୍ଷଣବାଦକୁ ଆହୁରି ଆଗକୁ ନେଇଯିବେ। ନିକଟରେ ଏକ ନିର୍ବାଚନୀ ରାଲିରେ ଭାରତ ଆମେରିକୀୟ କମ୍ପାନୀଗୁଡ଼ିକ ଉପରେ ଟାରିଫ୍ କଷୁଥିବା ବିଷୟ ଟ୍ରମ୍ପ୍ କହିଥିଲେ। ଏଥିସହ ସେ

- **ଆମେରିକା ଭାରତର ସର୍ବବୃହତ୍ ବାଣିଜ୍ୟିକ ସହଯୋଗୀ**
- **୨ ଦେଶର ବାର୍ଷିକ କାରବାର ୧୯୦ ବିଲିୟନ୍ ଡଲାର**

ପୁନର୍ବାର ନିର୍ବାଚିତ ହେଲେ ଭାରତୀୟ ସାମଗ୍ରୀ ଉପରେ ଅନୁରୂପ ଟିକସ ଲାଗୁ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ସେହି ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିଜ ପରମ ବନ୍ଧୁ ବୋଲାଉଥିବା ଟ୍ରମ୍ପ୍‌ଙ୍କ ବିଜୟ ଭାରତ ପାଇଁ ସେତେଟା ଶୁଭଙ୍କର ହୋଇ ନ ପାରେ। ଟ୍ରମ୍ପ୍ ନିଜ ପ୍ରଥମ କାର୍ଯ୍ୟକାଳରେ ବିଶ୍ୱ ବାଣିଜ୍ୟ ସଙ୍ଗଠନର ବିବାଦ ସମାଧାନ ପ୍ରକ୍ରିୟାକୁ ବ୍ଲକ୍‌କରିବା ସହ ଜେନେରାଲାଇଜ୍‌ଡ ସିଷ୍ଟମ୍ ଅଫ୍ ପ୍ରିଫରେନ୍ସେସ୍ (ଜିଏସ୍‌ପି) କାର୍ଯ୍ୟକ୍ରମ ଅଧୀନରେ ଟିକସମୁକ୍ତ ସୁବିଧାକୁ ହଟାଇ ଦେଇଥିଲେ। ବିଶ୍ଳେଷକଙ୍କ ମତରେ ଟ୍ରମ୍ପ୍ ଏଭଳି ପଦକ୍ଷେପକୁ ତ୍ୱରାନ୍ୱିତ କରିପାରନ୍ତି।

ଏହାବାଦ୍ ଡଲାରରୁ ମୁହଁ ମୋଡ଼ି ନେଉଥିବା ଦେଶଗୁଡ଼ିକ ସହ ବାଣିଜ୍ୟିକ କାରବାର କରାଯିବ ନାହିଁ ବୋଲି ମଧ୍ୟ ସେ ଚେତାବନୀ ଦେଇଥିଲେ। ଏଭଳି ରାଷ୍ଟ୍ରଗୁଡ଼ିକର ସାମଗ୍ରୀ ଉପରେ ୧୦୦% ଆମଦାନୀ ଶୁଳ୍କ ବସାଯିବ ବୋଲି ବେଟେଲ୍‌ଗ୍ରାଉଣ୍ଡ ଷ୍ଟେଟ୍ ୱିସ୍କୋନ୍‌ସିନ୍‌ରେ ଟ୍ରମ୍ପ୍ ସ୍ପଷ୍ଟ କରିଥିଲେ। ଏପରି ହେଲେ ବ୍ରିକ୍ସ ସଦସ୍ୟ ଭାରତର ଅର୍ଥନୀତି ପ୍ରଭାବିତ ହୋଇପାରେ। ଟ୍ରମ୍ପ୍ ‘ଆମେରିକା ଫାଷ୍ଟ’ ନୀତିକୁ ଗୁରୁତ୍ୱ ଦେବା ବଜାୟ ରଖିଲେ ଅଟୋମୋବାଇଲ୍ସ, ଟେକ୍ସଟାଇଲ୍ସ, ଫାର୍ମାସ୍ୟୁଟିକାଲ୍ସ ସେକ୍ଟରକୁ ଅଧିକ ସୀମାଶୁଳ୍କ ଦେବାକୁ ପଡ଼ିପାରେ। ଭାରତର ୮୦%ରୁ ଅଧିକ ଆଇଟି ରପ୍ତାନି ଆମେରିକାରୁ ଆସିଥାଏ। ତେଣୁ ଏଚ୍-୧ବି ଭିଜା ନିୟମକୁ କଡ଼ାକଡ଼ି କରାଗଲେ ଏହି ସେକ୍ଟର ପ୍ରଭାବିତ ହୋଇପାରେ। ଏହାସତ୍ତ୍ୱେ ବୁଧବାର ଟ୍ରମ୍ପ୍‌ଙ୍କ ସପକ୍ଷରେ ପରିଣାମ ଆସିବାରେ ଲାଗିଥିବା ସମୟରେ ଭାରତୀୟ ପୁଞ୍ଜିବଜାରରେ ଉତ୍ସାହ ଦେଖିବାକୁ ମିଳିଛି। ନିଫ୍ଟି୫୦ ୨୭୦.୭୫ ପଏଣ୍ଟ (୧.୧୨%) ବୃଦ୍ଧି ସହ ୨୪,୪୮୪ରେ କାରବାର ଶେଷ କରିଛି। ସେହିପରି ସେନ୍‌ସେକ୍ସରେ ୯୦୧.୫୦ ପଏଣ୍ଟ ବା ୧.୧୩% ବୃଦ୍ଧି ଘଟିବା ସହ ଏହା ୮୦,୩୭୮.୧୩କୁ ଛୁଇଁଛି। ତେଣୁ ଟ୍ରମ୍ପ୍ ୨.୦ ଭାରତୀୟ ଅର୍ଥନୀତି ପାଇଁ ଯେତିକି ନକାରାତ୍ମକ ସେତିକି ଶୁଭଙ୍କର ହୋଇପାରେ ବୋଲି ମନେକରାଯାଉଛି।

## ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବାକୁ ଆହ୍ୱାନ ଦେଲେ ମୋଦି



**ନୂଆଦିଲ୍ଲୀ,୬।୧୧(ପି.ଟି.)**

ରାଷ୍ଟ୍ରପତି ନିର୍ବାଚନରେ ଐତିହାସିକ ବିଜୟ ପାଇଁ ବନ୍ଧୁ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହୃଦୟଭରା ଅଭିନନ୍ଦନ ଜଣାଇଛନ୍ତି। ଭାରତ-ଆମେରିକା ବିସ୍ତୃତ ବୈଶ୍ୱିକ ଓ ରଣନୀତିକ ସହଭାଗିତାକୁ ଆହୁରି ମଜଭୁତ କରିବା ଦିଗରେ ସହଯୋଗ ବଢ଼ାଇବାକୁ ଚାହୁଁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଉଭୟ ଦେଶବାସୀଙ୍କ ମଙ୍ଗଳ ଏବଂ ବିଶ୍ୱ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧିର ପ୍ରସାର ଦିଗରେ ଏକାଠି କାର୍ଯ୍ୟ କରିବା ପାଇଁ ମୋଦି ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମାସରେ ଟ୍ରମ୍ପ୍ ପ୍ରଧାନମନ୍ତ୍ରୀଙ୍କୁ ସବୁଠୁ ସୁନ୍ଦର ବ୍ୟକ୍ତି ଏବଂ ମୋର ବନ୍ଧୁ ବୋଲି କହିଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଦଳ ତରଫରୁ ଟ୍ରମ୍ପ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଶ୍ୱ ଶାନ୍ତି ଏବଂ ସମୃଦ୍ଧି ପାଇଁ ଆମେରିକା ସହ କାର୍ଯ୍ୟ କରିବାକୁ ଚାହୁଁ ବୋଲି ସେ ଲେଖିଛନ୍ତି।

## ଟ୍ରମ୍ପ୍‌ଙ୍କ ପ୍ରତିଶ୍ରୁତି ଆମେରିକାକୁ ଫେରିବ ସ୍ୱର୍ଣ୍ଣିମ ଯୁଗ

ଆମେରିକାକୁ ସ୍ୱର୍ଣ୍ଣିମ ଯୁଗ ଫେରାଇ ଆଣିବେ ବୋଲି ରାଷ୍ଟ୍ରପତି ଭାବେ ବିଜୟୀ ହେବା ଅବସରରେ ଡୋନାଲ୍ଡ ଟ୍ରମ୍ପ୍ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କୁ ମିଳିଥିବା ବିପୁଳ ଜନାଦେଶକୁ ସେ ଅଭୂତପୂର୍ବ ଏବଂ ଶକ୍ତିଶାଳୀ ବୋଲି କହିଛନ୍ତି। ୧୯ ଇଲେକ୍ଟୋରାଲ କଲେଜ ଭୋଟ ଥିବା ପେନ୍‌ସିଲ୍‌ଭାନିଆ ରାଜ୍ୟରେ ଟ୍ରମ୍ପ୍ ବିଜୟୀ ହେବା ପରେ ତାଙ୍କ ଜିତିବା ନିଶ୍ଚିତ ହୋଇଯାଇଥିଲା। ଆମେରିକାର ମିଡିଆ ଆଉଟ୍‌ଲେଟ୍ ପ୍ରଥମେ ଟ୍ରମ୍ପ୍‌ଙ୍କୁ ବିଜୟ ଘୋଷଣା କରିଥିବାବେଳେ ପରେ ଅନ୍ୟ ଗଣମାଧ୍ୟମଗୁଡ଼ିକ ଅନୁରୂପ ଘୋଷଣା କରିଥିଲେ। ଏହା ବାସ୍ତବରେ ଆମେରିକା ପାଇଁ ଏକ ସ୍ୱର୍ଣ୍ଣିମ ଯୁଗ। ଏହି ବିଶାଳ ବିଜୟ ଆମେରିକାକୁ ପୁଣିଥରେ ମହାନ କରିବାରେ ଆମକୁ ସହାୟକ ହେବ ବୋଲି ୭୮ ବର୍ଷୀୟ ଟ୍ରମ୍ପ୍ ଫ୍ଲୋରିଡାର ପାମ୍ ବିଚ୍ କନ୍‌ଭେନ୍‌ଶନ ସେଣ୍ଟରଠାରେ ତାଙ୍କ ସମର୍ଥକମାନଙ୍କୁ କହିଛନ୍ତି। ଏହି ସମୟରେ ତାଙ୍କ ସ୍ତ୍ରୀ ମେଲାନିଆ ଟ୍ରମ୍ପ୍, ପରିବାର ସଦସ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉପରାଷ୍ଟ୍ରପତି ନିର୍ବାଚିତ ହୋଇଥିବା ଜେ.ଡି. ଭାନ୍ସ ଓ ତାଙ୍କ ଭାରତୀୟ-ଆମେରିକୀୟ ସ୍ତ୍ରୀ ଉଷା ଭାନ୍ସ ମଧ୍ୟ ମଞ୍ଚରେ ଥିଲେ। ସମଗ୍ର ନିର୍ବାଚନ ପ୍ରକ୍ରିୟାରେ ସେମାନଙ୍କ ସମର୍ଥନ ପାଇଁ ଟ୍ରମ୍ପ୍ ଭାନ୍ସ ଦମ୍ପତିଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏଭଳି ପରିବର୍ତ୍ତନ କେବେ ଦେଖି ନ ଥିଲି। ଏହା ସର୍ବକାଳୀନ ବୃହତ୍ ରାଜନୈତିକ ଆନ୍ଦୋଳନ। ଦେଶ ଏବେ ଗୁରୁତ୍ୱପୂର୍ଣ୍ଣର ଏକ ନୂଆ ସ୍ତରରେ ପହଞ୍ଚିବାକୁ ଯାଉଥିବା ଟ୍ରମ୍ପ୍ କହିଛନ୍ତି। ଜାନୁଆରୀ ୨୦ରେ ଟ୍ରମ୍ପ୍ ଦେଶର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବେ।

ଆମେରିକାରେ ବେଆଇନ ପ୍ରବେଶକୁ ରୋକାଯିବ ବୋଲି ଟ୍ରମ୍ପ୍ ତାଙ୍କ ଭାଷଣରେ କହିଛନ୍ତି। ଆମକୁ ଅଭୂତପୂର୍ବ ତଥା ଶକ୍ତିଶାଳୀ ଜନାଦେଶ ମିଳିଛି। ଆମେ ସିନେଟ୍‌କୁ ନିୟନ୍ତ୍ରଣକୁ ନେଇଛୁ। ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ମଧ୍ୟ ରିପବ୍ଲିକାନ୍‌ମାନେ ସଂଖ୍ୟାଗରିଷ୍ଠତା ବଜାୟ ରଖିବା ସମ୍ଭାବନା ରହିଥିବା ଟ୍ରମ୍ପ୍ କହିଛନ୍ତି। ତାଙ୍କୁ ୪୭ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ କରିଥିବାରୁ ଟ୍ରମ୍ପ୍ ଆମେରିକା ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଭାନ୍ସ ତାଙ୍କ ଭାଷଣରେ ଟ୍ରମ୍ପ୍‌ଙ୍କ ବିଜୟକୁ ସର୍ବବୃହତ୍ ରାଜନୈତିକ ପ୍ରତ୍ୟାବର୍ତ୍ତନ ବୋଲି କହିଥିଲେ।

## ଟ୍ରମ୍ପ୍‌ଙ୍କ ଐତିହାସିକ ବିଜୟକୁ ବିଶ୍ୱନେତାଙ୍କ ପ୍ରଶଂସା



କେଇର ଷ୍ଟାର୍ମର



ବେଞ୍ଜାମିନ୍ ନେତାନ୍ୟାହୁ



ଏମାନୁଏଲ୍ ମାକ୍ରଁ

ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଐତିହାସିକ ବିଜୟ ପରେ ସାରା ବିଶ୍ୱରୁ ଅଭିନନ୍ଦନ ବାର୍ତ୍ତାର ସୁଅ ଛୁଟିଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେଇର ଷ୍ଟାର୍ମର, ଇସ୍ରାଏଲ୍ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁ ନବନିର୍ବାଚିତ ରାଷ୍ଟ୍ରପତିଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଟ୍ରମ୍ପ୍‌ଙ୍କ ନୂଆ ପ୍ରଶାସନରେ ବ୍ରିଟେନ୍-ଆମେରିକା ସ୍ୱତନ୍ତ୍ର ସମ୍ପର୍କରେ ଉନ୍ନତି ଘଟିବ। ଘନିଷ୍ଠ ବନ୍ଧୁ ଭାବେ ପ୍ରତିରକ୍ଷା, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ଉଦ୍ୟୋଗ କ୍ଷେତ୍ରରେ କାନ୍ଧକୁ କାନ୍ଧ ମିଳାଇ ଛିଡ଼ାହେବା ବୋଲି ଷ୍ଟାର୍ମର କହିଛନ୍ତି।

ସେହିପରି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏକ୍ସ’ରେ ଟ୍ରମ୍ପ୍ ଓ ତାଙ୍କ ସ୍ତ୍ରୀ ମେଲାନିଆ ଟ୍ରମ୍ପ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଇସ୍ରାଏଲ୍ ଏବଂ ଆମେରିକା ମଧ୍ୟରେ ରହିଥିବା ବନ୍ଧୁତାର ପ୍ରତିଶ୍ରୁତିବଦ୍ଧତାରେ ନୂତନ ଅଧ୍ୟାୟାରମ୍ଭ ହେବ ବୋଲି ନେତାନ୍ୟାହୁ କହିଛନ୍ତି। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲ୍‌ବାନିସ୍ ଟ୍ରମ୍ପ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଷ୍ଟ୍ର ଏବଂ ଦେଶବାସୀଙ୍କୁ ସୁଦୃଢ଼ କରିବା ପାଇଁ ସହଭାଗିତା ସୁନିଶ୍ଚିତ କରିବା ନିମନ୍ତେ ଏକାଠି କାର୍ଯ୍ୟ କରିବାକୁ ଆଲବାନିସ୍ କହିଛନ୍ତି।

ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ ଟ୍ରମ୍ପ୍‌ଙ୍କୁ ଅଭିନନ୍ଦନ ଜଣାଇବା ସହ ଅଧିକ ଶାନ୍ତି ଓ ସମୃଦ୍ଧି ପାଇଁ ଏକାଠି କାର୍ଯ୍ୟ କରିବାକୁ ପ୍ରସ୍ତୁତ ଥିବା କହିଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଟ୍ରମ୍ପ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରୁଷିଆ ଆକ୍ରମଣକୁ ବନ୍ଦ କରିବା ନେଇ ସେପ୍ଟେମ୍ବରରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

## ଚର୍ଚ୍ଚାରେ ଉଷା ଭାନ୍ସ



ସ୍ତ୍ରୀ ଉଷା ଭାନ୍ସଙ୍କ ସହ ଜେ.ଡି. ଭାନ୍ସ

**ଜେ.ଡି.** ଭାନ୍ସ ଆମେରିକାର ଉପରାଷ୍ଟ୍ରପତି ନିର୍ବାଚିତ ହେବା ପରେ ତାଙ୍କ ସ୍ତ୍ରୀ ତଥା ଭାରତୀୟ-ଆମେରିକୀୟ ଆଇନଜୀବୀ ଉଷା ଚିଲୁକୁରି ଭାନ୍ସ ଜାତୀୟ ସ୍ତରରେ ଚର୍ଚ୍ଚାକୁ ଆସିଛନ୍ତି। ୩୮ ବର୍ଷୀୟା ଉଷା ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ଆମେରିକାର ସେକେଣ୍ଡ ଲେଡି ହେବାକୁ ଯାଉଛନ୍ତି। ପ୍ରବାସୀ ଭାରତୀୟ ଚିଲୁକୁରି ରାଧାକ୍ରିଷ୍ଣନଙ୍କ ଝିଅ ଉଷାଙ୍କ ପୈତୃକ ଗ୍ରାମ ଆନ୍ଧ୍ରପ୍ରଦେଶର ପଶ୍ଚିମ ଗୋଦାବରୀ ଜିଲାର ବଦଲୁରୁ। ସେ ସାନ୍ ଡିଏଗୋରେ ଜନ୍ମ ହୋଇଥିଲେ। ୟାଲେ ଲ’ ସ୍କୁଲ୍‌ରେ ପଢ଼ିବା ବେଳେ ଉଷାଙ୍କର ଭାନ୍ସଙ୍କ ସହ ସାକ୍ଷାତ୍ ହୋଇଥିଲା ଏବଂ ୨୦୧୪ରେ ସେମାନେ ବିବାହ କରିଥିଲେ।




ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିଜୟରେ ଉଲ୍ଲସିତ ସମର୍ଥକ ସେଲିବ୍ରେଟ୍ କରୁଛନ୍ତି।

# ରିପବ୍ଲିକାନ୍ ନିୟନ୍ତ୍ରଣରେ ସିନେଟ୍ ହାଉସରେ ୬ ଭାରତୀୟ ବଂଶୋଦ୍ଭବ

ଆମେରିକା କଂଗ୍ରେସର ଉଚ୍ଚ ସଦନ ସିନେଟ୍ ୪ ବର୍ଷରେ ପ୍ରଥମ ଥର ପାଇଁ ରିପବ୍ଲିକାନ୍‌ମାନଙ୍କ ନିୟନ୍ତ୍ରଣକୁ ଆସିଛି। ମଙ୍ଗଳବାର ବିଳମ୍ବିତ ରାତିରେ ରିପବ୍ଲିକାନ୍ ପ୍ରାର୍ଥୀ ଡେମୋକ୍ରାଟ୍‌ଙ୍କ ଅଧୀନରେ ଥିବା ୱେଷ୍ଟ ଭର୍ଜିନିଆ ଏବଂ ଓହିଓ ଆସନକୁ ଛଡ଼ାଇ ନେଇଥିବାବେଳେ ଅପ୍ରତ୍ୟାଶିତ ନେବ୍ରାସ୍କା ଆସନ ବଜାୟ ରଖିଛି। ଉକ୍ତ ଆସନରେ ବିଦାୟୀ ରିପବ୍ଲିକାନ୍ ସିନେଟର ଦେବ ଫିସ୍ଚର ସ୍ୱାଧୀନ ପ୍ରାର୍ଥୀ ଡାନ୍ ଓସ୍‌ବର୍ନଙ୍କୁ ପରାଜିତ କରିଛନ୍ତି। ୱେଷ୍ଟ ଭର୍ଜିନିଆରୁ ରିପବ୍ଲିକାନ ପ୍ରାର୍ଥୀ ଜିମ୍ ଜଷ୍ଟିସ୍ ବିଜୟୀ ହୋଇଥିବାବେଳେ ଓହିଓରେ ଡେମୋକ୍ରାଟିକ୍ ସିନେଟର



ଶେରୋଡ୍ ବ୍ରାଉନ୍ ରିପବ୍ଲିକାନ୍ ପ୍ରାର୍ଥୀ ବେର୍ନି ମୋରେନୋଙ୍କଠାରୁ ହାରିଯାଇଛନ୍ତି। ଫଳରେ ୧୦୦ ସଦସ୍ୟ ବିଶିଷ୍ଟ ସିନେଟ୍‌ରେ ଡେମୋକ୍ରାଟିକ୍ ୫୧-୪୯ରେ ସଂଖ୍ୟାଗରିଷ୍ଠତା ରହିଥିବାବେଳେ ଏହା ଓଲଟିଯାଇଛି। ଏବେ ଉଚ୍ଚ ସଦନରେ ରିପବ୍ଲିକାନ୍ ସିନେଟରଙ୍କ ସଂଖ୍ୟା ୫୧ରେ ପହଞ୍ଚିଛି।

**ଆ**ମେରିକା କଂଗ୍ରେସର ନିମ୍ନ ସଦନ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭରେ ଭାରତୀୟ ବଂଶୋଦ୍ଭବ ସଦସ୍ୟଙ୍କ ସଂଖ୍ୟା ୬ରେ ପହଞ୍ଚିଛି। ଆଟର୍ନି ତଥା ଭର୍ଜିନିଆ ଷ୍ଟେଟ୍ ସିନେଟର ସୁହାସ ସୁବ୍ରମଣ୍ୟମ୍ ଭର୍ଜିନିଆର ୧୦ମ ଜିଲାରେ ରିପବ୍ଲିକାନ୍ ପ୍ରାର୍ଥୀ ମାଇକ୍ କ୍ଲାନ୍ସିଙ୍କୁ ପରାଜିତ କରିଛନ୍ତି। ଏହା ବ୍ୟତୀତ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ୫ ଭାରତୀୟ-ଆମେରିକୀୟ ସଦସ୍ୟ ଆମି ବେରା, ରାଜା କ୍ରିଷ୍ଣମୂର୍ତ୍ତି, ରୋ ଖାନ୍ନା, ପ୍ରମିଳା ଜୟପାଲ ଏବଂ ଶ୍ରୀ ଥାନେଦାର ସେମାନଙ୍କ ଆସନକୁ ବଜାୟ ରଖିଛନ୍ତି। ସେମାନେ ପୁନଃନିର୍ବାଚିତ ହୋଇଥିବାରୁ ହାଉସ୍‌ରେ ଭାରତୀୟ ବଂଶୋଦ୍ଭବଙ୍କ ଶକ୍ତି ବୃଦ୍ଧି ହୋଇଛି। କାଲିଫର୍ନିଆର ଷଷ୍ଠ ଜିଲାରୁ ପ୍ରତିନିଧିତ୍ୱ କରୁଥିବା ବେରା କଂଗ୍ରେସରେ ସର୍ବବରିଷ୍ଠ ଭାରତୀୟ ଆମେରିକୀୟ। ସେ କ୍ରମାଗତ ସପ୍ତମ ଥର ପାଇଁ ବିଜୟୀ ହୋଇଛନ୍ତି। ସେହିପରି ଥାନଦୋର ମିଚିଗାନ୍ ୧୩ତମ ଜିଲାକୁ ବଜାୟ ରଖିଥିବାବେଳେ କ୍ରିଷ୍ଣମୂର୍ତ୍ତି ଇଲିନୋଇସ୍ ଅଷ୍ଟମ ଜିଲାରୁ ପଞ୍ଚମ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ଖାନ୍ନା କାଲିଫର୍ନିଆର ସପ୍ତଦଶ ଜିଲା ଏବଂ ଜୟପାଲ ୱାଶିଂଟନର ସପ୍ତମ ଜିଲାରୁ ବିଜୟୀ ହୋଇଛନ୍ତି।



ରୋ ଖାନ୍ନା



ପ୍ରମିଳା ଜୟପାଲ



ଆମି ବେରା



ସୁହାସ ସୁବ୍ରମଣ୍ୟମ୍



ଶ୍ରୀ ଥାନେଦାର



ରାଜା କ୍ରିଷ୍ଣମୂର୍ତ୍ତି

# ବିବାହ ପାଇଁ କନ୍ୟା ଖୋଜିବାରେ ବିଫଳ
# ମାଟ୍ରିମୋନି କମ୍ପାନୀକୁ ୬୦ ହଜାର ଜରିମାନା

ବେଙ୍ଗାଲୁରୁ

ଜଣେ ଯୁବକଙ୍କ ପାଇଁ ଉପଯୁକ୍ତ କନ୍ୟା ଖୋଜିବାରେ ବିଫଳ ହୋଇଥିବାରୁ ବେଙ୍ଗାଲୁରୁର ଏକ କଞ୍ଜ୍ୟୁମର କୋର୍ଟ ଦିଲ୍‌ମିଲ ନାମକ ମାଟ୍ରିମୋନିଆଲ ପୋର୍ଟାଲକୁ ୬୦ ହଜାର ଟଙ୍କା ଜରିମାନା କରିଛନ୍ତି। ସ୍ଥାନୀୟ ଏମ୍‌ଏସ୍ ନଗର ନିବାସୀ ବିଜୟ କୁମାର ତାଙ୍କ ପୁଅ ବାଲାଜୀଙ୍କ ପାଇଁ କନ୍ୟା ଖୋଜୁଥିଲେ। ଏଥିପାଇଁ ସେ ସହରର କଲ୍ୟାଣ ନଗର ଅଞ୍ଚଳରେ ଥିବା ଦିଲ୍‌ମିଲ ମାଟ୍ରିମୋନିର କାର୍ଯ୍ୟାଳୟକୁ ଯାଇ ସମ୍ପର୍କ କରିଥିଲେ। ଗତ ମାର୍ଚ୍ଚ ୧୭ରେ ବିଜୟ ଦିଲ୍‌ମିଲ ମାଟ୍ରିମୋନିର କର୍ମଚାରୀଙ୍କୁ ପୁଅ ବାଲାଜୀଙ୍କ ଆବଶ୍ୟକ



ଦସ୍ତାବିଜ ଓ ଫଟୋଗ୍ରାଫ ଦେଇଥିଲେ। ଦିଲ୍‌ମିଲ ମାଟ୍ରିମୋନି ପକ୍ଷରୁ ସମ୍ଭାବ୍ୟ କନ୍ୟା ଖୋଜିବା ପାଇଁ ତାଙ୍କଠାରୁ ଫି ଆକାରରେ ୩୦ ହଜାର ଟଙ୍କା ନିଆଯାଇଥିଲା। ୪୫ ଦିନ ମଧ୍ୟରେ ବାଲାଜୀଙ୍କ ପାଇଁ କନ୍ୟା ଖୋଜିବାକୁ ଏହି ମାଟ୍ରିମୋନି କମ୍ପାନୀ ଆଶ୍ୱାସନା ଦେଇଥିଲା। କିନ୍ତୁ ଏହା କନ୍ୟା ଖୋଜିବାରେ ବିଫଳ ହୋଇଥିଲା। ତେଣୁ ଗତ ଏପ୍ରିଲ୍ ୩୦ରେ ସେ ଦିଲ୍‌ମିଲ ମାଟ୍ରିମୋନି କାର୍ଯ୍ୟାଳୟକୁ ଯାଇ ତାଙ୍କ ଟଙ୍କା ଫେରସ୍ତ କରିବାକୁ ଅନୁରୋଧ କରିଥିଲେ। କମ୍ପାନୀର କର୍ମଚାରୀମାନେ ଟଙ୍କା ଦେବାକୁ ମନା କରିଦେବା ସହ ବିଜୟଙ୍କୁ ଆପତ୍ତିଜନକ ଭାଷାରେ ଗାଳି ଗୁଲଜ କରିଥିଲେ। ଫଳରେ ସେ ବାଧ୍ୟ ହୋଇ ଆଇନର ଆଶ୍ରୟ ନେଇଥିଲେ। ଗତ ମେ' ୯ରେ ଦିଲ୍‌ମିଲ ମାଟ୍ରିମୋନି କମ୍ପାନୀକୁ ବିଜୟ ଏକ ଆଇନଗତ ନୋଟିସ ଜାରି କରିଥିଲେ। କିନ୍ତୁ କମ୍ପାନୀ ପକ୍ଷରୁ କିଛି ଉତ୍ତର ଦିଆଯାଇ ନ ଥିଲା। ସୋମବାର ଏହି ମାମଲାର ଶୁଣାଣି ପରେ କୋର୍ଟ କହିଛନ୍ତି, ଏହି ମାମଲାରେ ଅଭିଯୋଗକାରୀଙ୍କୁ ଠିକ୍ ଭାବେ ସେବା ଯୋଗାଇ ଦିଆଯାଇ ନାହିଁ। ସେହିପରି ଦିଲ୍‌ମିଲ ମାଟ୍ରିମୋନି କମ୍ପାନୀ ବିଭିନ୍ନ ବେଆଇନ ବ୍ୟବସାୟ ସହ ଜଡ଼ିତ ଥିବାର ପ୍ରମାଣ ମଧ୍ୟ ମିଳିଛି। ତେଣୁ ଅଭିଯୋଗକାରୀଙ୍କ ରାଶି ଫେରସ୍ତ ଜରୁରୀ। ଜରିମାନା ଭାବେ ଦିଲ୍‌ମିଲ ମାଟ୍ରିମୋନି କମ୍ପାନୀକୁ ବିଜୟଙ୍କଠାରୁ ସଂଗୃହୀତ ୩୦ ହଜାର ଟଙ୍କା, ଠିକ୍ ଭାବେ ସେବା ନ ଯୋଗାଇବାରୁ ୨୦ ହଜାର ଟଙ୍କା, ମାନସିକ ଯନ୍ତ୍ରଣା ପାଇଁ ୫ ହଜାର ଟଙ୍କା ଏବଂ ମକଦ୍ଦମା ପାଇଁ ୫ ହଜାର ଟଙ୍କା ପୈଠ କରିବାକୁ ବେଙ୍ଗାଲୁରୁ କଞ୍ଜ୍ୟୁମର କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ୨୦୨୬ ଦୀପାବଳିରେ 'ରାମାୟଣ ପାର୍ଟ-୧'



ରଣବୀର କପୁର

ମୁମ୍ବାଇ

ଅଭିନେତା ରଣବୀର କପୁରଙ୍କ ଆଗାମୀ 'ରାମାୟଣ' ଫିଲ୍ମକୁ ପ୍ରଶଂସକମାନେ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ବୁଧବାର ନୀତୀଶ ତିୱାରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମକୁ ନେଇ ଏକ ଆଧିକାରିକ ଘୋଷଣା କରାଯାଇଛି। 'ରାମାୟଣ' ଫିଲ୍ମ ୨ ଭାଗରେ ନିର୍ମିତ ହେଉଥିବା ନେଇ ଫିଲ୍ମ ନିର୍ମାତା ନମିତ ମାଲହୋତ୍ରାଙ୍କ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରାଯାଇଛି। 'ରାମାୟଣ' ଚଳଚ୍ଚିତ୍ରର ପ୍ରଥମ ଭାଗ ୨୦୨୬ ଦୀପାବଳି ଉପଲକ୍ଷେ ଏବଂ ଏହାର ଦ୍ୱିତୀୟ ଭାଗ ୨୦୨୭ ଦୀପାବଳି ଉପଲକ୍ଷେ ରିଲିଜ୍ ହେବ ବୋଲି ଏହି ପୋଷ୍ଟ ଯୋଗେ ନମିତ ସୂଚନା ଦେଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଏହି ଫିଲ୍ମର ସମ୍ପୂର୍ଣ୍ଣ ଷ୍ଟାର୍ କାଷ୍ଟକୁ ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। ତେବେ ରିଲିଜ୍ ତାରିଖ ସହିତ 'ରାମାୟଣ' ଫିଲ୍ମର ପ୍ରଥମ ପୋଷ୍ଟର ମଧ୍ୟ ରିଲିଜ୍ ହୋଇଛି। ଏହି ପୋଷ୍ଟରରେ ଫିଲ୍ମର ନାମ ସହିତ ପ୍ରଭୁ ରାମଙ୍କ ଧନୁ ଦେଖିବାକୁ ମିଳିଛି। ଚଳଚ୍ଚିତ୍ରରେ ଅଭିନେତା ରଣବୀର କପୁର ପ୍ରଭୁ ରାମଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ସେହିପରି ଅଭିନେତ୍ରୀ ସାଇ ପଲ୍ଲବି ମାତା ସୀତାଙ୍କ ଚରିତ୍ରରେ ନଜରକୁ ଆସିବେ। ରାବଣ ଭୂମିକା ପାଇଁ କନ୍ନଡ ଅଭିନେତା ଯଶଙ୍କ ସହ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ସ୍ୱାକ୍ଷର କରାଯାଇଛି। ଏହି ଚଳଚ୍ଚିତ୍ରରେ ରଣବୀର କପୁରଙ୍କର ଡବଲ୍ ରୋଲ୍ ରହିବ।


## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER, EASTERN CIRCLE-II, CHANDIKHOLE

No.A-515:

Email Id:seec2chandikhole@gmail.com

"e" Procurement Notice No.ACE, EC-II 03 of 2024-25 (Online)

| Sl. No. | Name of the Works | Bid Identification No. | Tender Cost in Lakh (Rs) | Bid Security (in Rs) |
|---|---|---|---|---|
| 1 | 2 | 3 | 4 | 5 |
| 1 | Protection to Scoured Bank on Kochila Left Embankment Near Pangata Thakurani Temple, Mallicksahi and Maharakula. | ACE, EC-II JPD 12 OF 2024-25 | 248.85 (Approx.) | 2,48,900/- |
| 2 | Improvement to Canal System including Lining of Distributary No-5A of G Canal from Shyamsundarpur to Gopa. (RD.00 to 1.00 km) | ACE, EC-II KID 05 OF 2024-25 | 213.20 (Approx.) | 2,13,200/- |
| 3 | Improvement to Canal System including Lining of Distributary No-5 A of G Canal from Biraswati to Angulai (RD.5.70 KM to 7.00 Km). | ACE, EC-II KID 06 OF 2024-25 | 207.31 (Approx.) | 2,07,400/- |
| 4 | Improvement to Distributary No-18 B of Kendrapara Canal from RD 1715 m to 2993 m & Dashipur Minor. | ACE, EC-II KID 07 OF 2024-25 | 210.46 (Approx.) | 2,10,500/- |
| 5 | Improvement to Service Road on Left Bank of Koriapalla Minor from Kajal Bundha to ChandaPur High School & Left Bank of Batipada Minor from RD.00 km to 1.200 Km. from Dosia Canal to R&B Road of Pattamundai Canal. | ACE, EC-II KID 08 OF 2024-25 | 212.82 (Approx.) | 2,12,900/- |
| 6 | Improvement to Canal System including Lining of Distributary No-5A of G Canal from Gopa to Shyamagadia (RD.2.90 Km to 4.100 km) | ACE, EC-II KID 09 OF 2024 | 214.63 (Approx.) | 2,14,700/- |
| 7 | Improvement to Canal System including Lining of Distributary No-5A of G Canal from Shyamagadia to Ichhapurt (RD.4.20 Km to 5.60 km) | ACE, EC-II KID 10 OF 2024-25 | 211.72 (Approx.) | 2,11,800/- |
| 8 | Improvement to Service Road on Left Bank of Distributary No. 2 B RD.00 km to 1.30 Km from Sahupada to Jigaran and Left Bank Distributary No. 1 ½ % From RD.3.300 km to 4.100 Km from Malibasa to Nayakot of G.E. Canal. | ACE, EC-II KID 11 OF 2024-25 | 218.21 (Approx.) | 2,18,300/- |
| 9 | Improvement to Canal System including Lining of Distributary No-14 From RD. 3279 m to 3425m and 3490 m to 4444 m of Pattamundai Canal. | ACE, EC-II KID 12 OF 2024-25 | 208.84 (Approx.) | 2,08,900/- |

2. Cost of Bid Document : Rs.10,000/- (On-line Payment)
3. Class of Contractor : "B" & "A" for all packages
4. Period of Completion : 06 (Six) Calendar Months
5. **Other details are as follows.**

| Procurement Officer | Availability of Tender Online for Bidding | | Date of Opening of Technical Bid (Cover-I) |
|---|---|---|---|
| | From | To | |
| Additional Chief Engineer, Eastern Circle-II, Chandikhole | 06/11/2024 at 10 AM | 19/11/2024 upto 5.00 PM | 20/11/2024 at 11.30 AM |

6. e-Mail Id : seec2chandikhole@gmail.com
7. **Further detailed conditions can be seen from the Govt. website www.tendersorissa.gov.in.**

**Sd./- Additional Chief Engineer Eastern Circle-II, Chandikhole**

OIPR-32322/11/0007/2425

## ODISHA PUBLIC SERVICE COMMISSION, CUTTACK
### NOTICE

No.6237/ P.S.C., Dt.5.11.24
1E-01-2024-25 (DR-III)

**No.D-163:**It is for information of all concerned that the Commission has decided to conduct written examination for recruitment to the post of Assistant Fisheries Officer, Group-B under Fisheries & ARD Department pursuant to Advertisement No.36 of 2023-24 on 22.12.2024 (Sunday) at **Cuttack zone** as per the following programme.

| DATE | Forenoon Session 9.30 A.M. to 12.00 Noon 9.30 A.M. to 12.50 P.M. for PwD Candidates) | Afternoon Session 2.00 P.M. to 4.30 P.M. (2.00 P.M. to 5.20 P.M. for PwD candidates) |
|---|---|---|
| 22.12.2024 (Sunday) | **Paper-I - (Objective type & Subject Specific)** | **Paper-II** - (Objective type & Subject Specific) |

The concerned candidates are advised to visit the website of O.P.S.C. **http://www.opsc.gov.in** regularly for further updates.

**Sd./- Secretary**

OIPR-12002/11/0085/2425

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER KEONJHAR (R&B) CIRCLE, KEONJHAR

No.5135/Date 04.11.2024

### INVITATIONS FOR BIDS (IFB)

**1st Corrigendum to Bid Identification No.CCEKC-22/2024-25**

**No.B-571:**The following changes are made to the works invited vide Bid Identification No. CCEKC-22/2024-25 vide Letter No.4842, dt.21.10.2024.

1. The Bid documents in the website www.tendersodisha.gov.in will be available in the website from 11.00 Hours of 19.11.2024 to 16.00 Hours of 03.12.2024 for online bidding. 2. Bids shall be received only on "online" on or before 16.00 Hours of 03.12.2024. 3. Bids received "on-line" shall be opened at 11.30 Hours on 04.12.2024 in the office of the Chief Construction Engineer, Keonjhar (R&B) Circle, Keonjhar. 4. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.

**All other terms & conditions remained unchanged.**

**Sd./- Chief Construction Engineer Keonjhar (R&B) Circle, Keonjhar**

OIPR-34033/11/0051/2425

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, P.H. DIVISION, BALANGIR

No. C-921

Email ID: eephbgr@yahoo.co.in, Ph. No.: (06652-234647)

### NOTICE INVITING TENDERS
### NATIONAL COMPETITIVE BIDDING
### THROUGH e-Procurement

**Bid Identification No. SE PH BGR 07 to 12/2024-25 Dt.29.10.2024**

01. Number of the Works : 06 Nos.
02. Estimated Cost : Rs.716.87 Lakhs to 844.46 Lakhs
03. Period of Completion : 03 (Three) Calendar Months
04. Date & time of availability of bid document in the portal : From 11.00 A.M. of Dt.06.11.2024 to 5.00 P.M. of Dt.21.11.2024
05. Last date/time of receipt of bids in the portal : 5 P.M. of Dt.21.11.2024
06. Date & time of opening of bids : At 11.30 A.M. of Dt.22.11.2024
07. Name and address of the Officer Inviting Bid : Superintending Engineer, P.H. Division, Balangir, At: Tulsinagar, Dist.: Balangir - 767001

Further details can be seen from the website **http://tenders.ori.nic.in or www.tendersorissa.gov.in**.

**Sd./- Superintending Engineer P.H. Division, Balangir**

OIPR-13005/11/0015/2425

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER MINOR IRRIGATION DIVISION, KHARIAR

E-mail:- eemidivision_khariar@rediffmail.com

### e-PROCUREMENT NOTICE

**Bid Identification Notice No.: 04/SE MIDKHR/2024-25**

**Lt N.- 1310/MIDKHR** **Dt.:- 04.11.2024**

No. A-512:- The Superintending Engineer, M.I. Division, Khariar, Dist.-Nuapada on behalf of Governor of Odisha invites Percentage Rate Bids in Single & Double Cover System through e-procurement to be received in online mode only for the works as detailed in the table below. The bid should be submitted online in the website www.tendersodisha.gov.in by eligible contractors.

| | | | |
|---|---|---|---|
| 1. | Name of work | : | Improvement to Canal Bank embankment road/dam approach road in Boden & Sinapali block of Nuapada district under Capex Road Scheme 2024-25. |
| 2. | Total No. of works | : | 03 (Three) Nos. Only. |
| 3. | Estimated Cost | : | Varies from 45.00 Lakhs to 82.20 Lakhs Approximately |
| 4. | Class of Contractor | : | As mentioned against work |
| 5. | Period of completion | : | As mentioned against work |
| 6. | Date and time of availability of Bid | : | **From 10:00 AM on 07.11.2024 and up to 5:30 PM on 21.11.2024** Document in portal |
| 7. | Last date / time for receipt of Bid | : | **Up to 5:30 PM on 21.11.2024** Document in portal |
| 8. | Date / Time of opening of Technical Bid | : | **From 11.00 AM on 22.11.2024** At O/o M.I. Division, Khariar, Nuapada |
| 9. | Name and Address of Tender Inviting Officer | : | Superintending Engineer, M.I. Division, Khariar, Nuapada, Officer inviting the Bid |
| 10. | Mode of Payment of Bid cost and Bid security | : | Online |

**Sd./- Superintending Engineer M.I. Division, Khariar**

OIPR-32090/11/0006/2425

DSPL - 181

SMPB ODISHA | LiFE Lifestyle for Environment

## ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ,ଓଡିଶା
### ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା

### ସପ୍ତଦଶ ରାଜ୍ୟ ସ୍ତରୀୟ କଳିଙ୍ଗ ହର୍ବାଲ ମେଳା-୨୦୨୪

ଚଳିତ ବର୍ଷ **ସପ୍ତଦଶ ରାଜ୍ୟ ସ୍ତରୀୟ କଳିଙ୍ଗ ହର୍ବାଲ ମେଳା-୨୦୨୪** ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩, ଭୁବନେଶ୍ୱର ଠାରେ ତା-୦୬-୧୧-୨୦୨୪ ରିଖ ସନ୍ଧ୍ୟା ୬ ଘଟିକା ସମୟରେ ଉଦ୍ଘାଟନ ହେବ

ଉକ୍ତ ଉଦ୍ଘାଟନ ଉତ୍ସବରେ ମାନ୍ୟବର ମନ୍ତ୍ରୀ **ଶ୍ରୀଯୁକ୍ତ ଗଣେଶ ରାମ ସିଂଖୁଣ୍ଟିଆ,**
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା
ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିବା ପାଇଁ ସଦୟ ସମ୍ମତି ପ୍ରଦାନ କରିଛନ୍ତି

**ଶ୍ରୀଯୁକ୍ତ ସତ୍ୟବ୍ରତ ସାହୁ**, ଭା.ପ୍ର.ସେ.
ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା
ସମ୍ମାନିତ ଅତିଥି ଭାବେ

ଓ

**ଶ୍ରୀଯୁକ୍ତ ଦେବୀଦତ୍ତ ବିଶ୍ୱାଳ**, ଭା.ବ.ସେ.
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ଓଡିଶା ବନ ବାହିନୀ ମୁଖ୍ୟ
ମୁଖ୍ୟ ବକ୍ତା ଭାବେ ଯୋଗ ଦେବେ

ଉକ୍ତ ସଭାରେ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଆପଣଙ୍କୁ ସବିନୟ ଅନୁରୋଧ



"एक पेड माँ के नाम"



ଏମ୍. ଯୋଗଜୟାନନ୍ଦ, ଭା.ବ.ସେ.
ମୁଖ୍ୟ କାର୍ଯ୍ୟନିର୍ବାହୀ
ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ, ଓଡ଼ିଶା

OIPR-08117/13/0004/2425

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

**No. RDM-LAA-MBJ-0006-2024/35060** **R&DM, Dated 09 OCT 2024**

**No.XXI-25**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ପୂର୍ଣ୍ଣଚନ୍ଦ୍ରପୁର ନଂ-୧,** ଥାନା-ବେତନଟୀ, ନଂ.୯୪, ତହସିଲ-ମୋରଡ଼ା, ଜିଲ୍ଲା-ମୟୂରଭଞ୍ଜରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ମହୁଲବଣୀ ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି । ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୭୮୮୪, ତା.୧୫.୦୩.୨୦୨୪ ରିଖରେ ପ୍ରକାଶିତ ହୋଇଅଛି । ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ପୂର୍ଣ୍ଣଚନ୍ଦ୍ରପୁର ନଂ-୧,** ଥାନା-ବେତନଟୀ, ନଂ.୯୪, ତହସିଲ-ମୋରଡା, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ମୟୂରଭଞ୍ଜ | ତହସିଲ-ମୋରଡା

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପୂର୍ଣ୍ଣଚନ୍ଦ୍ରପୁର ନଂ-୧ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୧.୦୯ | ଏକର ୦.୭୦ | ଏଥି ସହିତ ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ମୟୂରଭଞ୍ଜ | ତହସିଲ-ମୋରଡା

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୬.୦୪.୨୦୨୪ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

### ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା-୪୬/୨୦୨୨
ଏ.୦.୭୦ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ମହୁଲବଣୀ ମାଇନର ନିମନ୍ତେ
ମୌଜା-ପୂର୍ଣ୍ଣଚନ୍ଦ୍ରପୁର ନଂ-୧, ଥାନା-ବେତନଟୀ ନଂ.-୯୪, ତହସିଲ-ମୋରଡା, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୪୩ | ୪୪୪ | ୦.୫୯ | ୦.୩୬ | ଡାହି ଏକ | ଗୁରୁଚରଣ ମହାନ୍ତ, ତାରାଚାନ୍ଦ ମହାନ୍ତ, ରଇବୁ ମହାନ୍ତ, ଉଦୟ ମହାନ୍ତ, ପି:ଲାଲମୋହନ ମହାନ୍ତ, ଜା:କୁଡୁମି, ବା:ମହୁଲବଣି |
| ୧୮୩ | ୪୪୭ | ୦.୧୬ | ୦.୧୬ | ଡାହି ଏକ | ସୁଦନ ମାହାନ୍ତ, ପରେଶ ମାହାନ୍ତ, ପଦ୍ମଲୋଚନ ମାହାନ୍ତ, ପି:ଲକ୍ଷ୍ମଣ ମାହାନ୍ତ, କରୁଣା ମାହାନ୍ତ, ସୁରେନ୍ଦ୍ର ମାହାନ୍ତ, ଦାଶରଥି ମାହାନ୍ତ, ପାଗଳା ମାହାନ୍ତ, ପି:ବଜି ମାହାନ୍ତ, କମଳ ଲୋଚନ ମାହାନ୍ତ, ଗିରିଶ ମାହାନ୍ତ, ନରେନ୍ଦ୍ର ମାହାନ୍ତ, ଟୁନାରାମ ମାହାନ୍ତ, ପି:ସୁଖା ମାହାନ୍ତ, ଜକନୀ ମାହାନ୍ତ, ସ୍ୱା:ଲକ୍ଷ୍ମଣ ମାହାନ୍ତ, ରାସ ମାହାନ୍ତ,ସ୍ୱା:ବଜି ମାହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୯୩/୧୬୨ | ୪୪୪/୯୯୧ | ୦.୧୧ | ୦.୦୬ | ଡାହି ଏକ | ଭବେଶ ଚନ୍ଦ୍ର ମହାନ୍ତ, ସୁରେଶ ଚନ୍ଦ୍ର ମହାନ୍ତ, ନରେଶ ଚନ୍ଦ୍ର ମହାନ୍ତ, ପି:ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଜା:କୁଡୁମି, ବା:ମହୁଲବଣି |
| ୧୯୩/୨୩୦ | ୪୪୭/୧୦୬୪ | ୦.୨୩ | ୦.୧୨ | ଡାହି ଏକ | ଲଳିତା ମହାନ୍ତ, ନିରୁପମା ମହାନ୍ତ, ନିଳାଦ୍ରି ମହାନ୍ତ, ପି:ଜୟଲାଲ ମହାନ୍ତ, ଲବଙ୍ଗଲତା ମହାନ୍ତ, ସ୍ୱା:ଜୟଲାଲ ମହାନ୍ତ, ଜା:କୁଡୁମୀ, ବା:ମହୁଲବଣୀ |
| ମୋଟ | ୪ ପ୍ଲଟକୁ | ଏ. ୧.୦୯ ଡେ.ମି. | ଏ.୦.୭୦ ଡେ.ମି. | | |

**Sd./- Amin Bahalda Zone** | **Sd./- Revenue Inspector Bahalda Zone** | **Sd./- Zone Officer-cum-L.A. Collector S.I.P. Bahalda Zone** | **Sd./- Spl. Land Acquisition Officer SIP, Baripada**

**OIPR-24001/14/0128/2425**

## ODISHA PUBLIC SERVICE COMMISSION, CUTTACK
### NOTICE

**No. 6250/PSC Dt.05.11.2024**

No. D-: It is for information of all 03 provisionally qualified candidates for recruitment to the Post of **Lecturers in Chemical Engineering,** pursuant to Advt. No. 01 of 2023-24 that, Document Verification & Interview (Personality Test) for the said post will be held on 14.11.2024 in the Office of the Commission, at 19, Dr. P.K. Parija Road, Cuttack - 753001 as per the programme mentioned below:-

| Sl. No. | Roll No. of Candidates | Date of Document Verification & Interview (Personality Test) | Board | Time of Reporting by the Candidates | Time of Document Verification | Time of Interview (Personality Test) |
|---|---|---|---|---|---|---|
| 01 | 400007, 400012, 500007 **= 03 Candidates** | 14.11.2024 | Team - 1 | 01.00 P.M. | 01.30 P.M. | 03.00 P.M. |

The candidates are required to produce following original documents along with self-attested photocopies of all certificates/documents at the time of document verification failing which their candidature will be rejected.

1. Hard copy of online application form duly signed in.
2. Attestation Form and Bio-data Form (To be downloaded from the website of the Commission)
3. H.S.C. or Equivalent Certificate in support of declaration of age.
4. Intermediate/+2/Diploma Examination Certificate issued by the concerned Board/Council.
5. B.E./B.Tech. Degree Certificate in Chemical Engineering from a recognized University.
6. M.E./M.Tech. Degree Certificate from a recognized University, wherever applicable.
7. Marksheets of the above examinations passed (HSC to B.E./B.Tech. Degree or M.E./M. Tech. Degree).
8. Conversion Certificate wherever applicable
9. Odia Test Pass Certificate (M.E. School Standard).
10. SC/ST Caste Certificate in support of claim as SC/ST issued by the Competent Authority within the closing date of submission of online application, wherever applicable.
11. SEBC Certificate issued by the Competent Authority within the last three years by the closing date of submission of application, wherever applicable.
12. Discharge Certificate in case of Ex-Servicemen issued by the Commanding Officer of the Unit last served. Also, Ex-Servicemen candidates must furnish an Affidavit regarding not being appointed against any Civil Post (Format of Affidavit is enclosed as Annexure-I to this Notice).
13. Permanent Disability Certificate (indicating percentage of permanent disability i.e. 40% or more) issued by the concerned Medical Board, wherever applicable.
14. Sports Identity Card/Certificate issued by the Director of Sports, Odisha, wherever applicable.
15. If a candidate claims to possess qualification, equivalent to the prescribed qualification, the rule/authority (with number & date) under which it is so treated, must be furnished along with the hard copy of the online application.
16. Four recent passport size photographs (unsigned and unattested), which has been uploaded with online application form.
17. No objection certificate (in case of in-service candidates), wherever applicable.
18. Document in support of Identity. (Aadhar/DL/PAN Card/Voter ID Card).
19. Any other document as mentioned in Para-10 of Advt. No. 01 of 2023-24.

**NOTE:** The Candidates are informed that, teaching ability is a part of the Interview. They are to come prepared to present a Topic of their choice within 8 to 10 minutes before the interview board. White board shall be provided by the commission for the purpose.

**OIPR-12002/11/0084/2425** **Sd./- Secretary**


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଧାତୁ କ୍ରୟ ସମାଧାନ ଦିଗରେ ବୈପ୍ଲବିକ ପରିବର୍ତ୍ତନ




**ନୂଆଦିଲ୍ଲୀ,୬।୧୧**

ବେଦାନ୍ତ ଆଲୁମିନିୟମର ଇ-କମର୍ସ ପ୍ଲାଟ୍‌ଫର୍ମ ବେଦାନ୍ତ ମେଟାଲ ବଜାର ନିକଟରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏପରିକି ଧାତୁ କ୍ରୟ ସମାଧାନ ଦିଗରେ ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ବ୍ରାଣ୍ଡର ସମସ୍ତ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସ୍‌ଏମ୍‌ଇ)ର କ୍ରୟ କାର୍ଯ୍ୟକଳାପରେ ବ୍ୟାପକ ପରିବର୍ତ୍ତନ ଆଣିବାରେ ଏହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ସେହିଭଳି ଶୁଭାରମ୍ଭ ହେବାର ମାତ୍ର ୬ ମାସ ମଧ୍ୟରେ ଏସ୍‌ଏମ୍‌ଇ ଉପଭୋକ୍ତାଙ୍କ ସଂଖ୍ୟା ୩୫% ବୃଦ୍ଧି ଘଟିଥିଲାବେଳେ ସକ୍ରିୟ ଉପଭୋକ୍ତାଙ୍କ ସଂଖ୍ୟା ୨୪୦%କୁ ବୃଦ୍ଧି ପାଇଛି। ଏପରିକି ଇ କ୍ରୟ କୌଣସି କ୍ରୟ ସୀମା ବା କ୍ୟାପ୍ ବିନା ମେଟାଲ ବଜାର ବ୍ୟବସାୟର ଆବଶ୍ୟକ ପରିମାଣର ଆଲୁମିନିୟମକୁ ସିଧାସଳଖ ପ୍ରବେଶ ପ୍ରଦାନ କରିଥାଏ। ଏହି ଶୃଙ୍ଖଳିତ, ୱାନ୍‌ଷ୍ଟପ୍‌ସମାଧାନ କ୍ରୟ ବ୍ୟବସାୟ ଜଟିଳତା ଅପେକ୍ଷା ଛୋଟ ବ୍ୟବସାୟର ଅଭିବୃଦ୍ଧି ଉପରେ ବିଶେଷ ଧ୍ୟାନ ସହିତ ଏକ ବ୍ୟାପକ ଧାରାକୁ ସୂଚିତ କରିଥାଏ।

ସେହିପରି ସମ୍ପ୍ରତି ପ୍ଲାଟ୍‌ଫର୍ମ ଗ୍ରାହକଙ୍କ ଲାଗି ନିକଟରେ ଏକ ହ୍ୱାଟ୍ସଆପ୍ ଚାଟବଟ ସଫଳତାର ସହ ଲଞ୍ଚ କରିଛି। ଏହା ଉପଭୋକ୍ତା ଅନୁକୂଳ ବ୍ୟବସ୍ଥା ଏବଂ ଶୀଘ୍ର ଓ ସହଜରେ ଆବଶ୍ୟକ ସୂଚନା ଯଥା ମାଗଣା ବାଲାନ୍ସ, ଡେସ୍‌ପାଚ୍ ବିବରଣୀ ଇତ୍ୟାଦି ପ୍ରଦାନ କରିଥାଏ।

ଏହି ପ୍ଲାଟ୍‌ଫର୍ମ ଉଚ୍ଚମାନର ଆଲୁମିନିୟମ ଉତ୍ପାଦଗୁଡ଼ିକୁ ନିରବଚ୍ଛିନ୍ନ ପ୍ରବେଶ ପ୍ରଦାନ କରି ଡିଜିଟାଲ ଇଣ୍ଡିଆର ବିକାଶଶୀଳ ଆବଶ୍ୟକତାକୁ ପୂରଣ କରିଥାଏ। ଏପରିକି ଏହା ତତ୍କ୍ଷଣାତ ଅର୍ଡର, ମୂଲ୍ୟ ଲକିଂ ଓ ରିୟଲ ଟାଇମ ପଠାଇବା ଭଳି ଟ୍ରାକିଂ ପ୍ରକ୍ରିୟାଗୁଡ଼ିକୁ ଶୃଙ୍ଖଳିତ ଏବଂ ଡିଜିଟାଲ ସମାଧାନ ଜରିଆରେ ଭାରତୀୟ ଆଲୁମିନିୟମ ଗ୍ରାହକଙ୍କ ମଧ୍ୟରେ ବ୍ୟାପକ ବିସ୍ତାର ପ୍ରଦର୍ଶନକରି ଜଟିଳ ପାରମ୍ପରିକ ପ୍ରକ୍ରିୟାକୁ ଏହା ସରଳ କରିଥାଏ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ବେଦାନ୍ତ ମେଟାଲ ବଜାର ହେଉଛି, ଆଲୁମିନିୟମ କ୍ରୟକୁ ସୁଗମ କରାଇବା ସହିତ ପାରମ୍ପରିକ ସୋର୍ସିଂ ପଦ୍ଧତିକୁ ଏହା ପରିବର୍ତ୍ତନ କରାଇଛି ଓ ବ୍ୟବସାୟକୁ ଅଭିବୃଦ୍ଧି ଦିଗରେ ଆଗେଇ ନେବାରେ ସହାୟତା କରୁଛି। ଏପରିକି ଆମେ ଏକ ସମାଧାନ ଶିଳ୍ପ କରିବାକୁ ଲକ୍ଷ୍ୟ ରଖିଛୁ, ଯାହା କ୍ରୟ ଯାତ୍ରାକୁ ସରଳ କରିବ ଓ ଆମ ଗ୍ରାହକଙ୍କ ଲାଗି ବହୁମୂଲ୍ୟ ପ୍ରଦାନ କରିବ। ସେହିପରି ବ୍ୟବସାୟରେ ଏକ ବିକାଶଶୀଳ ଆବଶ୍ୟକତା ସହ ପ୍ଲାଟ୍‌ଫର୍ମର ଆଲାଇନମେଣ୍ଟର ପ୍ରମାଣ ଏବଂ ଆମ ଗ୍ରାହକଙ୍କୁ ଆହୁରି ଉନ୍ନତ ସେବା ଯୋଗାଇବା ଲାଗି ଏହାକୁ ବୃଦ୍ଧି କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ରହିଛୁ।

ଅପରପକ୍ଷରେ ବେଦାନ୍ତ ମେଟାଲ ବଜାର ଅନ୍‌ଲାଇନ ରେଟିଂ ୪.୩ ସହିତ ଗ୍ରାହକ ସନ୍ତୋଷ ହାସଲ କରିଛି। ଏହି ସଫଳତା ପ୍ଲାଟ୍‌ଫର୍ମର ଅନନ୍ୟ ଏଆଇ ସକ୍ଷମ ବୈଶିଷ୍ଟ୍ୟ ଗୁଡ଼ିକ ଦ୍ୱାରା ପରିଚାଳିତ ହୋଇଥାଏ।

# ଭାରତ-କାଜାକସ୍ଥାନ ଚୁକ୍ତିନାମା



**ଭୁବନେଶ୍ୱର,୬।୧୧**
**(ଅନୁରାଧା ମହାରଣା)**

ଭାରତରେ ଟାଇଟାନିୟମ୍ ସ୍ଲାଗ୍ ଉତ୍ପାଦନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯିବ। ଏଠାରୁ ଉତ୍ପାଦିତ ସାମଗ୍ରୀ ବିଭିନ୍ନ ଦେଶକୁ ରପ୍ତାନୀ କରାଯିବା ସହ ବିମାନ ଯନ୍ତ୍ରାଂଶ ନିର୍ମାଣ କ୍ଷେତ୍ରରେ ବ୍ୟାପକତା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଏଥିପାଇଁ ଇଣ୍ଡ୍-କାଜାକ୍ ଜଏଣ୍ଟ ଭେଞ୍ଚର କମ୍ପାନୀ ଏବଂ କାମେନୋଗୋରସ୍କୋ ଟାଇଟାନିୟମ୍ ଆଣ୍ଡ୍ ମାଗ୍ନେସିୟମ୍ ପ୍ଲାଣ୍ଟ ଜେଏସ୍‌ସି କାଜାକସ୍ଥାନ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ୟୁକେଟିଏମ୍‌ପିଜେଏସ୍‌ସି ପ୍ରେସିଡେଣ୍ଟ ଆସେମ୍ ମାମୁଟୋଭା ଏବଂ ଆଇଆର୍‌ଏଲ୍ (ଇଣ୍ଡିଆ) ଲିମିଟେଡ୍‌ର ଚେୟାର୍‌ମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଡ. ଦୀପେନ୍ଦ୍ର ସିଂହ ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଡ. ଏ.କେ. ମହାନ୍ତି, ଆସେମ୍ ମାମୁଟୋଭା, ଭାରତରେ ଅବସ୍ଥାପିତ କାଜାକସ୍ଥାନର ରିପବ୍ଲିକ୍ ଅଫ୍ କାଜାକସ୍ଥାନର ରାଷ୍ଟ୍ରଦୂତ ନୁର୍‌ଲାନ୍ ଜାଲଗାଏଭ୍, ଆଇଆର୍‌ଏଲ୍ (ଇଣ୍ଡିଆ) ଲିମିଟେଡ୍‌ର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଡ. ଦୀପେନ୍ଦ୍ର ସିଂ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଦେଶରେ ପ୍ରସ୍ତୁତ ଟାଇଟାନିୟମ୍ ପାଇଁ କଞ୍ଚାମାଲ ଯୋଗାଣ କ୍ଷେତ୍ରରେ ଓଡ଼ିଶାର ବଡ଼ ଭୂମିକା ରହିଛି। ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଦ୍ୱାରା ରାଜ୍ୟରୁ ବିରଳ ମୃତ୍ତିକା କଞ୍ଚାମାଲ ଯୋଗାଣ ବ୍ୟାପକ ହେବ। ଏହାଦ୍ୱାରା ଓଡ଼ିଶାରେ ମଧ୍ୟ ଏକ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

# ଅଲ୍ ନ୍ୟୁ ଥାର୍ଡ ଜେନେରେଶନ ହୋଣ୍ଡା ଆମେଜ୍‌ର ଟିଜର ରିଲିଜ




**ନୂଆଦିଲ୍ଲୀ,୬।୧୧**

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍(ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ଯାନ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ ଥାର୍ଡ ଜେନେରେଶନ ହୋଣ୍ଡୋ ଆମେଜ୍‌ର ଟିଜର ରିଲିଜ ନିକଟରେ ହୋଇଯାଇଛି। ଏପରିକି ଇନୋଭେଶନ ଆଣ୍ଡ ଷ୍ଟାଇଲିଶ ପ୍ରିମିୟମ କମ୍ପାକ୍ଟ ସେଡାନ ଡିଜାଇନ ସାଙ୍ଗକୁ ଯୁବ ଗ୍ରାହକ ଓ ଆଧୁନିକ ପରିବାର (ମଡର୍ନ ଫ୍ୟାମେଲିଜସ୍)କୁ ଆଖି ଆଗରେ ରଖି ଏହାର ଅୟ ଆରମ୍ଭ ହୋଇଛି। ସେହିଭଳି ଅଲ୍ ନ୍ୟୁ ଥାର୍ଡ ଜେନେରେଶନ ହୋଣ୍ଡା ଆମେଜ୍‌ରେ ଅନେକ ପ୍ରକାର ସୁବିଧା ସାଙ୍ଗକୁ ଆଧୁନିକ ବୈଶିଷ୍ଟ୍ୟଗୁଡିକ ମଧ୍ୟ ସାମିଲ ରହିଛି। ଏ ସମ୍ପର୍କରେ ଏଚ୍‌ସିଆଇଏଲ୍‌ର ପ୍ରେସିଡେଣ୍ଟ ତଥା ସିଇଓ ଟାକୁୟା ସୁମୁରା କହିଥିଲେ, ଆମେ ଆମର ଥାର୍ଡ ଜେନେରେଶନ ହୋଣ୍ଡା ଆମେଜର ଟିଜର ରିଲିଜ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ସବୁବେଳେ ଆମର ଭାରତୀୟ ଗ୍ରାହକଙ୍କ ପାଇଁ ଅତ୍ୟାଧୁନିକ ଓ ବିଳାସମୟ ଗାଡ଼ି ବା ମଡେଲ ଆଣିବାକୁ ପସନ୍ଦ କରିଥାଉ। ଏହି ୩ୟ ପିଢ଼ିର ଯାନ ସବୁ ବର୍ଗର ଗ୍ରାହକଙ୍କ ମନକୁ ଛୁଇଁବ ଏବଂ ଯୁବ ବର୍ଗ ଓ ଆଧୁନିକ ପରିବାର ଲୋକଙ୍କ ପାଇଁ ଏହା ବେଶ୍ ଆରାମଦାୟକ ଓ ବିଳାସପୂର୍ଣ୍ଣ ହେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଅକ୍ଟୋବରରେ ୫,୯୭,୭୧୧ ୟୁନିଟ୍ ଗାଡ଼ି ବିକ୍ରି

**ନୂଆଦିଲ୍ଲୀ,୬।୧୧**

ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆର ମାସିକ ଗାଡ଼ି ବିକ୍ରି ଫଳାଫଳ ନିକଟରେ ପ୍ରକାଶ ପାଇଛି। ୨୦୨୪ ଅକ୍ଟୋବରରେ କମ୍ପାନୀ ୫,୯୭,୭୧୧ ଗାଡ଼ି ବିକ୍ରି କରିଛି, ଯାହା ଗତ ବର୍ଷ ଏହି ଅବଧି ସମୟ ତୁଳନାରେ ୨୧% ଅଧିକ ବୋଲି କୁହାଯାଇଛି। ସେହିଭଳି କମ୍ପାନୀ ପକ୍ଷରୁ ଦେଶ ଭିତରେ ୫,୫୩,୧୨୦ ଗାଡ଼ି ବିକ୍ରି କରାଯାଇଥିବା ବେଳେ ୪୪,୫୯୧ ଗାଡ଼ି ରପ୍ତାନି କରାଯାଇଛି। ଏପରିକି ଦେଶ ଭିତର ବିକ୍ରିରେ କମ୍ପାନୀ ୨୦% ପ୍ରତିଶତ ଓ ରପ୍ତାନି କ୍ଷେତ୍ରରେ ୪୮% ଅଭିବୃଦ୍ଧି ହାସଲ କରିଛି।

ସେହିପରି ଚଳିତ ବର୍ଷ ଏପ୍ରିଲରୁ ଅକ୍ଟୋବର ମଧ୍ୟରେ କମ୍ପାନୀର ମୋଟ ବିକ୍ରି ୩୭,୫୬,୦୮୮ ଗାଡ଼ି ହୋଇଛି। ଏହି ସମୟ ଭିତରେ କମ୍ପାନୀ ଦେଶ ଭିତରେ ୩୪,୩୪,୫୩୯ ଗାଡ଼ି ବିକ୍ରି କରିଥିବା ବେଳେ ୩,୨୧,୫୪୯ ଗାଡ଼ି ରପ୍ତାନି କରିଛି। ଅପରପକ୍ଷରେ ଚଳିତ ବର୍ଷ ଉତ୍ସାହଜନକ ଧାରାକୁ ଜାରି ରଖି ଉତ୍ସବ ଋତୁରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିଥିବାବେଳେ ୨୦୨୪ ନଭେମ୍ବର ସେହି ଧାରାକୁ ବଜାୟ ରଖିବ ବୋଲି କମ୍ପାନୀ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି। ଏହି ମାସରେ କମ୍ପାନୀ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ ଓ ଛତିଶଗଡ଼ଠାରେ ୧କୋଟି ଦୁଇଚକିଆ ଯାନ ବିକ୍ରି କରିବାର ନୂଆ ମାଇଲଖୁଣ୍ଟ ହାସଲ କରିଛି।


# Classified Everyday
0674-2580101, 2549949

REAL ESTATE

## SALE

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9777154964, 9861463011.** D-1864

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9437054765, 9853035888.** D-1863

Ready to move 4 BHK Duplex bungalow at Botanda, Sundarapada, Bhubaneswar near Sai Villa, ranging 95 Lakhs. Contact: 9861125539 / 9040521173. D-76029

ଭୁବନେଶ୍ୱର ଟଙ୍କପାଣି ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିତୁରାସ୍ତାକୁ ଲାଗି ବିକ୍ରିହେବ। Ph.- 9437754190. D-1867

Your classified advertisement published in Dharitri will be listed free in Dharitri online edition: **dharitriepaper.in**

Healthcare

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-1852

Newly open health benefits spa special offer @799 Bapujinagar. 8018429809. D-76167

Newly open health benefits spa by expert therapist. Contact- 6371861658. D-76165

Newly open Jyoti SPA positively health benefits (Expert therapist). 8458067955. D-76166

## BUSINESS

ପ୍ରତ୍ୟେକ ପରିବାରର ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା/ପୁରୁଷ ନିଜ ଘରେ ରହି MLM ରେ ଦିନକୁ ୨ ଘଣ୍ଟା କାମକରି ପ୍ରତିଦିନ ୧୦୦୦/- ରୁ ୧୦,୦୦୦/- ଟଙ୍କା ରୋଜଗାର କରନ୍ତୁ। Contact: 9439493164. D-76207

## AFFIDAVIT

By virtue of an affidavit C.F. No.25 sworn before Executive Magistrate, Bhubaneswar declare that my name in passport wrongly mentioned as Asutosh Garg instead of Ashutosh Garg. Both name is one and same person. I shall be known as Ashutosh Garg for all purposes. D-1857

I, Ayank Dash, S/o Ashutosh Dash born on 29.10.2023 residing at Flat 304, Tulasi Dham Apartment, Paika Nagar West, Barmunda, Bhubaneswar -751003, have changed my name to Vayav Dash vide affidavit dated 9.10.2024 at Bhubaneswar. D-1859

I, Pallabi Satapathi, D/o. Kishor Mishra, W/o. Prabhakar Satapathi, R/o. At/P.O.- Lahanda, P.S.- Attabira, Dist.- Bargarh, Odisha declare by this affidavit No.3473 dt.28.10.2024 sworn before the Notary Public, Attabira I have changed my name from Nirupama Mishra to Pallabi Satapathi for all future purposes. D-1866

I, Sarojini Bhuyan(40), W/o Lt. Pranabandhu Nayak, Vill.: Panapadi, P.O.: Ramachandrapur, P.S.: Bonth, Dist.: Bhadrak, Pin: 756114. In my Aadhaar card bearing No. xxxx xxxx 3988 wrongly mentioned my nick name Pujarani Nayak. By this affidavit I declare that Sarojini Bhuyan and Pujarani Nayak, W/o Lt. Pranabandhu Nayak same and one person. D-1869

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ହିରୋ ମୋଟୋକର୍ପର ନୂତନ ମଡେଲ ଅନାବରଣ

**ନୂଆଦିଲ୍ଲୀ,୬।୧୧ (ଅଭୟ ଦାଶ)**




ଇଆଇସିଏମ୍‌ଏ-୨୦୨୪ରେ ହିରୋ ମୋଟୋକର୍ପର ନୂତନ ମଡେଲଗୁଡ଼ିକର ଅନାବରଣ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହିରୋ ମୋଟୋକର୍ପର କାର୍ଯ୍ୟନିର୍ବାହୀ ଅଧକ୍ଷ ଡ. ପୱନ ମୁନଞ୍ଜାଲଙ୍କ ସମେତ ସିଇଓ ନିରଞ୍ଜନ ଗୁପ୍ତା ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ହିରୋ ମୋଟୋକର୍ପର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ ଭିଡ଼ା ଜେଡ୍, ଏକ୍ସପଲ୍‌ସ୨୧୦, ଦି ଏକ୍ସଟ୍ରିମ୨୫୦ଆର ଏବଂ କରିଜ୍‌ମା ଏକ୍ସଏମ୍‌ଆର୍‌୨୫୦ ଭଳି ୪ଟି ନୂତନ ମଡେଲର ଅନାବରଣ ସହିତ ଇଆଇସିଏମ୍‌ଏ-୨୦୨୪ରେ ପ୍ରଦର୍ଶିତ ହୋଇଯାଇଛି। ଏପରିକି ୨୦୨୪ ଦ୍ୱିତୀୟାର୍ଦ୍ଧରେ କମ୍ପାନୀ ୟୁରୋପ ଏବଂ ୟୁକେର ତା'ର ବିବିଧ ଯୋଜନା ସମ୍ପର୍କରେ ମଧ୍ୟ ଘୋଷଣା କରିଛି। ବ୍ରାଣ୍ଡ୍ ସମଗ୍ର ପୃଥିବୀ ପାଇଁ ନବୀକରଣୀୟ ତଥା ମେକିଂ ଇନ୍ ଇଣ୍ଡିଆର ସେହି ଭାବକୁ ବାସ୍ତବତାରେ ପରିଣତ କରିପାରିଛି। ଏଭଳି ଏକ ଧାରା ଆମର ସମସ୍ତ ପ୍ରକାର କାର୍ଯ୍ୟ ଧାରାର ଦିଗକୁ ତଥା ରହିଥିବା ୧୨୦ ମିଲିୟନ ଗ୍ରାହକମାନଙ୍କୁ ଆମର ଉତ୍ସର୍ଗୀକୃତ ସେବା ଦ୍ୱାରା ମଜଭୁତ କରିବା ସହିତ ଏକ ପରିବେଶ ଅନୁକୂଳିତ ପୋଷଣତ୍ୱକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଛି। ସେହିଭଳି ହିରୋ ମୋଟୋକର୍ପ ଏକ ବିଶ୍ୱସ୍ତରୀୟ ନେତୃତ୍ୱର ବିଶ୍ୱାସ ଉପରେ ଆଗକୁ ବଢ଼ି ଏହାର ବିଶ୍ୱସନୀୟତା ତଥା ଯନ୍ତ୍ରାଂଶ ଉପରେ ନମନୀୟତାକୁ ଧରି ରଖିପାରିଛି। ଏଭଳି ଏକ ବିଶ୍ୱାସକୁ ପାଥେୟ କରି ଆମର ବିଶ୍ୱସ୍ତରୀୟ ଏହି ଉତ୍ପାଦନ ସାମଗ୍ରୀ ୟୁରୋପ ତଥା ୟୁକେରେ ଏହାର ଭିତ୍ତି ସ୍ଥାପନ ପ୍ରସାରିତ ପାଇଁ ଉଦ୍ୟମ ଜାରି ରଖିଛି।

ସେହିପରି ଭବିଷ୍ୟତରେ ଚଳମାନ ହେବା ଏଭଳି ଏକ ଦୂରଦୃଷ୍ଟିତା ସହିତ ଏକାଠି ହୋଇ ହିରୋ ମୋଟୋକର୍ପର ପ୍ରିମିୟମ ଦୂରତାର ନୂତନ ପ୍ରସ୍ତାବିତ ଇଣ୍ଟରନାଲ କମ୍ବସନ ଇଞ୍ଜିନ (ଆଇସିଇ) ତଥା ପୁରସ୍କାର ବିଜେତା ଇଲେକ୍ଟ୍ରିକ ଯାନ, ଭବିଷ୍ୟତକାରୀ ସର୍ଜ ଏସ୍‌୩୨, ଏଫ୍‌ଆଇଏମ୍ ବିଶ୍ୱ ଚାମ୍ପିୟନଶିପ ବିଜେତା ରୋମାଞ୍ଚକର ମେଶିନ ହିରୋ ୪୫୦ ର୍‍ୟାଲି ତଥା ପଥ ବିସ୍ଫୋରକ ଇଲେକ୍ଟ୍ରିକ ପ୍ରସଙ୍ଗକୁ ଏଠାରେ ପ୍ରଦର୍ଶିତ କରିଛି। ଏପରିକି ୪ଟି ବିଶ୍ୱସ୍ତରୀୟ ଉତ୍ପାଦନର ଅନାବରଣ ନିକଟରେ ହୋଇଯାଇଛି, ଯାହା ମଧ୍ୟରେ ପ୍ରତ୍ୟେକଟିରେ ବିଶ୍ୱସ୍ତରୀୟ ପରିଚୟ, ବିଭାଗ-ନେତୃତ୍ୱକାରୀ ବିଶେଷତ୍ୱ, ଆଧୁନିକ ଜ୍ଞାନକୌଶଳ ତଥା ଏକ ଯାନ୍ତ୍ରିକ ଦକ୍ଷତା ସାମିଲ ରହିଛି, ଯାହାକି ହିରୋ ମୋଟୋକର୍ପକୁ ଏକ ସର୍ବକାଳୀନ ବୈଶିଷ୍ଟ ସମ୍ପନ୍ନ ପ୍ରତିଷ୍ଠାନ ଭାବେ ସୂଚିତ କରିଛି।


# ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

**ସ୍ୱର୍ଗତ ନବକିଶୋର ମହାନ୍ତି**
ଆବିର୍ଭାବ : ତା ୧୭.୧୧.୧୯୪୨
ତିରୋଧାନ : ତା ୨୮.୧୦.୨୦୨୪
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ଓ ମୋକ୍ଷପ୍ରାପ୍ତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
- ଶୋକସନ୍ତପ୍ତ -
ପୁତ୍ର - ମଣ୍ଟୁ, ଲିଟୁ, ପୁପୁ, କୁଲୁ, ପୁଅ,
ବୋହୂ - ରେନି, ଲୈଲା ଏବଂ ଏରବଙ୍ଗ ନୋଡାଲ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀବୃନ୍ଦ।
D-1868

ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ

**୰ ରେଣୁବାଳା ପଣ୍ଡା**
ଗୁଣ୍ଡିଚ୍ଚାବିହାର, ପୁରୀ
ଆବିର୍ଭାବ : ତା ୧୨.୦୯.୧୯୫୨
ତିରୋଧାନ : ତା ୦୪.୧୧.୨୦୦୮
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଓ ବନ୍ଧୁବାନ୍ଧବ
D-1854


**୰ ଅନ୍ନପୂର୍ଣ୍ଣା ରଥ**
ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ : ୨୭.୧୧.୧୯୫୨
ତିରୋଧାନ : ୨୫.୧୦.୨୦୧୭
ତୁମର ସ୍ନେହ, ଶ୍ରଦ୍ଧା, ପ୍ରେରଣା, କର୍ତ୍ତବ୍ୟ ନିଷ୍ଠା ଓ ଶୁଭାଶୀର୍ବାଦ ଆମମାନଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ।
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
D-1858


# ଶେୟାର ବଜାର କାରବାରରେ ଉତ୍ସାହ



**ମୁମ୍ବାଇ,୬।୧୧**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୯୦୧ (୯୦୧.୫୦) ପଏଣ୍ଟ ବଢ଼ି ୮୦,୩୭୮ (୮୦,୩୭୮.୧୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ପ୍ରାୟ ୨୭୧ (୨୭୦.୭୫) ପଏଣ୍ଟ ବୃଦ୍ଧି ଘଟି ୨୪,୪୮୪ (୨୪,୪୮୪.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ତୁ ମୋ କମ୍‌ଜୋରି

ସୁପ୍ରିମ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ରିଲିଜ୍ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ତୁ ମୋ କମ୍‌ଜୋରି'। ଚିତ୍ରଟିର ପ୍ରଯୋଜନା କରିଛନ୍ତି ସୁରେଶ ସାହୁ ଏବଂ ସହ-ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ଭାର୍ଗବୀ ତ୍ରିପାଠୀ। ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ବିଶ୍ୱାଳ। ଫିଲ୍ମଟିର କାହାଣୀ ବିଷୟରେ ସୁରେଶ କହନ୍ତି, 'ଏକ ଭିନ୍ନ ଧରଣର କଥାବସ୍ତୁକୁ ନେଇ ଏହି ଫିଲ୍ମଟି ପ୍ରସ୍ତୁତ ହୋଇଛି। କେବଳ ସେତିକି ନୁହେଁ, କାହାଣୀ ଅନୁସାରେ କଳାକାର ଚୟନ, ସଂଳାପ ରଚନା ଏବଂ ଦୃଶ୍ୟାୟନ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଦର୍ଶକ ଏଥିରୁ ସ୍ପେଶାଲ ଚାର୍ମ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ।' ବସନ୍ତରାଜ ସାମଲ, ସୁବ୍ରତ ସ୍ୱାଇଁ ଏବଂ ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। କଣ୍ଠଦାନ କରିଛନ୍ତି ଦୀପ୍ତିରେଖା ପାଢ଼ୀ, ହ୍ୟୁମାନ୍ ସାଗର, ସବିଶେଷ, ଆଶୁତୋଷ ଏବଂ ଅନନ୍ୟା ଶ୍ରୀତମ୍ ନନ୍ଦ। ଉକ୍ତ ସିନେମାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ରାକେଶ ଦେଓ। ନାୟିକା ଭାବରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଅନୁଭା ଏବଂ ଲିପିକା। ଏମାନଙ୍କ ବ୍ୟତୀତ ରତନ ମେହେର, ଅଶ୍ରୁମୋଚନ ମହାନ୍ତି, ନଟିଆ, ସଚିନ, ଯୋଗେଶ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି।



'ତୁ ମୋ କମଜୋରି' ଫିଲ୍ମରେ (ବାମରୁ) ଲିପିକା, ଦୀପକ, ଅନୁଭା)

# ଗେଟ୍ ଅପ୍ ନେବା ପରେ...

କଙ୍ଗନା ରାଣାଓ୍ୱତ ଏକଦା ଏମିତି ଭାବପ୍ରବଣ ହୋଇପଡ଼ିଲେ ଯେ, ତାଙ୍କ ଆଖିରୁ ଦୁଇଟୋପା ଲୁହ ଗଡ଼ିପଡ଼ିଲା। ଏଭଳି ଘଟଣା ଘଟିଥିଲା 'ତେଜାସ୍' ଫିଲ୍ମର ଶୁଟିଂ ସମୟରେ। ଏଥିରେ କଙ୍ଗନା ଜଣେ ଏୟାରଫୋର୍ସ ଅଫିସର ଭୂମିକାରେ ଅଭିନୟ କରିଥିଲେ। ଯେତେବେଳେ ସେ ଏହି ଗେଟ୍ ଅପ୍ ନେଇଗଲେ ଆଉ ଆଇନା ସାମ୍ନାରେ ଠିଆ ହେଲେ, ସେତେବେଳେ ତାଙ୍କ ଆଖି ଛଳଛଳ ହୋଇଯାଇଥିଲା। ଏ ନେଇ କଙ୍ଗନା କହନ୍ତି, 'ଏହି ଫିଲ୍ମର ଶୁଟିଂ ପାଇଁ ମେକ୍ ଅପ୍ ନେବା ପରେ ଯେତେବେଳେ ମୁଁ ନିଜକୁ ଆଇନା ସମ୍ମୁଖରେ ଦେଖିଲି ଇମୋଶନାଲ ହୋଇପଡ଼ିଥିଲି। ଏୟାରଫୋର୍ସ ଡ୍ରେସ ପିନ୍ଧିବା ଛୋଟିଆ କଥା ନୁହେଁ। ଅଭିନୟ ପାଇଁ ହେଉ ସେଥିରେ କିଛି ନାହିଁ, ଏହି ଗେଟ୍ ଅପ୍‌ରେ ମୋ ମନରେ ଦେଶଭକ୍ତି ଭାବନା ଆହୁରି ଜାଗ୍ରତ ହୋଇ ଉଠିଥିଲା। ଏପରି କି କିଛି ସମୟ ପାଇଁ ମୁଁ ସ୍ଥିର ହୋଇଠିଆ ହୋଇଯାଇଥିଲି। ମୋ ଆଖିରୁ ଦୁଇ ଟୋପା ଆନନ୍ଦାଶ୍ରୁ ଗଡ଼ିପଡ଼ିଥିଲା।' ଏହି ଫିଲ୍ମଟିର ପ୍ରଯୋଜନା କରିଥିଲେ ରୋନି ସ୍କ୍ରୁଓ୍ୱାଲା। ନିର୍ଦ୍ଦେଶନା ଦେଇଥିଲେ ସର୍ବେଶ ମଓ୍ୱାଡ଼ା। ଫିଲ୍ମଟି ବକ୍ସ ଅଫିସରେ ଆଶାନୁରୂପ ବିଜ୍‌ନେସ୍ କରିବାରେ ସକ୍ଷମ ହୋଇଥିଲା। କଙ୍ଗନାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଗ୍ୟାଙ୍ଗଷ୍ଟର'ରୁ। ଏହି ଫିଲ୍ମଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଉକ୍ତ ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା। ଏବେ ତାଙ୍କ ନିର୍ଦ୍ଦେଶିତ ଏବଂ ଅଭିନୀତ 'ଇମର୍ଜେନ୍ସି' ରିଲିଜ୍ ଅପେକ୍ଷାରେ।



'ତେଜାସ୍' ଫିଲ୍ମରେ କଙ୍ଗନା

# ଭଲ ସମୟ ଆସିଛି

"ନିଜ ସିନେମାକୁ ନେଇ କେବଳ ବୁକୁଫଟା ଚିତ୍କାର କଲେ ହେବ ନାହିଁ, ଏହାର ନିର୍ମାଣଶୈଳୀ ସେହିଭଳି ହେବା ଦରକାର। ନ ହେଲେ ଦର୍ଶକ ତାହାକୁ ପ୍ରତ୍ୟାଖ୍ୟାନ କରିବାକୁ ବାଧ ହେବେ। ନିକଟ ଅତୀତରେ କେତୋଟି ଭଲ ସିନେମା ନିର୍ମାଣ ହେବା ଏବଂ ସେଗୁଡ଼ିକ ଦର୍ଶକାଦୃତ ହେବା ପରେ ଏବେ ସେହି ଧାରାକୁ 'କର୍ମ' ଆଉ କିଛି ବାଟ ନିଶ୍ଚୟ ଆଗେଇ ନେଇଛି।"

ବିଶେଷ ଭାବରେ ଦୁର୍ଗାପୂଜା ସମୟରେ ରିଲିଜ୍ ହେଉଥିବା ଓଡ଼ିଆ ସିନେମାକୁ ନେଇ ଅନେକ ଚର୍ଚ୍ଚା ହୁଏ। ଏହି ଧାରା ଏବେକାର ନୁହେଁ, କିନ୍ତୁ ତା' ମଧ୍ୟରେ ଭଲ ଓ ମନ୍ଦର ବିଚାରଧାରାରେ ଦର୍ଶକ ଗୋଟିଏ ଦୁଇଟି ସିନେମା ପ୍ରତି ବିଶେଷ ଆକର୍ଷିତ ହୋଇଥାଆନ୍ତି। ଚଳିତବର୍ଷ ଦଶହରାରେ ଯେଉଁ କେତୋଟି ସିନେମା ରିଲିଜ୍ ହୋଇଥିଲା, ତନ୍ମଧ୍ୟରୁ 'କର୍ମ' ଦର୍ଶକଙ୍କୁ କିଭଳି ପ୍ରଭାବିତ କରିଛି ତାହା ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ। ଅବଶ୍ୟ ଏହାବ୍ୟତୀତ ଅର୍ଦ୍ଧେନ୍ଦୁ ସାହୁଙ୍କ 'ଭିଲେନ୍' ଏବଂ କୁମାର ପ୍ରୀତମ୍ ସାହୁଙ୍କ ପ୍ରଯୋଜିତ 'ଦୁର୍ଗା' ରିଲିଜ୍ ହୋଇଥିଲା। କିନ୍ତୁ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଏବଂ ଅନ୍ୟତମ ଲୋକପ୍ରିୟ ଅଭିନେତା ଅନୁଭବ ମହାନ୍ତିଙ୍କ ଅଭିନୀତ 'କର୍ମ' ଓଡ଼ିଆ ସିନେମାରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି ବୋଲି ନିଶ୍ଚୟ କୁହାଯାଇପାରେ। ଏହି ସମୟରେ ମନେପଡ଼େ ୧୯୮୮ ମସିହା କଥା। ସେତେବେଳେ ଦୁର୍ଗାପୂଜା ଅବସରରେ ଦୁଇଟି ସିନେମା- ଅମିୟ ପଟ୍ଟନାୟକଙ୍କର 'ପୁଅ ମୋର କଳାଠାକୁର', ବସନ୍ତ ନାୟକଙ୍କର 'ଯାହାକୁ ରଖିବେ ଅନନ୍ତ' ଏବଂ 'ଅନ୍ୟାୟ ସହିବି ନାହିଁ' ରିଲିଜ୍ ହୋଇଥିଲା। 'ପୁଅ ମୋର କଳାଠାକୁର'ର ପ୍ରଚାରଶୈଳୀ ସେ ସମୟରେ ବେଶ୍ ଆକର୍ଷଣୀୟ ଥିଲା। ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ଏକ ସୁଦୃଶ୍ୟ ଗେଟ୍ ତିଆରି କରାଯାଇଥିଲା। ଅନ୍ୟପକ୍ଷରେ ଦର୍ଶକଙ୍କୁ ଆକର୍ଷିତ କରିବା ପାଇଁ ରିଲିଜ୍ ଦିନ ସକାଳୁ ଏକ ଗ୍ଲାଇଡରରେ ପ୍ରଚାରପତ୍ର ଫୋପଡ଼ା ଯାଇଥିଲା। ଯିଏ ତାହାକୁ ପାଇବ ସେ ମାଗଣାରେ ଫିଲ୍ମଟିକୁ ଦେଖିପାରିବ ବୋଲି ସେଥିରେ ଉଲ୍ଲେଖ ଥିଲା। ଅମିୟଙ୍କ ପୁଅ ଅନୁପମ ଏହାପୂର୍ବରୁ 'ତ୍ରିକନ୍ୟା' ଏବଂ 'ପ୍ରତୀକ୍ଷା' ନିର୍ଦ୍ଦେଶନା ଦେଇସାରିଛନ୍ତି ଏବଂ ଫିଲ୍ମଦ୍ୱୟ ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। କେବଳ ସେତିକି ନୁହେଁ, 'ପ୍ରତୀକ୍ଷା' ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇସାରିଛି। ଭଲ ସିନେମାଟିଏ ନିର୍ମାଣ କରିବାକୁ ହେଲେ କେବଳ ପ୍ରଯୋଜକ ନୁହନ୍ତି, ଏହାର ନିର୍ଦ୍ଦେଶକ, କଳାକାର ଏବଂ ଚିତ୍ର ସହ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷ ନିଜ ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇବା ନିହାତି ଦରକାର। ନିଜ ସିନେମାକୁ ନେଇ କେବଳ ବୁକୁଫଟା ଚିତ୍କାର କଲେ ହେବ ନାହିଁ, ଏହାର ନିର୍ମାଣଶୈଳୀ ସେହିଭଳି ହେବା ଦରକାର। ନ ହେଲେ ଦର୍ଶକ ତାହାକୁ ପ୍ରତ୍ୟାଖ୍ୟାନ କରିବାକୁ ବାଧ ହେବେ। ନିକଟ ଅତୀତରେ କେତୋଟି ଭଲ ସିନେମା ନିର୍ମାଣ ହେବା ଏବଂ ସେଗୁଡ଼ିକ ଦର୍ଶକାଦୃତ ହେବା ପରେ ଏବେ ସେହି ଧାରାକୁ 'କର୍ମ' ଆଉ କିଛି ବାଟ ନିଶ୍ଚୟ ଆଗେଇ ନେଇଛି। ଭଲ ସିନେମା ସବୁବେଳେ ପ୍ରଶଂସାଯୋଗ୍ୟ। କିନ୍ତୁ କପିଟପି କରି ସିନେମା ନିର୍ମାଣ କରିବା ଏବଂ ଫିଲ୍ମଟି ଫ୍ଲପ୍ ହେବା ପରେ ଅନୁଶୋଚନା କରିବାର ଅର୍ଥ ସଂପୃକ୍ତ ପ୍ରଯୋଜକମାନେ ବୁଝିବା ନିହାତି ଦରକାର।

ବର୍ତ୍ତମାନ କେଉଁଭଳି ଚିନ୍ତାଧାରାକୁ ନେଇ ସିନେମାଟିଏ ନିର୍ମାଣ କଲେ ତାହା ଭଲ ବିଜ୍‌ନେସ୍ କରିବ ସେ ନେଇ ପ୍ରଯୋଜକ ପ୍ରଥମେ ଚିନ୍ତା କରିବା ନିହାତି ଆବଶ୍ୟକ।

ବର୍ତ୍ତମାନ ଯୁବପିଢ଼ି ଯେ କୌଣସି ସିନେମାକୁ ନେଇ ଭଲ ଭାବରେ ବିଶ୍ଳେଷଣ କରୁଛନ୍ତି। ତେଣୁ ସିନେମାଟିଏ ତିଆରି କଲେ ସବୁ ଦିଗ ପ୍ରତି ଗୁରୁତ୍ୱ ନ ଦେଲେ କେବଳ ଅଯଥା ଖର୍ଚ୍ଚାନ୍ତ ହେବା ସାର।

ଦିନ ଥିଲା ପଛକୁ ପଛ ଭଲ ଓଡ଼ିଆ ସିନେମା ତିଆରି ହେଉଥିଲା। ଆମ ସିନେମା ଜଗତ ୮୭ ବର୍ଷରେ ପ୍ରଦାର୍ପଣ କଲାଣି। ହେଲେ ପରିପକ୍ୱତାର ଅଭାବ ଅନେକ ସିନେମାରେ ଜଳ ଜଳ ହୋଇ ଦେଖାଯାଉଛି। ତେଣୁ ଏବେ ଏପରି ସମୟ ଆସିଛି, ଯାହା ଭଲ ସିନେମାଟିଏ ନିର୍ମାଣ କରିବାକୁ ପ୍ରଯୋଜକମାନଙ୍କୁ ପ୍ରେରଣା ଦେବ।

**-ଦିଲୀପ ହାଲି,** ବଡ଼ଗଡ଼, ଭୁବନେଶ୍ୱର

ମୋ: ୯୮୬୧୦୦୯୨୫୨

# ଭୁଲିହେବନି ପୂଜା

ଐତିହାସିକ ଫିଲ୍ମ 'ମହେଞ୍ଜୋଦାରୋ'ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ପୂଜା ହେଗ୍‌ଡେ। ହେଲେ ସେ ଗୋଟିଏ କଥାକୁ ଶେଷ ଜୀବନ ପର୍ଯ୍ୟନ୍ତ ଭୁଲିପାରିବେ ନାହିଁ। ନିକଟରେ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ହ୍ରିତିକ ରୋଶନ ତାଙ୍କୁ ଏକ ଗିଫ୍ଟ ଦେଇଥିଲେ। ତାହା କ'ଣ ଥିଲା ଜାଣନ୍ତି? ମହେଞ୍ଜୋଦାରୋର ଏକ ପ୍ରତିକୃତି। ସେହି ଗିଫ୍ଟକୁ ଯେତେବେଳେ ସେ ଖୋଲିଦେଲେ, ସେତେବେଳେ ତାଙ୍କର ଖୁସିର ସୀମା ରହି ନ ଥିଲା। ଏ ବିଷୟରେ ପୂଜା କହନ୍ତି, 'ନିକଟରେ ଏକ ସାକ୍ଷାତ୍ ଅବସରରେ ହ୍ରିତିକ ମୋତେ ଏକ ଗିଫ୍ଟ ଦେଇଥିଲେ। ଦେବା ସମୟରେ ସେ ମୋତେ କହିଥିଲେ ଯେ, 'ଏହି ଗିଫ୍ଟଟି ମୋ ପାଇଁ ସ୍ପେଶାଲ।' ଘରକୁ ଯିବା ପରେ ଯେତେବେଳେ ତାକୁ ଖୋଲି ଦେଖିଲି, ମୋ' ଖୁସିର ସୀମା ରହି ନ ଥିଲା। କାରଣ ତାହା ଥିଲା ମହେଞ୍ଜୋଦାରୋର ଏକ ରିପ୍ଲିକା। ଏହି ଗିଫ୍ଟଟିକୁ ମୁଁ ସାରାଜୀବନ ଭୁଲିପାରିବି ନାହିଁ। ୨୦୧୬ରେ ପରଦା ଉପରକୁ ଆସିଥିଲା 'ମହେଞ୍ଜୋଦାର', ଯାହାର ନିର୍ଦ୍ଦେଶନା ଦେଇଥିଲେ ଆଶୁତୋଷ ଗୋଓ୍ୱାରିକର।



ପୂଜା

# ଟେନ୍‌ସନ୍‌ରେ କିଆରା

ଏଣୁ ମାରିଲେ ଗୋ-ହତ୍ୟା, ତେଣୁ ମାରିଲେ ବ୍ରହ୍ମହତ୍ୟା। ଏପରି ପରିସ୍ଥିତିକୁ ମୁକାବିଲା କରିବା ଏତେ ସହଜ କଥା ନୁହେଁ। ଆଉ ସେଥିରୁ ବା କିଆରା ଆଡ୍‌ୱାନୀ ବାଦ୍‌ପଡ଼ନ୍ତେ କିପରି? କଥା କ'ଣ କି ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଯାଇଥିଲେ। ଏହି ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ ବେଶ୍ ଭଲ ଭାବରେ ଅବଗତ ହୋଇଥିଲେ। ହେଲେ ଗୋଟିଏ କଥା ଲାଗି ପ୍ରୋଜେକ୍ଟଟି ଅଧାରେ ଲଟକି ରହିଛି। ଶୁଣିବାକୁ ମିଳୁଛି ଯେ, ଏହି ଭୂମିକା ପାଇଁ କିଆରା କୁଆଡ଼େ ଡବଲ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି। କାରଣ ଏଥିରେ ତାଙ୍କୁ ବେଶ୍ କେତୋଟି ଗରମାଗରମ ଶଟ୍ ଦେବାକୁ ପଡ଼ିବ। ତେଣୁ ସେଥିପାଇଁ ସେ ପାରିଶ୍ରମିକକୁ ଏକାଥରେ ଦୁଇଗୁଣା କରିଦେଇଛନ୍ତି। ଯେତେବେଳେ ଏହି କଥା କିଆରାଙ୍କ କାନରେ ପଡ଼ିଲା, ସେ ବା କେମିତି ଚୁପ୍ ହୋଇ ବସିପାରନ୍ତେ! ଏଭଳି ବିଷୟକୁ ନେଇ ସଫେଇ ଦେଇଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ନୂଆ ସିନେମାର କାହାଣୀ ମୋ ମନକୁ ଛୁଇଁଛି। ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡ଼ିବ। ସେଥିପାଇଁ ମୋତେ ଅଧିକ ପାରିଶ୍ରମିକ ଦେବାକୁ ପ୍ରଯୋଜକ ନିଜ ପଟରୁ ସୂଚନା ଦେଇଛନ୍ତି। ହେଲେ ଯାହା ଆଲୋଚନା ହେଉଛି ଯେ ଏହି ଫିଲ୍ମ ପାଇଁ ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ତାହା ଆଦୌ ସତ ନୁହେଁ। କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ମୁଁ ଯେ ମୋର ପାରିଶ୍ରମିକକୁ ଏକାଥରେ ଡବଲ କରିଦେବି- ଏକଥା କଦାପି ସମ୍ଭବ ନୁହେଁ।



କିଆରା

# ହାଫ୍ ଲଭ୍ ଷ୍ଟୋରୀ

ଅଞ୍ଜନେୟ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ପ୍ରସ୍ତୁତ ଓଡ଼ିଆ ସିନେମା 'ହାଫ୍ ଲଭ୍ ଷ୍ଟୋରୀ' ଚଳିତ ମାସ ୧୫ରେ ସାରା ଓଡ଼ିଶାରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ପ୍ରଭାତ କୁମାର ପ୍ରଧାନ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)। ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଦେବୀଦତ୍ତ ମହାନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ। ଗୀତ ରଚନା କରିଛନ୍ତି ଡ. ନିର୍ମଳ ନାୟକ, ଅରୁଣ ମନ୍ତ୍ରୀ ଏବଂ ଡା. ଶୁଭ ଦାଶ। କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଆଗଧାଡ଼ିର କୋରିଓଗ୍ରାଫର ଅମିତ ନାୟକ।

କାହାଣୀ ଅନୁସାରେ ଏକ ମଫସଲ ଗାଁର ମା'ବାପା ଛେଉଣ୍ଡ ଯୁବକ ଶିବୁ। ଶିବୁ ମାମୁଙ୍କ ଘରେ ରୁହେ। ଗାଁରେ ମାମୁଙ୍କର ଡାଲି ଚାଉଳ ଦୋକାନଟିଏ। ହରିଆ ତା'ର ଘନିଷ୍ଠ ବନ୍ଧୁ। ପଡ଼ୋଶୀ ଗାଁର ଝିଅକୁ ଦେଖି ଶିବୁ ପସନ୍ଦ କରିଛି ଏବଂ ମନେମନେ ଭଲ ପାଇବସିଛି। ତାକୁ ବାହା ହେବ ବୋଲି ପ୍ରସ୍ତାବ ଦେଇଛି। ଝିଅ ମଧ୍ୟ ରାଜି ହୋଇଯାଇଛି। କିନ୍ତୁ ପୂର୍ବରୁ ଗୁଡ଼ାଏ ପ୍ରସ୍ତାବ ଭାଙ୍ଗି ଯାଇଥିବାରୁ ପୁଅର ମାମୁ ବିରକ୍ତ ହୋଇଛନ୍ତି। ଶିବୁ ଝିଅ ସହିତ ପୁଣି ଥରେ ଦେଖା ହେବା ପରେ ସବୁ କଥା କହିଛି। ଆଉ ତା'ପରେ କ'ଣ ଘଟିଛି? ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହେଉଛନ୍ତି କି? ଏହି ଝିଅ ପଛରେ ଏକ ରୋମାଞ୍ଚକର କାହାଣୀ ଲୁଚି ରହିଛି। ତାହା କ'ଣ? ସେ ସମ୍ପର୍କରେ ଜାଣିବାକୁ ଏହି ସିନେମାଟିକୁ ଦେଖିବାକୁ ହିଁ ପଡ଼ିବ। ତେବେ ମାମୁ ଚରିତ୍ରରେ ସ୍ୱର୍ଗତ ପିଣ୍ଟୁ ନନ୍ଦ ଏବଂ ମାଇଁ ଚରିତ୍ରରେ ଜ୍ୟୋତି ମିଶ୍ର, ଘନିଷ୍ଠ ବନ୍ଧୁ ହରିଆ ଚରିତ୍ରରେ ହରିହର ମହାପାତ୍ର ଅଭିନୟ କରିଛନ୍ତି। ଚିତ୍ରଟିର ନାୟକ ଭାବେ ସୁନୀଲ କୁମାର ଅଭିନୟ କରିଥିବା ବେଳେ ଅନ୍ୟାନ୍ୟ ଭୂମିକାରେ କୁକିଜ୍ ସ୍ୱାଇଁ, ମନସ୍ୱିନୀ, ପିଣ୍ଟୁ ନନ୍ଦ, ଜ୍ୟୋତି ମିଶ୍ର, ହରିହର ମହାପାତ୍ର ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ରର କ୍ରିଏଟିଭ ହେଡ୍ ଅଛନ୍ତି ମିଡ଼ିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ।



'ହାଫ୍ ଲଭ୍ ଷ୍ଟୋରୀ' ଫିଲ୍ମରେ ସୁନୀଲ କୁମାର-କୁକିଜ୍

ନୂଆ ସିନେମା

# ଆସିକ୍ ଦିୱାନା

ଏହି ସିନେମାର ଟାଇଟଲରୁ ସ୍ପଷ୍ଟ ଜଣାପଡୁଛି ଯେ ଏହାର କାହାଣୀ ପ୍ରେମ ଉପରେ ପର୍ଯ୍ୟବସିତ। ତାହା ତ ଠିକ୍, ହେଲେ ଏଥିରେ ଲଭ୍, ଇମୋଶନ, ଆକ୍ସନ, ଫ୍ୟାମିଲି ଡ୍ରାମା, କମେଡି ଭରି ରହିଛି। ସବୁଠାରୁ ଖାସ୍ କଥା ହେଲା, ଅନ୍ୟତମ ପୁରୁଣା ପ୍ରଯୋଜକ ପ୍ରମୋଦ ସ୍ୱାଇଁ ବେଶ୍ କିଛି ବର୍ଷର ଗ୍ୟାପ୍ ପରେ ପୁଣି ଥରେ ପ୍ରଯୋଜନା ମଇଦାନକୁ ଓହ୍ଲାଇଛନ୍ତି। ଫିଲ୍ମଟିର ଟାଇଟଲ ରହିଛି 'ଆସିକ ଦିୱାନା'। ଏହାର ମୁଖ୍ୟ ଭୂମିକାରେ ଦୀପକ ଏବଂ ରିୟାଙ୍କୁ ଦେଖିବାକୁ ମିଳିବ। ଚିତ୍ରଟିର ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ସ୍ୱରକାର ଅଭିଜିତ୍ ମଜୁମଦାର। ଏହାର ନିର୍ଦ୍ଦେଶନା ଦେବେ ଏସ୍. ଦିଲୀପ ପଣ୍ଡା। "ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ଏହି ଫିଲ୍ମଟିର ନିର୍ମାଣ କରାଯିବ। ଯେ କୌଣସି ସିନେମା ତିଆରି କରିବା ପୂର୍ବରୁ ମୁଁ ସବୁ ଦିଗକୁ ଦୃଷ୍ଟି ଦିଏ। ମୋର ଏହି ନୂଆ ଫିଲ୍ମରେ କି ମସଲା ରହିଛି ତାହା ଦର୍ଶକ ଦେଖିଲେ ଜାଣିପାରିବେ ବୋଲି କହନ୍ତି ପ୍ରଯୋଜକ ପ୍ରମୋଦ।"



ପ୍ରମୋଦ ସ୍ୱାଇଁ

# ଅପେକ୍ଷା ଆର ବର୍ଷକୁ

ଅପେକ୍ଷାର ଫଳ ମିଠା ବୋଲି କୁହାଯାଏ। ହେଲେ ସବୁ ଅପେକ୍ଷାରେ କ'ଣ ଏହା ସମ୍ଭବ ହୋଇଥାଏ! ନା। କେତେକ ଅପେକ୍ଷାର ଫଳ ବିଷାଦମୟ ହୋଇଥାଏ। ତେବେ ଯାହା ହେଉନା କାହିଁକି ଆସନ୍ତା ବର୍ଷ ଫେବୃୟାରୀ ୨୧କୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି ସେ। କେବଳ ସେତିକି ନୁହେଁ, ଏବେଠାରୁ ଦିନ ଗଣିବା ମଧ୍ୟ ଆରମ୍ଭ କରିଦେଲେଣି। ହଁ, ସେ ଅଭିନେତ୍ରୀ ଜଣଙ୍କ ହେଉଛନ୍ତି ବାଣୀ କପୁର। କଥା କ'ଣ କି ସେ ଅଭିନୟ କରିଥିବା ନୂଆ ସିନେମା 'ରେଡ୍-୨' ୨୦୨୫ ଫେବୃୟାରୀ ୨୧ରେ ରିଲିଜ୍ ହେବ। ଭାସି ଯାଉଥିବା ଲୋକଟିର କୁଟାଖିଅଟିଏ ଆଶ୍ରା ପରି ଏହି ଫିଲ୍ମଟିର ସଫଳତାକୁ ନେଇ ଢେର ଆଶାବାଦୀ ଅଛନ୍ତି ବାଣୀ। ୧୧ ବର୍ଷର ଆକ୍ଟିଂ କ୍ୟାରିୟରରେ ସେ କେତୋଟି ସିନେମାରେ ଅଭିନୟ କରିଛନ୍ତି ଜାଣନ୍ତି? ମାତ୍ର ୮ଟି। ଏ ବିଷୟରେ ସେ କହନ୍ତି, 'ଆକ୍ଟିଂ କ୍ୟାରିୟରରେ ଉତ୍‌ଥାନ ପତନ ଲାଗି ରହିଛି। ହେଲେ ୧୧ ବର୍ଷରେ ମାତ୍ର ୮ଟି ସିନେମାରେ ଅଭିନୟ କରିଥିଲେ ମଧ୍ୟ ମୁଁ ଆଶା ହରାଇ ନାହିଁ। ଦିନ ଆସିବ ମୋତେ ଆଶାନୁରୂପ ଅଫର ମିଳିବ। ତେବେ ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡ଼ିବ।' 'ରେଡ୍-୨' ନିର୍ଦ୍ଦେଶନା ଦେଇଛନ୍ତି ରାଜ କୁମାର ଗୁପ୍ତା। ଏହାର ବିଭିନ୍ନ ଭୂମିକାରେ ଅଜୟ ଦେବଗନ, ଇଲିୟାନା ଡି' କ୍ରୁଜ୍, ରିତେଶ ଦେଶମୁଖ ଏବଂ ସୁନୀଲ ସେଟ୍ଟି ପ୍ରମୁଖ ଅଭିନୟ କରିଛନ୍ତି।



ବାଣୀ

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୭/୨୦୨୪ Bhubaneswar, Thursday, November 7/ 2024

**ବଧିର କ୍ରିକେଟ**

# ଭାରତୀୟ ଦଳରେ ଓଡ଼ିଶାର ସନ୍ତୋଷ



**ଭୁବନେଶ୍ୱର, ୬।୧୧ (ସରୋଜ ଜେନା):** ଶ୍ରୀଲଙ୍କା ବିପକ୍ଷ ଦ୍ୱିପାକ୍ଷିକ ସିରିଜ୍ ପାଇଁ ଭାରତୀୟ ବଧିର କ୍ରିକେଟ ଦଳ ବୁଧବାର ଘୋଷଣା କରାଯାଇଛି। ସନ୍ତୋଷ କୁମାର ମହାପାତ୍ର ଏକ ମାତ୍ର ଓଡ଼ିଆ ଭାବେ ଏହି ଦଳରେ ସ୍ଥାନ ପାଇଛନ୍ତି। ଶ୍ରୀଲଙ୍କା ଦଳ ଭାରତ ଗସ୍ତରେ ଆସି ୫ ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜରେ ଅଂଶଗ୍ରହଣ କରିବ। ଡିସେମ୍ବର ୧ରୁ ୮ ମଧ୍ୟରେ ଏହି ମ୍ୟାଚ୍ ଗୁଡ଼ିକ ନୂଆଦିଲ୍ଲୀରେ ଖେଳାଯିବ। ନଭେମ୍ବର ୨୫ରୁ ଡିସେମ୍ବର ୧ ଯାଏ ଭାରତୀୟ ଦଳର କ୍ୟାମ୍ପ ଅନୁଷ୍ଠିତ ହେବ। **ଭାରତୀୟ ଦଳ:** ବୀରେନ୍ଦ୍ର ସିଂ (ଅଧିନାୟକ), ସାଇ ଆକାଶ (ଉପ ଅଧିନାୟକ), ଉମର ଅଶ୍ରଫ୍, ଅଭିଷେକ ଠାକୁର, ଅଭିଷେକ ସିଂ, ଆକାଶ ସିଂ, ସୁହେଲ ଅହମଦ, ଯଶୱନ୍ତ ନାଇଡୁ, ସଞ୍ଜୁ ଶର୍ମା, ସନ୍ତୋଷ କୁମାର ମହାପାତ୍ର, କୁଳଦୀପ ସିଂ, ଅମନ୍ ଚୌକ୍‌ସେ, ବିବେକ କୁମାର,ଇନ୍ଦ୍ରନୀଲ ସାଧୁଖାନ୍, ରୋହିତ ସୈନି।

# ସିଦ୍ଧେଶ, ଆୟରଙ୍କ ଅପରାଜିତ ଶତକ

**ଭୁବନେଶ୍ୱର, ୬।୧୧ (ତପନ ସ୍ୱାଇଁ)**

ମୁମ୍ବାଇର ଶରଦ ପାୱାର କ୍ରିକେଟ ଏକାଡେମୀ ବିକେସି ଗ୍ରାଉଣ୍ଡରେ ବୁଧବାର ଓଡ଼ିଶା-ମୁମ୍ବାଇ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି। ତାରକା ଖେଳାଳି ଶ୍ରେୟସ ଆୟର ଓ ସିଦ୍ଧେଶ ଲାଡ୍‌ଙ୍କ ଅପରାଜିତ ଶତକ ଏବଂ ଅଙ୍ଗକ୍ରିଶ୍ ରଘୁବଂଶୀଙ୍କ ଦୃଢ଼ ବ୍ୟାଟିଂ ବଳରେ ମୁମ୍ବାଇ ପ୍ରଥମ ଦିବସର ଖେଳରେ ଆଧିପତ୍ୟ ବିସ୍ତାର କରିଛି। ପ୍ରଥମ ଦିବସ ଷ୍ଟମ୍ପ ବେଳକୁ ମୁମ୍ବାଇ ପ୍ରଥମ ଇନିଂସରେ ୩ ଉଇକେଟ ହରାଇ ୩୮୫ ରନ ସଂଗ୍ରହ କରିନେଇଛି। ଲାଡ୍ ୧୧୬ ଓ ଆୟର

**ରଣଜୀ ଟ୍ରଫି**

**ମୁମ୍ବାଇ ୩୮୫/୩**

୧୫୨ ରନରେ ଅପରାଜିତ ରହିଛନ୍ତି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଓଡ଼ିଶା ଦଳର ଅଧିନାୟକ ଗୋବିନ୍ଦ ପୋଦ୍ଦାର। ସ୍କୋର ୧୯ ଥିବାବେଳେ ଓପନର ଆୟୁଷ ମାହାତ୍ରିଙ୍କୁ ଆଉଟ କରି ଦଳକୁ ପ୍ରାରମ୍ଭିକ ସଫଳତା ଦେଇଥିଲେ ଦ୍ରୁତ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ। ମାତ୍ର ଏହାପରେ ଆଉ କିଛି ଓଡ଼ିଶା ବୋଲରଙ୍କ ଅକ୍ତିଆରରେ ରହି ନ ଥିଲା। ଓପନର ଅଙ୍ଗକ୍ରିଶ୍ ଓ ଲାଡ୍ ଦ୍ୱିତୀୟ ଉଇକେଟରେ ୧୩୫ ରନ ଯୋଗକରି ଦଳ ପାଇଁ ବୃହତ୍ ସ୍କୋରର ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ଶତକର ନିକଟତର ହୋଇଥିବା ଅଙ୍ଗକ୍ରିଶ୍‌ଙ୍କୁ ୪୧ତମ ଓଭରର ପ୍ରଥମ ବଲ୍‌ରେ ଆଉଟ କରି ଓଡ଼ିଶାକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ ବିପ୍ଳବ ସାମନ୍ତରାୟ। ସମାନ ସ୍କୋରରେ ଅଧିନାୟକ ଅଜିଙ୍କ୍ୟ ରାହାନେ ମଧ୍ୟ ପ୍ୟାଭିଲିୟନ ଫେରିଥିଲେ। ବିପ୍ଳବଙ୍କ ଲଗାତର ୨ ବଲ୍‌ରେ ଏହି ୨ ଉଇକେଟର ପତନ ଘଟିଥିଲା। ୧୨୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଅଙ୍ଗକ୍ରିଶ୍ ୧୩ ଚୌକା ଓ ୩ ଛକା ସହାୟତାରେ ୯୨ ରନକରି ଏଲବିଡବ୍ଲ୍ୟୁ ଆଉଟ ହୋଇଥିବାବେଳେ ଖାତା ଖୋଲିବା ପୂର୍ବରୁ ରାହାନେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ଅନ୍ତର୍ଜାତୀୟ କ୍ରିକେଟରମାନେ ରଣଜୀ ଟ୍ରଫି ଖେଳିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର କଡ଼ା ନିୟମ ପରିପ୍ରେକ୍ଷୀରେ ଚଳିତ ସିଜନରେ ପ୍ରଥମଥର ପାଇଁ ପଡ଼ିଆକୁ ଓହ୍ଲାଇଥିଲେ ଆୟର। ସେ ମଧ୍ୟ ଚମତ୍କାର ଖେଳିଥିଲେ । ଆୟର ଓ ସିଦ୍ଧେଶ ଲାଡ୍ ଓଡ଼ିଶା ବୋଲରଙ୍କୁ ସଫଳ ମୁକାବିଲା କରି ଅସମାପ୍ତ ୪ର୍ଥ ଉଇକେଟରେ ଦ୍ୱିଶତକୀୟ ଭାଗୀଦାରି ଗଢ଼ିଥିଲେ। ଦୁହେଁ ୨୯୮ଟି ବଲ୍‌ର ସମ୍ମୁଖୀନ ହୋଇ ୨୩୧ ରନ ସଂଗ୍ରହ କରିବାରୁ ମୁମ୍ବାଇ ଏକ ବଡ଼ ସ୍କୋର ଆଡ଼କୁ ଅଗ୍ରସର ହୋଇଛି। ଷ୍ଟମ୍ପ ବେଳକୁ ଆୟର ୧୬୪ ବଲ୍‌ରୁ ୧୫୨ (୧୮ ଚୌକା, ୪ ଛକା) ଓ ଲାଡ୍ ୨୩୪ ବଲ୍‌ରୁ ୧୧୬ (୧୪ ଚୌକା) ରନରେ ଅପରାଜିତ ରହିଛନ୍ତି। ଓଡ଼ିଶା ବୋଲରଙ୍କ ମଧ୍ୟରେ ବିପ୍ଳବ ୨ଟି ଓ ସୂର୍ଯ୍ୟକାନ୍ତ ଗୋଟିଏ ଉଇକେଟ ନେଇଛନ୍ତି। ଓଡ଼ିଶା ଏହି ମ୍ୟାଚରେ ୨ ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇଛି। ଓପନର ଶାନ୍ତନୁ ମିଶ୍ରଙ୍କ ସ୍ଥାନରେ ସ୍ୱସ୍ତିକ ସାମଲ ଏବଂ ସ୍ପିନର ସୁମିତ ଶର୍ମାଙ୍କ ସ୍ଥାନରେ ଦ୍ରୁତ ବୋଲର ଦେବବ୍ରତ ପ୍ରଧାନଙ୍କୁ ସୁଯୋଗ ମିଳିଛି।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ପ୍ରଥମ ଇନିଂସ: ୩୮୫/୩ (ଶ୍ରେୟସ ଆୟର-୧୫୨*, ସିଦ୍ଧେଶ ଲାଡ୍-୧୧୬*, ଅଙ୍ଗକ୍ରିଶ୍ ରଘୁବଂଶୀ-୯୨, ବିପ୍ଳବ ସାମନ୍ତରାୟ-୨/୩୬, ସୂର୍ଯ୍ୟକାନ୍ତ ପ୍ରଧାନ-୧/୩୬)।



ଶ୍ରେୟସ ଆୟର

# ଭାରତୀୟ ମହିଳା ହକି ଦଳକୁ ଶୁଭେଚ୍ଛା ଜଣାଇଲେ କ୍ରୀଡ଼ା ମନ୍ତ୍ରୀ



ଆଭାସୀ ମାଧ୍ୟମରେ ଭାରତୀୟ ହକି ଦଳ ସହ କ୍ରୀଡ଼ାମନ୍ତ୍ରୀ ଓ ଅନ୍ୟମାନେ କଥା ହେଉଛନ୍ତି।

**ଭୁବନେଶ୍ୱର, ୬।୧୧ (ତପନ ସ୍ୱାଇଁ)**

ଚଳିତ ମାସ ୧୧ରୁ ୨୦ ପର୍ଯ୍ୟନ୍ତ ବିହାରର ରାଜଗିରଠାରେ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ମହିଳା ହକି ଅନୁଷ୍ଠିତ ହେବ। ଭାରତ ସମେତ ଚାଇନା, ଜାପାନ, ଦକ୍ଷିଣ କୋରିଆ, ମାଲେସିଆ ଏବଂ ଥାଇଲାଣ୍ଡ ଏଥିରେ ଅଂଶଗ୍ରହଣ କରିବ। ଏହି ପରିପ୍ରେକ୍ଷୀରେ ବୁଧବାର ଓଡିଶା କ୍ରୀଡା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଭାସୀ ମାଧ୍ୟମରେ ଭାରତୀୟ ମହିଳା ହକି ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ପ୍ରସ୍ତୁତି ସମ୍ପର୍କରେ ପଚାରି ବୁଝିଥିଲେ। ଭାରତୀୟ ମହିଳା ହକି ଦଳ ପକ୍ଷରୁ ଅଧିନାୟିକା ସାଲିମା ଟେଟେ, ଉପଅଧିନାୟିକା ନଭନୀତ କୋର, କୋଚ୍ ହରେନ୍ଦ୍ର ସିଂ, ଓଡ଼ିଶା ହକି ଖେଳାଳି ସୁନେଲିତା ଟପ୍ପୋ ଓ ଦଳର ଅନ୍ୟ ଖେଳାଳିମାନେ ଉପସ୍ଥିତ ଥିଲେ।

ସୂରଜ କହିଥିଲେ ଯେ, ''ଆପଣମାନେ ସମସ୍ତେ ହେଲେ ଆମ ଦେଶର ଗର୍ବ ଓ ଗୌରବ, ଯୁବ କ୍ରୀଡ଼ାବିତ୍‌ଙ୍କ ପାଇଁ ପ୍ରେରଣାର ଉତ୍ସ। ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଆପଣମାନେ ନିଶ୍ଚିତ ରୂପେ ଆମ ଦେଶ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିବେ ବୋଲି ମୋର ଆଶା ଓ ବିଶ୍ୱାସ''। ଅଧିନାୟିକା ସଲୀମା ଟେଟେଙ୍କୁ କ୍ରୀଡ଼ାମନ୍ତ୍ରୀ ଶୁଭେଚ୍ଛା ଜଣାଇବା ସହ ସୁନେଲିତା ଟପ୍ପୋ ଓଡ଼ିଶାର ଗର୍ବ ଏବଂ ପ୍ରେରଣାର ଉତ୍ସ ବୋଲି ପ୍ରକାଶ କରିଥିଲେ। ଦଳର ପ୍ରସ୍ତୁତି ସମ୍ପର୍କରେ ସେ କୋଚ୍ ହରେନ୍ଦ୍ର ସିଂଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଓଡିଶା ସରକାରଙ୍କ ହକି ତଥା ହକି ଖେଳାଳିଙ୍କ ବିକାଶ ପାଇଁ ରହିଥିବା ପ୍ରତିବଦ୍ଧତାକୁ ଭାରତୀୟ ମହିଳା ଦଳର ସଦସ୍ୟମାନେ ପ୍ରଶଂସା କରିଥିଲେ। ଆଭାସୀ ମାଧ୍ୟମରେ ହୋଇଥିବା ଏହି ଆଲୋଚନାରେ କ୍ରୀଡା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ହକି ଇଣ୍ଡିଆ ସଭାପତି ଦିଲୀପ ର୍ତିକୀ, କ୍ରୀଡା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଆଦି ଉପସ୍ଥିତ ଥିଲେ।

# ରାଜସ୍ଥାନ ବିପକ୍ଷରେ ଓଡ଼ିଶା ବିଜୟୀ

**ଚେନ୍ନାଇ, ୬।୧୧:** ତାମିଲନାଡୁର ଚେନ୍ନାଇରେ ଅନୁଷ୍ଠିତ ଜାତୀୟ ସିନିୟର ହକି ଚାମ୍ପିୟନଶିପରେ ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନ ବିପକ୍ଷରେ ବିଜୟ ହାସଲ କରିଛି ଓଡ଼ିଶା। ଅମନଦୀପ ଲାକ୍ରା ଓ ସୁଦୀପ ଚିରାମକୋ ହ୍ୟାଟ୍ରିକ୍ ଅର୍ଜନ କରିଥିବା ବେଳେ ଓଡ଼ିଶା ୧୧-୧ରେ ବିଜୟୀ ହୋଇଥିଲା। ଅମନଦୀପ(୨, ୪୬, ୪୯) ଓ ସୁଦୀପ (୧୭, ୪୮ ଓ ୫୮) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଜୟ କୁମାର ଏକ୍କା(୧୫, ୨୬) ମିନିଟରେ ଡବଲ୍ ଗୋଲ ଦେଇଥିଲେ। ମାଟିଆସ୍ ଡାଙ୍ଗ(୯), କେରୋବିନ୍ ଲାକ୍ରା(୨୬) ଓ ରଜତ ଆକାଶ ତିର୍କି (୫୦) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ରାଜସ୍ଥାନ ପକ୍ଷରୁ ଅଧିନାୟକ ବିଜେନ୍ଦ୍ର ସିଂ(୫୭) ମିନିଟ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ଅନ୍ୟ ମ୍ୟାଚ୍ ଗୁଡ଼ିକ ମଧ୍ୟରେ କେରଳ ୪-୦ ଗୋଲରେ ଜମ୍ମୁ ଓ କଶ୍ମୀରକୁ, ପୁଡୁଚେରୀ ୭-୦ ଗୋଲରେ ଅରୁଣାଚଳ ପ୍ରଦେଶକୁ, ଝାଡଖଣ୍ଡ ୩-୧ ଗୋଲରେ ଗୋଆକୁ ଓ ମହାରାଷ୍ଟ୍ର ୩୦-୦ ଗୋଲରେ ଗୁଜରାଟକୁ ପରାସ୍ତ କରିଛି।

# ମୃତ୍ୟୁଞ୍ଜୟଙ୍କୁ ୫ ଉଇକେଟ

**ଭୁବନେଶ୍ୱର, ୬।୧୧ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକରେ ଚାଲିଥିବା ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟର ସୁପରଲିଗ୍‌ରେ ବୁଧବାର ୫ ଉଇକେଟ ସଫଳତା ଲାଭ କରିଛନ୍ତି ଭୁବନେଶ୍ୱର 'ଏ' ଦଳର ମୃତ୍ୟୁଞ୍ଜୟ ରାୟ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ

**ଆନ୍ତଃ ସ୍କୁଲ କ୍ରିକେଟ**

**ସ୍ୱାଗତ, ବିଷ୍ଣୁଙ୍କ ଶତକ**

ମ୍ୟାଚରେ ସ୍ୱାଗତ ମିଶ୍ର(୧୧୪)ଙ୍କ ଶତକ ସହାୟତାରେ ଭୁବନେଶ୍ୱର 'ଏ' ୫୦ ଓଭରରେ ୪ ଉଇକେଟ ହରାଇ ୨୩୬ ରନ କରିଥିଲା। ଜବାବରେ ଅବଶିଷ୍ଟ ଓଡ଼ିଶା-ବି' ଦଳ ୧୪୭ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ମୃତ୍ୟୁଞ୍ଜୟ ୧୦ ଓଭରରେ ୩ ମେଡେନ ନେଇ ମାତ୍ର ୨୩ ରନ ବିନିମୟରେ ୫ ଉଇକେଟ ନେଇ ବିପକ୍ଷ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଭୁବନେଶ୍ୱର 'ଏ' ୮୯ ରନରେ ବିଜୟୀ ହୋଇଥିଲା। ଡ୍ରିମ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଅବଶିଷ୍ଟ ଓଡ଼ିଶା-ଡି' ବିପକ୍ଷରେ ରାଉରକେଲାର ବିଷ୍ଣୁ ବେହୁରିଆ(୧୦୯) ଶତକ ହାସଲ କରିଥିଲେ। ରାଉରକେଲା ୪୬ ରନରେ ବିଜୟୀ ହୋଇଥିଲା। ଗଡିରାଉତପାଟଣା ଗ୍ରାଉଣ୍ଡରେ ଅବଶିଷ୍ଟ ଓଡ଼ିଶା-ଏ ୭ ଉଇକେଟରେ କଟକ-ବି'କୁ ଏବଂ ସନ୍‌ସାଇନ୍ ପଡ଼ିଆରେ ଅବଶିଷ୍ଟ ଓଡ଼ିଶା-ସି ୩୭ ରନରେ ଝାରସୁଗୁଡ଼ାକୁ ହରାଇ ଦେଇଛି।



ମୃତ୍ୟୁଞ୍ଜୟ ରାୟ

**ଫୁଟବଲ ମ୍ୟାଚ ବେଳେ ଅଘଟଣ**

## ବଜ୍ରପାତରେ ଖେଳାଳିଙ୍କ ମୃତ୍ୟୁ

**ଲିମା,୬।୧୧(ପି.ଟି.)**

ପେରୁରେ ଫୁଟବଲ ଖେଳ ଚାଲିଥିବା ସମୟରେ ବଜ୍ରପାତ କାରଣରୁ ଜଣେ ଖେଳାଳିଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଆହତ ହୋଇଛନ୍ତି। ଆଣ୍ଡେଆନ୍ ସିଟିରେ ମ୍ୟାଚ୍ ଚାଲିଥିବା ସମୟରେ ଏହି ଅଘଟଣ ଘଟିଥିଲା। ପେରୁର ରାଜଧାନୀ ଲିମାରୁ ୩୧୦ କି.ମି. ଦୂରରେ ଥିବା ଚିଲ୍‌କା ସହରରେ ଫ୍ୟାମିଲିଆ ଚୋକା ଓ ଜୁଭେଣ୍ଟଡ ବେଲା ଭିଷ୍ଟା ମଧ୍ୟରେ ଏହି ମ୍ୟାଚ୍ ଚାଲିଥିଲା। ବଜ୍ରପାତ କାରଣରୁ ୩୯ ବର୍ଷୀୟ ଡି ଲା କ୍ରୁଜ୍ ପ୍ରାଣ ହରାଇଥିବା ବେଳେ ୭ ଜଣ ଆହତ ହୋଇଛନ୍ତି। ବର୍ଷା ଓ ବଜ୍ରପାତ କାରଣରୁ ରେଫରି ମ୍ୟାଚ୍‌କୁ ବନ୍ଦ କରିଥିଲେ। ଫଳରେ ଉଭୟ ଦଳର ଖେଳାଳି ଡଗ୍ ଆଉଟକୁ ଫେରୁଥିଲେ। ଏହି ସମୟରେ ଆଉ ଥରେ ବଜ୍ରପାତ ହେବା ସହ ଏହା କ୍ରୁଜ୍‌ଙ୍କ ଦେହରେ ମାଡ଼ ହୋଇଥିଲା। ଘଟଣାସ୍ଥଳରେ କ୍ରୁଜ୍‌ଙ୍କ ପ୍ରାଣହାନି ଘଟିଥିବା ବେଳେ ୭ ଜଣ ଖେଳାଳି ଛିଟିକି ପଡ଼ିଥିଲେ। ଏହି ଘଟଣା ପରେ ଦର୍ଶକମାନେ ନିଜ ସିଟ୍ ଛାଡ଼ି ଏଣେତେଣେ ଦୌଡ଼ିବାର ଭିଡିଓ ଭାଇରାଲ ହେଉଛି। ଆହତ ଖେଳାଳିମାନଙ୍କୁ ହୁଆନ କାୟୋ ସିଟିର ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଜାଭିଆ, ପ୍ରଜ୍ୱଲ, ଧମନେ ବିଜୟୀ

**ଭୁବନେଶ୍ୱର, ୬।୧୧ (ତପନ ସ୍ୱାଇଁ)**

ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଚାଲିଥିବା ଏମ୨୫ ଭୁବନେଶ୍ୱର ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍-୨୦୨୪ର ବୁଧବାର ଅନୁଷ୍ଠିତ ରାଉଣ୍ଡ ଅଫ୍-୩୨ ସିଙ୍ଗଲ୍ସ ମ୍ୟାଚଗୁଡ଼ିକରେ ଭାରତର ଶୀର୍ଷସ୍ଥାନୀୟ ଖେଳାଳିମାନେ ବିଜୟ ହାସଲ କରିଛନ୍ତି। ଚମତ୍କାର ପ୍ରଦର୍ଶନ କରି ଭାରତର ଦେବ ଜାଭିଆ ଆମେରିକାର ଆଦିତ୍ୟ ଗନେଶନଙ୍କୁ ୬-୧, ୫-୭, ୬-୧

**ଆଇଟିଏଫ୍ ୱାର୍ଲ୍ଡ ଟେନିସ**

ସେଟ୍‌ରେ ପରାସ୍ତ କରିଛନ୍ତି। ମ୍ୟାଚଟି ୨ ଘଣ୍ଟା ୨୧ ମିନିଟଧରି ଚାଲିଥିଲା। ଡବଲ୍ସରେ ଜାଭିଆ ଓ ସିଦ୍ଧାର୍ଥ ରାୱତଙ୍କ ଯୋଡ଼ି ଆମେରିକାର ନିକ୍ ଚାପେଲ ଓ ନୀତୀନ କୁମାର ସିହ୍ନାଙ୍କୁ ୪-୬, ୬-୪, (୧୦-୮)ରେ ହରାଇ ଦେଇଛନ୍ତି। ସେହିପରି ଏସ.ଡି. ପ୍ରଜ୍ୱଲ ଦେବ ୩ ସେଟ୍ ବିଶିଷ୍ଟ ମୁକାବିଲାରେ ୨ୟ ସିଡ୍ ଶଶିକୁମାର ମୁକୁନ୍ଦଙ୍କୁ ୬-୧, ୨-୬, ୬-୩ରେ ପରାସ୍ତ କରିଛନ୍ତି। ମାନସ ଧମନେ ୨ ଘଣ୍ଟା ୪୦ ମିନିଟ ଧରି ଚାଲିଥିବା ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ମନୀଷ ସୁରେଶକୁମାରଙ୍କୁ ୬-୭(୦), ୬-୧, ୬-୩ରେ ହରାଇଛନ୍ତି। ତେବେ ଆହତ ସମସ୍ୟା ଯୋଗୁ ଆଦିଲ କଲ୍ୟାଣପୁର ମ୍ୟାଚ ଅଧାରୁ ଓହରିଛନ୍ତି। ଇଗର ଆଗାଫୋନୋଭଙ୍କ ବିପକ୍ଷରେ ସେ ଭଲ ଆରମ୍ଭ କରିଥିଲେ ହେଁ ୩ୟ ସେଟ୍ ବେଳକୁ ଆଘାତପ୍ରାପ୍ତ ହୋଇଥିଲେ। ମ୍ୟାଚଟି ୨ ଘଣ୍ଟା ୧୬ ମିନିଟ ଚାଲିବା ପରେ ବନ୍ଦ ହୋଇଥିଲା। ୱାର୍ଲ୍ଡ କାର୍ଡ ଏଣ୍ଟ୍ରି ପାଇଥିବା ଓଡ଼ିଶାର ପ୍ରତ୍ୟୁଷ ମହାନ୍ତି ୨-୬, ୨-୬ରେ ଯଶ୍ ଚୌରାସିଆଙ୍କଠାରୁ ହାରିଛନ୍ତି। ସିଙ୍ଗଲ୍ସ ରାଉଣ୍ଡ ଅଫ୍-୩୨ରେ ବିଜୟୀ ହୋଇଥିବା ଅନ୍ୟ ଖେଳାଳିମାନେ ହେଲେ କରନ ସିଂ, ନିକ୍ ଚାପେଲ, ଚେକ୍ ରିପବ୍ଲିକର ଡାଲିବର ସିଭରସିନା, ନୀତୀନ କୁମାର ସିହ୍ନା, ରେଥିନ ପ୍ରଣବ ସେଛିଲ କୁମାର, ରୋହନ ମେହେରା ଓ ବୋଗଡାନ ବୋବରୋଭ।




ତାରକା ଖେଳାଳି ବିଷ୍ଣୁ ବର୍ଦ୍ଧନଙ୍କୁ ଓଟିଏ କର୍ମକର୍ତ୍ତା କିଟ୍ ପ୍ରଦାନ କରୁଛନ୍ତି।

## ଡବଲ୍ସରେ ଋଷଭ-କବିର ବିଜୟୀ

ଓଡ଼ିଶାର ୱାଇଲ୍ଡକାର୍ଡ ଧାରୀ ଋଷଭ ଅଗ୍ରୱାଲ ଓ କବିର ହଂସ ଯୋଡ଼ି ଡବଲ୍ସ ମ୍ୟାଚରେ ଅନ୍ୟତମ ୱାଇଲ୍ଡ କାର୍ଡ ଯୋଡ଼ି ପ୍ରତ୍ୟୁଷ ମହାନ୍ତି ଓ ଧରମିଲଙ୍କୁ ୬-୨, ୬-୪ରେ ପରାସ୍ତ କରିଛନ୍ତି। ତେବେ ଅମୃତଜୟ ମହାନ୍ତି ଓ ସିଦ୍ଧାର୍ଥ ବିଶ୍ୱକର୍ମାଙ୍କ ଅଭିଯାନ ଶେଷ ହୋଇଛି। ଏହି ଯୋଡ଼ିଙ୍କୁ ରାଘବ ଜୟସିଂହାଣିଆ ଓ ଭରତ ନିଶୋକ କୁମାରନ ଯୋଡ଼ି ୬-୧, ୪-୬, (୧୦-୮)ରେ ପରାସ୍ତ କରିଛନ୍ତି।

# ରାଜ୍ୟ ଟେବୁଲ ଟେନିସ ପ୍ରତିଯୋଗିତା ଆରମ୍ଭ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଖେଳାଳିମାନେ। (ଫଟୋ: ରାଜକିଶୋର ମହାନ୍ତି)

**ଭୁବନେଶ୍ୱର, ୬।୧୧ (ତପନ ସ୍ୱାଇଁ)**

କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ବୁଧବାର ୩୦ତମ ଆନ୍ତଃ ଜିଲା ଏବଂ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଛି। ଚଳିତ ବର୍ଷ ପ୍ରତିଯୋଗିତାରେ ୧୯ ଜିଲା ଓ ୪ ଅନୁଷ୍ଠାନରୁ ମୋଟ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୨୫୦ ବାଳକ ଓ ୧୫୦ ବାଳିକା ସାମିଲ। ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କଟକ ଜିଲା କ୍ରୀଡ଼ା ଅଧିକାରୀ ରଶ୍ମୀ ରଞ୍ଜନ ସାମନ୍ତରାୟ, ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଓ ଅନ୍ୟ ସଦସ୍ୟମାନ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଦଳଗୁଡ଼ିକୁ ୪ ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚଗୁଡ଼ିକ ମଧ୍ୟରେ ଗ୍ରୁପ୍ 'ଏ'ରେ ଏଜି-ଓଡ଼ିଶା ୩-୦ରେ କେନ୍ଦୁଝରେ ଓ ୩-୦ରେ କିଟ୍-ବି'କୁ ଏବଂ, ପୁରୀ 'ବି' ୩-୦ରେ କିଟ୍-ବି'କୁ ପରାସ୍ତ କରିଛି। ସେହିପରି ଗ୍ରୁପ୍ 'ବି'ରେ କଟକ-ଏ ୩-୦ରେ ପୁରୀ-ଏ ଓ କିଟ୍-ଏ'କୁ ୩-୦ ଏବଂ ପୁରୀ-ଏ ୩-୦ରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟକୁ ପରାସ୍ତ କରିଛି। ଗ୍ରୁପ୍ 'ସି'ରେ ଖୋର୍ଦ୍ଧା-ଏ ୩-୦ରେ ଅନୁଗୋଳ-ଏ ଓ ୩-୦ରେ ବାଲେଶ୍ୱର-ଏ'କୁ ହରାଇଛି। ଇଷ୍ଟକୋଷ୍ଟ ରେଲୱେ ୩-୦ରେ ବାଲେଶ୍ୱରକୁ ପରାସ୍ତ କରିଛି। ଗ୍ରୁପ୍ 'ଡି'ରେ କଟକ-ବି୩-୦ରେ ବ୍ରହ୍ମପୁର ଓ ୩-୦ରେ ବରଗଡ଼ ଏବଂ ଭୁବନେଶ୍ୱର ୩-୦ରେ ବରଗଡ଼କୁ ହରାଇ ଦେଇଛି।

# ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଉଦ୍‌ଘାଟିତ

**ଭୁବନେଶ୍ୱର, ୬।୧୧ (ତପନ ସ୍ୱାଇଁ)**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ବୁଧବାର ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଅନୁମୋଦନକ୍ରମେ କିଟ୍ ବିଶ୍ୱବିଦ୍ୟାଳୟ ଏହି ପ୍ରତିଯୋଗିତାକୁ ଆୟୋଜନ କରୁଛି। ପ୍ରଥମ ଦିବସରେ ଅନୁଷ୍ଠିତ ପ୍ରତିଯୋଗିତାରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ୩-୦ରେ ବିନୋବା ଭାବେ ବିଶ୍ୱବିଦ୍ୟାଳୟକୁ ଏବଂ ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟ ୩-୦ରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ (ଏମଏସସିବି) ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଗତ ବର୍ଷ ଶୀର୍ଷ ୪ ସ୍ଥାନ ଅଧିକାର କରିଥିବା କୋଲକାତାର ଆଦାମାସ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର କିଟ୍, ରାୟପୁରର ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ ଓ ୟୁନିଭର୍ସିଟି ଅଫ୍ ବର୍ଦ୍ଧମାନ ସିଧା କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସରନଜିତ ସିଂ, ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ମହାନିର୍ଦ୍ଦେଶକ ତଥା ଆୟୋଜକ କମିଟି ସମ୍ପାଦକ ଗଗନେନ୍ଦୁ ଦାଶ, କ୍ରୀଡ଼ା ନିର୍ଦ୍ଦେଶକ ଲଲାଟେନ୍ଦୁ ମିଶ୍ର ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ୩୯ ବିଶ୍ୱବିଦ୍ୟାଳୟରୁ ୬୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ଓଡ଼ିଶାରୁ ଉତ୍କଳ, ରେଭେନ୍‌ଶା, ରମା ଦେବୀ, ଏମ୍‌ଏସ୍‌ସିବି, କିଟ୍ ଓ କିସ୍ ଆଦି ୬ ବିଶ୍ୱବିଦ୍ୟାଳୟ ସାମିଲ। ପୂର୍ବାଞ୍ଚଳ ଚାମ୍ପିୟନଶିପ୍‌ରୁ ଶ୍ରେଷ୍ଠ ୪ ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ମହିଳା ଭଲିବଲ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଏହି ପ୍ରତିଯୋଗିତା ମଧ୍ୟପ୍ରଦେଶର ରେୱାଠାରେ ଅବଧେଶ ପ୍ରତାପ ସିଂ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ।



ଖେଳାଳିଙ୍କ ସହ ଉପସ୍ଥିତ ଅତିଥିମାନେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ